# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୧୬/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) | Sambalpur, Sunday, October 16/2022 | Page 16 | ₹ 7.00 | ★★

୧୮ଶ ଭାଗ ୨୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 298 | ମୂଲ୍ୟ ₹୭/-





ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୬ ଅକ୍ଟୋବର, ୨୦୨୨

**ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ହାତଧୁଆ ଦିବସ**

ଭୁବନେଶ୍ୱର,(ବ୍ୟୁରୋ): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ହାତଧୁଆ ଦିବସ ବମାଲୋଇ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର ସିଏସ୍ଆର ଆଣ୍ଡ ଆର୍‌ଆର୍, ଆଦିତ୍ୟ ଆଲୁମିନିୟମ ଶ୍ୱେତା ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୋଟ ୧୨୦ ଜଣ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହିଥିଲେ। ଅଧିବେଶନ ପରେ ଧୋରୋପେନ ଗ୍ରାମରେ ହାତଧୁଆ ଓ ସ୍ୱଚ୍ଛତାକୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ହାତ ଧୋଇବା ପ୍ରକ୍ରିୟା ପ୍ରଦର୍ଶନ କରାଯାଇଥିଲା।



## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଜ୍ଞାନେନ୍ଦ୍ରୀୟ



@ ପ୍ରଦୀପ



@ ଅର୍ଦ୍ଧେନ୍ଦୁ



@ ସୁନନ୍ଦା



@ ସୀତାରାମ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫମ୍ପା ପ୍ରତିଶ୍ରୁତି ପାଲଟିଛି ପିଏମ୍ଏୱାଇ

ସମ୍ବଲପୁର,୧୫।୧୦(ବ୍ୟୁରୋ)

- ଅପେକ୍ଷାରେ ୨୨ ହଜାର ଆବେଦନକାରୀ
- ୩ ବର୍ଷରେ ଆସିଛି ୧୪୫ ଘର
- ପଶ୍ଚିମ ଓଡ଼ିଶାକୁ ଅବହେଳା: ବିରୋଧୀ ଦଳ ନେତା



କଚ୍ଛାଘର ସବୁ ପକ୍କା ହୋଇଯିବ। ସମସ୍ତଙ୍କ ଘରେ କଂକ୍ରିଟ ଛାତ ରହିବ। ୨୦୨୨ ମସିହା ସୁଦ୍ଧା ଆଉ କେହି ବାସହରା ହୋଇ ରହିବେ ନାହିଁ। କେନ୍ଦ୍ର ସରକାର ୫ ବର୍ଷିଆ ଦୀର୍ଘମିଆଦୀ ଯୋଜନା କରିଛନ୍ତି। ଏଭଳି ନାରାବାଜି ଓ ନିର୍ବାଚନୀ ଇସ୍ତାହାର ଦେଇ ଭାଜପା କ୍ଷମତାକୁ ଆସିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ରାଜ୍ୟ, ଜିଲାସ୍ତରୀୟ ଭାଜପା ନେତା ଓ ବିଧାୟକମାନେ ନିଜ ବକ୍ତବ୍ୟରେ ଏହାକୁ ଦୋହରାଇଥିଲେ। ହେଲେ ସମ୍ବଲପୁର ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ) ଫମ୍ପା ପ୍ରତିଶ୍ରୁତି ପାଲଟିଛି। ୨୦୨୨ ସୁଦ୍ଧା ଏହି ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ସମୟସୀମା ରହିଥିବାବେଳେ ଜିଲାରେ ୨୨,୪୯୮ଜଣ ଆବେଦନକାରୀ ଘର ପାଇବା ଅପେକ୍ଷାରେ ରହିଛନ୍ତି। ଦୀର୍ଘ ୩ବର୍ଷ ମଧ୍ୟରେ ଜିଲାକୁ ମାତ୍ର ୧୪୫ ଘର ଆସିଛି। ଅନ୍ୟପକ୍ଷରେ ବହୁ ଗରିବ ପରିବାର ଘର ପାଇବା ପାଇଁ ନିଜର ନାମ ପଞ୍ଜୀକରଣ କରିପାରିନାହାନ୍ତି। ୨୦୧୭ରେ ବାକି ରହିଥିବା ଗରିବ ପରିବାର ଆବେଦନ କରିବାକୁ କୁହାଯାଇଥିଲା। ଜିଲାରେ ୭୨ ହଜାର ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଆବେଦନ କରିଥିଲେ। ଯାଞ୍ଚ ସମୟରେ ବିଭିନ୍ନ କାରଣରୁ ଅନେକ ଆବେଦନକାରୀଙ୍କୁ ବାଦ୍ ଦିଆଯାଇଥିବା ବେଳେ କେତେଜଣ ନିଜ ଇଚ୍ଛାରେ ପ୍ରତ୍ୟାହାର ମଧ୍ୟ କରିନେଇଥିଲେ। ଅନ୍ୟ ସରକାରୀ ଯୋଜନାରେ ମଧ୍ୟ କେତେକ ପରିବାରଙ୍କୁ ଘର ମିଳିଯାଇଛି। ହେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୧୬ରୁ ୨୦୧୮ ମସିହା ମଧ୍ୟରେ ଯେଉଁ ସଂଖ୍ୟାରେ ଜିଲାକୁ ଘର ମିଳିଥିଲା ଏବେ ତାହା ବନ୍ଦ ହୋଇଯାଇଛି। କେନ୍ଦ୍ର ସରକାର ସାଧାରଣ ନିର୍ବାଚନ ପୂର୍ବରୁ ପୁଣି ଥରେ କିଛି ଘର ଦେଇ ଲୋକଙ୍କୁ ଖୁସି କରିବେ ନା ଆଉ ମିଳିବ ନାହିଁ ବୋଲି ଆବେଦନକାରୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି। ଆବାସ ଯୋଜନା ନ ହେଲେ ଅନ୍ୟ ଯୋଜନାରେ ଘର ଦିଆଯାଉ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦାବି ହେଉଛି।

ମିଳିଥିବା ରିପୋର୍ଟ ଅନୁସାରେ, ୨୦୧୧ ଜନଗଣନା ଅନୁସାରେ ହୋଇଥିବା ରିପୋର୍ଟକୁ ନେଇ ଆବାସ ଯୋଜନାରେ ପରିବାରଙ୍କୁ ସାମିଲ କରାଯାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଅନୁଦାନରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ୨୦୧୬ ମସିହାଠାରୁ ଆରମ୍ଭ କରି ୨୦୨୧ ମସିହା ଭିତରେ ଘର ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ସେ ସମୟରେ ଜିଲାରେ ପ୍ରାୟ ୮୫ ହଜାର ପରିବାର ଆବେଦନ କରିଥିବା ବେଳେ ବିଭିନ୍ନ କାରଣରୁ ୩୯,୪୫୬ ଜଣ ଚୂଡ଼ାନ୍ତ ତାଲିକାରେ ରହିଥିଲେ। କିନ୍ତୁ ୩୯,୩୪୮ ଗୋଟି ଘର ମଞ୍ଜୁର ହୋଇଥିଲା। ଏହି ୫ ବର୍ଷରେ ପର୍ଯ୍ୟାୟକ୍ରମେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଟାର୍ଗେଟରୁ ୩୯,୧୨୩ ଘର ସମ୍ପୂର୍ଣ୍ଣ ହୋଇଯାଇଛି । ମାତ୍ର ୨୨୫ ଘର ଜମି ଓ ବିଭିନ୍ନ କାରଣରୁ ଶେଷ ହୋଇ ପାରିନାହିଁ। ନୂତନ ଆବେଦନକାରୀଙ୍କ ପାଇଁ ଅନୁଦାନ ନ ଆସିବା ମୁଖ୍ୟ ସମସ୍ୟା ହୋଇଛି। ପୁଣି ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଏହା ପୂର୍ବରୁ ପୁଣି କିଛି ଘର ଆସିବା ନେଇ ଆଶା ରହିଛି ବୋଲି ଅପେକ୍ଷାରେ ଥିବା ପରିବାର କହିଛନ୍ତି।

ଏ ସମ୍ପର୍କରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ କହିଛନ୍ତି, ୫ ବର୍ଷ ପାଇଁ ଜିଲାକୁ ଯାହା ଟାର୍ଗେଟ ଦିଆଯାଇଥିଲା, ହାତଗଣତି କିଛି ଘର ଛାଡ଼ିଦେଲେ ବାକି ସମ୍ପୂର୍ଣ୍ଣ ହୋଇଯାଇଛି। ଏବେ ନୂତନ ଅନୁଦାନ ଆସିନାହିଁ। ଆସିବା ପରେ ଅପେକ୍ଷା କରିଥିବା ଆବେଦନକାରୀଙ୍କୁ ଘର ଦିଆଯିବ। ଅପେକ୍ଷାରେ ଥିବା ଆବେଦନକାରୀଙ୍କୁ କାର୍ଯ୍ୟାଦେଶ ଦେବା ପୂର୍ବରୁ ପୁଣି ଥରେ ଯାଞ୍ଚ କରାଯିବ ବୋଲି କହିଥିଲେ। ଏ ସମ୍ପର୍କରେ ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ୨୦୨୨ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାକୁ ଲକ୍ଷ୍ୟ ରହିଥିଲା। ହେଲେ ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ପୂରା ହୋଇପାରିଲା ନାହିଁ। ୨୦୨୪କୁ ପୁଣି ଲକ୍ଷ୍ୟ ରଖାଯାଇଛି। ପଶ୍ଚିମ ଓଡିଶାବାସୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବହେଳା କରୁଥିବା ଏହା ଏକ ଉଦାହରଣ। କାରଣ ବିଗତ ୩ବର୍ଷ ହେବ କେନ୍ଦ୍ର ପକ୍ଷରୁ ଯେତିକି ପରିମାଣର ଘର ଆସିଥିଲା ତାହା ଉପକୂଳ ଓଡ଼ିଶାବାସୀଙ୍କୁ ଦିଆଯାଇଛି। ଲକ୍ଷ୍ୟ ପୂରଣ କରିବା ପାଇଁ କମିଟିରେ ଉପସ୍ଥାପନା କରିଛି। ଶୀଘ୍ର ଅନୁଦାନ ଆସିଯିବ ବୋଲି ସେ କହିଥିଲେ।

## ସ୍ୱଚ୍ଛତ୍ୱରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ

ସମ୍ବଲପୁର,୧୫।୧୦(ବ୍ୟୁରୋ)

ଶ୍ରୀସତ୍ୟସାଇ ସେବା ସମିତି ସମ୍ବଲପୁର ଶାଖା ପକ୍ଷରୁ ସ୍ୱଚ୍ଛତ୍ୱରୁ ଦିବ୍ୟତ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସଭ୍ୟମାନେ ଅକ୍ଟୋବର ୨ରୁ ଗୋଲବଜାର ଦୁର୍ଗା ମନ୍ଦିର, ବାଲିବନ୍ଧା ସୋମନାଥ ମନ୍ଦିର, ମଙ୍ଗଳା ମନ୍ଦିର, ଭତରା ଶଙ୍କର ମଠ, ସିଦ୍ଧେଶ୍ୱର ବେର୍ଣ୍ଣା ଶିବ ମନ୍ଦିର, ବୁଢ଼ାରଜା ମହାଦେବ ମନ୍ଦିରରେ ସଫେଇ କରିଛନ୍ତି। ଆସନ୍ତା ୨୦ରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ। ରବିବାର ସମିତି ପକ୍ଷରୁ ଭୁତାପଡ଼ା ସାଇ ମନ୍ଦିରରୁ ଜିଲାସ୍କୁଲ ଛକ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ହେବ। ଜନସାଧାରଣଙ୍କୁ ସ୍ୱଚ୍ଛତା ବିଷୟରେ ସଚେତନ କରିବା ସହ ଉତ୍ସାହିତ କରାଯିବ ବୋଲି ଶ୍ରୀସତ୍ୟସାଇ ସେବା ସମିତି ଆବାହକ ଜି ସାଇକ୍ରୀଷ୍ଣା ଶନିବାର ସୂଚିତ କରିଛନ୍ତି।

**ଜନ୍ମଦିନ ଶୁଭେଚ୍ଛା**



(ସାଇନା)

**ସାଇସ୍ନେହା ଭୋଇ**

ସ୍ଥାନ: ଉହାଙ୍ଗ, ନିମାପଡ଼ା

ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା ଭଗବାନ କରନ୍ତୁ ତୋ ଜୀବନ ସବୁବେଳେ ହସ ଖୁସିରେ ଭରିଉଠୁ।

ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ଜେଜେମା, କୁନିଦିଦି, ପୂଜା ଦିଦି, ଚନ୍ଦନ ଦାଦା, ପିଣ୍ଟୁ ଦାଦା, ଲିଟୁ ଦାଦା, ସାନୁ ଦାଦା ।

ଧ-୧୭୩୪

## କଲେଜକୁ ପ୍ରଶ୍ନପତ୍ର ଦେବାରେ ବିଳମ୍ବ

**ସମ୍ବଲପୁର ବିଶ୍ୱବିଦ୍ୟାଳୟର ଚରମ ଅବହେଳା**

ସମ୍ବଲପୁର, ୧୫।୧୦(ବ୍ୟୁରୋ)



ସମ୍ବଲପୁର ବିଶ୍ୱବିଦ୍ୟାଳୟର ଚରମ ଅବହେଳା ଏବେ ପଦାକୁ ଆସିଛି। ଶନିବାର ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ବିଳମ୍ବରେ ପହଞ୍ଚିବାକୁ ନେଇ ଛାତ୍ରୀଛାତ୍ର ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପରୀକ୍ଷା ଆରମ୍ଭ ସମୟ ଅପରାହ୍ନ ୧ଟା ୩୦ ମିନିଟ ରହିଥିଲା। ହେଲେ କେତେକ କଲେଜରେ ଇମେଲ ମାଧ୍ୟମରେ ୧ଟା ୫୦ମିନିଟ ଓ ଆଉ କେତେକ କଲେଜରେ ୧ଟା ୫୫ମିନିଟରେ ପ୍ରଶ୍ନପତ୍ର ପହଞ୍ଚିଥିବା ଅଭିଯୋଗ ହୋଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲାର କେତେକ କଲେଜରୁ ଏଭଳି ଅଭିଯୋଗ ଆସିଛି। ଏହି ଅବ୍ୟବସ୍ଥା ଯୋଗୁ ପ୍ରାୟ ୨୫ମିନିଟ ବିଳମ୍ବରେ ପରୀକ୍ଷା ଆରମ୍ଭ ହୋଇଥିଲା। କଲେଜ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ସମୟ ଦେଇଥିଲେ। ହେଲେ ପରୀକ୍ଷା ଶେଷ ହେବା ପରେ ଦୂରଦୂରାନ୍ତରୁ ଆସିଥିବା ଛାତ୍ରୀଛାତ୍ର ଘରକୁ ଫେରିବାରେ ସମସ୍ୟା ସୃଷ୍ଟି ହୋଇଥିଲା। ଏଭଳି ଅବହେଳା ପାଇଁ ଦାୟୀ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ପରୀକ୍ଷା ନିୟନ୍ତ୍ରକ ରବୀନ୍ଦ୍ର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସିଭ୍ ନ କରି ଘଟଣାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରିଥିଲେ। ଦାୟିତ୍ୱରେ ଥିବା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୁକ୍ତା ଦାଶ କହିଛନ୍ତି, ଏହା ବଡ଼ ଇସ୍ୟୁ ନୁହେଁ। ପ୍ରଶ୍ନପତ୍ର ପହଞ୍ଚିବାରେ ବିଳମ୍ବ ହୋଇଥିବା ସତ୍ୟ। ଯେଉଁ କଲେଜରେ ଯେତେ ସମୟ ବିଳମ୍ବରେ ପ୍ରଶ୍ନପତ୍ର ପହଞ୍ଚିଥିଲା ଛାତ୍ରମାନଙ୍କୁ ସେତିକି ଅଧିକ ସମୟ ଦିଆଯାଇଥିଲା ବୋଲି କହିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ୨୨୫ଗୋଟି କଲେଜ ରହିଛି। ଶନିବାର ଯୁକ୍ତ ୩ ଚତୁର୍ଥ ସେମିଷ୍ଟର ପରୀକ୍ଷା ହୋଇଥିଲା।

## ଆରଏସ୍‌ପିର ସ୍ୱଚ୍ଛତା କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୧୫।୧୦

ଆରଏସ୍‌ପି ପକ୍ଷରୁ ଶୁକ୍ରବାର ଷ୍ଟ୍ରକ୍ଚରାଲ ଓ ଫେବ୍ରିକେଶନ ଶପ୍‌ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। ସିଜିଏମ୍ ରବି ରଞ୍ଜନ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଷ୍ଟ୍ରକ୍ଚରାଲ ଆଣ୍ଡ ଫେବ୍ରିକେଶନ ଶପ୍ ବିଭାଗର ଜିଏମ୍ ଏସ୍. ସି. ସାବତ ଓ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ବିଭିନ୍ନ ଅଞ୍ଚଳକୁ ସଫେଇ କରିଥିଲେ। ସେହିପରି ମେକାନିକାଲ ଶପ୍ ବିଭାଗରେ ଜିଏମ୍ ଶେଖର ନାରାୟଣ ଓ ଇନ୍‌ଷ୍ଟ୍ରୁମେଣ୍ଟେଶନ ଜିଏମ୍ ଏସ୍. ସି ପାତ୍ରଙ୍କ ନେତୃତ୍ୱରେ ସଫେଇ କରାଯାଇଥିଲା। କାର୍ମିକ ବିଭାଗର ସହକାରୀ ପ୍ରବନ୍ଧକ ପୂଜା ରାଓ୍ୱତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।







# ରାଉରକେଲା ବିମାନବନ୍ଦର ସମ୍ପ୍ରସାରଣକୁ ପରିବେଶୀୟ ମଞ୍ଜୁରୀ

**ସେଆର ୯୩ତମ ବୈଠକ**

ଭୁବନେଶ୍ୱର, ୧୫।୧୦(ବ୍ୟୁରୋ)

ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ପରିବେଶୀୟ ମଞ୍ଜୁରୀ (ଇସି) ମିଳିଛି। ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (ସେଆ) ଅଧ୍ୟକ୍ଷ ଶିଶିର କୁମାର ରଥଙ୍କ ଅଧ୍ୟକ୍ଷତାରେ ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ୯୩ତମ ବୈଠକରେ ଏହି ଅନୁମତି ପ୍ରଦାନ କରାଯାଇଛି। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ଏହି ବିମାନବନ୍ଦରର ବିକାଶ କରିବା ସହିତ ୩ ବର୍ଷ ପର୍ଯ୍ୟନ୍ତ ପରିଚାଳନା କରିବ। ଓଡ଼ିଶା ସରକାରଙ୍କ ଦ୍ୱାରା ରାଉରକେଲାରେ ଆୟୋଜିତ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଫେବୃୟାରୀ ୨୦୨୧ରେ ଆର୍‌ସିଏସ୍ ଉଡାନ ଯୋଜନା ଅନ୍ତର୍ଗତ ଏଟିଆର୍-୭୨/କ୍ୟୁ-୪୦୦ ବିମାନ ଚଳାଚଳ ପାଇଁ ଉକ୍ତ ବିମାନବନ୍ଦରକୁ 'କୋଡ୍-୨ବି'ରୁ 'କୋଡ୍-୩ସି'କୁ ରୂପାନ୍ତରିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ବିମାନବନ୍ଦରର କ୍ଷେତ୍ର ୧୦୨ ଏକରରୁ ୨୫୦ ଏକରକୁ ବୃଦ୍ଧି ପାଇବା ସହ ରନ୍‌ୱେ ସମ୍ପ୍ରସାରଣ, ଏଟିସି ଟାୱାର ନିର୍ମାଣ, ଟ୍ୟାକ୍ସିୱେ, ନୂତନ ଶୌଚାଳୟ ବ୍ଲକ୍ ଏବଂ ଟର୍ମିନାଲ୍ ବିଲ୍ଡିଂ ନିର୍ମାଣ ଆଦି ବିଭିନ୍ନ କାର୍ଯ୍ୟ କରାଯିବ। ତେବେ ବିମାନବନ୍ଦରଟି ରାଉରକେଲା ଇସ୍ପାତ କାରଖାନାର ନୋଟିଫାଏଡ୍ ଇଣ୍ଡଷ୍ଟ୍ରିଆଲ୍ ଟାଉନଶିପ୍ ଭିତରେ ଥିବାରୁ ସେଆ ପକ୍ଷରୁ ପ୍ରକଳ୍ପକୁ ଟର୍ମ ଅଫ୍ ରେଫରେନ୍ସ (ଟିଓଆର୍) ସମ୍ପର୍କିତ ଜନଶୁଣାଣିରୁ ଛାଡ଼ କରାଯାଇଛି। କାରଣ କୌଣସି ଜମି ଅଧିଗ୍ରହଣ, ପୁନଃଥଇଥାନ କିମ୍ବା ପୁନଃବିସ୍ଥାପନ ସମ୍ପର୍କିତ ସମସ୍ୟା ନାହିଁ। କେବଳ ଇସ୍ପାତ କାରଖାନାର ଟାଉନଶିପ୍‌ଠାରୁ ବିମାନବନ୍ଦର ପର୍ଯ୍ୟନ୍ତ ଜମି ବ୍ୟବହାର ଆଭ୍ୟନ୍ତରୀଣ ସୀମା ନିର୍ଦ୍ଧାରଣରେ ପରିବର୍ତ୍ତନ ହେଉଛି। ଆନୁମାନିକ ପ୍ରକଳ୍ପ ମୂଲ୍ୟ ୫୦ କୋଟି ଟଙ୍କା ରହିଛି। ପରିବେଶ ପରିଚାଳନା ଯୋଜନା (ଇଏମ୍‌ପି) କାର୍ଯ୍ୟକାରୀ କରିବା ପାଇଁ ୮.୫ କୋଟି ଟଙ୍କା ଏବଂ ରିକରିଙ୍ଗ କଷ୍ଟ ବାବଦରେ ବାର୍ଷିକ ୧୭.୫ ଲକ୍ଷ ଟଙ୍କା ଆବଣ୍ଟନ କରାଯାଇଛି। ପରିବେଶ ମଞ୍ଜୁରୀ ଦେବା ସମୟରେ ବୈଠକରେ ବର୍ଷା କିମ୍ବା ବର୍ଜ୍ୟବସ୍ତୁରୁ ନିର୍ଗତ ଜଳର ପରୀକ୍ଷା ଓ ସୁପରିଚାଳନା, ବର୍ଷା ଜଳ ଅମଳ, କଠିନ ବର୍ଜ୍ୟବସ୍ତୁ ନିଷ୍କାସନ, ୩୫ ପ୍ରତିଶତ ସବୁଜ ବଳୟ, ଶୂନ୍ୟ ତରଳ ନିଷ୍କାସନ, ଟ୍ରାଫିକ୍ ଏବଂ ପରିବହନ ଅଧ୍ୟୟନ, ପରିବେଶ ସୁରକ୍ଷା ବ୍ୟବସ୍ଥା, ଶକ୍ତି ସଂରକ୍ଷଣ ପଦକ୍ଷେପ, ଅନ୍‌ସାଇଟ୍ ଏବଂ ଅଫ୍ ସାଇଟ୍ ଜରୁରିକାଳୀନ ଯୋଜନା, ବିପର୍ଯ୍ୟୟ ପରିଚାଳନା ଯୋଜନା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦି ଉପରେ ସେଆ ଗୁରୁତ୍ୱ ଦେଇଛି। କର୍ପୋରେଟ୍ ପରିବେଶ ଦାୟିତ୍ୱ ଅନୁଯାୟୀ ଏହି ନିର୍ଦ୍ଦିଷ୍ଟ ସର୍ତ୍ତଗୁଡ଼ିକର ସଫଳ ରୂପାୟନ ବାଧ୍ୟତାମୂଳକ ବୋଲି ସେଆ ଉଲ୍ଲେଖ କରିଛି।

### ଟାଟା, ଆର୍ଯ୍ୟାନ ଇନ୍‌ଫ୍ରାକୁ ମଧ୍ୟ ମିଳିଲା ଅନୁମତି

ସେଆ ବୈଠକରେ ମଧ୍ୟ ଟାଟା ଷ୍ଟିଲ୍ସ ଲିମିଟେଡକୁ ସୁନ୍ଦରଗଡ଼ ଜିଲାର କଳାମାଙ୍ଗ ଓ ଘୋଡ଼ାବୁଦାନୀ ଗ୍ରାମ ଏବଂ କେନ୍ଦୁଝର ଜିଲାର ଗଣ୍ଡଲପଡ଼ା ଗ୍ରାମରେ ୨.୯୫ ଏମ୍‌ଟିପିଏ ଉତ୍ପାଦନ କ୍ଷମତାସମ୍ପନ୍ନ ୯୨.୮୭୫ ହେକ୍ଟର ଜମିରୁ ଲୁହାପଥର ଖନନ ପାଇଁ ପରିବେଶୀୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ସେହିପରି କଟକ ମହାନଗର ନିଗମ ଅନ୍ତର୍ଗତ ତେଲେଙ୍ଗାପେଣ୍ଠରେ ୧୨୬ଟି ବାସଗୃହ ବିଶିଷ୍ଟ ୧୨ ମହଲା ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଆର୍ଯ୍ୟାନ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ୍‌କୁ ମଧ୍ୟ ପରିବେଶୀୟ ମଞ୍ଜୁରୀ ପ୍ରଦାନ କରାଯାଇଛି।

ଧରିତ୍ରୀ
DHARITRI
ରବିବାର, ଅକ୍ଟୋବର ୧୬/୨୦୨୨ Sunday, October 16/2022 ପୃଷ୍ଠା-୧

# ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ

## ନିୟମିତ ହେବେ ୫୭ ହଜାର କର୍ମଚାରୀ

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)

ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ ହୋଇଛି। ଶନିବାର ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ବ୍ୟବସ୍ଥା ଉଚ୍ଛେଦ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଏଥିଯୋଗୁ ରାଜ୍ୟର ୫୭ ହଜାର ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ନିୟମିତ ହେବେ। ଏହି ଘୋଷଣା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ଆଗୁଆ ଦୀପାବଳି ଭେଟି ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ଭିଡିଓ ବାର୍ତ୍ତାରେ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥାକୁ ସବୁଦିନ ପାଇଁ ଉଚ୍ଛେଦ କରାଯାଇଛି। ଏବେ ବି ଅନେକ ରାଜ୍ୟରେ ନିୟମିତ ନିଯୁକ୍ତି ବନ୍ଦ ରହିଛି। ଚୁକ୍ତିଭିତ୍ତିକ ନିଯୁକ୍ତି ଚାଲିଛି। ଓଡ଼ିଶାରେ ଚୁକ୍ତିଭିତ୍ତିକ ନିଯୁକ୍ତିର ଯୁଗ ଶେଷ ହୋଇଛି। ସବୁ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମିତ ହେବ। ବହୁଦିନ ଧରି ଏହି ସୁଦିନକୁ ସେ ଅପେକ୍ଷା କରିଥିଲେ। ରବିବାର ସରକାରଙ୍କ ପକ୍ଷରୁ ଏହି ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ୫୭ ହଜାରରୁ ଅଧିକ କର୍ମଚାରୀ ନିୟମିତ ହେବେ। ଏଥିପାଇଁ ହାରାହାରି ବାର୍ଷିକ ୧୩୦୦କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ଏହି ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ପରିବାର ପାଇଁ ଏହା ଆଗୁଆ ଦୀପାବଳି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୦୦ ମସିହାରେ ସେ ଓଡ଼ିଶାର ସେବା କରିବାର ସୁଯୋଗ ପାଇବାବେଳେ ମହାବାତ୍ୟା ପରର ସ୍ଥିତି ଓ ଦୁର୍ବଳ ଆର୍ଥିକ ବ୍ୟବସ୍ଥା ତାଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଥିଲା। ରାଜ୍ୟ ଓଭର ଡ୍ରାଫ୍ଟରେ ଚାଲୁଥିଲା। ନିତିଦିନ ଖର୍ଚ୍ଚ ପାଇଁ ସରକାରଙ୍କୁ ରିଜର୍ଭ ବ୍ୟାଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା। ଏହି ସମୟ ସେତେବେଳେ ଓଡ଼ିଶା ଅର୍ଥନୀତି ପାଇଁ କଳା ସମୟ ଥିଲା। ସୀମିତ ସମ୍ବଳ ଭିତରେ ରାଜ୍ୟର ବିକାଶ କରିବା ସବୁଠୁ ବଡ଼ ପ୍ରାଥମିକତା ଥିଲା। ସେତେବେଳେ ନିଯୁକ୍ତି ☞ପୃଷ୍ଠା-୨



### ନବୀନଙ୍କ ବଡ଼ ଘୋଷଣା

### ଆଜି ବିଜ୍ଞପ୍ତି

୭୭ରେ ନବୀନ ସ୍ୱତନ୍ତ୍ର ପୃଷ୍ଠା ୬/୭



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ ଘୋଷଣା କରିବା ପରେ ଶନିବାର ଭୁବନେଶ୍ୱରର ୯ତାଲାରେ ଠିକା କର୍ମଚାରୀମାନେ ଉତ୍ସବ ମନାଉଛନ୍ତି।

# ୧୦୭ ସ୍ଥାନକୁ ଖସିଲା ଭାରତ

## ବିଶ୍ୱ କ୍ଷୁଧା ସୂଚକାଙ୍କ

ନୂଆଦିଲ୍ଲୀ,୧୫।୧୦(ପି.ଟି.)

ଚଳିତ ବର୍ଷ ୧୨୧ ଦେଶକୁ ନେଇ ପ୍ରସ୍ତୁତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ ୧୦୭ତମ ସ୍ଥାନକୁ ଖସିଛି। ଏପରିକି ଏହା ପାକିସ୍ତାନ, ବାଂଲାଦେଶ ଏବଂ ନେପାଳଠାରୁ ମଧ୍ୟ ପଛରେ ରହିଛି। ୨୦୨୧ରେ ଭାରତ ୧୦୧ତମ ସ୍ଥାନରେ ରହିଥିଲା। ଚାଇନା, ତୁର୍କୀ, କୁଏଟ୍ ସମେତ ୧୭ଟି ଦେଶ ୫ରୁ କମ୍ ସ୍କୋର ସହ ଶୀର୍ଷ ର୍‍ୟାଙ୍କରେ ରହିଥିବା ବିଶ୍ୱ କ୍ଷୁଧା ସୂଚକାଙ୍କ ୱେବ୍‌ସାଇଟରେ ଦର୍ଶାଯାଇଛି। କ୍ଷୁଧିତ ସ୍ତରରେ ଭାରତ ୨୯.୧ ପ୍ରତିଶତ ସ୍କୋର କରିଛି, ଯାହାକି ଅତ୍ୟନ୍ତ ଗମ୍ଭୀର ବୋଲି କୁହାଯାଇଛି। ସେହିପରି ଭାରତରେ ଶିଶୁ ରୁଗ୍ଣତା ହାର ୧୯.୩ ପ୍ରତିଶତ ରହିଛି, ଯାହାକି ବିଶ୍ୱରେ ସର୍ବାଧିକ। କ୍ଷୁଧା ସୂଚକାଙ୍କରେ ଏସିଆ ମହାଦେଶରେ ଭାରତ ପଛକୁ ଆଫଗାନିସ୍ତାନ (୧୦୯) ରହିଛି। ପଡୋଶୀ ଦେଶ ପାକିସ୍ତାନ ୯୯ତମ ସ୍ଥାନରେ ଥିବାବେଳେ ☞ପୃଷ୍ଠା-୧୦

# ଅବସାଦ ଦୂରକରିବ ପକ୍ଷୀଙ୍କ କଳରବ

ବର୍ଲିନ, ୧୫।୧୦

କେବେ ଭାବିଛନ୍ତି କି ସକାଳୁ ସକାଳୁ ପକ୍ଷୀଙ୍କ ସ୍ୱର ଶାନ୍ତି ଲାଗେ କାହିଁକି। ଅପରାହ୍ନରେ ବି କାହିଁକି ପକ୍ଷୀମାନଙ୍କ ଘରବାହୁଡ଼ାବେଳର କଳରବ ମଧୁର ଅନୁଭବ ଆଣିଦିଏ। ଏସବୁର ଉତ୍ତର ଖୋଜିଛନ୍ତି ଜର୍ମାନୀର ଏକ ବିଶେଷଜ୍ଞ ଟିମ୍। ସହରରେ ଗାଡ଼ିମୋଟରର ଶବ୍ଦ ପ୍ରଦୂଷଣ ଓ ପକ୍ଷୀଙ୍କ ସ୍ୱର ମଣିଷର ମାନସିକ ସ୍ଥିତି ଉପରେ କିପରି ପ୍ରଭାବ ପକାଏ ତାହା ଉପରେ ଗବେଷଣା କରାଯାଇଥିଲା। ଅଧ୍ୟୟନ ରିପୋର୍ଟ ଅନୁସାରେ,



ପକ୍ଷୀଙ୍କ ସ୍ୱର ମଣିଷର ମାନସିକ ଚାପ ଓ ଚିନ୍ତା ଦୂର କରିବାରେ ବେଶ୍ ସହାୟକ ହୋଇଥାଏ। ସେହିପରି ଗାଡ଼ିମୋଟରରୁ ବାହାରୁଥିବା ଶବ୍ଦ, ଉଚ୍ଚ ତଥା ଅରୁଚିକର ଧ୍ୱନି ଜଣଙ୍କୁ ଆଙ୍ଗଜାଇଟି ବା ଉତ୍କଣ୍ଠାକୁ ଅତ୍ୟଧିକ ବଢ଼ାଇଦେଇଥାଏ। ଏଥିଯୋଗୁ ଜଣେ ଅଧିକ ମାନସିକ ଚାପଗ୍ରସ୍ତ ହୋଇଥାଏ ବୋଲି ନେଚର ପୋର୍ଟଫୋଲିଓ ମାଗାଜିନ୍ ସାଇଣ୍ଟିଫିକ୍ ରିପୋର୍ଟରେ ପ୍ରକାଶ ପାଇଛି। ମାକ୍ସ ପ୍ଲାଙ୍କ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହ୍ୟୁମାନ ଡେଭେଲପମେଣ୍ଟରେ ଲିସେ ☞ପୃଷ୍ଠା-୨

# ଜାଗା ଅଭାବ, ବିକାଶ ଅଟକ

**ବାଲେଶ୍ୱର ଜିଲାର ବିକାଶ ପାଇଁ ପ୍ରକଳ୍ପ ପରେ ପ୍ରକଳ୍ପ ଘୋଷଣା ହେଉଛି। କିନ୍ତୁ ସେଗୁଡ଼ିକର ନିର୍ମାଣ ସକାଶେ ଜାଗା ମିଳୁନାହିଁ। ସରକାରୀ ଜମିକୁ ପ୍ରଭାବଶାଳୀ ଲୋକେ ମାଡ଼ିବସିଥିବାରୁ ଅନେକ ଉନ୍ନତିମୂଳକ କାର୍ଯ୍ୟ ଅଟକିଯାଇଛି। ଜମି ଚିହ୍ନଟ ଓ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାରେ ସରକାରୀ ବିଫଳତାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। କେଉଁ ପ୍ରକଳ୍ପ ପାଇଁ କେତେ ଜମି ଆବଶ୍ୟକ ଏହାର ଉତ୍ତର ବି ଦେଇପାରୁନାହିଁ ଜିଲା ପ୍ରଶାସନ।**

- **ଜବରଦଖଲରେ ସରକାରୀ ଜମି**
- **ବହୁ ପ୍ରକଳ୍ପ ଅଧାପନ୍ତରିଆ**

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୧୫।୧୦

ବାଲେଶ୍ୱର ଜିଲାରେ ବିସ୍ତୃତ ସରକାରୀ ଜମି ରହିଥିଲେ ମଧ୍ୟ କାମରେ ଲାଗିପାରୁନାହିଁ। ସହର ଉପକଣ୍ଠରେ ଥିବା ଜମିକୁ ପ୍ରଭାବଶାଳୀ ଲୋକେ ଜବରଦଖଲରେ ରଖିଥିବାରୁ ଏକାଧିକ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସ୍ଥାନାଭାବରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁରୀପ୍ରାପ୍ତ ବିକାଶମୂଳକ କାର୍ଯ୍ୟ ଆଗେଇପାରୁନାହିଁ।

ବାଲେଶ୍ୱରର ବିକାଶ ପାଇଁ ୨୦୦୫ରୁ ୨୦୧୫ ମଧ୍ୟରେ ୧୫ରୁ ଊର୍ଦ୍ଧ୍ୱ ବୃହତ୍ ପ୍ରକଳ୍ପ ଘୋଷଣା କରାଯାଇଥିଲା। ସେଗୁଡ଼ିକ ମଧ୍ୟରେ ବାଲେଶ୍ୱର ବଟାନିକାଲ ଗାର୍ଡେନ, ଗଣେଶ୍ୱରପୁରରେ ଜିଲାସ୍ତରୀୟ ଷ୍ଟାଡ଼ିୟମ୍, ନୂଆ ବସ୍ ଟର୍ମିନସ୍, ସହରର ଜନଗହଳି ଅଞ୍ଚଳରେ ଭେଣ୍ଡିଂ ଜୋନ୍, କଳାସଂସ୍କୃତି ସମ୍ମିଶ୍ରଣ ଫାଟକ, ରେମୁଣା ଗୋଲେଇ-ନୂଆପାଢ଼ୀ ରାସ୍ତାର ନବୀକରଣ, ଜିଲା ମୁଖ୍ୟ ଚିକିତ୍ସାଳୟର ଉନ୍ନତୀକରଣ, ଗୋପବନ୍ଧୁ ପାର୍କର ଉନ୍ନତୀକରଣ, ବ୍ୟାଡ୍‌ମିଣ୍ଟନ, ଟେନିସ୍ ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର, ଅତ୍ୟାଧୁନିକ ସୁଇମିଂପୁଲ୍ ନିର୍ମାଣ ଭଳି ପ୍ରକଳ୍ପ ରହିଛି। ତେବେ ଏସବୁ ପ୍ରସ୍ତାବ ମଧ୍ୟରୁ କେତୋଟି ହାତଗଣତି ପ୍ରକଳ୍ପର କାମ ଆରମ୍ଭ ହୋଇଥିବାବେଳେ ଅବଶିଷ୍ଟ ୧୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଘୋଷଣାରେ ହିଁ ଅଟକିଛି। କେବଳ ସେତିକି ନୁହେଁ, ୫ ଏକର ଜମିର ସ୍ମାର୍ଟ ପାର୍କଠାରୁ ଆରମ୍ଭକରି ବିଜ୍‌ନେସ୍ ଟାୱାର ପର୍ଯ୍ୟନ୍ତ ସବୁ ଉନ୍ନୟନମୂଳକ ଯୋଜନା ଜମି ଅଭାବରୁ ହୋଇପାରୁନାହିଁ। ୨୦୨୦ରେ ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଉପନିର୍ବାଚନ ବେଳେ ଜିଲାର ବିକାଶ ଦାୟିତ୍ୱ ନିଜେ ନେବେ ବୋଲି ☞ପୃଷ୍ଠା-୧୦

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

# ୧୬୫୪ କୋଟିର ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ ମୋହର

ଭୁବନେଶ୍ୱର,୧୫।୧୦(ବ୍ୟୁରୋ)

ଗ୍ରାମାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଜଳ ଜୀବନ ମିଶନ(ଜେଜେଏମ୍) ଯୋଜନାରେ ସରକାର ରାଜ୍ୟର ୪ଟି ଜିଲା ଖୋର୍ଦ୍ଧା,କଳାହାଣ୍ଡି, ବରଗଡ଼ ଓ ନୟାଗଡ଼ ଜିଲାର ୧୧ଟି ବ୍ଲକରେ ଥିବା ୨୩୦ ପଞ୍ଚାୟତର ୧୨୫୬ ଗ୍ରାମର ୧୨ ଲକ୍ଷ ୧୭ ହଜାର ଲୋକଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବେ। ଏ ବାବଦରେ ୧୬୫୩.୯୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ଶନିବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୯ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଖୋର୍ଦ୍ଧା ଜିଲାର ୪ଟି ବ୍ଲକର ୬୩ ପଞ୍ଚାୟତ ଅନ୍ତର୍ଗତ ୩୫୬ ଗ୍ରାମର ୪,୧୬,୮୮୬ ଲୋକଙ୍କୁ ବିଶୁଦ୍ଧ ପାନୀୟ ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ
ଉତ୍କଟ କ୍ଷୁଧା












**ଆଜିର ମନ୍ତବ୍ୟ**

"ଏକ ଦକ୍ଷ ରାଷ୍ଟ୍ର ପାଇଁ ସମ୍ବେଦନଶୀଳ ନ୍ୟାୟିକ ବ୍ୟବସ୍ଥା ଅପରିହାର୍ଯ୍ୟ। ଭାରତରେ ନ୍ୟାୟ ପ୍ରଦାନରେ ବିଳମ୍ବ ବଡ଼ ଚ୍ୟାଲେଞ୍ଜ ସାଜିଛି। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................



ସାଇନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିଲା ହାତ ସଲବଲ,**
**ନ ଥିଲା ହାତ କଲବଲ।**

ହାତରେ ଅର୍ଥ ବା ଧନ ଥିଲେ ସବୁକିଛି ହାସଲ କରାଯାଇପାରେ। କିନ୍ତୁ ଧନ ସରିଗଲେ ବା ନ ଥିଲେ ବ୍ୟକ୍ତିର ବ୍ୟସ୍ତତା ବହୁ ପରିମାଣରେ ବଢ଼ି ଯାଉଥିବାର ଦେଖିବାକୁ ମିଳିଥାଏ। ତେଣୁ ଅର୍ଥ ହିଁ ସବୁକିଛି ହୋଇଥିବା ବେଳେ ଅଭାବକୁ ହନ୍ତସନ୍ତ ହେବା ହିଁ ସାର ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଥାଉଁ ନ ଥାଉ ପେଟକୁ,**
**ଥୋଇଛୁ ଯାହା ଖଣ୍ଟକୁ,**
**ଥୋଡ଼େ ନେଇଯା ବାଟକୁ,**
**ଥିଲେ ଲାଗିବ ଘାଟକୁ।**

ସଞ୍ଚିତ ଧନ ପର ଲୋକ ଭୋଗ କରିଥାନ୍ତି। ମାତ୍ର ଯାହା ଦାନ କରାଯାଇଛି ତାହା ପରଲୋକରେ ସଦ୍‌ଗତି ଲାଭ ପାଇଁ ବୋଲି ଜଣାଯାଇଥାଏ। ତେଣୁ ଜୀବନ ଯାତ୍ରାରେ ଅର୍ଜିତ ଧନକୁ ଦାନ ଧର୍ମ ପରି ସୁବିନିଯୋଗ କରିବା ନେଇ ଏଭଳି ସୁପରାମର୍ଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ଚୁକ୍ତିଭିତ୍ତିକ ନିଯୁକ୍ତି ...

ସମ୍ପୂର୍ଣ୍ଣ ବନ୍ଦ ଥିଲା। ସବୁ ପଦବୀ ଉଚ୍ଛେଦ କରିବାକୁ ପଡୁଥିଲା। ଏହା ବହୁ କଷ୍ଟକର ଥିଲା। ରାଜ୍ୟର ପିଲାମାନେ ନିଯୁକ୍ତି ନ ପାଇ ହଇରାଣ ହେଉଥିଲେ। ଏହା ବହୁତ ଦୁଃଖ ଦେଉଥିଲା। ପ୍ରତିଦିନ ମନରେ ଚିନ୍ତା ଆସୁଥିଲା କେବେ ପରିସ୍ଥିତିରେ ଉନ୍ନତି ଆସିବ ଓ ପିଲାମାନେ ସ୍ଥାୟୀ ନିଯୁକ୍ତି ପାଇବେ।ଆପଣମାନଙ୍କ ସହଯୋଗ ଓ ମହାପ୍ରଭୁଙ୍କ ଆଶୀର୍ବାଦରେ ଉତ୍ତମ ଆର୍ଥିକ ପରିଚାଳନା ଓ ସୁଶାସନ ଜରିଆରେ ଧୀରେ ଧୀରେ ପରିସ୍ଥିତିରେ ଉନ୍ନତି ଆସିଛି। ୨୦୧୩ରୁ ଚୁକ୍ତିଭିତ୍ତିକ ନିଯୁକ୍ତି ଆରମ୍ଭ କରାଯାଇଥିଲା। ଏହା ସେତେବେଳେ ମୋ ପାଇଁ କଷ୍ଟକର ନିଷ୍ପତ୍ତି ଥିଲା। ଏବେ ଆମ ଅର୍ଥନୀତିରେ ଉନ୍ନତି ଆସିଛି। ବିକାଶ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଏକ ନୂଆ ପରିଚୟ ସୃଷ୍ଟି କରିପାରିଛି। ଓଡ଼ିଶା ଆତ୍ମବିଶ୍ୱାସର ସହ ଆଗକୁ ବଢୁଛି। ସଶକ୍ତ ହେଉଛି। ଓଡ଼ିଶା ଇତିହାସର ଏହା ଏକ ସୁବର୍ଣ୍ଣ ମୁହୂର୍ତ୍ତ। ଭଲ କାମ କରିବାକୁ ସମସ୍ତ ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ନିଷ୍ଠାର ସହ ଲୋକଙ୍କ ସେବା କରିବା ସହ ଦାୟିତ୍ୱ ପାଳନ ବେଳେ ୫-ଟି ଉପକ୍ରମ-ଟିମ୍ ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି, ଟ୍ରାନ୍ସଫର୍ମେଶନ ଏବଂ ଟାଇମ୍ ଲିମିଟ୍‌କୁ ଅନୁସରଣ କରିବା ଦରକାର। ସରକାରଙ୍କ ପରିଚୟକୁ ଆହୁରି ଉଜ୍ଜ୍ୱଳ କରି ଓଡ଼ିଶାର ରୂପାନ୍ତରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଚୁକ୍ତିଭିତ୍ତିକ କର୍ମଚାରୀମାନେ ବିଭାଗୀୟ ମୁଖ୍ୟ ଦପ୍ତର ସମ୍ମୁଖରେ ଏକଜୁଟ ହୋଇ ଖୁସିବ୍ୟକ୍ତ କରିଛନ୍ତି। ଚୁକ୍ତିଭିତ୍ତିକ କର୍ମଚାରୀ ସଂଘ ନେତାମାନେ କହିଛନ୍ତି ଯେ ଏହି ବ୍ୟବସ୍ଥା ଉଚ୍ଛେଦ ଦ୍ୱାରା ରାଜ୍ୟର ମୋଟ ୭୩ ହଜାର କର୍ମଚାରୀ, ଶିକ୍ଷକ, ଜୁନିୟର ଶିକ୍ଷକ ଆଦି ଉପକୃତ ହେବେ। ଗତ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ସହ ଆଲୋଚନା କରି ଏହି ବ୍ୟବସ୍ଥା ଉଚ୍ଛେଦ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।

### ଅବସାଦ ଦୂରକରିବ ...

ମୈଟନର ଗ୍ରୁପ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ନ୍ୟୁରୋସାଇନ୍ସ ଏବଂ ୟୁନିଭର୍ସିଟି ମେଡିକାଲ ସେଣ୍ଟର ହାମ୍‌ବର୍ଗ-ଡିପାର୍ଟମେଣ୍ଟ ଏପେନ୍‌ଡୋର୍ଫ ଅଫ୍ ସାଇକିଆଟ୍ରି ଆଣ୍ଡ୍ ସାଇକୋଥେରାପି ମିଳିତ ଭାବେ ଏହି ଅଧ୍ୟୟନ କରିଥିଲେ। ଏଥିରେ ୨୯୫ ଜଣ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ନିମ୍ନ ଟ୍ରାଫିକ୍‌ଶବ୍ଦ, ଉଚ୍ଚ ଟ୍ରାଫିକ୍‌ସାଉଣ୍ଡ, ନିମ୍ନ ଏବଂ ଉଚ୍ଚ ସ୍ୱରରେ ପକ୍ଷୀଙ୍କ କଳରବକୁ ୬ ମିନିଟ୍ ଲେଖାଏ ଧରି ଶୁଣାଯାଇଥିଲା। ଏହା ପୂର୍ବରୁ ଏବଂ ପରେ ସେମାନେ କେତେ ମାନସିକ ଚାପ, ଦୁଃଖ, ପାରାନୋମିଆ (ଅନ୍ୟମାନଙ୍କୁ ଭୁଲ୍‌ରେ ଶତ୍ରୁ ଭାବି ସେମାନେ ଆକ୍ରମଣ କରିବା ଭୟ ରଖିବାର ମାନସିକ ସ୍ଥିତି)ର ଶିକାର ସମ୍ବନ୍ଧୀୟ ସର୍ଭେ କରାଯାଇଥିଲା। ଅଧ୍ୟୟନରେ ସେମାନଙ୍କ କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ ଫଳାଫଳ ମିଳିଥିଲା। ପକ୍ଷୀଙ୍କ ଧ୍ୱନି ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଭଲ ପ୍ରଭାବ ପକାଇବା ସହ ଅଂଶଗ୍ରହଣକାରୀମାନେ ପୂର୍ବାପେକ୍ଷା ଅଧିକ ଶାନ୍ତ ଓ ହାଲୁକା ଅନୁଭବ କରିଥିଲେ। ଅଧ୍ୟୟନକାରୀଙ୍କ ଅନୁସାରେ, ସାରା ବିଶ୍ୱରେ ସହରୀକରଣ ଦ୍ରୁତଗତିରେ ବୃଦ୍ଧି ପାଉଛି। ଫଳରେ ଲୋକେ ଗ୍ରାମାଞ୍ଚଳ ପରିବେଶର ଅନୁଭୂତି ପାଇବାରୁ ବଞ୍ଚିତ ହେଉଛନ୍ତି। ସହରଗୁଡ଼ିକରେ ଘର ଆଖପାଖରେ ବୃକ୍ଷଲତା ନ ଥିବାରୁ ଖୁବ୍ କମ୍ ସଂଖ୍ୟାରେ ପକ୍ଷୀଙ୍କୁ ଦେଖିବାକୁ ମିଳୁଛି। ୨୦୫୦ ସୁଦ୍ଧା ବିଶ୍ୱର ଜନସଂଖ୍ୟାର ପ୍ରାୟ ୭୦% ଲୋକ ସହରରେ ବାସକରୁଥିବେ ବୋଲି ଆକଳନ କରାଯାଇଛି। ସେତେବେଳସୁଦ୍ଧା କେବଳ ୟୁରୋପରେ ୭୦%ରୁ ଅଧିକ ଲୋକ ସହରବାସିନ୍ଦା ହୋଇସାରିଥିବେ। ଫଳରେ ଆଗକୁ ଲୋକେ କ୍ୱଚିତ୍ ପକ୍ଷୀଙ୍କ କଳରବ ଶୁଣିବାକୁ ପାଇବେ ଯାହା ଆଧୁନିକ ମଣିଷର ସ୍ୱାସ୍ଥ୍ୟ ପାଇଁ ଶୁଭଙ୍କର ନୁହେଁ ବୋଲି ଏଥିରେ ଦର୍ଶାଯାଇଛି।

ସହରୀକରଣ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ବିଗାଡ଼ିବାରେ ବଡ଼ ଭୂମିକା ନେଉଛି। ଭଲ ପରିବେଶ କିପରି ମଣିଷ ଉପରେ ଭଲ ପ୍ରଭାବ ପକାଏ ତାହା ଉପରେ ମଧ୍ୟ କମ୍‌ମାତ୍ରାରେ ଗବେଷଣା ହେଉଛି। ଫଳରେ ଲୋକେ ସୌଖୀନ ଜୀବନ ବଞ୍ଚିବା ଆଶାରେ ପ୍ରକୃତିଠାରୁ ଦୂରେଇଯାଉଛନ୍ତି ବୋଲି ଗବେଷଣା ଟିମ୍ ଚିନ୍ତା ପ୍ରକଟ କରିଛନ୍ତି।

### ୧୬୫୪ କୋଟିର ...

ଜଳ ଯୋଗାଇ ଦିଆଯିବ। ଟାଙ୍ଗୀ ବ୍ଲକର ୧୭ଟି ପଞ୍ଚାୟତର ୧୧୦ଟି ଗ୍ରାମର ୧,୦୩,୦୮୫ ଜଣ, ଭୁବନେଶ୍ୱର ବ୍ଲକର ୧୫ ପଞ୍ଚାୟତର ୮୭ ଗ୍ରାମର ୯୧,୩୪୫ ଜଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିରେ ଏକାମ୍ର ନିର୍ବାଚନମଣ୍ଡଳୀର ୬ଟି ପଞ୍ଚାୟତ ରହିଛି। ସେହିପରି ବାଲିପାଟଣା ବ୍ଲକର ୧୫ ପଞ୍ଚାୟତର ୭୫ ଗ୍ରାମର ୧,୦୭,୯୯୭ ଏବଂ ବାଲିଅନ୍ତା ବ୍ଲକର ୧୬ଟି ପଞ୍ଚାୟତର ୮୪ ଗ୍ରାମର ୧,୧୪,୪୫୯ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପାନୀୟ ଜଳ ପ୍ରକଳ୍ପ ପାଇଁ ୫୫୬ କୋଟି ୫୧ଲକ୍ଷ ୫ ହଜାର ୯୦୫ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପଗୁଡ଼ିକ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେହିପରି ଜେଜେଏମ୍ ମିଶନ ଯୋଜନାରେ କଳାହାଣ୍ଡି ଜିଲାର ୨ଟି ବ୍ଲକ ଧୁଆଁମୂଳରାମପୁର ଓ କୋକସରା ବ୍ଲକର ୩୬ ପଞ୍ଚାୟତର ୧୫୫ ଗ୍ରାମର ୧,୨୬,୩୨୮ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ଡକାଯାଇଥିବା ୨୪୮ କୋଟି ୯୧ ଲକ୍ଷ ୫ ହଜାର ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟ ୨ ବର୍ଷରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜେଜେଏମ୍ ମିଶନ ଯୋଜନାରେ ବରଗଡ଼ ଜିଲାର ୩ଟି ବ୍ଲକ ଅମ୍ବାଭୋନା, ଭଟଲି ଓ ସୋହେଲା ବ୍ଲକର ୫୮ଟି ପଞ୍ଚାୟତର ୩୧୬ ଗ୍ରାମର ୨,୯୫,୨୯୦ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଅମ୍ବାଭୋନା ବ୍ଲକର ୧୫ ପଞ୍ଚାୟତର ୧୦୪ ଗ୍ରାମର ୬୫,୭୧୫ ଜଣ, ଭଟଲି ବ୍ଲକର ୧୬ ପଞ୍ଚାୟତର ୮୪ ଗ୍ରାମର ୯୦୩୨୧ ଜଣ ଏବଂ ସୋହେଲା ବ୍ଲକର ୨୭ ପଞ୍ଚାୟତର ୧୨୮ ଗ୍ରାମର ୧,୯୩,୨୫୪ ଜଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ଡକାଯାଇଥିବା ୪୫୩ କୋଟି ୧୦ ଲକ୍ଷ ୩୩ ହଜାର ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମୋହର ଲାଗିଛି। ପ୍ରକଳ୍ପଗୁଡ଼ିକ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେହିପରି ଜଳ ଜୀବନ ମିଶନ ଯୋଜନାରେ ନୟାଗଡ଼ ଜିଲାର ୨ଟି ବ୍ଲକ ରଣପୁର ଏବଂ ଓଡ଼ଗାଁ ବ୍ଲକ ଅଧୀନରେ ଥିବା ୭୩ ପଞ୍ଚାୟତର ୪୨୯ ଗ୍ରାମର ପ୍ରାୟ ୩,୦୮,୨୩୧ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ଡକାଯାଇଥିବା ୩୯୫ କୋଟି ୪୩ ଲକ୍ଷ ୭୯ ହଜାର ୭୨୨ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜିର ତୃତୀୟ ଚନ୍ଦ୍ର ଭାଗ୍ୟସ୍ଥାନକୁ ଦୃଷ୍ଟି ଦେଉଥିବାରୁ ସୌଭାଗ୍ୟପ୍ରଦ ରହିବ। ନୂଆ ନୂଆ କାମ ହାତକୁ ନେବେ, ଧାର୍ମିକ ବାତାବରଣ ଭିତରେ ରହିବେ। ଋଣ ପରିଶୋଧ, ରୋଗ ପାଇଁ ଔଷଧ କିଣା, ଶତ୍ରୁକୃତ ସମସ୍ୟା ସମାଧାନ ସକାଶେ ଖର୍ଚ୍ଚ କରିପାରନ୍ତି। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର କଥା ହେଉ, ସବୁ କାମ ବିଳମ୍ବିତ ସମୟରେ ସମ୍ପନ୍ନ ହେବ।

**ବୃଷ**

ଚନ୍ଦ୍ରଙ୍କ ସ୍ଥିତିରୁ ଆପଣଙ୍କର ନମ୍ରତା ଓ ଶାଳୀନତାପୂର୍ଣ୍ଣ ବ୍ୟବହାର କାର୍ଯ୍ୟସିଦ୍ଧିରେ ସାହାଯ୍ୟ କରିବ। ଲୋକପ୍ରିୟତା ବୃଦ୍ଧି ସାଙ୍ଗକୁ ସ୍ଥଗିତ କାମ ସମ୍ପନ୍ନ କରିବାର ମଉକା ଜୁଟିବ। ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ, କଳା ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି। ସହକର୍ମୀ କିମ୍ବା ବନ୍ଧୁଙ୍କୁ ମନେଇ ନିଜ କାମରେ ଲଗାଇ ପାରନ୍ତି।

**ମିଥୁନ**

ଅନ୍ୟମନସ୍କତା କାରଣରୁ କିମ୍ବା ଭୁଲ ହିସାବରୁ, ଅଲଗା ସ୍ଥାନରେ ରଖିଦେଇଥିବା ଟଙ୍କା, ସୁନା ପ୍ରଭୃତି ସକାଶେ ବ୍ୟସ୍ତତା ବଢ଼ିଯିବ। କର୍ମକ୍ଷେତ୍ର ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା କ୍ଷେତ୍ରରେ ଉନ୍ନତ ମାନର ଫଳ ପାଇବେ।

**କର୍କଟ**

ରାହୁଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା, ଅଧସ୍ତନଙ୍କ ସୌହାର୍ଦ୍ଦ୍ୟଜନିତ ମାନସିକ ସ୍ଥିତି ଭଲ ରହିବ। ନୂତନ କର୍ମାରମ୍ଭ ସକାଶେ ଯୋଜନା କରିବାକୁ ମନସ୍ଥ କରିବେ। ଈର୍ଷାପରାୟଣ ମନୋବୃତ୍ତି ହେତୁ ବନ୍ଧୁଙ୍କ ଆଚରଣ ସନ୍ଦେହ ସୃଷ୍ଟି କରିପାରେ। ସନ୍ତାନ ହେତୁକ ଶିକ୍ଷା କ୍ଷେତ୍ରରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ସିଂହ**

ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ ସୁଖ, ଶାନ୍ତିରେ ନ ରଖାଇଦେଲା ଭଳି ଅନୁଭବ ଆସିପାରେ। କେତୁଙ୍କ ପ୍ରଭାବରୁ ପରିବହନ, ପ୍ଲଟିଂ କାରବାର, ନିର୍ମାଣାଧୀନ କାମକ୍ଷେତ୍ରରେ ବାଧା ଉପୁଜିବ। ରାଜନୈତିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବାଣିଜ୍ୟ, ଦୂରଯାତ୍ରା ପାଇଁ ଦିନଟି ବହୁତ ଭଲ।

**କନ୍ୟା**

ଗୁରୁ ଦୃଷ୍ଟିରେ ତିନୋଟି ଗ୍ରହ ଯୋଗୁ ଆଜି ଯାହା ଯେମିତି ଚାହୁଁଛନ୍ତି, ତାହା ପାଇବାରେ ଅସୁବିଧା ରହିବ ନାହିଁ। ବିବାଦୀୟ ଘଟଣାରେ ପ୍ରତିବାଦୀ ହାର ମାନିବେ ଓ ମାଲିମକଦ୍ଦମାର ରାୟ ଆପଣଙ୍କ ସପକ୍ଷରେ ଯିବ। ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ଅପରାହ୍ନରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା**

ପାପଗ୍ରହଯୁକ୍ତ ଓ ଦୃଷ୍ଟିଜନିତ ଶାରୀରିକ ସୁସ୍ଥତା ପୂର୍ଣ୍ଣତଃ ରହିନପାରେ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳକ୍ଷେପଣ ନୀତି ହେତୁ ମନରେ ସରସତା ରହିବ ନାହିଁ। ଅର୍ଥବଳର ସାହାଯ୍ୟ ନେଇ ନିଜର କାମରେ ମନଦେଇ କାମଟିକୁ ପୂରା ନ କରିବା ଯାଏଁ ଛାଡିବେ ନାହିଁ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା**

ସ୍ୱଗୃହଦୃଷ୍ଟ ମଙ୍ଗଳ ପ୍ରଭାବରେ ଚେଷ୍ଟା କରୁଥିବା କାମରେ ସଫଳତା କାରଣରୁ ଆନନ୍ଦ ଅନୁଭବ କରିବେ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ବିଜୟୀ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରି ସଫଳତା ହାସଲ କରିବେ। କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**

ଆଜି ଭଲ କାମ କଲେ ମଧ୍ୟ ଓଲଟା ଫଳ ପାଇବେ। ଚନ୍ଦ୍ର ପ୍ରଭାବରେ ପିଲାମାନଙ୍କ ବିବାହ ସମ୍ପର୍କୀୟ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ, କିନ୍ତୁ ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପାରିବାରିକ, ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର**

ଶନିଜନିତ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ନେଇ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ଦୂର ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। କୌଣସି ସମ୍ଭାବ୍ୟ ଅସୁବିଧାର କଳ୍ପନା କରି ଆକସ୍ମିକ ଯାତ୍ରା ସ୍ଥଗିତ ରହିପାରେ।

**କୁମ୍ଭ**

ଆଜିର ଗ୍ରହସ୍ଥିତିଜନିତ ମାନସିକ ଅସୁସ୍ଥତା ଶାରୀରିକ ସୁସ୍ଥତାକୁ ପ୍ରତିହତ କରିବ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ, ତଥାପି ଯେତିକି ଆଶା କରୁଥିଲେ ନ ହେବାରୁ ଦୁଃଖିତ ହେବେ। ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ**

ବୃହସ୍ପତି ପ୍ରଭାବରେ ବନ୍ଧୁଙ୍କ ସାହାଯ୍ୟ, ସହାନୁଭୂତି ମାଧ୍ୟମରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଭଲ ନ ଥିଲେ ମଧ୍ୟ ବିଶେଷ ମନ୍ଦ ହେବନାହିଁ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କିନ୍ତୁ କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

ଆଜି ଅକ୍ଟୋବର ୧୬ ତାରିଖ ରବିବାର, କାର୍ତ୍ତିକ କୃଷ୍ଣ ସପ୍ତମୀ ରବିବାର, ମାସାନ୍ତ, ବିଶ୍ୱ ଖାଦ୍ୟ ଦିବସ, ରାଶି ନକ୍ଷତ୍ର- ଆର୍ଦ୍ରା/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୯ ଗତେ ଘ. ୦୮।୫୦ ମଧ୍ୟେ, ଘ.୧୨।୫୮ ଗତେ ଘ.୦୩।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୨ ମି. ପରେ ଘ.୦୫।୧୯ ମଧ୍ୟେ ରାହୁକାଳ।

# classifieds Everyday

**0674-2580101, 2549302**




### GROOM WANTED

Beautiful Kandara Girl 1990, 5'4" B-tech Software Engineer, Bangalore. 9853366347.
D-1774

Govt. ଚାକିରିଆ 30 ବୟସ୍କା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 9124023134.
D-1773

ଭୁବନେଶ୍ୱର ସ୍ଥିତ, Nurse ଚାକିରି କରୁଥିବା 28 ବୟସ୍କା widow କରଣ ଝିଅଙ୍କୁ ଯେକୌଣସି ଜାତିର ସନ୍ତାନ/ନିଃସନ୍ତାନ ପୁଅ ଦରକାର। 6371586968.
D-1779

ସୁନ୍ଦର ଛାଡ଼ପତ୍ର ନିଃସନ୍ତାନ 36 ବୟସ୍କା Government ଚାକିରିଆ ଧୋବା ଜାତିର ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 8327715036.
D-1778




### SALE

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.**
D-73296

ବରମୁଣ୍ଡାରୁ ୧୩କି.ମି. ଦୂରରେ ବର୍ଗଫୁଟକୁ 850/-, 650/-, 410/- ଘରବାଡ଼ି ପ୍ଲଟ୍ କିଣନ୍ତୁ। Pinky- 9853150290.
D-74136

**30ft. gharabari plot sale Gangapada near Maharaja College sqft.-850/- (Bank loan available). 9439364818, 9337766961.** D-1716

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-1669

Buy/Sale, 5BHK Duplex Apollo Hospital-2.3cr, 4BHK Duplex Balianta-85lakh, 3BHK Apartment Rasulgarh Highway-89lakh, Land Kalarahanga-2700, Tankapani-2700, AIIMS-2350, Patrapada-2000, Pahala-1800, Nandankanan-1600. 8984071303. D-1762

Gharabadi plot 1750 sqft near SVNIRTAR HOSPITAL with road, electricity etc to be sold.Call 7978168941. No middleman call please. D-1772

**2/3BHK residential flats available for sale within gated community and facilities like childrens play area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.**
D-1679

Bhubaneswar Old Town Keutasahi Chhakaେ 2BHK flat ବିକ୍ରି ହେବ। First Floor immediate sale fully furnished. Contact: 8895308301, 8895748762. D-71357

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-1668

Looking for min. 2400 sqft. Land area with or without house constructed. Min. 30 ft. road approach. Niladri Vihar, Cspur, Pokhariput, Jagmara, Bomikhal, Jharpada. Preferably BDA/GA plot. Arjun Kharbanda, +91-9776660088.
D-1752

**Commercial Cum residential plot at Brahmanjharilo Cuttack (Niali Road) 6km. to Phulanakhara, 11km. to Bhubaneswar. 7809525452.** D-73979

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

### PURCHASE

ଭୁବନେଶ୍ୱର ତହସିଲ/ଜଟଣୀ ତହସିଲ ଅଧିନରେ ଥିବା ଘରବାଡ଼ି ପାଚେରି ହୋଇଥିବା ପ୍ଲଟ୍ ଦରକାର। 9439493164. D-74138




**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.**
D-73295




**A Clinical establishment with 5Bed, Minor and Major OT on rent near Care Hospital, Bhubaneswar. 9937000624, 9438080874.** D-73987

3 Bed Room Apartment available for immediate rent ( 3rd floor ) at Vivekananda Marg. Contact : 94394 63523.
D-1764




ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର ତରଫରୁ 5N/6Days ନେପାଳ ଦର୍ଶନ 26 ନଭେମ୍ବରରେ ଆରମ୍ଭ ହେବାକୁଯାଉଛି। ଯୋଗାଯୋଗ: 7978044197, 9437090931. D-70293

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Herbal full body massage by smart / expert therapist. Contact: 8455985899.
D-73986

Newly open Spa positively health benefit with expert. Contact: 7749976301.
D-73882

**Full body massage by smart/expert therapist @999 only. 9078484455.**
D-73652

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

Newly opened full body massage center by expert therapist. 7381172169. D-73651

Newly open Asribada Panchakarma herbal SPA Kesharimall, Bhubaneswar. Contact. 8926173473. D-73988

Newly open full body massage ladies and gents. 8327740003, 8093860513. D-73985

### AFFIDAVIT

By virtue of affidavit No.-55AA956384 dt 05.09.22 sworn before Executive Magistrate, Cuttack I MD ABDUL RAZZAQUE, S/o- Late MD RIYAZ DEWAN BAZAR, Cuttack. Do hereby declare that MD ABDUL RAZZAQUE and MOHAMMAD RAZZAQUE is one and same person i.e. my self my name should be treated as MD ABDUL RAZZAQUE.
D-1777

By virtue of an affidavit sworn before the Notary Public, Bhubaneswar, dated 15.10.2022 I, Madhusmita Pradhan, W/o- Arabinda Pradhan, At/Po.- Patasundarpur, PS.- Kakatpur, Dist.- Puri, Odisha have changed my surname from Madhusmita Biswal to Madhusmita Pradhan. Henceforth I shall be known as Madhusmita Pradhan for all purposes.
Madhusmita Pradhan
D-1776

By the virtue of an affidavit dt14.10.22 before the Court of Executive Magistrate, Bhubaneswar, I Amrit Kumar Mishra, At- Udayapru, PO- Dasarathpur, Dist.- Jajpur have changed my Son's name from Aaradhya Dev Mishra to Aniket Mishra for all future purposes. D-1775

By virtue of an affidavit sworn before Executive Magistrate, Bhubaneswar on 14.10.2022, I Sanjay Kamat and Sumangala S. Kamat, 306 Surya Apartment, Bjb Nagar, Bhubaneswar, Dist.- Khurda have changed the name of my daughter from Anusha S. Kamat to Anusha Kamat. Henceforth, She shall be known as Anusha Kamat for all purpose.
D-1783

By virtue of an affidavit sworn before Executive Magistrate, Bhubaneswar on 14.10.2022, I Sanjay Kamat and Sumangala S. Kamat, 306 Surya Apartment, Bjb Nagar, Bhubaneswar, Dist.- Khurda have changed the name of my son from Anagh S. Kamat to Anagh Kamat. Henceforth, he shall be known as Anagh Kamat for all purpose.
D-1784

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


JioMart.com
BESTIVAL SALE
14 - 24 ଅକ୍ଟୋବର
ମାଗଣା ହୋମ ଡେଲିଭରୀ
କୌଣସି ମିନିମମ୍ ଅର୍ଡର ନାହିଁ
ଅବିଶ୍ୱସନୀୟ ଅଫର୍ସ ସାଥିରେ ଏହି ଫେଷ୍ଟିଭାଲ୍‌କୁ ନିଜର ବେଷ୍ଟିଭାଲ୍ ବନାନ୍ତୁ
₹7500+ ର ଖରିଦି ଉପରେ ଅତିରିକ୍ତ ₹500 ଅଫ୍ ଏବଂ ₹15000+ ର ଖରିଦି ଉପରେ ଅତିରିକ୍ତ ₹1000 ଅଫ୍#
ନିକଟସ୍ଥ JioMart digital ପାର୍ଟନର୍ ଷ୍ଟୋର୍ସରେ ମଧ୍ୟ ଅଫର୍ସ ଉପଲବ୍ଧ**
ଟେଲିଭିଜନ ଏଣ୍ଡ ହୋମ୍ ଆପ୍ଲିଆନ୍ସେସ୍
80 cm (32 inch) HD ରେଡି 32HDX7XPRO ₹18499 @₹ 7,999*
108 cm (43 inch) UHD 4K 43UHDX7XPRO ₹33999 @₹ 19,999*
TCL 81.28 cm (32 inch) ₹29990 @₹ 10,990
₹27290 @₹ 12,591*
ସ୍ମାର୍ଟଫୋନ୍, ଅଡିଓ ଏବଂ ଅନେକ କିଛି
ଆଇଫୋନ୍ 12 128 GB ₹59900 @₹ 49,900*
₹17990 @₹ 8,990*
8GB|128GB 108MP AMOLED ₹21999 @₹ 14,999*
₹4490 @₹ 899
Z30 16-50mm + 50-250mm ₹94495 @₹ 74,999
500W ₹3249 @₹ 999
ହୋମ୍ ଏଣ୍ଡ କିଚେନ୍
@₹ 980
3 ପିସେସ୍ ସେଟ୍ ₹1599 @₹ 599
₹799 @₹ 129
₹9999 @₹ 2,999
18 ପିସେସ୍ ସେଟ୍ ₹1999 @₹ 299
₹899 @₹ 199
ଫୁଡ୍ ଏଣ୍ଡ ଦୈନିକ ଆବଶ୍ୟକତା
70% ପର୍ଯ୍ୟନ୍ତ ଅଫ୍
40% ପର୍ଯ୍ୟନ୍ତ ଅଫ୍
10% SAVINGS* SBI SBI card
*Min. Trxn.: ₹1,500; Max. Savings up to: ₹4,000 per card. Validity: 14 Oct - 24 Oct 2022. T&C Apply.


Godrej 125 YEARS
Godrej interio
UP TO 30% OFF*
THE GREAT INDIAN FURNITURE FEST
ADDITIONAL VOUCHERS WORTH UPTO ₹50,000**
QUEEN BEDS STARTING FROM ₹27,963*
SOFA SETS (3+2) STARTING FROM ₹44,875*
MODULAR KITCHENS STARTING FROM ₹75,000*
**Not applicable on kitchens *Indicative starting prices for the category after discount. Not for products shown. T&C apply.
CALL 1-800-209-5511 TO FIND THE NEAREST OUTLET
SCAN TO GET YOUR E-CATALOGUE COPY
HOME FURNITURE & STORAGES | MODULAR KITCHENS | MATTRESSES
www.godrejinterio.com
GODREJ INTERIO STORE: Bhubaneshwar Sahid Nagar 9821101082 Lewis Road 06742433318 Patrapada 8280041182 FURNITURE DEALER: Bhubaneshwar Chandrasekharpur 7873766075 Bapuji Nagar 06742597172 Angul 9040060801 Kaniha 9861351719 Balasore 9437264659, 9438062315 Barbil 9937733204 Baripada 9930428352 Berhampur 9437073545 Bhadrak 7381072649 Bhawanipatna 9337220039 Bolangir 7008924386 Cuttack 9040013191, 9583323370, 9337267036 Dhenkanal 8260022665 Jagatsinghpur 9937092786 Jajpur 9437245295 9238320655 Jajpur Town 8328905795 Jharsuguda 9437058020 Brajrajnagar 9937522874 Kendrapara 9437088023 Keonjhar 8249419035 Koraput 6370626180 Malkangiri 9437030622 Nabarangpur 7008216327 Umerkote 9937387777 Nayagarh 9078685012 Paradeep 9437183494 Puri 9337740428 Rayagada 9437234691 Rourkela 9937040221 Sambalpur 7873078720, 9437050406, 9437017101 MATTRESS DEALER: Manjuri Road 8249674003 Rourkela 7008624298
FOR MODULAR KITCHEN ENQUIRY CONTACT: 9439445145

ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟ ଲାଭକରିବାକୁ। – ଶ୍ରୀମା

# ଉତ୍କଟ କ୍ଷୁଧା



ଆକାର ପଟେଲ

ଯେଉଁବେଳେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ନ୍ୟୁଜ ପ୍ରକ୍ରିୟାରୁ ବାହାରେ ରହିଯାଏ, ଯାହା ଏବେ ଘଟୁଛି। ଏହି କାରଣରୁ ସେଗୁଡ଼ିକ ଉପରେ ସବୁବେଳେ ଜୋର୍ ଦେବା ଆବଶ୍ୟକ। ସାମ୍ବାଦିକ ଏବଂ ସ୍ତମ୍ଭକାରମାନେ ସେମାନଙ୍କ ମୁଖ୍ୟ ଭୂମିକାରୁ ମଧ୍ୟ ଦୂରେଇଯିବା ଉଚିତ ନୁହେଁ। ସବୁ ତଥ୍ୟ ଓ ସରକାରଙ୍କ ବିଫଳତା ସାମ୍ନାକୁ ଆଣିବା ଦରକାର। ୨୦୧୪ରେ ୭୬ଟି ଦେଶକୁ ନେଇ କରାଯାଇଥିବା ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ସ୍ଥାନ ଥିଲା ୫୫। ୨୦୨୦ରେ ୧୦୭ ଦେଶ ମଧ୍ୟରେ ଭାରତ ତଳକୁ ଖସି ରହିଲା ୯୪ ର୍ୟାଙ୍କରେ। ଗତବର୍ଷ ୧୧୬ ଦେଶ ମଧ୍ୟରେ ୧୦୧ସ୍ଥାନରେ ଭାରତ ରହିଥିଲାବେଳେ ୧୫ ଅକ୍ଟୋବର ୨୦୨୨ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୧୨୧ ଦେଶ ମଧ୍ୟରେ ଭାରତର ସ୍ଥାନ ରହିଛି ୧୦୭। ଉକ୍ତ ସ୍କୋର ବା ପ୍ରାପ୍ତାଙ୍କ ୧୦୦ ପଏଣ୍ଟ ସ୍କେଲ୍ ଆଧାରରେ ଗଣନା କରାଯାଇଛି ଯାହା ଉତ୍କଟ କ୍ଷୁଧାକୁ ପ୍ରକାଶ କରିଛି। ଯେଉଁଠି କ୍ଷୁଧା ନାହିଁ ତାହା ଜିରୋ(୦) ସ୍କୋର ଓ ଏହା ସବୁଠୁ ଭଲ ଏବଂ ୧୦୦ ସବୁଠୁ ଖରାପ। ଭାରତର ସ୍କୋର୍ ରହିଛି ୨୯.୧ ଯାହା ଏକ ଗମ୍ଭୀର ବର୍ଗରେ ରହିଛି ବୋଲି ସୂଚିତ କରିଛି। ୨୦୧୦ରୁ ୨୦୧୪ ମଧ୍ୟରେ ଶିଶୁଙ୍କ ଉଚ୍ଚତା ଅନୁଯାୟୀ କମ୍ ଓଜନ(ଚାଇଲ୍ଡ ୱେଷ୍ଟିଂ) ୧୫,୧% ରହିଥିଲାବେଳେ ତା' ତୁଳନାରେ ୨୦୧୪ରୁ ୨୦୧୯ ମଧ୍ୟରେ ଏହା ୧୭.୩କୁ ବୃଦ୍ଧି ପାଇଥିଲା। ଏହି କାରଣରୁ ୨୦୨୦ରେ ଆମ ସ୍କୋର ନିମ୍ନଗାମୀ ହୋଇଥିଲା। ଚଳିତ ବର୍ଷ ଭାରତର ଚାଇଲ୍ଡ ୱେଷ୍ଟିଂ ହାର ୧୯.୪କୁ ବୃଦ୍ଧିପାଇଛି, ଯାହା ୨୦ ବର୍ଷ ମଧ୍ୟରେ ସର୍ବାଧିକ। ୨୦୧୮–୨୦୨୦ରେ କୁପୋଷଣ ୧୪.୬%ରୁ ୨୦୧୯–୨୦୨୧ରେ ୧୬.୩%କୁ ବୃଦ୍ଧିପାଇଥିଲା। ଅର୍ଥାତ୍ ଭାରତରେ ୨୨ କୋଟିରୁ ଊର୍ଦ୍ଧ୍ୱ ଭୋକିଲା ରହିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ୫ଟି ଜାତିସଂଘ ସଂସ୍ଥା ବିଶ୍ୱରେ ଖାଦ୍ୟ ସୁରକ୍ଷା ଏବଂ ପୋଷଣର ସ୍ଥିତି ଉପରେ ରିପୋର୍ଟ ପ୍ରକାଶ କରିଥିଲେ। ୨୦୧୯–୨୦୨୧ ମଧ୍ୟରେ ୪୦% ଲୋକ ଖାଦ୍ୟ ଅସୁରକ୍ଷାର ଶିକାର ହୋଇଥିଲେ ଏବଂ ବିଶ୍ୱରେ ଗମ୍ଭୀର ଖାଦ୍ୟ ଅସୁରକ୍ଷାର ବଳୟରେ ରହୁଥିବା ଲୋକସଂଖ୍ୟାର ଏକ ତୃତୀୟାଂଶରୁ ଊର୍ଦ୍ଧ୍ୱ କେବଳ ଭାରତରେ ରହିଥିଲେ ବୋଲି ରିପୋର୍ଟରେ କୁହାଯାଇଥିଲା। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, କାରଣ ୮୦ କୋଟି ଅର୍ଥାତ୍ ୬୦% ଭାରତୀୟ ପ୍ରତି ମାସରେ ୫କେ.ଜି. ଶସ୍ୟ ଓ ୧ କେ.ଜି. ଡାଲି ଲାଗି ଧାଡ଼ି ଲଗାଇବାରେ ଆମ ସରକାର ଗର୍ବ ଅନୁଭବ କରୁଛନ୍ତି। ଦୁଇ ବର୍ଷ ହେଲା ସେମାନେ ଏମିତି ଧାଡ଼ିରେ ଠିଆ ହୋଇ ଆସୁଛନ୍ତି। ତେବେ ଭାରତରେ ସରକାର ଏହି ରିପୋର୍ଟଗୁଡ଼ିକ ଉପରେ କିଭଳି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ତାହା ଦେଖାଯାଉ। ପୂର୍ବ ବର୍ଷର ରିପୋର୍ଟ ପ୍ରକାଶ ପାଇଲାବେଳେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ପର୍ଶୋତ୍ତମ ରୂପାଲା ରାଜ୍ୟ ସଭାରେ କହିଥିଲେ ଯେ, ଏହି ସବୁ ତଥ୍ୟର ନିୟମ ଆଧାରିତ କାର୍ଯ୍ୟପ୍ରଣାଳୀ ଉପରେ ସରକାର ପ୍ରଶ୍ନ ଉଠାଇଛନ୍ତି। କେତେକ ଏନ୍‌ଜିଓ ଉକ୍ତ ସର୍ଭେ କରିଛନ୍ତି ବୋଲି କହିଥିଲେ। ସେମାନେ କେଉଁ ଆଧାରରେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ତାହା ଆମେ ସେମାନଙ୍କୁ ପଚାରିଛୁ। ହେଲେ ସେମାନେ ଏଯାବତ୍ ପ୍ରଶ୍ନର ଉତ୍ତର ଦେଇ ନାହାନ୍ତି। ଆମେ ଏଭଳି ରିପୋର୍ଟଗୁଡ଼ିକ ପ୍ରତି ସମ୍ବେଦନଶୀଳ ହେବା ଉଚିତ ନୁହେଁ। ଏହି ସର୍ଭେଗୁଡ଼ିକ ପ୍ରକାଶ ପାଇଥିବାରୁ, ଏପରିକି ସୁସ୍ଥ ଏବଂ ଶକ୍ତିବାନ୍ ପିଲାଙ୍କୁ ଗଣାଯାଉଥିବାବେଳେ ସମାଜରେ ସଚେତନତା ରହିବା ଦରକାର। ସେ ମଧ୍ୟ କହିଥିଲେ ଯେ, ଆମ କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ ଏକ ଜନ ଆନ୍ଦୋଳନ ଆରମ୍ଭ କରିବା ସହ ବହୁ କାର୍ଯ୍ୟକ୍ରମ କରିଛନ୍ତି।

୨୦୦୬ ତୁଳନାରେ ୨୦୧୨ରେ ଗୁଜରାଟର ୫ ବର୍ଷରୁ କମ୍ ପିଲାମାନଙ୍କ ମଧ୍ୟରୁ କାହିଁକି ଅଧାଙ୍କର ଉଚ୍ଚତା ସେମାନଙ୍କ ବୟସ ଅନୁଯାୟୀ କମ୍(ଷ୍ଟଣ୍ଟେଡ) ରହିଥିଲା ବୋଲି ୨୦୧୨ରେ ସେତେବେଳର ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୱାଲ୍ ଷ୍ଟ୍ରିଟ୍ ମାଗାଜିନ ପ୍ରଶ୍ନ କରିଥିଲା। ତାଙ୍କ ପ୍ରତିକ୍ରିୟା ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶ ପାଇଥିଲା। ସେ କହିଥିଲେ ଯେ, ମଧ୍ୟବିତ୍ତ ବର୍ଗ ସୌନ୍ଦର୍ଯ୍ୟ ଉପରେ ଯେତିକି ସଚେତନ ସ୍ୱାସ୍ଥ୍ୟ ଉପରେ ସେତିକି ନୁହନ୍ତି, ଯାହା ଏକ ଆହ୍ୱାନ। ଯଦି ଜଣେ ମା' ତା' ଝିଅକୁ କ୍ଷୀର ପିଇବା ଲାଗି କହେ ତେବେ ସେ ଝଗଡ଼ା କରିବ ଓ କହିବ କ୍ଷୀର ପିଇଲେ ମୋଟା ହୋଇଯିବ। ଶେଷରେ କ୍ଷୀର ପିଇବା ପାଇଁ ମନା କରିଦେବ। କ୍ଷୁଧା ସୂଚକାଙ୍କରେ ଭାରତର ର୍ୟାଙ୍କ ପାକିସ୍ତାନ ଓ ବାଂଲାଦେଶ ପଛରେ ଅଛି। ହେଲେ ଏହି ସବୁ ବିଷୟ ଆମକୁ କେବେ ବି ପ୍ରଭାବିତ କରୁନାହିଁ। ନେପାଳ ଓ ଶ୍ରୀଲଙ୍କା ଆମଠାରୁ ଆଗରେ ରହିଛନ୍ତି ବୋଲି ସରକାର କହୁନାହାନ୍ତି। ଆମେ ଚାଇନାକୁ ଆମ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଚାର କରୁଥିଲେ ମଧ୍ୟ ସେହି ଦେଶ ସୂଚକାଙ୍କର ୧୭ଟି ଶୀର୍ଷ ଦେଶ ମଧ୍ୟରେ ରହିଛି। ଏହି ଦେଶଗୁଡ଼ିକର ନିଜସ୍ୱ ସ୍କୋର ସୂଚିତ କରାଯାଇନାହିଁ କାରଣ ସେଠାରେ କ୍ଷୁଧା ଖୁବ୍ କମ୍। ଭାରତର ମୁଣ୍ଡପିଛା ଆୟ ବାଂଲାଦେଶ ପଛରେ ରହିଥିଲେ ବି ବାସ୍ତବରେ ଆମେ ଏଥିପ୍ରତି ଚିନ୍ତିତ ନୁହେଁ। ପୂର୍ବରୁ ଉକ୍ତ ସ୍ତମ୍ଭରେ ନିକଟରେ ପ୍ରକାଶିତ ମୋ ପୁସ୍ତକଗୁଡ଼ିକ ମଧ୍ୟରୁ ଗୋଟିକରେ ୫୩ଟି ବୈଶ୍ୱିକ ସୂଚକାଙ୍କ ସମ୍ପର୍କରେ ସମୀକ୍ଷା କରିଥିଲି, ଯାହା ଉପରେ ସରକାର ତାଙ୍କ ସ୍ଥିତିରେ ଉନ୍ନତି ଆଣିବା ଲାଗି ଚେଷ୍ଟା କରୁଥିଲେ। ହେଲେ ୨୦୧୪ରୁ ସେଥିରୁ ୪୯ଟିରେ ଭାରତ ତଳକୁ ଖସିଆସିଛି।

ସରକାରଙ୍କ ବିଫଳତାକୁ ଘୋଡ଼ାଇବା ଲାଗି ନିର୍ଦ୍ଦିଷ୍ଟ ଭାବେ ଆମେ ଅମୃତକାଳ ଏବଂ ଆତ୍ମନିର୍ଭର ଭାରତ ଭଳି ବୁଝିହେଉ ନ ଥିବା ତଥା ଅସ୍ପଷ୍ଟ ଶବ୍ଦାବଳୀ ବ୍ୟବହାର କରୁଛୁ। ସକ୍ଷମତା ପୂର୍ବକ ଶାସନ କରିବା ନିର୍ବାଚିତ ସରକାରଙ୍କର ଏକ ପବିତ୍ର ଦାୟିତ୍ୱ ବୋଲି କହୁଛୁ। ଏଥିରୁ ବୁଝାପଡୁଛି, ବିଶ୍ୱରେ ସବୁଠୁ ଗରିବ ଓ ଦୁଃଖୀ ଭାରତୀୟମାନଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ଏଭଳି କୁହାଯାଉଛି। ଏହାର ମାନେ ନୁହେଁ ଯେ, ପୂର୍ବ ସରକାର ଯାହା କରିଥିଲେ ତାହାର ଅପବ୍ୟୟ କରିବା। ବାସ୍ତବରେ ଏହା ହିଁ ଆମେ କରିଛୁ। ପ୍ରତିଦିନ ଅତି ଦରିଦ୍ର ଭାରତୀୟମାନଙ୍କୁ ଏହାର ମୂଲ୍ୟ ଦେବାକୁ ପଡୁଥିବାବେଳେ ସରକାରଙ୍କୁ ଏଥିରୁ ଦୂରେଇ ଯିବା ଲାଗି ମିଡ଼ିଆ ଅନୁମତି ଦେଉଛି। ଉଚିତ୍ ପ୍ରସଙ୍ଗଗୁଡ଼ିକୁ କାହିଁକି ପ୍ରକାଶ କରା ନ ଯିବ। ଶୁଣିବାକୁ ଓ ଜାଣିବାକୁ ଇଚ୍ଛୁକ ଲୋକମାନଙ୍କ ସାମ୍ନାକୁ ଏଗୁଡ଼ିକୁ ଅଣାଯିବା ଦରକାର।

Email:aakar.patel@gmail.com

# ଶିକ୍ଷା ଓ ଶିକ୍ଷଣର ମନ୍ତ୍ର: ସୃଜନଶୀଳତା



ଡ. ଶରତ ଚନ୍ଦ୍ର ପରିଡ଼ା

ବର୍ତ୍ତମାନର ଆହ୍ୱାନ ଡିଜିଟାଲ ଇଣ୍ଡିଆ। ସହରଠୁ ଗାଁ ପର୍ଯ୍ୟନ୍ତ ଚାରିଆଡେ ସ୍ମାର୍ଟ ଫୋନ୍ ଆଦି ଇଲେକ୍‌ଟ୍ରୋନିକ ପଦାର୍ଥର ବହୁଳ ବ୍ୟବହାର। ଅଳ୍ପବହୁତେ ସମସ୍ତେ ହ୍ୱାଟ୍‌ସଆପ, ଫେସବୁକ୍ ଆଦି ବ୍ୟବସ୍ଥା ସହିତ ପରିଚିତ। ସାରା ଦୁନିଆର ସୂଚନା ଓ ଚିତ୍ର ଶିକ୍ଷାର୍ଥୀଙ୍କ ହାତମୁଠାରେ। ପିଲାମାନଙ୍କ ହାତପାହାନ୍ତାରେ ପୂର୍ବାପେକ୍ଷା ଅଧିକ ତଥ୍ୟ। ସମୟ ସେମାନଙ୍କୁ ଜଟିଳ ଦୁନିଆରେ ପହଞ୍ଚାଇ ଦେଇଛି। ତେଣୁ ପୁରୁଣାକାଳିଆ ଶିକ୍ଷଣ ପଦ୍ଧତି ଏକ ପ୍ରକାର ଅଚଳ। ତାହା ସେମାନଙ୍କୁ ବିରକ୍ତିକର ଲାଗୁଛି। କେବଳ ପୁସ୍ତକର ବ୍ୟବହାର ଦ୍ୱାରା ସୃଜନଶୀଳତା ସଙ୍କୁଚିତ ହୋଇଯାଏ। ଶ୍ରେଣୀଗୃହରେ ଆଧୁନିକ ନୂଆ ନୂଆ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ସର୍ବାଦୌ ବାଞ୍ଛନୀୟ। ବୈଦ୍ୟୁତିକ ସମ୍ବଳର ବିନିଯୋଗ ହେବା ଦରକାର। କେବଳ ବିଜ୍ଞାନ, ଗଣିତ ଆଦି ବିଷୟରେ କମ୍ପ୍ୟୁଟର ବ୍ୟବହାରକୁ ସୀମିତ ରଖିବାର ସମୟ ଏହା ନୁହେଁ। ଡ୍ରାମା, ଇତିହାସ, ଭୂଗୋଳ ଓ ଲେଖାଲେଖି ପ୍ରଭୃତି ଅଣଯାନ୍ତ୍ରିକ ବିଷୟରେ ଦୃଶ୍ୟ–ଶ୍ରବ୍ୟ ଉପକରଣମାନ ବ୍ୟବହାର କରାଯାଇପାରିବ।

ପ୍ରଯୁକ୍ତିବିଦ୍ୟାର ଆଲୋକ ଓ ଶବ୍ଦ ଆଦି ମାଧ୍ୟମରେ ଦିଆଯାଉଥିବା ଜ୍ଞାନ ସ୍ମରଣୀୟ,ସ୍ଥାୟୀ ଓ ପ୍ରଭାବୀ ହୋଇ ରହେ। ଛାତ୍ରମାନେ ଶିକ୍ଷାଗ୍ରହଣ ପ୍ରକ୍ରିୟାରେ ଯେତେ ଅଧିକ ମଜ୍ଜି ରହନ୍ତି ସେମାନଙ୍କର ଅବବୋଧ ସେତେ ଦୃଢ଼ମୂଳ ହୁଏ ; ବୋଧ ସ୍ପଷ୍ଟ ଥିଲେ ପିଲାମାନେ ବିଭିନ୍ନ ଧାରଣା ମଧ୍ୟରେ ସଂଯୋଗ ଆଣିବା ଆରମ୍ଭ କରିଥାନ୍ତି। ମୂର୍ତ୍ତିମନ୍ତ ସ୍ପର୍ଶନୀୟ ରୂପରେ ଶିକ୍ଷାକୁ ଗ୍ରହଣ କରନ୍ତି। ଏହା ହିଁ ସୃଜନର ଗୋଟିଏ ସକାରାତ୍ମକ ପ୍ରତିକ୍ରିୟା। ଶିକ୍ଷାବିତ୍ ଷ୍ଟେଭ୍ ଜବାସ୍ କହନ୍ତି ''ଏକବିଂଶ ଶତାବ୍ଦୀରେ ପ୍ରଯୁକ୍ତି ସହିତ ସୃଜନଶୀଳତାକୁ ସଂଯୋଗ କଲେ ସର୍ବଶ୍ରେଷ୍ଠ ମୂଲ୍ୟବୋଧ ସୃଷ୍ଟି ହୋଇପାରିବ।''ଏହା ହେଉଛି ନୂଆ ପଦାର୍ଥ ଚିନ୍ତା କରିବାର ଧାରା, ନବକ୍ରିୟା। ବୋଧଜ୍ଞାନ ମୂଳଦୁଆ। ତା'ଉପରେ ରଚନାତ୍ମକ ଓ ସୃଜନର ସୌଧ ଗଢ଼ିବା ସହଜ ହୋଇଥାଏ। ଥରେ ବୋଧ ସ୍ପଷ୍ଟ ହେଲେ ଜଣେ ଛାତ୍ର ଗୋଟିଏ ନିର୍ଦ୍ଦିଷ୍ଟ ସମସ୍ୟାର ନୂତନ ସମାଧାନ ପନ୍ଥା ବାହାର କରିପାରେ। ସୁତରାଂ ଗତାନୁଗତିକତାକୁ ପରିହାର କରି ପ୍ରଦତ୍ତ ଶିକ୍ଷାକୁ ସୃଜନମୁଖୀ କରିବାକୁ ହେବ। କାରଣ ପିଲା ଯାହା ଶୁଣନ୍ତି ଭୁଲିଯାନ୍ତି, ଯାହା ଦେଖନ୍ତି ମନେ ରଖନ୍ତି ଓ ଯାହା କରନ୍ତି ତାହା ବୁଝନ୍ତି। ଉପକରଣ ଦ୍ୱାରା ପିଲାମାନଙ୍କର ଦୃଷ୍ଟିଭଙ୍ଗୀ ସ୍ପଷ୍ଟ ହୁଏ,ଅଭିଜ୍ଞତା ଓ ଅନୁଭୂତିର ଅଭିବୃଦ୍ଧି ଘଟେ। ପିଲାମାନେ ଗଳ୍ପପ୍ରିୟ। ଗଳ୍ପ କହି ବା ଲେଖାଇ ପିଲାମାନଙ୍କର କୌତୂହଳ ବୃଦ୍ଧି କରାଯାଇପାରେ। ପିଲାମାନଙ୍କର ନିରୀକ୍ଷଣ ତୀକ୍ଷ୍ଣ। ସେମାନେ ତୀକ୍ଷ୍ଣ ଭାବରେ ନିରୀକ୍ଷଣ କରି ଶିକ୍ଷାଲାଭ କରିଥାନ୍ତି। ସେମାନେ ବଡ଼ ବଡ଼ ଚିନ୍ତକ ଓ ଗ୍ରହଣକାରୀ ଅଟନ୍ତି। ଗଳ୍ପରେ ପିଲାମାନେ ନିଜର ଭାବ ପ୍ରକାଶ କରିଥାନ୍ତି। ସେ ଯାହା ପଢ଼ିଛି ତା'ଉପରେ ନୁହେଁ,ଯାହା ନ ପଢ଼ିଛି ତାହା ଉପରେ ଗଳ୍ପ ଲେଖିବା ପାଇଁ କହିଲେ ସେ ତା'ନିଜର ଭାଷା ପ୍ରୟୋଗ କରି ପାରିବ। ଗଳ୍ପଲିଖନ ସରିଲା ପରେ ସାଙ୍ଗ ପିଲାମାନଙ୍କ ସମ୍ମୁଖରେ ତାହା ପାଠ କରାଯିବା ଆବଶ୍ୟକ। ଶ୍ରେଷ୍ଠ ଗଳ୍ପ ପାଇଁ ବାହାବା ମିଳିଲେ ସୃଜନଶୀଳତା ଉତ୍ସାହିତ ହୋଇପାରିବ। କେବଳ ଛବିଟି ଦେଖାଇ ତା' ଉପରେ ଗଳ୍ପଟିଏ ଲେଖିବା ପାଇଁ ପିଲାମାନଙ୍କୁ କୁହାଯାଇ ପାରେ।



ଡ. ଏ.ପି.ଜେ. ଅବଦୁଲ କଲାମ କୁହନ୍ତି,''ଭବିଷ୍ୟତର ସଫଳତା ନିମନ୍ତେ ସୃଜନଶୀଳତା ଏକ ଚାବି। ପ୍ରାଥମିକ ଶିକ୍ଷାରେ ଶିକ୍ଷକମାନେ ସୃଜନଶୀଳତା ଆଣିପାରିବେ।''ଶିକ୍ଷକ ନିଜେ ଊର୍ଦ୍ଧ୍ୱଦୃଷ୍ଟି ଓ ଦୂରଦୃଷ୍ଟିସମ୍ପନ୍ନ ଥିଲେ ତାଙ୍କ ପାଠ୍ୟଦାନ ଭିତରେ ମଧ୍ୟ ସୃଜନଶୀଳ ଦିଗକୁ ଛୁଇଁ ଛୁଆଇଁ ଯାଆନ୍ତି। ପ୍ରଥମେ ସେମାନଙ୍କୁ ସର୍ଜନ ଚେତନାରେ ଉଦ୍‌ବୁଦ୍ଧ ହେବାକୁ ପଡ଼ିବ। ସୃଷ୍ଟିଶୀଳତାର ସୁସ୍ଥ ମାନସିକତାକୁ ଆପଣେଇବାକୁ ହେବ। ଉନ୍ନତ ଦେଶଗୁଡ଼ିକରେ ଶିକ୍ଷକମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଚୟନ କରାଯାଇ ସେମାନଙ୍କର ଯୋଗ୍ୟତା, ମନୋବୃତ୍ତି, ଦକ୍ଷତା ସୃଜନଶୀଳତାର ପରୀକ୍ଷା ନିଆଯାଏ। ଏହା ନୂତନ ଶିକ୍ଷାନୀତି ୨୦୨୦ରେ ଅନ୍ତର୍ଭୁକ୍ତ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ସର୍ବୋତ୍ତମ ଶିକ୍ଷକ ପଢ଼ାନ୍ତି ନାହିଁ, ପ୍ରେରଣା ଦିଅନ୍ତି।

ଇତିହାସ କହେ କଳ୍ପନା ସୃଜନଶୀଳତାର ଆଧାରଶିଳା। ନିରନ୍ତର ସୃଜନଶୀଳ ପ୍ରଚେଷ୍ଟା ଦ୍ୱାରା କଳ୍ପନା ଧୀରେ ଧୀରେ ବାସ୍ତବ ରୂପ ନିଏ। ତେଣୁ ''ତୁମେ ଯାହା କଳ୍ପନା କରି ପାରୁଛ,ତାହା ସତ୍ୟ,''ବୋଲି ବାବ୍ଲୋ ପିକାସୋ ପ୍ରକାଶ କରନ୍ତି। କାହାର ସ୍ୱପ୍ନ ଭାଙ୍ଗିବା ଏକ ଅପରାଧ। ସୃଜନବିଶେଷଜ୍ଞ ହେନେରି ଡାଭିଡ୍ ଥୋରେ କହନ୍ତି,''ସ୍ୱପ୍ନ ଆମର ଚରିତ୍ରର କଷଟି ପଥର।'' ଲେଖୁ ଲେଖୁ ଲେଖକ ହେଲା ପରି ମନପ୍ରାଣ ଦେଇ ଶିକ୍ଷା ଲାଭ କରୁ କରୁ ମସ୍ତିଷ୍କର ରୁଦ୍ଧ କୋଠରି ସବୁ ଖୋଲି ଖୋଲି ଯାଏ। ଆଗକୁ ଯିବାର ନୂଆ ନୂଆ ବାଟ ମନଶ୍ଚକ୍ଷୁ ଆଗରେ ଝଲିସ ଉଠେ। ନବ ନବ ଉନ୍ମେଷ ଘଟେ। ସୃଜନଶୀଳତାରେ ଡେଣା ଲାଗିଯାଏ। ଶିଶୁ ପ୍ରକୃତିର ନିକଟତର ହେଲେ ମନ ବିସ୍ତାରିତ ହୁଏ।

ପ୍ରତିଭା ସୃଜନମନ୍ତ୍ରରେ ଦୀକ୍ଷିତ ହେଲେ ଭବିଷ୍ୟତ ନିର୍ମାଣ ପାଇଁ ଆଉ ଚିନ୍ତା କରିବାକୁ ପଡ଼େ ନାହିଁ। ନିଜର ମୌଳିକ ଭାବନାକୁ ସୃଷ୍ଟିଶୀଳ କରି କାର୍ଯ୍ୟକାରୀ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଯାଏ। ଶ୍ରେଣୀକକ୍ଷର ସୃଜନଶୀଳତା ପରବର୍ତ୍ତୀ ଜୀବନର ବିଭିନ୍ନ କ୍ଷେତ୍ରରେ ଅସମ୍ଭବ ଲାଗୁଥିବା ବହୁ ଲକ୍ଷ୍ୟ ଓ କାର୍ଯ୍ୟ ସହଜସାଧ୍ୟ କରିଦେଇଥାଏ। ଅନେକ ଉଦ୍ଭାବନ ଓ ଆବିଷ୍କାରର ପଥ ପରିଷ୍କାର ହୋଇ ଦିଶେ। ଶିକ୍ଷାର୍ଥୀମାନେ ସୃଜନଶୀଳ ହେଲେ କୌଣସି ନୂତନ ପନ୍ଥାକୁ ଆପଣେଇବା ପାଇଁ ସାହସ ବାନ୍ଧି ପାରନ୍ତି। ଏଡ୍‌ୱିନ୍ ଲାଣ୍ଡ କୁହନ୍ତି,''ସୃଜନଶୀଳତାର ବିଶେଷତ୍ୱ ହେଉଛି ପତନକୁ ଭୟ ନ ଥାଏ।''

ଯାହା ଆଗରୁ ନାହିଁ ତାକୁ ଦେଖିବା ହେଉଛି ସୃଜନଶୀଳତା। ସୃଜନଶୀଳ ଲୋକଙ୍କ ବିଷୟରେ ପଢ଼ିବା ଓ ଶୁଣିବା ଦ୍ୱାରା ସୃଜନଶୀଳତାର ସ୍ଫୁରଣ ହୋଇପାରେ ଏକ ମାନସିକ ପ୍ରସ୍ତୁତି। ଦୃଷ୍ଟିଭଙ୍ଗୀ ଗବେଷଣାତ୍ମକ, ଅନୁସନ୍ଧାନମୂଳକ ଓ ନିର୍ମାଣାତ୍ମକ ହୋଇପାରିଲେ ସୃଷ୍ଟି ତଦନୁରୂପ ହେବ। ବହୁମୁଖୀ ସୃଜନର ପ୍ରକ୍ରିୟା ସାଧନା ଓ ଧୈର୍ଯ୍ୟ ସାପେକ୍ଷ। ଶିକ୍ଷା ସହିତ ସମ୍ପୃକ୍ତ ବ୍ୟକ୍ତିବିଶେଷମାନେ ଶିକ୍ଷାକୁ ଅଧିକ ଫଳପ୍ରସୂ ଓ ସୃଜନଶୀଳ କରିବା ପାଇଁ ମନସ୍କ ରହିଲେ,ବ୍ୟୟବହୁଳ ଶିକ୍ଷାରୁ ଅନେକ ଆଶୁ ଓ ସ୍ଥାୟୀ ଲାଭ ମିଳିପାରିବ।

ପଟିଆ, ଭୁବନେଶ୍ୱର
ମୋ– ୭୦୦୮୪୭୫୪୪୨

# ସତ୍ୟର ପ୍ରଳାପ କାହିଁକି



ଉମା ଶଙ୍କର ପ୍ରସାଦ

ପିଲାଦିନର କଥା ମନେପଡ଼ିଯାଏ। ବିଦ୍ୟାଳୟରେ ଗୁରୁଜୀ କହୁଥିଲେ ମଧୁବାବୁଙ୍କ ବର୍ଣ୍ଣବୋଧ ବହିରୁ 'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନାଟିକୁ ଆଖି ବନ୍ଦକରି ବୋଲିବାକୁ। କାରଣ ଏହାକୁ ଗାନ କଲେ କୁଆଡ଼େ ଠାକୁରେ ବହୁତ ଖୁସି ହେବା ସହ ଭଲ ବିଦ୍ୟା, ବୁଦ୍ଧି ସହିତ ଭଲ ଜ୍ଞାନ ମଧ୍ୟ ପ୍ରଦାନ କରିଥା'ନ୍ତି। ସକାଳେ ସନ୍ଧ୍ୟାରେ ଉକ୍ତ ବନ୍ଦନାକୁ ଘରେ ପାଠ କରିବାକୁ ପ୍ରବର୍ତ୍ତାଇ ଥାଆନ୍ତି ମା'ବାପା। ଏହି ପ୍ରାର୍ଥନା ଗାନ କଲେ ଭଲ ମଣିଷଟିଏ ହୋଇ ସମାଜରେ ନାଁ ରଖିବୁ ବୋଲି କହିଥା'ନ୍ତି। ମାତ୍ର ସେହି ପ୍ରାର୍ଥନାରେ ଗୋଟିଏ ଧାଡ଼ି ଥିଲା 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି'। ଆଜି ଏ ଧାଡ଼ିଟିର କେତେ ପ୍ରାସଙ୍ଗିକତା ଅଛି ଏବଂ ତାହାକୁ କେତେ ଜଣ ନିଜ ଦୈନନ୍ଦିନ ଜୀବନରେ ପାଳନ କରୁଛନ୍ତି, ତାହା ବିଚାରଯୋଗ୍ୟ। ଭାଗବତର ଆପ୍ତବାକ୍ୟ କହେ, 'ଯାତସ୍ୟ ହି ଧ୍ରୁବ ମୃତ୍ୟୁ'– ଜନ୍ମ ଯେପରି ସତ୍ୟ, ମୃତ୍ୟୁ ମଧ୍ୟ ସେହିପରି ଧ୍ରୁବ ସତ୍ୟ। କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ଆଜି ସମାଜରେ ସତ୍ୟକୁ ନେଇ ବୁଦ୍ଧିଜୀବୀ, ନେତା, ମନ୍ତ୍ରୀ, ଶାସକ, ପ୍ରଶାସକ ସମସ୍ତେ ସତ୍ୟର ଦ୍ୱାହି ଦେଇ ଦିବାଲୋକରେ ତାହା ମିଛ କହି ବାହାବା ନେଉଛନ୍ତି। ସତ ନ କହିବା ପଛରେ କାରଣ କ'ଣ ଥାଇପାରେ ? ନିଜ ମନ ନିଜକୁ ପ୍ରଶ୍ନ କରେ କାହିଁକି ସତ କହିପାରୁନୁ, ଏଥିରେ ଅସୁବିଧା କେଉଁଠି ? ସଂସାରରେ ଯେତେ କାର୍ଯ୍ୟ ଅଛି, ସତ କହିବାଟା ସବୁଠାରୁ କଷ୍ଟସାଧ୍ୟ। ଯଦି ଆପଣମାନେ ଭାବୁଥାଆନ୍ତି ଏହା ସହଜ କାର୍ଯ୍ୟ, ତେବେ ଗୋଟିଏଦିନ ଶପଥ କରିବେ ଉକ୍ତ ଦିନଟିରେ ଯାହା କହିବେ ସତ୍ୟ କହିବେ। ଯଦି ଏହା ସମ୍ଭବ କରି ଦେଖାଇଦେବେ, ତେବେ ଆପେ ନିଜେ ନିଜର ଗୁରୁ ପାଲଟିଯିବେ, କାହାଠାରୁ ଜ୍ଞାନ ନେବାର ଆବଶ୍ୟକତା ନାହିଁ।

ଇଏତ ଆମର ନିତିଦିନିଆ ଜୀବନର କାହାଣୀ। ମାସ ଶେଷରେ ପେପରବାଲା ପଇସା ମାଗିଲେ ଆରେ ଆଜି ନାହିଁ ଆଉ ଦୁଇ ଦିନ ପରେ ଦେବି କିନ୍ତୁ ପାଖରେ ପଇସା ଥିବ। ଆଜିକାଲି ଫୋନ୍ ଓ ମୋବାଇଲ ହେଉଛି ମିଛ କହିବାର ପ୍ରକୃଷ୍ଟ ମାଧ୍ୟମ। ସବୁଠୁ ବେଶି ମିଛ କୁହାଯାଇଥାଏ ନିଜ ଘରେ, ନିଜ ପତ୍ନୀକୁ ଓ ପିଲାମାନଙ୍କୁ। ଧର୍ମରାଜ ଯୁଧିଷ୍ଠିର ଦିନେ ମହାଭାରତ ଯୁଦ୍ଧରେ ସାମାନ୍ୟ ମିଛ କହିଥିଲେ, 'ନରେ ବା କୁଞ୍ଜରେ ଅଶ୍ୱତ୍ଥାମା ହତ'। ତେଣୁ ତାଙ୍କୁ ନର୍କର ଦ୍ୱାର ଦେଖିବାକୁ ପଡ଼ିଥିଲା। ମାତ୍ର ଆଜି ଆମେମାନେ ପ୍ରତି ମୁହୂର୍ତ୍ତରେ କେତେ ଡାହାମିଛ କହୁଛୁ, ତେବେ ଆମେ ନର୍କକୁଣ୍ଡରେ ପଡ଼ିବାନି କି? ଏହାକୁ ଅନେକେ ପୁରାଣ କଥା ପୁରୁଣା ବୋଲି କହିଥିଲେ ମଧ୍ୟ ଏହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ମନୁସ୍ମୃତିରେ କୁହାଯାଇଛି, ସତ୍ୟ କୁହ, ପ୍ରିୟ କୁହ, ମାତ୍ର ଅପ୍ରିୟ ସତ୍ୟ କୁହନାହିଁ। ମାତ୍ର ସତ୍ୟ ଯେତେ ସାଂଘାତିକ ତଥା ଯେତେ ପ୍ରିୟ ହୋଇଥିଲେ ମଧ୍ୟ ଅସତ୍ୟ କୁହନାହିଁ। ସଦାସର୍ବଦା ସତ୍ୟଟାହିଁ ଅପ୍ରିୟ, କିନ୍ତୁ ସମୟଚକ୍ରରେ ଯଦି ଗୋଟିଏ ମିଛ କାହାର ଜୀବନ ବଞ୍ଚାଇପାରେ, ସେଭଳି ମିଛ କହିବା ଦୋଷାବହ ହେଲେ ମଧ୍ୟ ସ୍ୱାଗତଯୋଗ୍ୟ, ମୋତେ ପଛେ ତକ୍ଷକ ଖାଉ ବଂଶରେ କଳଙ୍କ ନ ଲାଗୁ, କିନ୍ତୁ ମିଛ ଆଶ୍ୱାସନା, ମିଛ ସ୍ନେହ, ମିଛ ପ୍ରେମ ସବୁଠୁ ବେଶି ମାରାତ୍ମକ। ମାତ୍ର ଅନେକେ କୁହନ୍ତି, ଏବେ ମଧ୍ୟ କହୁଛନ୍ତି– ବ୍ୟବସାୟରେ ମିଛ ନ କହିଲେ କୁଆଡ଼େ ଚଳିହେବନି। ମାତ୍ର ଏ କଥାଟି ଏକାବେଳକେ ସତ ନୁହେଁ କି ମିଛ ବି ନୁହେଁ! ଆମ ବ୍ୟବସାୟ କଥା। ମୋ ଜୀବନକାଳରେ ଅଦ୍ୟାବଧି ଅନେକ ବ୍ୟବସାୟୀଙ୍କ ସଂସ୍ପର୍ଶରେ ଆସିଛି। ଅନେକ ପାଠପଢ଼ୁଆ ବାବୁମାନେ କହନ୍ତି– ହେଇଟି ସାହୁକାରେ, ମୋତେ ଖରାପ ଜିନିଷ ଦେବନି, ଅନ୍ୟ ଯାହାକୁ ଦେଉଛ ଦିଅ ମୋର ଯାଏଆସେ ନାହିଁ। ସାହୁକାର ପଚାରିଲେ ଆଜ୍ଞା ଆପଣ କାହିଁକି ସେ ଅନ୍ୟ ଲୋକ ନ ହେବେ ? ବଣି ଗୋଡ଼ ହଳଦିଆ ଭଳି ସମସ୍ତେ କହିଲେ ଆମେ ଭଲରେ ରହିବୁ। ତା'ହାଲେ ମନ୍ଦରେ କିଏ ରହିବ ? ଆଜିକାଲି ସତ୍ୟକୁ ନେଇ କେତେ ତର୍ଣ୍ଣିଫଟା ଭାଷଣ, ପ୍ରବଚନ ଦେଇ ରାତ୍ରର ନିସ୍ତବ୍ଧ ପ୍ରହରରେ ଅନ୍ୟ କିଛି କରିବା ଇଏ କ'ଣ ସତ୍ୟର ଅପଳାପ ନୁହେଁ କି? ସତ୍‌ସଙ୍ଗ ମାଧ୍ୟମରେ ସତ୍ୟର ବାନା ଉଡ଼ାଉଥିବା ଅନେକ ସାଧୁ ସନ୍ଥମାନଙ୍କର କଳାକାରନାମା କେତେଦୂର ସତ୍ୟ ପ୍ରତି କୁଠାରାଘାତ ପାଠକେ ବିଚାର କରିବେ। ନ୍ୟାୟାଳୟରେ ବିଚାରପତିଙ୍କ ଆଗରେ ପବିତ୍ର ଗୀତା ଛୁଇଁ ପ୍ରାୟତଃ ସମସ୍ତେ ମିଛ କୁହନ୍ତି। ତାଙ୍କୁ ଜେରା କରୁଥିବା ଓକିଲ ବନ୍ଧୁ ମଧ୍ୟ ନିଜ ମୁଦାଲାକୁ ଦୋଷମୁକ୍ତ କରିବା ପାଇଁ ମିଛ ସତର ଅପଳାପ କରିଥା'ନ୍ତି। ତେଣୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ଯେତେ ବୁଝାଇଥିଲେ ମଧ୍ୟ ସେ ମିଛ କହିପାରିବେନି ବୋଲି ଓକିଲାତି କରିବାକୁ ମନା କରିଦେଇଥିଲେ। ଆଜିର ନେତୃବର୍ଗ ସତ ହାସଲ ପାଇଁ ଅନେକ ମିଥ୍ୟା ଆଶ୍ୱାସନା ଦେଇଥା'ନ୍ତି, ମାତ୍ର ତା' ଭିତରୁ ଗୋଟିଏ ପୂରଣ ହୋଇନଥାଏ, କିନ୍ତୁ ଆସିଯାଇଥାଏ ଆଉ ଗୋଟିଏ ନିର୍ବାଚନ। ତଥାପି ଆମ ଭୋଟଦାତାମାନେ ସମସ୍ତେ ଜାଣନ୍ତି ନେତା କେବେହେଲେ ସତ୍ୟ କୁହନ୍ତି ନାହିଁ ଆଉ ଯେଉଁ ନେତା ତାଙ୍କ ଦଳ ମୁଖ୍ୟଙ୍କର ଅନ୍ୟାୟ ବିରୋଧରେ ମୁହଁ ଖୋଲିଲା, ତା' ପରଠୁ ତା'ର ଶନିଦଶା ପଡ଼ିଗଲା ବୋଲି ସେ ଜାଣିଥାଏ। ତେଣୁ 'ନିଜେ ବଞ୍ଚିଲେ ବାପର ନାଁ' ପରି ସତ୍ୟର ପ୍ରଳାପ କରି ମିଥ୍ୟାର ରାଜୁତି ଚଳାଇ ଜନସାଧାରଣଙ୍କ ସହ ଛଳନା କରି ଚାଲିଥା'ନ୍ତି।

ଅବଗତିର ଲକ୍ଷ୍ୟହେଲା ସତ୍ୟ ଲାଭ ଏବଂ ତାକୁ ଭିତ୍ତିକରି ମାନବ ସମାଜ ଆଗରେ ଥିବା କର୍ତ୍ତବ୍ୟରାଜିର ସମ୍ପାଦନ। ପାଣ୍ଟିଆସ୍ ପାଇଲେଟ ଯିଶୁଖ୍ରୀଷ୍ଟଙ୍କୁ ଏକ ପ୍ରଶ୍ନ ପଚାରିଥିଲେ। ଯିଶୁ ଜୀବନର ଅର୍ଥ ସମ୍ପର୍କରେ ଉଚ୍ଚତର ସତ୍ୟ ଜାଣିଛନ୍ତି ବୋଲି ଦାବି କରି ସେ ଗଣ୍ଡଗୋଳ ସୃଷ୍ଟି କରୁଥିବାରୁ ତାଙ୍କୁ ବନ୍ଦୀ କରାଯାଇଥିଲା। ଏହି ପ୍ରଶ୍ନ ପଚାରି ପାଇଲେଟ ସତ୍ୟର ଅସ୍ତିତ୍ୱ ସମ୍ପର୍କରେ ସନ୍ଦେହ ପ୍ରକାଶ କରିଥିଲେ। ଏହି ସତ୍ୟର ଅବଧାରଣାଟି ବହୁ ଶବ୍ଦାର୍ଥପୂର୍ଣ୍ଣ ଏବଂ ଅନେକ ସମୟରେ ତାହା ବିଭିନ୍ନ ଅର୍ଥରେ ବ୍ୟବହୃତ ହୋଇଥାଏ। 'ରାମ ନାମ ସତ୍ୟ ହାଏ' ଶବ ମଶାଣିକୁ ଗଲାବେଳେ ଶବବାହକମାନେ ଏହା କହିଥା'ନ୍ତି ଯେ– ଜନ୍ମ ହେଲେ ମୃତ୍ୟୁ ଅବଶ୍ୟମ୍ଭାବୀ। ଯଦି ଉକ୍ତ ବାକ୍ୟକୁ ଝିଅ ବିଦାୟ ବେଳେ କୁହାଯାଏ, ତାହା ବିପରୀତ କ୍ରିୟା ସୃଷ୍ଟି କରିଥାଏ। ମାତ୍ର ସବୁକିଛି ଆସିଛି 'ସତ୍ୟ' ଧାରଣାରୁ। 'ସତ୍ୟ'ର ଧାରଣାଟି ଚିନ୍ତନରେ ବାସ୍ତବର ଏକ ସଠିକ୍, ପ୍ରାମାଣିକ ପ୍ରତିଫଳନକୁ ବୁଝାଇବା କାର୍ଯ୍ୟରେ ଲାଗିଥାଏ। ସତ୍ୟ ବସ୍ତୁସମୂହର ପ୍ରମାଣସିଦ୍ଧ ପ୍ରତିଫଳନକୁ ବୁଝାଏ। ପ୍ରାଚୀନ ଦାର୍ଶନିକମାନେ ସତ୍ୟକୁ ଜ୍ଞାନ ସହିତ ଜଡ଼ିତ କରିଥିଲେ, ଯେଉଁ ଜ୍ଞାନର ବାସ୍ତବ ସହିତ ମେଳ ଅଛି। ତେଣୁ ମନରୁ ଭୟ, ଭ୍ରାନ୍ତି ଦୂର କରି ବାସ୍ତବ ଚିତ୍ରକୁ ଆଣିପାରିଲେ ସତ୍ୟ ନିଶ୍ଚୟ ନିଜର କାୟା ବିସ୍ତାର କରିବା ସହ ସମାଜ ହସି ଉଠିବ।

ମୋ: ୬୩୭୦୬୭୫୫୬୨

## ଏଇ ଭାରତରେ

ପରିବେଶ ସହନୀୟ ସବୁଜ ବିବାହ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ଅଶ୍ୱିନୀ ମାଲୱାଡେ ଏବଂ ନୂପୁର ଅଗ୍ରୱାଲ। କେବଳ ଏତିକି ନୁହେଁ ଉଭୟ ଏଥିପାଇଁ ୨୦୨୦ରେ ଗ୍ରୀନ୍ ମୈନା ବା ସବୁଜ ସାରୀ ଅଭିଯାନ ଆରମ୍ଭ କରି ସବୁଜ ବିବାହ ଲାଗି ଲୋକମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ମୁମ୍ବାଇର ଭରଶୋଭା ବିଚ୍ ସଫା କରିବା ସମୟରେ ଅଶ୍ୱିନୀ ଓ ନୂପୁର ପରସ୍ପରକୁ ଭେଟିଥିଲେ। ପରେ ସମାନ ବିଚାରଧାରା ସେମାନଙ୍କୁ ନିକଟତର କରିଥିଲା ଓ ସବୁଜ ବିବାହ ଲାଗି ନିଷ୍ପତ୍ତି ନେଇ ଯୋଜନା ମୁତାବକ ସେମାନେ ପୁଣେରେ ବିବାହ କରିଥିଲେ। ପୁନଃ ବ୍ୟବହାର କରିହେବା ଭଳି ସାମଗ୍ରୀଗୁଡ଼ିକୁ ସେଠାରେ ବ୍ୟବହାର କରାଯିବା ସହ ବ୍ୟବହୃତ ଫୁଲକୁ ଖତ କରାଯାଇଥିଲା। ଦୁହେଁ ପରିବେଶ ଉପଯୋଗୀ ପୋଷାକ ପିନ୍ଧି ବିଦ୍ୟୁତ୍‌ଚାଳିତ କାର୍‌ରେ ବିବାହ ସ୍ଥଳରେ ପହଞ୍ଚିଥିଲେ। ଭୋଜିରେ କୌଣସି ଖାଦ୍ୟ ନଷ୍ଟ କରାଯାଇ ନ ଥିଲା। ବଳକା ଖାଦ୍ୟକୁ ଅସହାୟଙ୍କୁ ବାଣ୍ଟି ଦିଆଯାଇଥିଲା। ବର ଓ କନ୍ୟା ସବୁଜ ବାର୍ତ୍ତା ଦେବା ଲାଗି ବିବାହରେ ଯୋଗ ଦେଇଥିବା ଅତିଥିଙ୍କ ପାଇଁ ୪ଟି ଗଛ ରୋପଣ କରିଥିଲେ। ଉଭୟେ ମଧ୍ୟ ଅତିଥିମାନଙ୍କୁ ଉପହାର କାଗଜ ବ୍ୟାଗ୍‌ରେ ଦେଇଥିଲେ। ଏବେ ସୁଦ୍ଧା ସେମାନେ ଏହି ଧାରାରେ ବହୁ ସବୁଜ ବିବାହ କରାଇ ୩୦୦ ବୃକ୍ଷ ରୋପଣ କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

**୧୬ ଅକ୍ଟୋବର ୧୯୯୭**

- ଚିଲି ଅନ୍ତର୍ଗତ ସାଣ୍ଟିଆଗୋର ୪୮୦ କି.ମି. ଉତ୍ତର ଅଞ୍ଚଳରେ ଏକ ବଡ଼ ଧରଣର ଭୂମିକମ୍ପ ଘଟି ୧୨ ମୃତ।
- ଶ୍ରୀଲଙ୍କାର ରାଜଧାନୀ କଲମ୍ବୋର ଏକ ବ୍ୟସ୍ତତମ ବ୍ୟବସାୟିକ ପେଣ୍ଠସ୍ଥଳରେ ଏଲ୍.ଟି.ଟି.ଇ. ଗେରିଲାଙ୍କ ଦ୍ୱାରା ଘଟାଯାଇଥିବା ଆତ୍ମଘାତୀ ଆକ୍ରମଣରେ ୨୦ ନିହତ।
- ଲୋକପ୍ରିୟ ଉପନ୍ୟାସ 'ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍‌ସ' ପାଇଁ ଭାରତୀୟ ଔପନ୍ୟାସିକ ଅରୁନ୍ଧତୀ ରାୟଙ୍କୁ ବୁକର ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ବଞ୍ଚାନା ଶତ ଶତ
ସବୁ ଅପମାନ
ଏ ଜୀବନେ ବରିନେଲି
ମଣି ମହାଦାନ।

(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 9 | | 2 |
| | | 9 | | 7 | | | 3 | |
| | 6 | | | 1 | | 8 | 5 | |
| 2 | 8 | | | 4 | | | | 6 |
| | | | | | 1 | | | 8 |
| | 7 | | 9 | 5 | | | | |
| | | 1 | | | 5 | | | |
| | 5 | 7 | | | | 6 | | |
| 4 | | | | | 7 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 5 | 2 | 7 | 3 | 9 | 1 | 8 |
| 8 | 7 | 3 | 9 | 1 | 5 | 2 | 6 | 4 |
| 1 | 2 | 9 | 4 | 6 | 8 | 3 | 7 | 5 |
| 7 | 4 | 6 | 8 | 3 | 1 | 5 | 9 | 2 |
| 3 | 5 | 2 | 7 | 9 | 6 | 8 | 4 | 1 |
| 9 | 1 | 8 | 5 | 4 | 2 | 6 | 3 | 7 |
| 6 | 8 | 7 | 1 | 5 | 9 | 4 | 2 | 3 |
| 2 | 3 | 1 | 6 | 8 | 4 | 7 | 5 | 9 |
| 5 | 9 | 4 | 3 | 2 | 7 | 1 | 8 | 6 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନକଲି ସିମେଣ୍ଟ, ବାଲି ବିକ୍ରି

ମହାଶୟ,

ଗତ କିଛିବର୍ଷ ଧରି ପୁରୀ ଜିଲା ସତ୍ୟବାଦୀ(ସାକ୍ଷୀଗୋପାଳ) ଅଞ୍ଚଳର ବିଭିନ୍ନ ସ୍ଥାନରେ ନକଲି ସିମେଣ୍ଟ ଓ ମାଟିମିଶା ବାଲି କାରବାର ହେଉଥିବାର ଅଭିଯୋଗ ଶୁଣିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇନ୍ଦିରା ଆବାସ ଓ ରାସ୍ତାଘାଟ ନିର୍ମାଣରେ ଖୁଲମଖୁଲା ନକଲି ସିମେଣ୍ଟ ଓ ପଟୁ ମିଶା ବାଲି ବ୍ୟବହାର କରାଯାଉଥିଲେ ମଧ୍ୟ ଜିଲା ପ୍ରଶାସନିକ ଅଧିକାରୀମାନେ ମାସିକ ପିସି ପାଇ ନିଦାବିଷ୍ଟ ସାଜିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଫନୀ ବାତ୍ୟାରୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀମାନଙ୍କ ଘର ଠିକାଦାରମାନେ ନକଲି ସିମେଣ୍ଟ ଓ ବାଲିରେ ନିର୍ମାଣ କରିବା ଚର୍ଚ୍ଚାର ବିଷୟ ହୋଇପଡ଼ିଛି। ଅଧିକାଂଶ ଗ୍ରାମପଞ୍ଚାୟତରେ ଅଣସ୍ୱୀକୃତିପ୍ରାପ୍ତ ସିମେଣ୍ଟ ଦୋକାନୀମାନେ ନକଲି ସିମେଣ୍ଟ ବିକ୍ରୟ କରିବାର ଅଭିଯୋଗ ହସ୍ତଗତ ହୋଇଛି। ପଞ୍ଚାୟତରେ ଏହି ସିମେଣ୍ଟ ବାଲି ଶସ୍ତା ହେଉଥିବାରୁ ଠିକାଦାରମାନେ କାମରେ ଲଗାଉଥିବାରୁ କାମ ନିମ୍ନମାନର ହେବା ସହିତ ସ୍ଥାନେ ସ୍ଥାନେ ପ୍ଲାଷ୍ଟର ଗଳି ପଡ଼ିବା ଦେଖାଯାଉଛି। ଏଣୁ ଜିଲା ପ୍ରଶାସନ ପକ୍ଷରୁ ଆଇନଗତ ତଦନ୍ତ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘରଗୁଡ଼ିକ ପ୍ରଶାସନ ନିର୍ମାଣ କରି ହିତାଧିକାରୀଙ୍କୁ ପ୍ରଦାନ କଲେ ଏହି ସମସ୍ୟା ସମାଧାନ ହୋଇପାରନ୍ତା।

– ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୭୭ରେ ପ୍ରବୀଣ ନବୀନ



# ଅଢ଼େଇ ଦଶନ୍ଧିର ମହାନାୟକ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପ୍ରତିଦ୍ୱନ୍ଦ୍ୱୀ। ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଓଡ଼ିଶାର ମଙ୍ଗ ଧରି ସେ ନିଜକୁ ରାଜନୀତିର ମହାନାୟକ ଭାବେ ପ୍ରମାଣିତ କରିଛନ୍ତି। ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ନବୀନଙ୍କୁ ଏକ ନିଆରା ପରିଚୟ ଦେଇଛି। କେବଳ ଓଡ଼ିଶାର ଜନମାନସ ନୁହେଁ, ବିଶ୍ୱ ଦରବାରରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ଏକ ମଡେଲ ରାଜ୍ୟରେ ପରିଣତ କରି ନବୀନ ଜାତିସଂଘର ପ୍ରଶଂସା ସାଉଁଟିଛନ୍ତି। ଦୀର୍ଘକାଳ ଜନସେବାରେ ନିଜକୁ ସମର୍ପିତ କରି ସେ ରାଜ୍ୟବାସୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ନବୀନଙ୍କ ମ୍ୟାଜିକ୍ ଆଗରେ ବିରୋଧୀ ଚିତ୍‌ପଟାଙ୍ଗ ମାରିଛନ୍ତି। ଦୀର୍ଘ ବର୍ଷ ଶାସନ ଗାଦିରେ ରହିଥିଲେ ମଧ୍ୟ ଏବେ ବି ସେ ଅମଳିନ ରହିଛନ୍ତି। ଜୀବନବ୍ୟାପୀ ସାଧନା ପାଇଁ ବିଭିନ୍ନ ସଂସ୍ଥା ନବୀନଙ୍କୁ ପୁରସ୍କୃତ କରିଛନ୍ତି। ନିକଟରେ ଚମତ୍କାର ନେତୃତ୍ୱ ପାଇଁ ଦିଲ୍ଲୀର କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ପକ୍ଷରୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। କେବଳ ପ୍ରଶାସନିକ ସଂସ୍କାର ନୁହେଁ, କ୍ରୀଡ଼ାକୁ ବିଶ୍ୱ ଦରବାରରେ ପହଞ୍ଚାଇ ନବୀନ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି।

ଦୁର୍ନୀତି ବିରୋଧରେ ଶୂନ ସହନଶୀଳ ନୀତି, ୫-ଟି, ମୋ ସରକାର ଭଳି ଅଭିନବ ପ୍ରୟାସ ପ୍ରଶାସନିକ ସ୍ତରରେ ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରିପାରିଛି। ରାଜନୀତି, ପ୍ରଶାସନିକ ସଂସ୍କାର, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ଭିତ୍ତିଭୂମି, ଶିଳ୍ପ, କୃଷିକ୍ଷେତ୍ରରେ ହୋଇଥିବା ବୈପ୍ଳବିକ ପରିବର୍ତ୍ତନର ସେ ହେଉଛନ୍ତି ସୂତ୍ରଧର। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହ ରାଜନୀତିରେ ଅଗ୍ରାଧିକାର ଦେଇ ନବୀନ ସମଗ୍ର ଭାରତବର୍ଷରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ମହିଳାଙ୍କୁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ପଞ୍ଚାୟତ ଭଳି ପୌର ସଂସ୍ଥାରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଦେଇ ମହିଳା ସଶକ୍ତୀକରଣର ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ପାର୍ଲାମେଣ୍ଟରେ ମହିଳାଙ୍କୁ ୩୩% ସ୍ଥାନ ସଂରକ୍ଷଣ ଦେବା ନେଇ ସେ ଜାତୀୟ ସ୍ତରରେ ଚାପ ସୃଷ୍ଟି କରୁଛନ୍ତି। ଅହିଂସା ନବୀନଙ୍କର ମୂଳମନ୍ତ୍ର। ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରିବାକୁ ସେ ଲଗାତର ପ୍ରୟାସ ଜାରି ରଖିଛନ୍ତି। ଭୋକରେ ଯେପରି କେହି ନ ରହିବେ ସେଥିଲାଗି ନିଜସ୍ୱ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କରିବା, ସ୍କୁଲ ଭିତ୍ତିଭୂମି ଓ ଶିକ୍ଷାକୁ ନୂଆ ରୂପ ଦେବା ଲାଗି ସ୍କୁଲ ରୂପାନ୍ତରଣ ଭଳି ଅଭିନବ ବ୍ୟବସ୍ଥା ନବୀନଙ୍କ ନୂଆ ଓଡ଼ିଶାର କଳ୍ପନାକୁ ନୂତନ ଦିଗନ୍ତ ଦେଇଛି। କୃଷିର ବିକାଶ ଓ କୃଷକଙ୍କ ଆୟ ବୃଦ୍ଧି ଦିଗରେ ରାଜ୍ୟ ସରକାର ଅନବରତ ଉଦ୍ୟମ ଜାରି ରଖିଛନ୍ତି। ସମସ୍ତ ଘରକୁ ପାନୀୟ ଜଳ, ବିଦ୍ୟୁତ୍, ସମସ୍ତଙ୍କୁ ଘର ଯୋଗାଇବାକୁ ନବୀନ ସର୍ବଦା ପ୍ରାଥମିକତା ଦେଇ ଆସୁଛନ୍ତି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଜରିଆରେ ରାଜ୍ୟକୁ ବଡ଼ ବଡ଼ ଶିଳ୍ପପତିଙ୍କୁ ଆମନ୍ତ୍ରଣ କରି ନବୀନ ରାଜ୍ୟର ଶିଳ୍ପାୟନରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି।

କ୍ରୀଡ଼ା ପ୍ରତି ନବୀନଙ୍କର ରହିଛି ସ୍ୱତନ୍ତ୍ର ରୁଚି। ନୂତନ କ୍ରୀଡ଼ା ପ୍ରତିଭାର ସନ୍ଧାନରେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶକୁ ଅଗ୍ରାଧିକାର ଦିଆଯାଉଛି। ଭାରତରେ ଜାତୀୟ ଖେଳ ହକିର କ୍ରେଜ୍ କମି କମି ଆସୁଥିବା ବେଳେ ତାହାକୁ ନୂଆ ଜୀବନ ଦେଇ ଉଚ୍ଚତର ସୋପାନରେ ପହଞ୍ଚାଇବାରେ ନବୀନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଏକଦା ହକିକୁ ପ୍ରାୟୋଜନ କରିବା ଲାଗି କେହି ଆଗେଇ ଆସୁ ନ ଥିବା ବେଳେ ଓଡ଼ିଶା ଏହାର ପ୍ରାୟୋଜକ ସାଜି ଏକ ନୂତନ ଦିଗ ଦେଖାଇ ଯେଉଁ ଅନନ୍ୟ ଉଦାହରଣ ସୃଷ୍ଟି କରିଛି ତାହା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଏପରି କି ନବୀନଙ୍କର ଏହି ଉଦ୍ୟମ ଯୋଗୁ ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ହକି ଟିମ୍ ଟୋକିଓ ଅଲିମ୍ପିକ୍ସରେ ପଦକ ହାସଲ କରିବାରେ ସଫଳ ହୋଇଛି। ଏଥିପାଇଁ ସଂସଦୀୟ କମିଟି ନବୀନଙ୍କୁ ପ୍ରଶଂସା କରିବା ସହ ଓଡ଼ିଶା ଭଳି ଅନ୍ୟ ରାଜ୍ୟ ମଧ୍ୟ ଭିନ୍ନ ଭିନ୍ନ କ୍ରୀଡ଼ାର ପ୍ରାୟୋଜକ ହେବାକୁ ପରାମର୍ଶ ଦେଇଛି। କେବଳ ସେତିକି ନୁହେଁ, ରାଜ୍ୟରେ ଅନ୍ତର୍ଜାତୀୟସ୍ତରର ହକି ଭିତ୍ତିଭୂମି ପ୍ରତିଷ୍ଠା କରି ବିଶ୍ୱରେ ଓଡ଼ିଶାର ନାମକୁ ପ୍ରସିଦ୍ଧ କରିବାରେ ନବୀନଙ୍କର ଭୂମିକା ଅତୁଳନୀୟ। ୨୦୧୪ରେ ଓଡ଼ିଶାରେ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା। ୨୦୧୮ରେ ଓଡ଼ିଶା ହକି ବିଶ୍ୱକପ୍ ଆୟୋଜନ କରିଥିଲା। ସେହିପରି ୨୦୧୯ରେ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ(ଏଫ୍‌ଆଇଏଚ୍) ପୁରୁଷ ସେମିଫାଇନାଲ୍ସ ଓ ଅଲିମ୍ପିକ୍ସ ହକି କ୍ୱାଲିଫାୟର୍ ଏବଂ ୨୦୨୦ରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆୟୋଜିତ ହୋଇଥିଲା। ଏସବୁ ନବୀନ ପଟ୍ଟନାୟକଙ୍କ ସମୟରେ ହିଁ ସମ୍ଭବ ହୋଇଛି। ୨୦୧୯ରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନଜନକ ଏଫ୍‌ଆଇଏଚ୍ ପ୍ରେସିଡେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୨୩ରେ ମଧ୍ୟ ଓଡ଼ିଶା ହକି ବିଶ୍ୱକପ୍ ଆୟୋଜନ କରିବ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ସରକାର ରାଉରକେଲାରେ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ନିର୍ମାଣ କରିବା ସହ ହକି ଭିତ୍ତିଭୂମି ସୁଦୃଢ଼ କରିବାରେ ଲାଗିଛନ୍ତି।






ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପରଲୋକ ପରେ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ଲେଖକରୁ ରାଜନେତା ପାଲଟିବା ଥିଲା ଏକ ସଂଯୋଗ। ରାଜନୀତିର ଶୈଶବାବସ୍ଥାରେ ଗୁରୁଣ୍ଡୁଥିବା ନବୀନଙ୍କୁ ନେଇ ସେତେବେଳେ ଭିନ୍ନ ଭିନ୍ନ ଆକଳନ କରାଯାଉଥିଲା। ବିରୋଧୀ ତାଙ୍କୁ ଅନଭିଜ୍ଞ ରାଜନେତା ଆଖ୍ୟା ଦେଉଥିଲେ ମଧ୍ୟ ସେ ସ୍ଥିର ଓ ନମ୍ର ଭାବେ ନିଜ ଦାୟିତ୍ୱ ନିର୍ବାହ କରିଚାଲିଥିଲେ। ଗୋଟେ ଗୋଟେ ନିର୍ବାଚନ ସୁରୁଖୁରୁରେ ଅତିକ୍ରମ କରୁଥିବା ଦେଖିବା ପରେ ସମାଲୋଚନା କରିବାର ଶବ୍ଦ ଭୁଲିବାକୁ ଲାଗିଲେ ବିରୋଧୀ। ଖୁବ୍ କମ୍ କହି ବେଶି କାମ କରି ଦେଖାଇବାର କଳା ସମ୍ଭବତଃ ନବୀନଙ୍କ ୟୁଏସ୍‌ପି ବୋଲି କୁହାଯାଉଛି। ଭଡ଼ଭଡ଼ ହୋଇ କହିବା ଅପେକ୍ଷା ଧୈର୍ଯ୍ୟର ସହ ଜଟିଳ ସ୍ଥିତିର ମୁକାବିଲା କରିବାରେ ଭାରତୀୟ ରାଜନୀତିକୁ ସେ ଦେଖାଇଛନ୍ତି ନୂଆ ବାଟ। କ୍ରୀଡ଼ାକୁ ମାଧ୍ୟମ କରି ସେ ରାଜନୀତିର ଧାରା ବଳାଇଦେଇ ଓଡ଼ିଶାକୁ ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ କରିଦେଇଛନ୍ତି। ଅନ୍ୟ କେହି ଜାତୀୟ ସ୍ତରୀୟ ରାଜନେତା ଯେଉଁ ବିଷୟକୁ ଅଣଦେଖା କରି ଚାଲିଥାଆନ୍ତି, ନବୀନ ସୂକ୍ଷ୍ମ ବିଷୟବସ୍ତୁକୁ ଉପଯୁକ୍ତ ସମୟରେ ଉପସ୍ଥାପନ କରି ପ୍ରବୀଣ ପାଲଟିଛନ୍ତି।






# ନମ୍ର ନବୀନ



ସ୍ଥିର ଶାସନର ସ୍ଥପତି ନବୀନ ପଟ୍ଟନାୟକ। ସମକାଳୀନ ରାଜନୀତିରେ ଜଣେ ସମର୍ଥ ସବ୍ୟସାଚୀ। ଅସାଧାରଣ ତାଙ୍କ ନେତୃତ୍ୟ। ଈର୍ଷଣୀୟ ତାଙ୍କ ବ୍ୟକ୍ତିତ୍ୱ। ପ୍ରାୟତଃ ଚଉଠେ ଶତାବ୍ଦୀ ଧରି ଓଡ଼ିଶା ରାଜନୀତିକୁ ଆଚ୍ଛନ୍ନ କରି ରଖିଥିବା ଏହି ଅପ୍ରତିଦ୍ୱନ୍ଦ୍ୱୀ ଓ ନିର୍ବିବାଦୀୟ ନେତା ଯେମିତି ନମ୍ର, ସେମିତି ନିଷ୍କଳଙ୍କ। ରାଜନୀତିରେ ରୁଚି ନ ଥାଇ ମଧ୍ୟ ଓଡ଼ିଶାବାସୀଙ୍କ ଶ୍ରଦ୍ଧା, ଆଗ୍ରହ ଓ ଅନୁରୋଧକୁ ଏଡ଼ି ନ ପାରି ରାଜନୀତି ରଣାଙ୍ଗନକୁ ଆସିଥିଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ (୧୯୯୭) ପରେ। ଗୋଟାଏ ଆଞ୍ଚଳିକ ଦଳର ନେତୃତ୍ୱ ନେଇ ପ୍ରଥମେ କେନ୍ଦ୍ରମନ୍ତ୍ରୀ (୧୯୯୮) ଓ ତା'ର ଦୁଇବର୍ଷ ପରେ ଅନୁଷ୍ଠିତ ସାଧାରଣ ନିର୍ବାଚନ (୨୦୦୦)ରେ ଦଳ ପାଇଁ ବିପୁଳ ବିଜୟ ଆଣିଦେଇ ପିନ୍ଧିଲେ ମୁଖ୍ୟମନ୍ତ୍ରୀ ମୁକୁଟ। କଳା ସାହିତ୍ୟର ପ୍ରତିଷ୍ଠା ଓ ପରିଚୟରୁ ବାହାରି ଓଡ଼ିଶା ରାଜନୀତିର ଅସ୍ଥିର ଇତିହାସରେ ଯୋଡ଼ିଲେ ସ୍ଥିରତାର ଫର୍ଦ୍ଦ। ସେବେଠାରୁ ସେ ଅତିକ୍ରମ କରିଚାଲିଛନ୍ତି ସଫଳତାର ସୋପାନ ପରେ ସୋପାନ। ଯେଉଁମାନେ ଦିନେ ନବୀନଙ୍କୁ ନବାଗତ କହି ନାପସନ୍ଦ କରୁଥିଲେ, ସେମାନଙ୍କୁ ଆଜି ହତଚକିତ କରିଛି ତାଙ୍କ ଅସାମାନ୍ୟ ସଫଳତା। ଆଉ ମାତ୍ର କେଇ ପାଦ ପରେ ମୁଖ୍ୟମନ୍ତ୍ରୀ ଭାବରେ ଲମ୍ବା ସମୟ ଧରି ରହିଥିବା ପଶ୍ଚିମବଙ୍ଗର ଜ୍ୟୋତି ବସୁ (୨୩ ବର୍ଷ ୪ ମାସ) ଓ ସିକ୍କିମ୍‌ର ପବନ କୁମାର ଚାମ୍‌ଲିଙ୍ଗ (୨୪ ବର୍ଷ ୪ ମାସ)ଙ୍କୁ ଅତିକ୍ରମ କରି ଓଡ଼ିଶା ରାଜନୀତି ଇତିହାସରେ ଯୋଡ଼ିବେ ଏକ ନୂଆ ଅଧ୍ୟାୟ।

ଏକଥା ସତ୍ୟ ଯେ, ରାଜନୈତିକ ଯାତ୍ରାରେ ସମୟର ଦୀର୍ଘତା ନୁହେଁ; ସଫଳତା ହିଁ ଗୁରୁତ୍ୱପୂର୍ଣ୍ଣ। ଏହି ଦୃଷ୍ଟିରୁ ବିଚାର କଲେ ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ଲୋକଙ୍କ ବିଶ୍ୱାସ ଓ ଭରସାକୁ ଜିଣି ଏବଂ ଓଡ଼ିଶା ବିକାଶ କ୍ରମରେ ଯୋଡ଼ିଛନ୍ତି ସଫଳତାର ନୂଆ ନୂଆ ଫର୍ଦ୍ଦ। ସେହି ସଫଳତା ଯୋଗୁ ବିଜୁବାବୁଙ୍କ ନାମକୁ ମୂଳାଧାର କରି ଗଠନ ହୋଇଥିବା ବିଜୁ ଜନତା ଦଳ ପାଇଁ ଖୁବ୍ କମ୍ ଦିନ ମଧ୍ୟରେ ପରିଚୟ ପାଲଟିଗଲେ ନବୀନ ପଟ୍ଟନାୟକ। ପ୍ରଥମଥର ପାଇଁ ସେ ଯେବେ ମୁଖ୍ୟମନ୍ତ୍ରୀ ଭାବେ (୨୦୦୦) ଶପଥ ନେଲେ, ସେତେବେଳେ ପ୍ରଳୟଙ୍କରୀ ମହାବାତ୍ୟା (୧୯୯୯) ତାଣ୍ଡବରେ ଭାଙ୍ଗିପଡ଼ିଥିଲା ଓଡ଼ିଶାର ମେରୁଦଣ୍ଡ। ରାଜ୍ୟର ଦେବାଳିଆ ଆର୍ଥିକ ସ୍ଥିତି କାରଣରୁ ନିୟମିତ ଦରମା ପାଇପାରୁ ନ ଥିଲେ କର୍ମଚାରୀ। ସ୍ଥିତି ସଜାଡ଼ିବା ପାଇଁ କଠୋର ଆର୍ଥିକ ଶୃଙ୍ଖଳା ଭିତରେ ଅତିବାହିତ ହୋଇଥିଲା ତାଙ୍କର ପ୍ରଥମ ପାଞ୍ଚ ବର୍ଷର ପାଳି। ଦ୍ୱିତୀୟ ପାଳି ଆରମ୍ଭରୁ ରାଜସ୍ୱ ଆୟ ବୃଦ୍ଧି ହେବା ସହିତ ନିୟନ୍ତ୍ରଣକୁ ଆସିଲା ବିତ୍ତୀୟ ନିଅଣ୍ଟ। ସେ ପର୍ଯ୍ୟନ୍ତ ଏକ ଲମ୍ବା ସମୟ ଧରି ଓଡ଼ିଶା ଥିଲା ଗୋଟିଏ ଅନାହାର ମୃତ୍ୟୁପ୍ରବଣ ରାଜ୍ୟ। ଦାରିଦ୍ର୍ୟ ଓ ଅନଗ୍ରସରତା ପାଇଁ ଓଡ଼ିଶା ନିନ୍ଦିତ ହେଉଥିଲା ବିଶ୍ୱ ଦରବାରରେ। ଖାଦ୍ୟାଭାବର ଏହି ଦୟନୀୟ ଚିତ୍ରକୁ ବଦଳାଇବା ପାଇଁ ସେ ଏକ ଯୋଜନା (୨୦୦୮) ଆଣି କ୍ଷୁଧାର୍ତ୍ତ ଓ ଅନାହାର ପୀଡ଼ିତଙ୍କୁ ରିହାତି ମୂଲ୍ୟରେ ଯୋଗାଇଦେଲେ ଖାଦ୍ୟଶସ୍ୟ। ତାଙ୍କର ଏହି କଲ୍ୟାଣକାରୀ ଯୋଜନାକୁ ଅନୁସରଣ କରି ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ପ୍ରଣୟନ କଲେ ଖାଦ୍ୟ ସୁରକ୍ଷା (୨୦୧୩) ଆଇନ।

କୃଷି ଓ କୃଷକର ଉନ୍ନତି ନିମନ୍ତେ ସେ ପ୍ରଥମକରି ପ୍ରସ୍ତୁତ କଲେ ସ୍ୱତନ୍ତ୍ର କୃଷି ବଜେଟ। କୃଷି ସହିତ ଜଳସେଚନ, ମତ୍ସ୍ୟଚାଷ, ପଶୁପାଳନ ଓ ସମବାୟ ଆଦି କ୍ଷେତ୍ରକୁ ନେଇ ଗଠନ ହେଲା କୃଷି କ୍ୟାବିନେଟ୍। ଅନୁସୂଚିତ ଜନଜାତି ଲୋକଙ୍କ ବିକାଶ ନିମନ୍ତେ ନଅଟି ଆଦିବାସୀବହୁଳ ଜିଲାରେ ଗଠନ ହେଲା ସ୍ୱତନ୍ତ୍ର ବିକାଶ ପରିଷଦ। ତାକୁ ସାମ୍ବିଧାନିକ ମାନ୍ୟତା ମିଳିବା ସହିତ ଜନଜାତି ଉନ୍ନତି ପାଇଁ ମଞ୍ଜୁର ହେଲା ସ୍ୱତନ୍ତ୍ର ଅର୍ଥ ରାଶି। ଆର୍ଥିକ କ୍ଷେତ୍ରରେ ମହିଳା ସଶକ୍ତୀକରଣ ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେଲା ମିଶନ ଶକ୍ତି ପ୍ରକଳ୍ପ। ରାଜନୀତି କ୍ଷେତ୍ରରେ ମହିଳାଙ୍କ ସକ୍ରିୟ ଅଂଶ ଗ୍ରହଣ ପାଇଁ ପଞ୍ଚାୟତ ସ୍ତରରେ ରହିଲା ପଚାଶ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା।

ବିପଦବେଳେ ଜଣାପଡ଼େ ନେତୃତ୍ୱର ଅସଲ ଛବି। ଫାଇଲିନ୍ ହେଉ କି ହୁଦ୍‌ହୁଦ୍ ହେଉ ସବୁ କ୍ଷେତ୍ରରେ ସେ ଲୋକଙ୍କ ପାଖରେ ପହଞ୍ଚି ସାଉଁଟିଛନ୍ତି ଅଜସ୍ର ପ୍ରଶଂସା। ଆଗୁଆ ପ୍ରସ୍ତୁତି ଓ ପଦକ୍ଷେପ ବଳରେ ଲୋକଙ୍କ ଧନଜୀବନ ରକ୍ଷା କରି ସାରା ବିଶ୍ୱକୁ ଦେଖେଇଛନ୍ତି ବିପର୍ଯ୍ୟୟ ମୁକାବିଲାର ବାଟ। 'ଅର୍ଥନୀତି ନୁହେଁ, ଜୀବନ ବଡ଼' – ଏହି ବିଚାରଧାରା ନେଇ ସେ ମହାମାରୀ କୋଭିଡ୍‌କୁ ମୁକାବିଲା କରିଛନ୍ତି ସଫଳତାର ସହ। ଦେଶର ବିଭିନ୍ନ ରାଜ୍ୟକୁ ଅମ୍ଳଜାନ ସିଲିଣ୍ଡର ଯୋଗେଇ ଦେଇ ସାଉଁଟିଛନ୍ତି ଅଜସ୍ର ପ୍ରଶଂସା।

ସାହାରା ଇଣ୍ଡିଆ ହାତ ଛାଡ଼ି ଦେବା ପରେ ବେସାହାରା ହୋଇପଡ଼ିଥିବା ଭାରତୀୟ ହକିକୁ ସାହାରା ହୋଇ ତାକୁ ଦେଇଛନ୍ତି ନୂଆ ଜୀବନ। କ୍ରୀଡ଼ାକୁ ନେଇ ରାଜନୀତି ହେବା କିଛି ନୂଆ କଥା ନୁହେଁ, ମାତ୍ର ଏଠି ପ୍ରଥମଥର ପାଇଁ କ୍ରୀଡ଼ା ବଦଳାଇ ଦେଲା ରାଜନୀତିର ଧାରା। ଟୋକିଓ ଅଲିମ୍ପିକ୍‌ରେ ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରଦର୍ଶନ ଭାରତୀୟ ରାଜନୈତିକ ଦୃଶ୍ୟପଟରେ ଆଣିଲା ନୂଆ ସମୀକରଣ। କାରଣ ଓଡ଼ିଶାରେ ବିଶ୍ୱ କପ୍ ହକି ଆୟୋଜନଠାରୁ ଆରମ୍ଭ କରି ସୁନ୍ଦରଗଡ଼ରେ ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ ପର୍ଯ୍ୟନ୍ତ କ୍ରୀଡ଼ାର ବିକାଶ ପାଇଁ ନବୀନ ପଟ୍ଟନାୟକ ଅନେକ କିଛି କରିଥିଲେ ବି କୌଣସି ପ୍ରତିଷ୍ଠାନକୁ ନିଜ ନାମରେ ନାମିତ କରିନାହାନ୍ତି କି କେଉଁ ଅନୁଷ୍ଠାନର ନାମ ପରିବର୍ତ୍ତନ କରିନାହାନ୍ତି ରାଜନୈତିକ ସଂକୀର୍ଣ୍ଣତାର ବଶବର୍ତ୍ତୀ ହୋଇ। ଆଭିଜାତ୍ୟର ଆଢୁଆଳରେ ସେ ହେଉଛନ୍ତି ସରଳତାର ପ୍ରତୀକ। ସାଧାରଣତଃ ସମୟ ଓ କ୍ଷମତା ସହିତ ତାଳଦେଇ ବଦଳିଯାଏ ମଣିଷ। ମାତ୍ର କ୍ଷମତାର ଶୀର୍ଷରେ ଥାଇ ଅପରିବର୍ତ୍ତିତ ରହିଛି ତାଙ୍କ ଶାନ୍ତ ସରଳ ଜୀବନଶୈଳୀ। ଏହି ସାଦାସିଧା ଚାଲିଚଳଣ ଓ ଜୀବନଶୈଳୀ ହିଁ ବଢ଼ାଇଦିଏ ତାଙ୍କ ବ୍ୟକ୍ତିତ୍ୱର ଉଚ୍ଚତା।

ସହଯୋଗ ଓ ସହମତି ରାଜନୀତିରେ ବିଶ୍ୱାସ କରୁଥିବା ନବୀନ ପଟ୍ଟନାୟକଙ୍କୁ କେବେ ରାଜନୈତିକ ସଂକୀର୍ଣ୍ଣତା ସ୍ପର୍ଶ କରି ନ ଥିବାରୁ ତାଙ୍କୁ ଯିଏ ଯେତେ ସମାଲୋଚନା କଲେ ବି ସେ ପଦୁଟିଏ ଉଚ୍ଚାରଣ କରନ୍ତିନି କାହା ବିରୋଧରେ। କଥା ନୁହେଁ, କେବଳ କାମରେ ବିଶ୍ୱାସ ରଖୁଥିବା ନବୀନ କୌଣସି ବିତର୍କ ଭିତରକୁ ନ ପଶି କେବଳ କାମ କରିଚାଲନ୍ତି ଜଣେ ନୀରବ ନାୟକ ଭାବରେ। ଏହା ହିଁ ଅମାପ କ୍ଷମତା ନେଇ ଶୀର୍ଷ ଆସନରେ ବସିଥିବା ନବୀନଙ୍କର ଉଦାରପଣ ଓ ନମ୍ରତାର ନମୁନା।

ତାଙ୍କ ରାଜନୈତିକ ଜୀବନକୁ ବହୁ ଭାବରେ ପ୍ରଭାବିତ କରିଛି ଅହିଂସାର ପୂଜାରୀ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶ। ତାଙ୍କ ମତରେ ଗାନ୍ଧିଜୀଙ୍କ ଅହିଂସା ତତ୍ତ୍ୱ ଭାରତ ସମ୍ବିଧାନର ମୁଖବନ୍ଧରେ ବି ସ୍ଥାନ ପାଇବା ଉଚିତ୍। ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଇଁ ଦିଲ୍ଲୀରେ ଆୟୋଜିତ ଆଲୋଚନାଚକ୍ରରେ ଏହି କଥା ସେ କହିଥିଲେ, ଯାହା ଥିଲା ଏକ ଐତିହାସିକ ଓ ଯୁଗାନ୍ତକାରୀ ପ୍ରସ୍ତାବ। ଜଣେ ଗାନ୍ଧିବାଦୀ ଭାବରେ ଖୁବ୍ ଉଜ୍ଜ୍ୱଳ ଦିଶେ ତାଙ୍କର ଧର୍ମନିରପେକ୍ଷ ଭାବମୂର୍ତ୍ତି। ମୌଳିକ ଅନ୍ତର୍ଦୃଷ୍ଟିସଂପନ୍ନ ରାଜନୀତି ବିଜ୍ଞାନୀ ଓ ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଡ.ଅରୁଣ ପଟ୍ଟନାୟକ କହନ୍ତି- 'ମୁଖ୍ୟତଃ କଥାବାର୍ତ୍ତା ଜରିଆରେ କନ୍ଧମାଳ ପ୍ରସଙ୍ଗର ସମାଧାନ ସମ୍ଭବ କରାଇ ନବୀନ ବାବୁ ନିଜ ରାଜନୈତିକ ପ୍ରଜ୍ଞାର ପରିଚୟ ଦେଇଥିଲେ, ଯାହାକି ଧର୍ମନିରପେକ୍ଷ ଓ ବହୁବାଦୀ ଗଣତନ୍ତ୍ରର ଅବିଚ୍ଛେଦ୍ୟ ଓ ଜୈବିକ ଅଙ୍ଗ।' ନୋବେଲ ବିଜେତା ତଥା ତିବ୍ବତୀୟ ଆଧ୍ୟାତ୍ମିକ ଜନନାୟକ ଦଲାଇଲାମାଙ୍କ ମତରେ, ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଗଣତାନ୍ତ୍ରିକ ଭଙ୍ଗୀରେ ଓ ପ୍ରକ୍ରିୟାରେ ଲୋକଙ୍କ ଆସ୍ଥା ଓ ସମ୍ମାନ ଅର୍ଜନ କରିଥାନ୍ତି, ଯାହା ଗଣତନ୍ତ୍ରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନବୀନଙ୍କର ଏହି ଗଣତାନ୍ତ୍ରିକ ବିଚାରଧାରା, ନିର୍ମଳ ଭାବମୂର୍ତ୍ତି ଓ ବୁଦ୍ଧିଦୀପ୍ତ ସ୍ଥିତପ୍ରଜ୍ଞତା ବଳରେ ସେ ଆଦ୍ୟରୁ ଅଦ୍ୟାବଧି ଅପରାଜେୟ ହୋଇ ରହିଛନ୍ତି। ବିରୋଧୀଙ୍କ ହଜାର ସମାଲୋଚନା ସତ୍ତ୍ୱେ ସେ ଲୋକଙ୍କ ମନରେ ଯେଉଁ ପ୍ରଭାବୀ ବିଶ୍ୱାସଟିଏ ଜନ୍ମାଇବାକୁ ସକ୍ଷମ ହୋଇଛନ୍ତି, ତାହା ହିଁ ତାଙ୍କ ସଫଳତାର ଚାବିକାଠି। ବାସ୍ତବରେ ସ୍ଥିରତା ଓ ବିକାଶର ନୂଆ ପରିଭାଷା ତିଆରି କରି ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଯେମିତି ଉଦାହରଣ ପାଲଟିଛନ୍ତି, ସେମିତି ଲୋକଙ୍କ ହୃଦୟରେ ଏକ ଛାପ ଛାଡ଼ିଦେଇ ତିଆରି କରିଛନ୍ତି ଏକ ନିଆରା ପରିଚୟ। ତେଣୁ ୨୨ ବର୍ଷର ଶାସନ ଅବଧି ମଧ୍ୟରେ ତାଙ୍କ ନେତୃତ୍ୱର ଆକାର ଯେତିକି ବିସ୍ତୃତି ଲାଭ କରିଛି, ସେତିକି ବଢ଼ିଛି ତାଙ୍କ ବ୍ୟକ୍ତିତ୍ୱର ଆକର୍ଷଣ।

-ଡ. ପ୍ରଫୁଲ୍ଲ କୁମାର ସାହୁ
ପ୍ରାକ୍ତନ କଲେଜ ଅଧ୍ୟକ୍ଷ,
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪



















## ସରକାରୀ ସ୍କୁଲକୁ ବେଞ୍ଚ ଡେକ୍ସ ପ୍ରଦାନ

ସମ୍ବଲପୁର (ବ୍ୟୁରୋ): ସମ୍ବଲପୁର ମୁଦିପଡ଼ା ସରକାରୀ ସ୍କୁଲକୁ ସାମାଜିକ ଅନୁଷ୍ଠାନ ଇନର ହ୍ୱିଲ କ୍ଲବ ସମ୍ବଲପୁର ସିଟି ପକ୍ଷରୁ ଶନିବାର ୧୦ଗୋଟି ବେଞ୍ଚ ଡେକ୍ସ ପ୍ରଦାନ କରାଯାଇଛି। ଏହି ଅବସରରେ ଇନର ହ୍ୱିଲ ଜିଲା ଅଧକ୍ଷା ଟି ଚିରଞ୍ଜୀବି, ସ୍କୁଲର କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ଅନୁଷ୍ଠାନର ସଭାପତି ଶୋଭାଗିନୀ ପଟେଲ, ସମ୍ପାଦକ ମମତା ବାରିକ, ସୁନିତା ରଥ, ଲକ୍ଷ୍ମୀ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଏହି ପ୍ରକ୍ରିୟା ଆଗକୁ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଯୁଯୁମୁରା ବ୍ଲକ ହାତୀବାରିଠାରେ ରକ୍ତଦାନ ଶିବିର, ପୂର୍ବାହ୍ନ ୧୧ଟା ।
- ଫିଫା ଜିଲାସ୍ତରୀୟ ଆନ୍ତଃ ବ୍ଲକ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ, ହାୱା ମଇଦାନ, ଅପରାହ୍ନ ୨ଟା ।

## ସଂକ୍ଷେପରେ

### ବୃଦ୍ଧଙ୍କ ଆତ୍ମହତ୍ୟା

ଝାରସୁଗୁଡ଼ା ଅଫିସ,୧୫।୧୦: ଝାରସୁଗୁଡ଼ ସଦର ଥାନା ଅନ୍ତର୍ଗତ ପଞ୍ଚପଡା ୱାର୍ଡ ନଂ ୮ରେ ଜଣେ ବୃଦ୍ଧ ମାନସିକ ଭାରସାମ୍ୟ ହରାଇ ଘର ବାରଣ୍ଡାରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରୁଦ୍ରାକ୍ଷ ଦେହେରି(୬୦)। ମୃତକଙ୍କ ଭଣଜା ଶତ୍ରୁଘ୍ନ ସିଂହଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସଏକ ଅପମୃତ୍ୟୁ ମାମଲା (ନଂ୨୭/୨୨) ରୁଜୁକରି ତଦନ୍ତ ଚଳାଇଛି।

### ନଭେମ୍ବର ୧୨ରେ ସମ୍ବଲପୁର ଲିଟିଲ ମିସ୍ ଓ ମାଷ୍ଟର

ସମ୍ବଲପୁର,୧୫।୧୦(ବ୍ୟୁରୋ): ସାଇ ଶିକ୍ଷା ପରିଷଦ ଆୟୋଜନରେ ଆସନ୍ତା ନଭେମ୍ବର ୧୨ ଓ ୧୩ ତାରିଖ ସାଂସ୍କୃତିକା କାର୍ଯ୍ୟକ୍ରମ ବୁଢ଼ାରଜା ଉଚ୍ଚବିଦ୍ୟାଳୟ ପଡ଼ିଆଠାରେ ଆୟୋଜିତ ହେବ। ଏ ନେଇ ଅଇଁଠାପାଲି ଏଲ୍ଆଇସି ମଣ୍ଡଳ ଅଫିସ ନିକଟରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକା ଅଧକ୍ଷ ଶିକ୍ଷାବିତ ଭକ୍ତ ପ୍ରସାଦ ନନ୍ଦଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଆବାହକ ସପନ କୁମାର ମିଶ୍ର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ସାଂସ୍କୃତିକା ସହ ସମ୍ବଲପୁର ଲିଟିଲ ମିସ ଓ ଲିଟିଲ ମାଷ୍ଟର-୨୦୨୨ ନଭେମ୍ବର ୧୨ରେ କରାଯିବ। ତେଣୁ ନଭେମ୍ବର ୬ରେ ଫାର୍ମ ରୋଡ୍ସ୍ଥିତ ସିଟି ସେଣ୍ଟରଠାରେ ଅଡିସନ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ସେହିପରି ନଭେମ୍ବର ୧୩ ତାରିଖରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ସାଂସ୍କୃତିକା ସମ୍ମାନ, ପ୍ରଭୁଦତ୍ତ ସମ୍ମାନ ଓ ଯୁବ ପ୍ରତିଭା ସମ୍ମାନ ୨୦୨୨ ପ୍ରଦାନ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ଅନ୍ୟମାନଙ୍କ ମଧରେ ଗୋଲକ ବିହାରୀ ମିଶ୍ର, ନନ୍ଦକିଶୋର ସାହୁ, ରାମାଶିଷ ତ୍ରିପାଠୀ, ସଦାନନ୍ଦ ପଣ୍ଡା, ସମୀର ରଞ୍ଜନ ବାବୁ, ମନୋଜ ପ୍ରଧାନ, ଅନୁଜ ଜେନା ଆଲୋଚନାରେ ଭାଗ ନେଇଥିଲେ।

### ଓଡ଼ିଶା ସାଂସ୍କୃତିକ ସମାଜର ପ୍ରତିଷ୍ଠା ଦିବସ

ସମ୍ବଲପୁର,୧୫।୧୦(ବ୍ୟୁରୋ): ଓଡ଼ିଶା ସାଂସ୍କୃତିକ ସମାଜର ୫୨ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ରାତିରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଶୋକ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ଉପସମିତିର ଆବାହକ ଡ. ଗୌରିଦାସ ପଧାନ, ଅଖିଳ ପଟ୍ଟନାୟକ, ଦିଲୀପ କୁମାର ବଘାର ଆଲୋଚନା କରିଥିଲେ। ଉପସଭାପତି ସୂର୍ଯ୍ୟ ପାଣିଗ୍ରାହୀ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ବିବରଣୀ ଦେଇଥିଲେ। କୋଷାଧକ୍ଷ ଦୀନବନ୍ଧୁ ପଣ୍ଡା ଆୟବ୍ୟୟ ଉପସ୍ଥାପନ କରିଥିଲେ। ସହସମ୍ପାଦକ ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ଉପସଭାପତି ଶିବନାରାୟଣ ପାଣିଗ୍ରାହୀ, ସହସମ୍ପାଦକ ସବ୍ୟସାଚୀ ମିଶ୍ର, କାର୍ଯ୍ୟାଳୟ ସମ୍ପାଦକ ଲୋକନାଥ ପାଣ୍ଡେ, ସଭ୍ୟ ଅରବିନ୍ଦ ମହାପାତ୍ର, ରଘୁନାଥ ମିଶ୍ର, ଡ. ଶ୍ୟାମସୁନ୍ଦର ଧର, ଡ. ପରେଶ ଦାନି, ଅଶୋକ ପ୍ରଧାନ, ରମାନୁଜ ପଣ୍ଡା, ସରୋଜ ଦାଶ ପ୍ରମୁଖ ମତାମତ ରଖିଥିଲେ।

### ବିର୍ସା ମୁଣ୍ଡା ଜୟନ୍ତୀ ପ୍ରସ୍ତୁତି ବୈଠକ

କୁଚିଣ୍ଡା,୧୫।୧୦(ଡି.ଏନ.ଏ.): କୁଚିଣ୍ଡାରେ ଜିଲାସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ପାଳନ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ହୋଇଥିବା ବୈଠକରେ ସଂଘର ସାଧାରଣ ସମ୍ପାଦକ ଅକ୍ଷୟ ଭୋଇ, ଉପସଭାପତି କରୁଣାକର କିଷାନ, ଜିଲା ବିସାମୁଣ୍ଡା ଜୟନ୍ତୀ ଉତ୍ସବ ପାଳନ କମିଟି ସଭାପତି ଉଷମାନ ମୁଣ୍ଡା, ରାଜ୍ୟ ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରୀ ସଭାପତି ଭଦ୍ର ଚରଣ କିଷାନ ସମେତ କୁଚିଣ୍ଡା, ବାମରା, ଜମନକିରା ବ୍ଲକର କର୍ମକର୍ତ୍ତାଗଣ ଯୋଗଦାନ କରି ଏହି ଉତ୍ସବ ଆଡମ୍ବର ସହକାରେ ପାଳନ କରିବା ପାଇଁ ମତପୋଷଣ କରିଥିଲେ। ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ଉତ୍ସବକୁ ସଫଳ କରିବା ପାଇଁ କରୁଣାକର କିଷାନଙ୍କୁ ଆବାହକ, ବୀଣାପାଣି ନାଏକଙ୍କୁ ଆବାହିକା, ଅକ୍ଷୟ ଭୋଇଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।

# ପରୀକ୍ଷା ନ ଦେଇ ପାସ୍, ଦେଇ ଫେଲ୍

- କାହାର ଭୁଲ ପାଇଁ ଛାତ୍ରଙ୍କ ଭବିଷ୍ୟତ ନଷ୍ଟ
- ମିଳିଲାନି ସାର୍ଟିଫିକେଟ, କଲେଜ ପଢ଼ାରୁ ବଞ୍ଚିତ

ସମ୍ବଲପୁର,୧୫।୧୦(ବ୍ୟୁରୋ)


ପରିବାର ସଦସ୍ୟଙ୍କ ସହ ଛାତ୍ର ଆଶିଷ ଭଇଁସା।

ଜଣେ ଛାତ୍ର ଆଦୌ ସ୍କୁଲକୁ ଯାଇନାହାନ୍ତି। ପରୀକ୍ଷା ହଲରେ ବି ବସିନାହାନ୍ତି। ହେଲେ ଉକ୍ତ ଛାତ୍ର ପାସ୍ କରିଛନ୍ତି। ଅନ୍ୟପକ୍ଷେ ଜଣେ ଛାତ୍ର ପରୀକ୍ଷା ଦେଇ ପାସ୍ କରିଥିଲେ ହେଁ ବୋର୍ଡ ସାର୍ଟିଫିକେଟ ପାଇନାହାନ୍ତି । ସ୍କୁଲ କର୍ତ୍ତୃପକ୍ଷ, ପରୀକ୍ଷା କେନ୍ଦ୍ର ଓ ବୋର୍ଡ ଅଫିସର ଅବହେଳା ଯୋଗୁ ଛାତ୍ରଙ୍କ ଭବିଷ୍ୟତ ନଷ୍ଟ ହେବାକୁ ବସିଛି। ଏଭଳି ଘଟଣା ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କସ୍ତୁରବା ଗାନ୍ଧୀ ମାତୃ ନିକେତନ ହାଇସ୍କୁଲ (କେଜିଏମ୍ଏନ୍)ରେ ଘଟିଛି ।

ମିଳିଥିବା ସୂଚନା ମୁତାବକ, ସ୍କୁଲରେ ଆଶିଷ ଭଇଁସା ଓ ଆଶିଷ ଭଇଁସାଲ ନାମକ ଦୁଇଜଣ ଛାତ୍ର ଗୋଟିଏ ଶ୍ରେଣୀରେ ପାଠ ପଢୁଥିଲେ। ଆଶିଷ ଭଇଁସାଲ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ଆଶିଷ ଭଇଁସା ମାଟ୍ରିକ ପରୀକ୍ଷା ଦେଇଥିଲେ। ହେଲେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଆଶିଷ ଭଇଁସାଲ ପାସ୍ କରିଥିବା ଜଣାପଡିଛି। ପରୀକ୍ଷା ଦେଇଥିବା ଆଶିଷ ଭଇଁସାଙ୍କ ନାମ ପରୀକ୍ଷା ଫଳ ତାଲିକାରେ ପ୍ରକାଶ ପାଇ ନ ଥିଲା। ଏହି ଘଟଣା ଜୁଲାଇ ମାସରୁ ଜଣାପଡିଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ କିମ୍ବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏହାର ସମାଧାନ କରାଯାଇ ପାରିନାହିଁ। କେବଳ ଶିକ୍ଷା ବିଭାଗ ଓ କଟକ ବୋର୍ଡ ଅଫିସକୁ ଚିଠି କରାଯାଇଛି। ସାର୍ଟିଫିକେଟ ଆସିଲେ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଉଛି। ଏଭଳି ପରିସ୍ଥିତିରେ ଆଶିଷ ଭଇଁସା କୌଣସି କଲେଜରେ ନାମ ଲେଖାଇ ପାରିନାହାନ୍ତି। ତାଙ୍କର ଏକବର୍ଷ ପାଠ୍ୟକ୍ରମ ନଷ୍ଟ ହୋଇଯାଇଛି। ଯଦି ଅରିଜିନାଲ ସାର୍ଟିଫିକେଟ ନ ମିଳିବ ତେବେ ଆଗାମୀ ଦିନରେ କଲେଜରେ ନାଁ ଲେଖାଇବାରେ ବାଧା ସୃଷ୍ଟି ହେବ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି । ଏଭଳି ଏକ ସମ୍ବେଦନଶୀଳ ଘଟଣା ସ୍କୁଲ କର୍ତ୍ତୃପକ୍ଷ କିଭଳି ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନ ଉଠୁଛି। ପରୀକ୍ଷା ହଲରେ ମଧ ପରୀକ୍ଷା ନିୟନ୍ତ୍ରକ ଯାଞ୍ଚ କରିବାରେ ତ୍ରୁଟି ଥିବା ପରିଲକ୍ଷିତ ହେଉଛି। ପରୀକ୍ଷା କେନ୍ଦ୍ରକୁ ଯିବା ସମୟରେ କଡ଼ାକଡ଼ି ଯାଞ୍ଚ କରାଯାଏ। ସେଠାରେ କିଭଳି ଯାଞ୍ଚ କରାଗଲା ନାହିଁ ବୋଲି ପ୍ରଶ୍ନ ହେଉଛି। ସ୍କୁଲ କର୍ତ୍ତୃପକ୍ଷ ଉପଯୁକ୍ତ ସମୟରେ ପଦକ୍ଷେପ ନେଇଥିଲେ ଏହାର ସମାଧାନ ହୋଇପାରିଥାନ୍ତା। ସେମାନଙ୍କ ଅବହେଳାକୁ ଦାୟୀ କରିଛନ୍ତି ଛାତ୍ରଙ୍କ ପରିବାର। ଏ ସମ୍ପର୍କରେ ସ୍କୁଲ ପ୍ରଧାନଶିକ୍ଷକ ଗିରିଧାରୀ ଡନସନା କହିଛନ୍ତି, ପ୍ରକାଶିତ ପରୀକ୍ଷା ଫଳର ଅରିଜିନାଲ ସାର୍ଟିଫିକେଟ ଆମର ହସ୍ତଗତ ହୋଇଥିଲା। ସମସ୍ତ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ହେଲେ ଜଣେ ଛାତ୍ରଙ୍କୁ ସାର୍ଟିଫିକେଟ ଦେବାରେ ସମସ୍ୟା ସୃଷ୍ଟି ହୋଇଛି। ଏହାର ସମାଧାନ ପାଇଁ କଟକ ବୋର୍ଡ ଅଫିସ ଓ ସମ୍ବଲପୁର ଜିଲା ଶିକ୍ଷାଧିକାରୀଙ୍କୁ ଅନୁରୋଧ କରାଯାଇଛି। ଖୁବ୍‌ଶୀଘ୍ର କଟକ ଯାଇ ପାସ୍ କରିଥିବା ଛାତ୍ରଙ୍କ ନାମରେ ଏକ ସାର୍ଟିଫିକେଟ ଅଣାଯାଇ ପ୍ରଦାନ କରାଯିବ। ଏହି ଘଟଣା ଭୁଲବଶତଃ ହୋଇଛି। ଏଥିପାଇଁ ଆମେ ଚିନ୍ତାରେ ଅଛୁ । ଶୀଘ୍ର ଏହାର ସମାଧାନ କରାଯିବ। ଯୁଯୁମୁରା ପୋଲିସ ପାଖରେ ମଧ ଘଟଣା ସମ୍ପର୍କରେ ଅଭିଯୋଗ କରାଯାଇଥିବା ସେ କହିଛନ୍ତି।

## ବିଭ୍ରାନ୍ତିକର ତଥ୍ୟ ଦେଉଛି ଟିପିଡବ୍ଲ୍ୟୁଓଡିଏଲ୍

ସମ୍ବଲପୁର,୧୩।୧୦(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ କମ୍ପାନୀ ଦାୟିତ୍ୱ ନେଇଛି। ଘରୋଇକରଣ ହେବାପରେ ଗ୍ରାହକଙ୍କୁ ସୁବିଧାରେ ସେବା ମିଳିବ ବୋଲି ଆଶା କରାଯାଉଥିଲା। ହେଲେ ଅନେକ ସମୟରେ ଗ୍ରାହକ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଶନିବାର କମ୍ପାନୀ ପକ୍ଷରୁ ବିଭ୍ରାନ୍ତିକର ତଥ୍ୟ ଦେବାରୁ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବିଦ୍ୟୁତ୍ କାଟ ଯୋଗୁ ପାଣି ସମସ୍ୟା ସହ ବ୍ୟବସାୟ ସ୍ଥଳ ଓ ଅନ୍ୟାନ୍ୟ ଅନୁଷ୍ଠାନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପୂର୍ବରୁ ଶନିବାର ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହେବା ନେଇ ସୂଚନା ଦିଆଯାଇଥିଲା। ହେଲେ ଶୁକ୍ରବାର କମ୍ପାନୀର କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ମନୋଜ ପଟ୍ଟନାୟକ ଗଣମାଧମକୁ ସୂଚନା ଦେଇଥିଲେ ଯେ, ବିଦ୍ୟୁତ୍ କାଟକୁ ସ୍ଥଗିତ କରାଯାଇଛି। ଏ ନେଇ ଗଣମାଧମରେ ଖବର ମଧ ପ୍ରକାଶ ପାଇଥିଲା। ତେବେ ପୂର୍ବରୁ ଧାର୍ଯ୍ୟ ସମୟରେ ବିଦ୍ୟୁତ୍‌କାଟ କରାଯାଇଥିଲା। କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି ଯେ, କେତେକ ସ୍ଥାନରେ ବିଦ୍ୟୁତ୍ କାଟ କରାଯାଇ ମରାମତି ହୋଇଥିଲା ଓ କେତେକ ସ୍ଥାନରେ ବିଦ୍ୟୁତ୍ ସରବରାହ ରହିଥିଲା। ହେଲେ ପୂର୍ବରୁ ଦିଆଯାଇଥିବା ସୂଚନା ଅନୁସାରେ ସମସ୍ତ ସ୍ଥାନରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ସୂଚନାଯୋଗ୍ୟ, ଅକ୍ଟୋବର ୧୨ରେ ପ୍ରେସ ବିବୃତିରେ କମ୍ପାନୀ ପକ୍ଷରୁ ଓପିଟିସିଏଲ୍‌ର ୧୩୨/୩୩କେଭି ଗଣେଶନଗର ଗ୍ରୀଡ୍ ସବ୍‌ଷ୍ଟେଶନରେ ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ୧୫ତାରିଖରେ କରାଯିବ। ଏହିଦିନ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ। ଗ୍ରାହକମାନେ ସହଯୋଗ କରିବାକୁ ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଅନୁରୋଧ କରିଥିଲେ।

# ଫୁଟବଲ : ଫାଇନାଲରେ ତୁମକେଲା

ରାଉରକେଲା ଅଫିସ,୧୫।୧୦


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିବୃନ୍ଦ।

ରାଉରକେଲା ସେକ୍ଟର-୧୫ ଖେଳ ପଡିଆରେ ୧୭ତମ ଦ୍ୱିଦିବସୀୟ ନକ୍ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ସାରଣା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଟୁର୍ନାମେଣ୍ଟକୁ ରାଉରକେଲା ପିଡବ୍ଲୁଡି ଅଧିକାରୀ ମନୋଜ କୁମାର ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଉରକେଲା ସମିତି ସଂଘର କାର୍ଯ୍ୟକାରୀ ସଭାପତି ହରିହର ରାଉତରାୟ, ସାଗରିକା ୱେଲଫେୟାର ଟ୍ରଷ୍ଟ ସଭାପତି ଜୟନ୍ତୀ ଦାସ, ଏସ୍ଏଚ୍‌ଜି ମହାସଂଘ ସମ୍ପାଦିକା ଗାୟତ୍ରୀ ରାଉତ, ସମ୍ପାଦକ ସନ୍ତୋଷ ତନ୍ତୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ସୁନ୍ଦରଗଡ ଜିଲାର ୧୬ଟି ଫୁଟ୍‌ବଲ ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ୍ ସେକ୍ଟର-୧୫ ସାରଣା ସ୍ପୋର୍ଟିଂ ଓ ରୁଗୁଡିଟୋଲା ବସ୍ତି ମଧ୍ୟରେ ଖେଳାଯାଇଥିଲା ଏବଂ ସାରଣା ସ୍ପୋର୍ଟିଂ ୧-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ସବାରା ସ୍ପୋର୍ଟିଂ ଓ ବୁଷ୍ଟର ଇଲେଭେନ ମଧ୍ୟରେ ଖେଳାଯାଇ ସବରା ସ୍ପୋର୍ଟିଂ ୩-୦ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ଡିଫେନ୍ସ ଏକାଡେମୀ ଓ ନ୍ୟାଶନାଲ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ପେନାଲଟି ସୁଟ୍‌ଆଟ୍‌ରେ ୪-୩ ଗୋଲରେ ଡିଭେନ୍ସ ଏକାଡେମୀ ବିଜୟୀ ହୋଇଥିଲା। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସାରଣା ସ୍ପୋର୍ଟିଂ ଓ ତୁମକେଲା ମଧ୍ୟରେ ହୋଇ ତୁମକେଲା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ସବେରା ସ୍ପୋର୍ଟିଂ ଓ ଡିଫେନ୍ସ ଏକାଡେମୀ ମଧ୍ୟରେ ଖେଳାଯାଇ ଡିଫେନ୍ସ ଏକାଡେମୀ ୨-୧ ଗୋଲରେ ବିଜୟୀ ହୋଇଥିଲା। ସେହିପରି ପ୍ରଥମ ସେମିଫାଇନାଲ ମ୍ୟାଚ୍ ଡିଭେନ୍ସ ଏକାଡେମୀ ଓ ତୁମକେଲା ମଧ୍ୟରେ ଖେଳା ଯାଇଥିଲା। ଏଥିରେ ତୁମକେଲା ଫୁଟ୍‌ବଲ ଦଳ ୨-୦ ଗୋଲରେ ଡିଫେନ୍ସ ଏକାଡେମୀକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି। ରେଫରି ବୀଣାପାଣି ବରୁଆ, ବାବଲି ଗଡନାୟକ, କମଲଭାନୁ କିସ୍କୁ, ରାଜକୁମାର ପାଣିଗ୍ରାହୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସାରଣା ସ୍ପୋର୍ଟିଂ କ୍ଲବ ସଭାପତି ଦଶମତ ହେମରମ୍, ଉପସଭାପତି ପିରୁ ହାଁସଦା, ଦୁଃଖୀରାମ ହାଁସଦା, ଲୁସା ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ଜିଲା ପରିଷଦ ସଭ୍ୟ ବିନୋଦ କୁମାର କୁଜୁର ଧନ୍ୟବାଦ ଅର୍ପଣ କରିଥିଲେ।

## ଡ. ଅବଦୁଲ କଲାମଙ୍କ ଜୟନ୍ତୀ

ସମ୍ବଲପୁର,୧୫।୧୦(ବ୍ୟୁରୋ)

ଭାରତର ପୂର୍ବତନ ରାଷ୍ଟ୍ରପତି ଡ.ଅବଦୁଲ କଲାମଙ୍କ ୯୨ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ସମ୍ବଲପୁର ଜିଲାସ୍କୁଲ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ସକାଳ ୮ଟାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଅଶୋକ କୁମାର ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଚାଷୀନେତା ଅଶୋକ ପ୍ରଧାନ, ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭ୍ୟ ସଚିବ, ରଘୁନାଥ ମିଶ୍ର, ପ୍ରଶାନ୍ତ ପାଢ଼ୀଯୋଶୀ, ସୂର୍ଯ୍ୟ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ହୋତା, ସୁରେଖା ସାହୁ, ଅରବିନ୍ଦ ମହାପାତ୍ର, ଆଶିଷ କୁମାର ପ୍ରଧାନ, ଦିନବନ୍ଧୁ ପଣ୍ଡା, ବୋଧରାମ ଦାଶ, ସବ୍ୟସାଚୀ ମିଶ୍ର ପ୍ରମୁଖ ସାମିଲ ଥିଲେ। ସେହିପରି ଜିଲା ବିଜେଡି ସଭାପତି ଇଂ. ସିଦ୍ଧାର୍ଥ ଦାଶଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଯୋଗଦେଇ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜୟଗାନ କରିଥିଲେ।

## ଜେସିବି ଚାଳକ ସଂଘର ଆର୍‌ଡିସିଙ୍କୁ ଦାବିପତ୍ର

ସମ୍ବଲପୁର,୧୫।୧୦(ବ୍ୟୁରୋ)

### ବିଭିନ୍ନ ସମସ୍ୟା ସମାଧାନ ଦାବି

ପଶ୍ଚିମ ଓଡ଼ିଶା ଜେସିବି ଚାଳକ ସଂଘ ବିଭିନ୍ନ ସମସ୍ୟା ନେଇ ଶନିବାର ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କୁ ଦାବିପତ୍ର ପ୍ରଦାନ କରିଛି। ବିଜେଡି ଜିଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ଚାଳକମାନେ ଉପସ୍ଥିତ ଥିଲେ। ଆର୍‌ଡିସିଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ଅନୁସାରେ ଜେସିବି ଚାଳକମାନଙ୍କୁ ମାଲିକମାନେ ୮ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ସେ ଅନୁସାରେ ଦରମା ଦିଆଯାଉନାହିଁ। ଏପରିକି ସେମାନଙ୍କ ରହିବା, ଖାଇବା, ବୀମା ଭଳି ସରକାରୀ ନିୟମ ଅନୁଯାୟୀ କୌଣସି ସୁବିଧା କରୁନାହାନ୍ତି। ବିନା ସୂଚନାରେ କାର୍ଯ୍ୟରୁ ବାହାର କରିଦେଉଛନ୍ତି। ଫଳରେ ସେମାନଙ୍କ ପରିବାର ପ୍ରତିପୋଷଣରେ ଅସୁବିଧା ସୃଷ୍ଟି ହେଉଛି। ତେଣୁ ଏକବର୍ଷ ପାଇଁ ଚୁକ୍ତିକରି ନିଯୁକ୍ତି ଦିଅନ୍ତୁ। ହେଲପରଙ୍କୁ ମଧ ସମସ୍ତ ସୁବିଧା ଯୋଗାଇ ଦିଆଯାଉ। ବର୍ଷା ଋତୁରେ କାର୍ଯ୍ୟ ବନ୍ଦ ସମୟରେ ଧାର୍ଯ୍ୟ ଦରମାର ୭୫ ପ୍ରତିଶତ ମାଲିକମାନେ ପ୍ରଦାନ କରନ୍ତୁ। ସଂଘ ସଭାପତି ମିଥୁନ ମହାରଣା, ଉପସଭାପତି ରବି ରଞ୍ଜନ ବେହେରା, ସମ୍ପାଦକ ଦୀପକ ପ୍ରସାଦ ସାହୁ, ସହସମ୍ପାଦକ ହେମନ୍ତ ସାହୁ, କୋଷାଧକ୍ଷ ଆଦିତ୍ୟ ସାହୁଙ୍କ ସମେତ ପ୍ରଣବ କହଁର, ରାଜକୁମାର ବିଶି ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଚାଳକ ଉପସ୍ଥିତ ଥିଲେ।



:ଆର୍‌ଡିସି ଅଫିସ ସମ୍ମୁଖରେ ଜେସିବି ଚାଳକ ସଂଘ କର୍ମକର୍ତ୍ତା।

## ନ୍ୟାଶନାଲ ଆର୍ଟ ଆଣ୍ଡ କ୍ରାଫ୍ଟ ଏକ୍ସପୋରେ ୨୦% ପର୍ଯ୍ୟନ୍ତ ରିହାତି



ସମ୍ବଲପୁର,୧୫।୧୦(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡ଼ିଆରେ ରାଷ୍ଟ୍ରୀୟ ଆର୍ଟ ଆଣ୍ଡ କ୍ରାଫ୍ଟ କଟନ ସିଲ୍କ ଏକ୍ସପୋ-୨୦୨୨ ସେପ୍ଟେମ୍ବର ୩୦ରୁ ଆରମ୍ଭ ହୋଇଛି। ଚଳିତମାସ ୧୮ତାରିଖରେ ଉଦ୍‌ଯାପିତ ହେବ। ଏକ୍ସପୋରେ ଦୀପାବଳି ଉପଲକ୍ଷେ ୨୦ ପ୍ରତିଶତ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିହାତିଦିଆଯାଉଛି। ଏଠାରେ ଏକଲକ୍ଷରୁ ଅଧିକ ପ୍ରକାରର ସାମଗ୍ରୀ ମହଜୁତ ରହିଛି। ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜରାଟ, ଜମ୍ମୁ-କାଶ୍ମୀର, ହରିୟାଣା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ନାଗାଲାଣ୍ଡ, କେରଳ, ଆସାମ, ଓଡ଼ିଶା, ଦିଲ୍ଲୀ, ମହାରାଷ୍ଟ୍ର ଏବଂ ଛତିଶଗଡକୁ ଏହି ଏକ୍ସପୋରେ ସାମିଲ କରାଯାଇଛି। ଗ୍ରାହକମାନେ ପରିବାର ସହ ନିଜର ମନପସନ୍ଦର ସାମଗ୍ରୀ ସୁଲଭ ମୂଲ୍ୟରେ କିଣିପାରିବେ।

## ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ

ଜମନକିରା,୧୫।୧୦(ଡି.ଏନ.ଏ.)

ଜମନକିରା ବ୍ଲକ ଅନ୍ତର୍ଗତ କେନାଢିପା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ପାଳିତ ହୋଇଯାଇଛି। ଡା. ବାସନ୍ତୀ ତାଣ୍ଡିଆଙ୍କ ସଭାପତିତ୍ୱ ତଥା ଡ. ନିରୁପମା ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଅଞ୍ଚଳର ବୟସ୍କ ବ୍ୟକ୍ତିମାନଙ୍କ ରକ୍ତଚାପ, ମଧୁମେହ ତଥା ଅଣସଂକ୍ରାମକ ରୋଗର ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ବିଜୟ ରଞ୍ଜନ ଦ୍ୱିବେଦୀ, ସସ୍ମିତା ପଟେଲ, ଶମ୍ଭୁନାଥ ସାହୁ, ନିଶିତ ପଟେଲ, ଆନନ୍ଦ ପଟେଲ, ବିନୋଦ ବଞ୍ଛୁର, ଶରତ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ଝାରସୁଗୁଡ଼ା ଅଫିସ,୧୫।୧୦

ବିଜେଡି ତରଫରୁ ଶନିବାର ବେଲପାହାଡ ପୌରାଞ୍ଚଳରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ୬, ୭, ୮, ୧୦ ଓ ୧୮ନଂ. ୱାର୍ଡ ପରିକ୍ରମା କରି ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ସଭାପତି କୈଳାଶ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ବେଲପାହାଡ଼ ପୌର ପରିଷଦ ଉପାଧ୍ୟକ୍ଷା ରୀନା ସୁନା, ଜିଲା ଉପସଭାପତି ଶମ୍ଭୁ ମହାନ୍ତି, ଶ୍ୟାମ ଶତପଥି, ସୁଜାତା ଦିଗଲ, ଦିଲୀପ ଧୂରୁଆ, ପୂର୍ବତନ ଟାଉନ ସଭାପତି ରାଜେଶ ଭୋଇ, ଅଜିତ ବହିଦାର, ପିଣ୍ଟୁ ସାହୁ, ମହିଳା ଟାଉନ ସଭାନେତ୍ରୀ ରତ୍ନା ବିଶ୍ୱାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ।

## ଦିବ୍ୟାଙ୍ଗ ବିଦ୍ୟାଳୟରେ ବିଶ୍ୱ ଧଳାବାଡ଼ି ଦିବସ

ଝାରସୁଗୁଡ଼ା ଅଫିସ,୧୫।୧୦

ଝାରସୁଗୁଡ଼ା ବୁରୋମାଲ ବୁଡାପଡାସ୍ଥିତ ଝାଡେଶ୍ୱରୀ ସତନ୍ତ୍ର ଦୃଷ୍ଟିହୀନ, ମୁକ ବଧିର, ମାନସିକ ଅନଗ୍ରସର ବିଦ୍ୟାଳୟ ପରିସରରେ ଦୃଷ୍ଟି ବାଧିତ ପିଲା ଯେଉଁ ବାଡ଼ି ବ୍ୟବହାର କରି ରାସ୍ତା ପାରି ହେଉଛନ୍ତି ତାହାର ପ୍ରଚାର ପ୍ରସାର ପାଇଁ ଶନିବାର ବିଶ୍ୱ ଧଳାବାଡ଼ି ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନନ୍ତରାମ ସାହୁ, ଭାରତ ରତ୍ନ ସାହିତ୍ୟ ଓ ସଂସ୍କୃତି ପରିଷଦର ସାଧାରଣ ସମ୍ପାଦକ ନିକୁଞ୍ଜ ବିହାରି ଜ୍ୟୋତିଷ, ସଚିବ ହରିଶଙ୍କର ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦିବ୍ୟାଙ୍ଗ ବିଦ୍ୟାଳୟ ଅଧା ମମତା ଦାଶ ଏହି ଦିବସ ବିଷୟରେ ଆଲୋକପାତ କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ବରାଳ ଅତିଥି ପରିଚୟ ଦେଇଥିଲେ। ସ୍କୁଲର ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ଶେଷରେ ସହ ସଚିବ ବିଜୟ ସହିଗଲ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଗଛ ଓ ପଲିଥିନ ତଳେ ୨ ପରିବାର

### ପିଏମ୍ଏୱାଇରେ ଘର କରି ଅଡୁଆରେ ହିତାଧିକାରୀ

ରେଢ଼ାଖୋଲ,୧୫।୧୦(ଡି.ଏନ.ଏ.)


ସାରଥି ଦିପ ଗଛମୂଳେ ପଲିଥିନ ତଳେ ପରିବାର ସହ।

ରେଢ଼ାଖୋଲ ଏନ୍ଏସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଆରମ୍ଭ କରି ଏବେ ଅଡୁଆରେ ପଡିଛନ୍ତି ୨ ହରିଜନ ପରିବାର। ଗୋଟିଏ ପରିବାର ଗଛ ତଳେ ଆଶ୍ରୟ ନେଉଥିବା ବେଳେ ଆଉ ଗୋଟିଏ ପରିବାର ପଲିଥିନ ତଳେ ରହୁଛନ୍ତି। ଏନ୍ଏସି ଅନ୍ତର୍ଗତ ୨ନଂ. ୱାର୍ଡ ସାଲେସିଂ ଗ୍ରାମର ମହିଳା ହିତାଧିକାରୀ ଦୀପା କଲତା ଓ ସାରଥି ଦୀପ ଶୁକ୍ରବାର ଏ ନେଇ ଉପଜିଲାପାଳ ପବିତ୍ର ବେହେରାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଦୀପାଙ୍କ ଅଭିଯୋଗକ୍ରମେ ସେ ଭୂମିହୀନ ହୋଇଥିବାରୁ ସରକାର ତାଙ୍କୁ ୩୨୩ ବର୍ଗଫୁଟ ଜମି ଦେଇଥିଲେ। ଏହି ଜମିରେ ଘର କରିବାକୁ ଏନ୍ଏସି କର୍ତ୍ତୃପକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ (ନଂ ୨୬୨୮/ତା୩୧।୧୨।୨୦୨୧) ପ୍ରଦାନ କରିଥିଲେ। ଏପରି କି ଜମି ଚିହ୍ନଟ କରି ଘର ନିର୍ମାଣ କରିବାକୁ ଲେ ଆଉଟ ଦେଇଥିଲେ। ତେବେ ଏହି ଜମି ତାଙ୍କର ନୁହେଁ ବୋଲି ଅଭିଯୋଗ କରିଥିଲେ ହେଁ ସମ୍ପୃକ୍ତ ଜେଇ ଘର ତିଆରି କରିବାକୁ ବାଧ କରିଥିଲେ। ଫଳରେ ଧାରକରଜ କରି ଦିପା ପ୍ରାୟ ୪୦ ହଜାର ଟଙ୍କା ଖର୍ଚ୍ଚ କରି ଘର ନିର୍ମାଣ କରିଛନ୍ତି। ତେବେ ସେହି ଗ୍ରାମର ଲକ୍ଷ୍ମୀ ବେହେରା ନାମ୍ନୀ ମହିଳା ଉକ୍ତ ଜମି ତାଙ୍କର ବୋଲି ଦାବି କରିବା ପରେ ଦିପା ଅଡୁଆରେ ପଡିଛନ୍ତି। ପୁରୁଣା ଘର ଭାଙ୍ଗି ଦେଇଥିବାରୁ ପଲିଥିନ ତଳେ ପରିବାର ସହ ରହୁଥିବା କହିଛନ୍ତି। ଏହାସହ ସରକାର ତାଙ୍କୁ ଦେଇଥିବା ଜମି ଚିହ୍ନଟ କରି ଘର ନିର୍ମାଣ ବାବଦରେ ଖର୍ଚ୍ଚ କରିଥିବା ୪୦ ହଜାର ଟଙ୍କା ଫେରସ୍ତ କରିବାକୁ ଦିପା ଉପଜିଲାପାଳଙ୍କଠାରେ ଦାବି କରିଛନ୍ତି। ସେହିପରି ସେହି ଗ୍ରାମର ସାରଥି ଦୀପ ମଧ ସମାନ ଅଭିଯୋଗ କରି ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ମଧ ସରକାରଙ୍କ ପକ୍ଷରୁ ୩୨୩ ବର୍ଗଫୁଟ ଜମି ପାଇଛନ୍ତି। ଏନ୍ଏସି କର୍ତ୍ତୃପକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରିବାକୁ କାର୍ଯ୍ୟାଦେଶ (ନଂ୨୬୮୭/ତା୩୧।୧୨।୨୦୨୧) ଦେଇଛନ୍ତି। ଜେଇ ଜମି ଚିହ୍ନଟ କରି ଲେ ଆଉଟ ଦେବା ପରେ ସାରଥି ୭ହଜାର ଟଙ୍କା ଖର୍ଚ୍ଚ କରି ଘର ନିର୍ମାଣ ଆରମ୍ଭ କରିଥିଲେ। ତେବେ ସେହି ଲକ୍ଷ୍ମୀ ବେହେରା ତାଙ୍କ ଜମି ବୋଲି ଦାବି କରିବା ପରେ ସେ ଅଡୁଆରେ ପଡିଛନ୍ତି। ସେ ମଧ ନିଜ ପୁରୁଣା ଘର ଭାଙ୍ଗିଦେଇଥିବାରୁ ଏବେ ପରିବାର ସହ ଗଛମୂଳେ ଆଶ୍ରୟ ନେଇଛନ୍ତି। ଏ ନେଇ ଏନ୍ଏସିର କନିଷ୍ଠ ଯନ୍ତ୍ରୀ ଧନଞ୍ଜୟ ପଣ୍ଡାଙ୍କୁ ପଚାରିବାରୁ ସେ କିଛି ଜାଣି ନ ଥିବା କହିଛନ୍ତି।

## ସଂକ୍ଷେପରେ

### ତୁର୍କୀ କୋଇଲା ଖଣିରେ ବିସ୍ଫୋରଣ: ୪୦ ମୃତ

**ଆମାସ୍ରା,୧୫।୧୦:** ଉତ୍ତର ତୁର୍କୀରେ ଥିବା ଏକ କୋଇଲା ଖଣିରେ ବିସ୍ଫୋରଣ ଘଟି ୪୦ ଜଣଙ୍କ ମୃତ୍ୟୁ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ବିସ୍ଫୋରଣ ବେଳେ ଖଣିରେ ୧୧୦ ଜଣ କାର୍ଯ୍ୟରତ ଥିଲେ। ସେମାନଙ୍କ ମଧ୍ୟରୁ ୪୦ ଜଣଙ୍କ ମୃତଦେହ ମିଳିଥିବାବେଳେ ୧୧ ଜଣ ଆହତ ହୋଇଛନ୍ତି। ଅନ୍ୟ ୫୮ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ତୁର୍କୀ ଗୃହମନ୍ତ୍ରୀ ସୁଲେମାନ ସୋୟଲୁ ଶନିବାର କହିଛନ୍ତି। କୋଇଲା ଖଣିରୁ ବାହାରୁଥିବା ଗ୍ୟାସ୍‌ରେ ନିଆଁ ଲାଗିଯିବାରୁ ବିସ୍ଫୋରଣ ଘଟିଥିବା ଶକ୍ତିମନ୍ତ୍ରୀ ଫାଟିହ ଡୋନ୍‌ମେଜ୍ କହିଛନ୍ତି।

### ପାକିସ୍ତାନ ସବୁଠୁ ବିପଜ୍ଜନକ ରାଷ୍ଟ୍ର: ବାଇଡେନ୍



**ୱାଶିଂଟନ,୧୫।୧୦:** ପାକିସ୍ତାନ ବିଶ୍ୱରେ ଅନ୍ୟତମ ସବୁଠୁ ବିପଜ୍ଜନକ ରାଷ୍ଟ୍ର ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ପାକ୍ ଅଣୁଅସ୍ତ୍ରସମ୍ପନ୍ନ ରାଷ୍ଟ୍ର ହୋଇଥିଲେ ହେଁ ସେଗୁଡ଼ିକୁ ସୁସଂଗଠିତ ଭାବେ ସୁରକ୍ଷିତ ରଖିବାର ଦକ୍ଷତା ଏହାର ନାହିଁ। କାଲିଫର୍ନିଆର ଲସ୍ ଏଞ୍ଜେଲସ୍‌ଠାରେ ଡେମୋକ୍ରାଟିକ୍ କଂଗ୍ରେସନାଲ କ୍ୟାମ୍ପେନ୍ କମିଟି ରିସେପ୍‌ଶନରେ ଯୋଗଦେଇ ବାଇଡେନ୍ ଏହା କହିଛନ୍ତି। ଏଥିସହିତ ସେ ଚାଇନା ଓ ରୁଷିଆକୁ କଡ଼ା ସମାଲୋଚନା କରିଛନ୍ତି। ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଆମେରିକା ସହ ସମ୍ପର୍କ ବୃଦ୍ଧି ଲାଗି ଉଦ୍ୟମ ଚଳାଇଥିବାବେଳେ ରାଷ୍ଟ୍ରପତି ବାଇଡେନ୍‌ଙ୍କ ଏଭଳି ମନ୍ତବ୍ୟ ତାଙ୍କ ପାଇଁ ବଡ଼ ଝଟକା ହୋଇଛି। ବାଇଡେନ୍‌ଙ୍କ ମନ୍ତବ୍ୟକୁ ନେଇ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱାଲ ଭୁଟ୍ଟୋ ଜର୍ଦ୍ଦାରୀ ଶନିବାର ଆମେରିକା ରାଷ୍ଟ୍ରଦୂତଙ୍କୁ ସମନ କରିଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ମନ୍ତବ୍ୟ ଓ ଭୁଲ୍ ବୁଝାମଣା ତାଙ୍କୁ ବିସ୍ମିତ କରିଥିବା ବିଲାୱାଲ କହିଛନ୍ତି।

### ୟୁପି ଗଣବଳାତ୍କାର: ବିଏସ୍‌ପି ନେତାଙ୍କ ୩ ପୁଅ ନାମରେ ମାମଲା

**ସାହରନପୁର,୧୫।୧୦:** ଉତ୍ତରପ୍ରଦେଶ ଗଣବଳାତ୍କାର ମାମଲାରେ ପୂର୍ବତନ ବିଏସ୍‌ପି ବିଧାନ ପରିଷଦ ସଦସ୍ୟ ତଥା ଖଣି ମାଫିଆ ହାଜି ଇକ୍‌ବାଲଙ୍କ ୩ ପୁଅଙ୍କ ସମେତ ୪ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ହାଜି ଇକ୍‌ବାଲ ଫେରାର ଥିବାବେଳେ ତାଙ୍କ ପୁଅମାନେ ବିଭିନ୍ନ ମାମଲାରେ ଜେଲରେ ଅଛନ୍ତି। ଚତୁର୍ଥ ଅଭିଯୁକ୍ତ ଶାହବାନ୍‌ଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଉତ୍ତରପୂର୍ବ ଦିଲ୍ଲୀ ଭଜନପୁରା ଅଞ୍ଚଳର ଜଣେ ମହିଳା ୪ ଅଭିଯୁକ୍ତଙ୍କ ବିରୋଧରେ ଗଣବଳାତ୍କାର ଅଭିଯୋଗ ଆଣିଥିଲେ। ଗ୍ଲୋକାଲ ୟୁନିଭର୍ସିଟିରେ ନାମ ଲେଖାଇବାକୁ ମହିଳାଙ୍କ ଭାଉଜ ହାଜି ଇକ୍‌ବାଲ୍‌ଙ୍କୁ ଅନୁରୋଧ କରିଥିଲେ। ସେ ମହିଳାଙ୍କ ପାଇଁ ଜାଲ୍ ଡିଗ୍ରୀ ସାର୍ଟିଫିକେଟ ଯୋଗାଡ଼ କରାଯିବ ବୋଲି ଚତୁର୍ଥ ଅଭିଯୁକ୍ତ ଶାହବାନ କହିଥିଲେ। ତାଙ୍କ ପ୍ରସ୍ତାବକ୍ରମେ ମହିଳା ଜଣକ ମିର୍ଜାପୁର ଆସିବା ପରେ ତାଙ୍କୁ ୪ ଜଣ ବଳାତ୍କାର କରିଥିଲେ।

### ନୀତୀଶ କୁମାରଙ୍କ ବୋଟ୍ ଦୁର୍ଘଟଣାଗ୍ରସ୍ତ

**ପାଟନା,୧୫।୧୦:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନେଇ ଯାଉଥିବା ଏକ ବୋଟ୍ ଶନିବାର ଗଙ୍ଗାନଦୀର ଜେପି ସେତୁ ପିଲାରରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ ସୁରକ୍ଷିତ ଅଛନ୍ତି। ଗଙ୍ଗାକୂଳରେ ଥିବା ଛଟ୍ ଘାଟ ପରିଦର୍ଶନ କରିବାକୁ ନୀତୀଶ ବୋଟ୍‌ରେ ଯାଇଥିଲେ। ବୋଟ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଲା ବୋଲି ପାଟନା ଜିଲାପାଳ ଡ. ଚନ୍ଦ୍ରଶେଖର ସିଂ କହିଛନ୍ତି। ଦୁର୍ଘଟଣା ପରେ ନୀତୀଶ ଓ ଅନ୍ୟମାନଙ୍କୁ ଅନ୍ୟ ଏକ ଷ୍ଟିମ୍ ବୋଟ୍‌ରେ ନିଆଯାଇଥିଲା।



ଅନ୍ତର୍ଜାତୀୟ ମହକାଶ କେନ୍ଦ୍ରରେ ୬ ମାସର ରହଣି ପରେ ସ୍ପେସ୍‌ଏକ୍ସ କ୍ରିଉ ଡ୍ରାଗନ ଫ୍ରିଡମ୍ ସ୍ପେସ୍‌କ୍ରାଫ୍ଟ ନାସା ଏବଂ ୟୁରୋପିଆନ ସ୍ପେସ୍ ଏଜେନ୍ସିର ୪ ମହାକାଶଚାରୀଙ୍କୁ ନେଇ ଆଟଲାଣ୍ଟିକ୍ ମହାସାଗରର ଫ୍ଲୋରିଡାସ୍ଥିତ ଜ୍ୟାକ୍‌ସୋନଭିଲେ ଉପକୂଳରେ ଅବତରଣ କରୁଛି।

## ଜେଲରେ ରହିବେ ଜି.ଏନ୍. ସାଇବାବା

**ନୂଆଦିଲ୍ଲୀ,୧୫।୧୦(ପି.ଟି.)**



ବମ୍ବେ ହାଇକୋର୍ଟଙ୍କ ଦୋଷମୁକ୍ତ ରାୟକୁ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ

ମାଓବାଦୀଙ୍କ ସହ ସମ୍ପୃକ୍ତି ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ଦିଲ୍ଲୀ ୟୁନିଭର୍ସିଟିର ପୂର୍ବତନ ପ୍ରଫେସର ଜି.ଏନ୍. ସାଇବାବାଙ୍କୁ ବମ୍ବେ ହାଇକୋର୍ଟ ଦୋଷମୁକ୍ତ କରିଥିବାବେଳେ ଉକ୍ତ ରାୟ ଉପରେ ସୁପ୍ରିମକୋର୍ଟ ଶନିବାର ସ୍ଥଗିତାଦେଶ ଲଗାଇଛନ୍ତି। ଫଳରେ ସାଇବାବା ଜେଲରେ ରହିବେ। ହାଇକୋର୍ଟଙ୍କ ରାୟକୁ ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏନେଇ ସର୍ବୋଚ୍ଚ ଅଦାଲତ ଜି.ଏନ୍. ସାଇବାବାଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଜବାବ ମାଗିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୮କୁ ଧାର୍ଯ୍ୟ ହୋଇଛି।

ମାଓବାଦୀଙ୍କ ସହ ସମ୍ପର୍କ ଅଭିଯୋଗରେ ଗିରଫ ହେବାର ୮ ବର୍ଷ ପରେ ପୂର୍ବତନ ପ୍ରଫେସର ସାଇବାବାଙ୍କୁ ଶୁକ୍ରବାର ବମ୍ବେ ହାଇକୋର୍ଟ ଦୋଷମୁକ୍ତ କରିଥିଲେ। ୫୨ ବର୍ଷୀୟ ସାଇବାବାଙ୍କୁ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ) ବଳରେ ଗିରଫ କରିବା ଅବୈଧ। ତାଙ୍କୁ ଖଲାସ କରାଯାଉ ବୋଲି ହାଇକୋର୍ଟ ନାଗପୁର କେନ୍ଦ୍ରୀୟ କାରାଗାରକୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ସୁପ୍ରିମକୋର୍ଟର ୨ ଜଣିଆ ଖଣ୍ଡପୀଠ ସ୍ୱତନ୍ତ୍ର ଶୁଣାଣି କରି ହାଇକୋର୍ଟଙ୍କ ରାୟକୁ ସ୍ଥଗିତ ରଖିଛନ୍ତି। ଅଣକାର୍ଯ୍ୟଦିବସରେ ବିଚାରପତି ଏମ୍.ଆର୍. ଶାହା ଏବଂ ବେଲା ଏମ୍. ତ୍ରିବେଦୀ ପିଟିଶନର ଶୁଣାଣି କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଓ ଶାରୀରିକ ଅକ୍ଷମତା କାରଣରୁ ତାଙ୍କୁ ଗୃହବନ୍ଦୀ ରଖାଯିବା ଲାଗି ସାଇବାବା କରିଥିବା ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି।

# ଆହୁରି ଶକ୍ତିଶାଳୀ ହେବେ ଜିନ୍‌ପିଙ୍ଗ୍

**ବେଜିଂ, ୧୫।୧୦**



## ଆଜି ସିପିସି ବୈଠକ



ଚାଇନାର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଶି ଜିନ୍‌ପିଙ୍ଗ୍‌ଙ୍କୁ ମନୋନୀତ ହେବା ନିମନ୍ତେ ସମର୍ଥନ ଦେବା ପାଇଁ କମ୍ୟୁନିଷ୍ଟ ପାର୍ଟି ସମ୍ପୂର୍ଣ୍ଣ ପ୍ରସ୍ତୁତି କରିଛି। ରବିବାର ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି)ର ପଞ୍ଚବର୍ଷୀୟ ବୈଠକ ବସିବ। ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ(୬୯) ରେକର୍ଡ ତୃତୀୟ ଥର ପାଇଁ ଶାସନରେ ବସିବା ଏକପ୍ରକାର ନିଶ୍ଚିତ ହୋଇଥିବାବେଳେ ସେ ଆଜୀବନ ଦେଶର ମୁଖ୍ୟ ରହିବା ଉପରେ ମଧ୍ୟ ମୋହର ବାଜିପାରେ। ସିପିସିର ୨୦ତମ ନ୍ୟାଶନାଲ କଂଗ୍ରେସରେ ଜିନ୍‌ପିଙ୍ଗଙ୍କ ଗାଇଡ୍‌ଲାଇନ ଦ୍ୱାରା ନିର୍ବାଚିତ ୨,୨୯୬ ସଦସ୍ୟ ରୁଦ୍ଧଦ୍ୱାର ବୈଠକ କରିବେ। ଏଥିରେ କମ୍ୟୁନିଷ୍ଟ ପାର୍ଟିର ନୂଆ ସେଣ୍ଟ୍ରାଲ କମିଟି, ପଲିଟ୍‌ବ୍ୟୁରୋ, ପଲିଟବ୍ୟୁରୋ ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ନାମ ମଧ୍ୟ ଘୋଷଣା କରାଯିବ।

ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତିର ଦେଶ ଚାଇନାରେ ସିପିସି ବୈଠକ ପୂର୍ବରୁ ସେଠାରେ ବିରଳ ବିକ୍ଷୋଭ ଦେଖିବାକୁ ମିଳିଛି। କୋଭିଡ୍ ନୀତି, ନିମ୍ନଗାମୀ ଅର୍ଥନୀତି ପାଇଁ ସେଠାକାର ଲୋକ ବେଜିଂରେ ଜିନ୍‌ପିଙ୍ଗଙ୍କ ବିରୋଧରେ ବିକ୍ଷୋଭ କରୁଥିବା ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି। କାରଣ ଏକଛତ୍ରବାଦୀ ଶାସନ ଚାଲିଥିବା ଚାଇନାରେ ଲୋକେ ଜିନ୍‌ପିଙ୍ଗଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇବା ଏବଂ ବ୍ୟାନର ଲଗାଇବା ଘଟଣା ସାଧାରଣ ନୁହେଁ। ଦେଶ ଏକ କଠିନ ସମୟ ଦେଇ ଗତି କରିବା ଏବଂ ବେଜିଂବାସିନ୍ଦା ଜିନ୍‌ପିଙ୍ଗ୍‌ଙ୍କୁ ଖୋଲାଖୋଲି ବିରୋଧ କରିବା ଭଳି ସମୟରେ ସିପିସିର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି। ଅକ୍ଟୋବର ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ସିପିସି କଂଗ୍ରେସ ପାଇଁ ସବୁ ନିୟମ କାନୁନ ଜିନ୍‌ପିଙ୍ଗ୍ ହିଁ ଧାର୍ଯ୍ୟ କରିଛନ୍ତି। ମାଓ ସେତୁଙ୍ଗ୍‌ଙ୍କ ପରେ ଜିନ୍‌ପିଙ୍ଗ୍ କ୍ରମାଗତ ତୃତୀୟ ଥର ପାଇଁ ଚାଇନାର ସର୍ବୋଚ୍ଚ ପଦରେ ରହିବେ। ପିପୁଲ୍ସ ରିପବ୍ଲିକ ଅଫ୍ ଚାଇନାର ପ୍ରତିଷ୍ଠାତା ମାଓ ସେତୁଙ୍ଗ୍‌ଙ୍କ ପରେ ଜିନ୍‌ପିଙ୍ଗ୍ ସବୁଠୁ ଶକ୍ତିଶାଳୀ ନେତା। ସିପିସି କଂଗ୍ରେସରେ ଜିନ୍‌ପିଙ୍ଗ୍ ଆଉ ୫ ବର୍ଷ ପାଇଁ କ୍ଷମତାରେ ରହିବାକୁ ଯାଉଛନ୍ତି। ୨୦୧୨ରେ ଶାସନକୁ ଆସିବା ପରେ ଜିନ୍‌ପିଙ୍ଗ୍ ଚାଇନାର ଶାସନ ନୀତିରେ ବଡ଼ ଧରଣର ପରିବର୍ତ୍ତନ କରିଛନ୍ତି। ୧୯୯୦ ଦଶକରୁ ଚାଇନାରେ ଜଣେ ବ୍ୟକ୍ତି ସର୍ବାଧିକ ୨ ଥର ପାଇଁ ରାଷ୍ଟ୍ରପତି ହୋଇପାରିବେ ବୋଲି ନିୟମ ଥିବାବେଳେ ୨୦୧୮ରେ ଜିନ୍‌ପିଙ୍ଗ୍ ଏହାକୁ ହଟାଇଦେଇଥିଲେ।

### ବଢ଼ିଛି ଏକଛତ୍ରବାଦ

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ କମ୍ୟୁନିଷ୍ଟ ପାର୍ଟିର ମୁଖ୍ୟ। ଚାଇନାର ସେଣ୍ଟ୍ରାଲ ମିଲିଟାରି କମିଶନର ଅଧ୍ୟକ୍ଷ ସହ ପିପୁଲ୍ସ ଲିବରେଶନ ଆର୍ମିର ସେ କମାଣ୍ଡର ମଧ୍ୟ। ଜିନ୍‌ପିଙ୍ଗ୍ ଶାସନକୁ ଆସିବା ପରଠାରୁ ଚାଇନାରେ ଏକଛତ୍ରବାଦ ବଢ଼ିଛି। ସମାଲୋଚକ ତଥା ଅସନ୍ତୋଷ ବ୍ୟକ୍ତ କରୁଥିବା ଲୋକ, ବିରୋଧୀ ତଥା ଅରବପତିଙ୍କ ବିରୋଧରେ ନକଲି ମାମଲା ରହିଛି। ତାଙ୍କ ଶାସନକାଳରେ ଚାଇନାର ଶିନ୍‌ଜିୟାଙ୍ଗରେ 'ରିଏଜୁକେଶନ' କ୍ୟାମ୍ପ୍ ଖୋଲାଯାଇ ସେଠାରେ ଉଇଗୁରୁ ମୁସଲମାନ ଓ ଅନ୍ୟ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ତଥା ସେମାନଙ୍କ ମାନବାଧିକାର ଉଲ୍ଲଂଘନ କଥା ସାରା ବିଶ୍ୱ ଜାଣିଛି। ହଂକଂ ଉପରେ ପୂର୍ଣ୍ଣ ଅଧିକାର ପରେ ତାଇୱାନ ଉପରେ ଆକ୍ରମଣ କରି ତାହାକୁ ବେଜିଂ ସହ ମିଶାଇବା ଧମକ ମଧ୍ୟ ଦେଇସାରିଛନ୍ତି।

## ମଧ୍ୟପ୍ରଦେଶ ମେଡିକାଲ କଲେଜରେ ହିନ୍ଦୀରେ ଶିକ୍ଷାଦାନ

**ଭୋପାଳ,୧୫।୧୦(ପି.ଟି.)**

ମଧ୍ୟପ୍ରଦେଶରେ ପ୍ରଥମ ଥର ପାଇଁ ସମସ୍ତ ୧୩ଟି ସରକାରୀ ମେଡିକାଲ କଲେଜରେ ୩ଟି ଏମ୍‌ବିବିଏସ୍ ବିଷୟ ହିନ୍ଦୀରେ ଶିକ୍ଷା ଦିଆଯିବ। ସେଗୁଡ଼ିକ ହେଲା ଆନାଟୋମି, ଫିଜିଓଲୋଜି ଏବଂ ବାୟୋକେମେଷ୍ଟ୍ରି। ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଭୋପାଳରେ ଏମ୍‌ବିବିଏସ୍ ପ୍ରଥମ ବର୍ଷ ପୁସ୍ତକର ହିନ୍ଦୀ ଅନୂଦିତ ସଂସ୍କରଣକୁ ଉନ୍ମୋଚନ କରି ହିନ୍ଦୀରେ ମେଡିକାଲ ଶିକ୍ଷାର ଶୁଭାରମ୍ଭ କରିବେ। ମେଡିକାଲ ଏବଂ ଇଞ୍ଜିନିୟରିଂ ଶିକ୍ଷା ହିନ୍ଦୀରେ ଦିଆଯାଇପାରିବ ନାହିଁ ବୋଲି ଯେଉଁ ଭ୍ରାନ୍ତ ଧାରଣା ରହିଥିଲା ତାହା ବଦଳିବାକୁ ଯାଉଛି ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି। ଶିକ୍ଷାଦାନର ମାଧ୍ୟମ ମାତୃଭାଷା କରିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂକଳ୍ପ ବୋଲି ସେ କହିଛନ୍ତି।

## ପାକିସ୍ତାନର ପୂର୍ବତନ ମୁଖ୍ୟ ବିଚାରପତିଙ୍କୁ ହତ୍ୟା



ମହମ୍ମଦ ନୂର୍ ମେସ୍କାନଜାଇ

**ଇସ୍‌ଲାମାବାଦ ,୧୫।୧୦(ପି.ଟି.)**

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ ହାଇକୋର୍ଟର ପୂର୍ବତନ ବିଚାରପତି ମହମ୍ମଦ ନୂର୍ ମେସ୍କାନଜାଇଙ୍କୁ ଶୁକ୍ରବାର ଏକ ମସ୍‌ଜିଦ ବାହାରେ ଗୁଳିକରି ହତ୍ୟା କରାଯାଇଛି। ଖରନ ଅଞ୍ଚଳରେ ଥିବା ମସ୍‌ଜିଦ ବାହାରେ ଆତଙ୍କବାଦୀଙ୍କ ଗୁଳିରେ ମହମ୍ମଦ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମହମ୍ମଦ ଜଣେ ନିର୍ଭୀକ ବିଚାରପତି ଥିଲେ ବୋଲି ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ମୀର୍ ଅବଦୁଲ କୁଦ୍ଦୁସ୍ ବିଜେଞ୍ଜୋ କହିଛନ୍ତି। ଆତଙ୍କବାଦୀଙ୍କ ଏଭଳି ଭୀରୁତା କାର୍ଯ୍ୟକୁ ସେ ନିନ୍ଦା କରିଛନ୍ତି।



ମାନବ ଚାଲାଣ ପ୍ରତିବାଦରେ ସଚେତନତା ସୃଷ୍ଟି ଲାଗି ଶନିବାର ଗୁରୁଗ୍ରାମରେ ଲୋକେ 'ୱାକ୍ ଫର୍ ଫ୍ରିଡମ୍' ରାଲିରେ ଯୋଗ ଦେଇଛନ୍ତି।

## ସୁରକ୍ଷା ପରାମର୍ଶଦାତା କେ. ବିଜୟଙ୍କ ଇସ୍ତଫା



**ନୂଆଦିଲ୍ଲୀ, ୧୫।୧୦:** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୁରକ୍ଷା ପରାମର୍ଶଦାତା ପଦରୁ ବରିଷ୍ଠ ପୋଲିସ ଅଧିକାରୀ କେ. ବିଜୟ କୁମାର ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ବିଜୟ କୁମାର ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ଚାକିରି କାଳ ମଧ୍ୟରେ ସହକର୍ମୀଙ୍କଠାରୁ ଯଥାସମ୍ଭବ ସହଯୋଗ ପାଇଥିବା ସେ କହିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କୁ ବିଜୟ କୁମାର ଧନ୍ୟବାଦ ଜଣାଇଛନ୍ତି। କଠୋରପନ୍ଥୀଙ୍କ ଦମନ ପାଇଁ ବିଜୟ କୁମାର ସରକାରଙ୍କୁ ପରାମର୍ଶ ଦେଉଥିଲେ। ୧୯୭୫ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ପୂର୍ବରୁ ସିଆର୍‌ପିଏଫ୍ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ।

## ଶଙ୍କରାଚାର୍ଯ୍ୟ ଭାବେ ଅଭିମୁକ୍ତେଶ୍ୱରାନନ୍ଦଙ୍କ ଅଭିଷେକକୁ ରୋକିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୫।୧୦(ପି.ଟି.)**



ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ

ଉତ୍ତରାଖଣ୍ଡ ଜ୍ୟୋତିପୀଠରେ ନୂଆ ଶଙ୍କରାଚାର୍ଯ୍ୟ ଭାବେ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କ ଅଭିଷେକକୁ ସୁପ୍ରିମକୋର୍ଟ ବନ୍ଦ ରଖିଛନ୍ତି। ନୂଆ ଶଙ୍କରାଚାର୍ଯ୍ୟ ଭାବେ ଅଭିମୁକ୍ତେଶ୍ୱରାନନ୍ଦଙ୍କ ନିଯୁକ୍ତି ପ୍ରତି ଆନୁଷ୍ଠାନିକ ସମର୍ଥନ ନ ଥିବା ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ଏକ ସତ୍ୟପାଠ ଜରିଆରେ ଜଣାଇଥିଲେ। ଏ ସମ୍ପର୍କରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଜଣାଇବା ପରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ବି.ଭି. ନାଗରତ୍ନଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଶଙ୍କରାଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ପରଲୋକ ପରେ ତାଙ୍କୁ ଉତ୍ତରାଧିକାରୀ ନିଯୁକ୍ତ କରାଯାଇଥିବା ଅଭିମୁକ୍ତେଶ୍ୱରାନନ୍ଦ ମିଛ ଦାବି କରିଆସୁଥିଲେ। ୨୦୨୦ରୁ ଏହି ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଥିଲା।

# ଆଉ ଜଣେ କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା

**ଜମ୍ମୁ,୧୫।୧୦**



ଟାର୍ଗେଟ କିଲିଂ ପ୍ରତିବାଦରେ କଶ୍ମୀରୀ ପଣ୍ଡିତ ସରକାରୀ କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି।

ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ଶନିବାର ଆଉ ଜଣେ କଶ୍ମୀରୀ ପଣ୍ଡିତଙ୍କୁ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ଜିଲାର ଚୌଧରୀ ଗୁଣ୍ଡ ଅଞ୍ଚଳର ପୁରନ କ୍ରିଷ୍ଣନ ଭଟ୍ଟଙ୍କୁ ତାଙ୍କ ଘର ନିକଟରେ ଆକ୍ରମଣ କରାଯାଇଥିଲା। ତାଙ୍କୁ ଶୋପିଆନ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିରହି ଆତଙ୍କବାଦୀଙ୍କ ତଲାସ କରୁଛି। ଉପତ୍ୟକାରେ କଶ୍ମୀରୀ ପଣ୍ଡିତମାନଙ୍କୁ ବାରମ୍ବାର ଟାର୍ଗେଟ କରାଯାଉଛି। ଗତ ଅଗଷ୍ଟ ୧୬ରେ ଶୋପିଆନ୍‌ର ଏକ ସେଓ ବଗିଚାରେ ଆତଙ୍କବାଦୀମାନେ ସୁନୀଲ କୁମାର ନାମକ ଜଣେ କଶ୍ମୀରୀ ପଣ୍ଡିତଙ୍କୁ ଗୁଳିକରି ହତ୍ୟା କରିଥିଲେ। ଗୁଳିକାଣ୍ଡରେ ତାଙ୍କ ଭାଇ ପିଣ୍ଟୁ କୁମାର ଗୁରୁତର ଆହତ ହୋଇଥିଲେ। ଗତବର୍ଷ ଅକ୍ଟୋବରରୁ ଜମ୍ମୁ-କଶ୍ମୀରରେ ଅନେକ ଲୋକଙ୍କୁ ଟାର୍ଗେଟ କିଲିଂ କରାଗଲାଣି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରବାସୀ ଶ୍ରମିକ କିମ୍ବା କଶ୍ମୀରୀ ପଣ୍ଡିତ। ଗତବର୍ଷ ଅକ୍ଟୋବରରେ ୫ ଦିନରେ ୭ ଜଣଙ୍କୁ ହତ୍ୟା କରାଯାଇଥିଲା। ଗତ ମେ'ରେ ଆତଙ୍କବାଦୀମାନେ ଏକ ତହସିଲ ଅଫିସ୍‌ରେ ପ୍ରବେଶ କରି ରାହୁଲ ଭଟ୍ଟ ନାମକ କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା କରିଥିଲେ।

### ଟାର୍ଗେଟ କିଲିଂ ପ୍ରତିବାଦରେ ରାସ୍ତା ଅବରୋଧ

ଏହି ସମ୍ପ୍ରଦାୟକୁ ଟାର୍ଗେଟ କରି ହତ୍ୟା କରାଯାଉଥିବାରୁ ଏହାର ପ୍ରତିବାଦରେ ଶନିବାର ଶତାଧିକ କଶ୍ମୀରୀ ପଣ୍ଡିତ କର୍ମଚାରୀ ଉପତ୍ୟକାରୁ ସେମାନଙ୍କ ବଦଳି ଦାବିରେ ଜମ୍ମୁ-ଅଖନୁର ରାସ୍ତା ଅବରୋଧ କରିଥିଲେ। ପ୍ରଧାନମନ୍ତ୍ରୀ ନିଯୁକ୍ତି ପ୍ୟାକେଜ୍‌ରେ ଚାକିରି କରିଥିବା କଶ୍ମୀରୀ ପଣ୍ଡିତମାନେ ଜମ୍ମୁସ୍ଥିତ ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ୫ ମାସ ହେଲା ବିକ୍ଷୋଭ ପ୍ରଦର୍ଶନ କରିଆସୁଛନ୍ତି। ଶନିବାର ହତ୍ୟାକାଣ୍ଡ ପରେ ସେମାନେ ମୁଖ୍ୟରାସ୍ତାକୁ ଓହ୍ଲାଇବା ସହ ରାଜପଥ ଅବରୋଧ କରିଥିଲେ।

ଧରିତ୍ରୀ DHARITRI
ରବିବାର, ୧୬ ଅକ୍ଟୋବର ୨୦୨୨

## ନଦୀରେ ବୁଡ଼ି ୨ ଭଉଣୀ ମୃତ

ଝରିଗାଁ, (ସ୍ୱ.ପ୍ର.):ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଚା ପଞ୍ଚାୟତ ଗବାଗୁଡ଼ା ଗ୍ରାମର ୩ ଭଉଣୀ ଶନିବାର ସ୍କୁଲରୁ ଫେରି ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବାବେଳେ ଅସାବଧାନତାବଶତଃ ୨ଜଣ ବୁଡ଼ିଯାଇଛନ୍ତି। ମୃତକମାନେ ହେଲେ ସୈନିକ ଗୋପାଳଙ୍କ ବଡ଼ ଝିଅ ହେମାଗ୍ନି (୧୫) ଓ ତାଙ୍କ ସାନ ଭାଇ ସାଧୁରାମ ଗୋପାଳଙ୍କ ଝିଅ ଲୁପେନ୍ଦ୍ରୀ (୧୫)। ପରିବାର ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇ ଗ୍ରାମବାସୀଙ୍କ ସହାୟତାରେ ନଦୀ ଭିତରେ ପଶି ଖୋଜାଖୋଜି କରିଥିଲେ। ଝରିଗାଁ ଅଗ୍ନିଶମ ବାହିନୀ ଦୁହିଁଙ୍କ ମୃତଦେହ ଠାବ କରିବା ପରେ ପୋଲିସ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି।



**ସଂକ୍ଷେପରେ**

## ସ୍କୁଲରେ ପ୍ରାର୍ଥନା ବେଳେ ଟଳିପଡ଼ିଲେ ଛାତ୍ରୀ



ଧାମନଗର,୧୫।୧୦ (ସ୍ୱ.ପ୍ର./ ଡି.ଏନ.ଏ.)- ପ୍ରାର୍ଥନାଚାଲିଥିବା ବେଳେ ଟଳିପଡ଼ିଲେ ଛାତ୍ରୀ। ଶନିବାର ସକାଳେ ଏଭଳି ଦୁଃଖଦ ଘଟଣା ଘଟିଛି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବନସର ଲକ୍ଷ୍ମୀନାରାୟଣ ବାଳିକା ହାଇସ୍କୁଲରେ। ମୃତକ ହେଲେ ନବମ ଶ୍ରେଣୀ ଛାତ୍ରୀ ମନୀଷାରାଣୀ ବେହୁରିଆ। ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ଗ୍ରାମର ସଂଗ୍ରାମ ବେହୁରିଆଙ୍କ ଝିଅ ମନୀଷା। ଶନିବାର ସକାଳୁଆ କ୍ଲାସ୍ ଥିବାରୁ ୬ଟା ୧୫ରେ ବିଦ୍ୟାଳୟ ବାରଣ୍ଡାରେ ପ୍ରାର୍ଥନା କରୁଥିବା ବେଳେ ସେ ହଠାତ୍ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ରାଉତ ଓ ଅନ୍ୟ ଶିକ୍ଷକମାନେ ପ୍ରଥମେ ତାଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ବାପା ଦୀପକ ବେହୁରିଆଙ୍କ କହିବା ଅନୁଯାୟୀ ପୂର୍ବରୁ ମନୀଷାଙ୍କର ଦୁଇଥର ହୃଦ୍‌ଘାତ ହୋଇଥିଲା। ତେବେ ଏନେଇ ମୃତ ମନୀଷାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ନ ଥିବାବେଳେ ଧାମନଗର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୨) ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଏଏସ୍‌ଆଇ ମୋନାଲିସା ପ୍ରଧାନ କହିଛନ୍ତି। ମନୀଷାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଧାମନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଧାମନଗର ଉପନିର୍ବାଚନ ବିଜେଡି ପ୍ରାର୍ଥିନୀ ଅବନ୍ତୀ ଦାସ, ସ୍ୱାଧୀନ ପ୍ରାର୍ଥୀ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସଙ୍କ ସମେତ ଅନ୍ୟ ନେତୃବୃନ୍ଦ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

# ଗୋଟିଏ ସିଲିଣ୍ଡରରୁ ୩ଶିଶୁଙ୍କୁ ଅକ୍ସିଜେନ

**ବ୍ରହ୍ମପୁର ବଡ଼ ମେଡିକାଲ**

■ଏସ୍‌ଏନ୍‌ସିୟୁରେ ଅବ୍ୟବସ୍ଥା

ବ୍ରହ୍ମପୁର ଅଫିସ,୧୫।୧୦

ଗଞ୍ଜାମ ଜିଲା ବ୍ରହ୍ମପୁରରେ ଥିବା ଦକ୍ଷିଣ ଓଡ଼ିଶାର ବୃହତ୍ ଚିକିତ୍ସାଳୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଏବଂ ହସ୍ପିଟାଲ ଏବେ ନାନା ଅସୁବିଧା ଦେଇ ଗତି କରୁଛି। ଏବେ ସେଠାରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦିନକୁ ଦିନ ବିଭିନ୍ନ ବିବାଦୀୟ ଘଟଣାରେ ବଡ ମେଡିକାଲ ଛନ୍ଦି ହୋଇପଡ଼ିଛି। ହୃଦ୍‌ରୋଗ (କାର୍ଡିଓଲୋଜି) ବିଭାଗର ସ୍ପେଶାଲ ନିୟୁ ବର୍ନ କେୟାର ୟୁନିଟ୍ (ଏସ୍‌ଏନ୍‌ସିୟୁ) ୱାର୍ଡରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗୋଟିଏ ସିଲିଣ୍ଡରରୁ ୩ଜଣ ଶିଶୁଙ୍କୁ ବିପଦପୂର୍ଣ୍ଣ ଭାବେ ଅକ୍ସିଜେନ ଯୋଗାଣ ହେଉଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

କାର୍ଡିଓଲୋଜି ବିଭାଗ ଏସ୍‌ଏନ୍‌ସିୟୁରେ ହୃଦ୍‌ଜନିତ ସମସ୍ୟା ଥିବା ୪ ଜଣ ଶିଶୁଙ୍କୁ କିଛି ଦିନ ପୂର୍ବରୁ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ତେଣୁ ଉକ୍ତ ୪ଜଣଙ୍କୁ ଶନିବାର ଇକୋ ଟେଷ୍ଟ ଲାଗି ନିଆଯାଉଥିବା ବେଳେ ଗୋଟିଏ ସିଲିଣ୍ଡରରୁ ୩ଜଣଙ୍କୁ ଅକ୍ସିଜେନ୍ ସଂଯୋଗ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଜଣେ କର୍ମଚାରୀ ଅକ୍ସିଜେନ ସିଲିଣ୍ଡରଙ୍କୁ ଟାଣି ଟାଣି ନେଉଥିବା ବେଳେ ଶିଶୁମାନଙ୍କୁ ସେମାନଙ୍କ ମା'ମାନେ କୋଳରେ ଧରି ପଛେ ପଛେ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଆବଶ୍ୟକ ପଡ଼ିଲେ ଗୋଟିଏ ସିଲିଣ୍ଡରରୁ ଜଣେ କିମ୍ବା ୨ ଜଣ ଶିଶୁଙ୍କୁ ଅକ୍ସିଜେନ ଦିଆଯିବା କଥା। କିନ୍ତୁ ଗୋଟିଏ ସିଲିଣ୍ଡରରୁ ଥରକେ ୩ ଜଣଙ୍କୁ ଅକ୍ସିଜେନ ଦିଆଯିବା ଶିଶୁଙ୍କ ଜୀବନ ପ୍ରତି ଖେଳ ବୋଲି ଚର୍ଚ୍ଚା ହେଉଛି। କୋମଳମତି ପିଲାଙ୍କୁ ଡାକ୍ତରଖାନା ଭିତରକୁ ନିଆଯିବା ସମୟରେ କୌଣସି ଶିଶୁର ନାକରେ ଲାଗିଥିବା ପାଇପ୍ ଯେଭଳି ଖସି ନ ପଡ଼ିବ ସେଥିପ୍ରତି ସତର୍କ ରହିବା ଜରୁରୀ। କିନ୍ତୁ ସଦ୍ୟତମ ଘଟଣାରେ ସେଥିପ୍ରତି ଧ୍ୟାନ ଦିଆଯାଇ ନ ଥିଲା, ଯାହାକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି।

ଏ ନେଇ ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ ମିଶ୍ରଙ୍କୁ ପଚାରିବାରୁ, ଗୋଟିଏ ସିଲିଣ୍ଡରରୁ ୩ ଜଣ ଶିଶୁଙ୍କୁ ଅକ୍ସିଜେନ ଦିଆଗଲେ ସେମିତି କିଛି ଅସୁବିଧା ନାହିଁ। ଉକ୍ତ ଶିଶୁମାନଙ୍କର କିଛି ଗୁରୁତର ସମସ୍ୟା ନାହିଁ। ଶିଶୁମାନେ ଏସ୍‌ଏନ୍‌ସିୟୁରେ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କର ଇକୋ ପରୀକ୍ଷା ପାଇଁ ନିଆଯାଉଥିଲା। ତେବେ ସତର୍କତା ଦୃଷ୍ଟିରୁ ସେମାନଙ୍କୁ ପାଇପ୍ ଯୋଗେ ଅକ୍ସିଜେନ ଦିଆଯାଉଥିଲା ବୋଲି ସେ କହିଛନ୍ତି। ସେ ଆହୁରି ମଧ କହିଛନ୍ତି, କରୋନା ମହାମାରୀ ସମୟରେ ମଧ ଏମ୍‌କେସିଜିରେ ଏଭଳି ଗୋଟିଏ ସିଲଣ୍ଡରରୁ ଦୁଇ ଜଣ ଶିଶୁଙ୍କୁ ପାଇପ ଯୋଗେ ଅକ୍ସିଜେନ ଦିଆଯାଉଥିଲା। ଏଥିପାଇଁ ସେମିତି କିଛି ଭୟଭୀତ ହେବାର କାରଣ ନାହିଁ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ଦୁର୍ବଳ ଭିତ୍ତିଭୂମିକୁ ନେଇ ଏମ୍‌କେସିଜି ମେଡିକାଲ କଲେଜ ରାଜ୍ୟରେ ଚର୍ଚ୍ଚାର ଶିରୋନାମ ପାଲଟିଛି। ମେଡିକାଲର ସୁପରସ୍ପେଶାଲିଟି ବିଭାଗରେ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ପିଏମ୍‌ଏସ୍‌ଏସ୍‌ୱାଇ)ରେ ପ୍ରାୟ ୧୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଅତ୍ୟାଧୁନିକ କୋଠାର ପଞ୍ଚମ ମହଲାରେ ଥିବା ଓଟି କମ୍ପ୍ଲେକ୍ସରେ ଅଗଷ୍ଟ ୨୬ରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ସୌଭାଗ୍ୟବଶତଃ ଏଥିରେ କେହି ମୃତାହତ ହୋଇ ନ ଥିଲେ। ପରେ ଉକ୍ତ କୋଠାର ବିଭିନ୍ନ ବିଭାଗରୁ ସିଲିଂ ଖସୁଛି। ସେପ୍ଟେମ୍ବର ୮ରେ ଚତୁର୍ଥ ମହଲାରେ ଥିବା ଅନ୍ୟ ଏକ ଓଟି କମ୍ପ୍ଲେକ୍ସରୁ ସିଲିଂ ଖସିଥିଲା। ସେହିପରି ସେପ୍ଟେମ୍ବର ୯ ଏବଂ ଅକ୍ଟୋବର ୧୪ରେ ଏଣ୍ଡୋକ୍ରାଇନୋଲୋଜି ବିଭାଗର ସିଲିଂ ଖସିଥିଲା। ବାରମ୍ବାର ଏଭଳି ଅଘଟଣକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି।



ସିଲିଣ୍ଡର ଦ୍ୱାରା ତିନି ଶିଶୁଙ୍କୁ ଅକ୍ସିଜେନ ଦିଆଯାଉଛି ।

## ପଦ୍ମଶ୍ରୀ କମଳା ପୂଜାରୀ ପୁଣି ଅସୁସ୍ଥ


ପଦ୍ମଶ୍ରୀ କମଳା ପୂଜାରୀ

ଜୟପୁର, ୧୫।୧୦(ନି.ପ୍ର.)

ପଦ୍ମଶ୍ରୀ କମଳା ପୂଜାରୀ ପୁଣି ଅସୁସ୍ଥ ହୋଇପଡ଼ିଛନ୍ତି। ଏ ନେଇ ସୂଚନା ପାଇ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପାତ୍ରପୁଟ ସ୍ଥିତ ତାଙ୍କ ଘରକୁ ଯାଇ ଆମ୍ବୁଲାନ୍ସ ଯୋଗେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଛନ୍ତି। ଏଠାରେ ପଦ୍ମଶ୍ରୀ କମଳାଙ୍କୁ ଏକ ସ୍ୱତନ୍ତ୍ର କ୍ୟାବିନରେ ରଖାଯାଇ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଦ୍ୱାରା ଚିକିତ୍ସା କରାଯାଉଛି । ବିଭିନ୍ନ ପରୀକ୍ଷା ପରେ ଅସୁସ୍ଥତାର କାରଣ ଜଣାପଡ଼ିବ ବୋଲି ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତମାସରେ ମଧ୍ୟ କିଡ୍‌ନୀରେ ସମସ୍ୟା ଯୋଗୁ ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ହୋଇପଡ଼ିଥିଲେ। ପ୍ରଥମେ ଜୟପୁର ଓ ପରେ କଟକ ସ୍ଥିତ ଏସ୍‌ସିବି ମେଡିକାଲରେ ଚିକିତ୍ସା ପରେ ସେ ସୁସ୍ଥହୋଇ ଫେରିଥିଲେ।

# ସୀମାରେ ଅଟକିଛି ଶତାଧିକ କୋଇଲା ଟ୍ରକ୍

ଝାରସୁଗୁଡ଼ା ଅଫିସ/ସୁନ୍ଦରଗଡ଼ /ହେମଗିର,୧୫।୧୦(ଡି.ଏନ୍.ଏ.)




**ଓଡ଼ିଶା-ଛତିଶଗଡ଼ କୋଇଲା ଟ୍ରକ୍ ମାଲିକ ସଂଘ ବିବାଦ**

କୋଇଲା ପରିବହନ ଭଡ଼ା ଓ ଲୋଡିଂ କ୍ଷେତ୍ରରେ ଛତିଶଗଡ଼ ରାୟଗଡ଼ ଅଞ୍ଚଳର କୋଇଲା ଟ୍ରକ୍‌ଗୁଡିକୁ ପାତରଅନ୍ତର କରାଯାଉଥିବା ଅଭିଯୋଗ କରାଯାଇଛି। ଏହି ପରିପ୍ରେକ୍ଷୀରେ ଛତିଶଗଡ଼ ରାୟଗଡ଼ର ଟ୍ରେଲର ଆସୋସିଏଶନ ତରଫରୁ ଗତ ଶୁକ୍ରବାର ମଧ୍ୟାହ୍ନ ୧୨ଟାରୁ ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ଓଡ଼ିଶା ଟ୍ରକ୍‌ଗୁଡିକୁ ଛତିଶଗଡ଼ ମଧ୍ୟକୁ ପ୍ରବେଶ କରିବାକୁ ଦିଆଯାଉନାହିଁ। ଫଳରେ ଛତିଶଗଡ଼-ଝାରସୁଗୁଡ଼ା ସୀମାନ୍ତ ୪୯ନଂ. ଜାତୀୟ ରାଜପଥର କନକତୋରା ଓ ଛତିଶଗଡ଼-ସୁନ୍ଦରଗଡ଼ ସୀମାନ୍ତ ପୂର୍ତ୍ତ ବିଭାଗ ରାସ୍ତାର ଟପରିଆ ନିକଟରେ ହଜାର ହଜାର କୋଇଲା ବୋଝେଇ ଗାଡ଼ି ଅଟକି ରହିଥିଲା। ଫଳରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଅଞ୍ଚଳରେ ଥିବା ଏମ୍‌ସିଏଲ୍ ଓ ଅନ୍ୟାନ୍ୟ ଖଣିରୁ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ରାୟଗଡ଼ ଅଞ୍ଚଳରେ ଥିବା କଳକାରଖାନାକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। କୋଇଲା ବୋଝେଇ ଗାଡ଼ି ଶହ ଶହ ସଂଖ୍ୟାରେ ଅଟକିବା ଯୋଗୁ ୪୯ନଂ. ଜାତୀୟ ରାଜପଥ ଅବରୋଧ ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ସେହିପରି ସୁନ୍ଦରଗଡ଼-ରାୟଗଡ଼ ମଧ୍ୟରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ଶନିବାର ମଧ୍ୟାହ୍ନରେ ଝାରସୁଗୁଡ଼ା ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ସୀମାନ୍ତ କନକତୋରା ନିକଟରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଝାରସୁଗୁଡ଼ା ଜିଲା ପ୍ରଶାସନ ତରଫରୁ ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ରେଙ୍ଗାଲି ଆଇଆଇସି କ୍ରେସାନିଆ ସାମରିଆ, ବ୍ରଜରାଜନଗର ଟ୍ରକ୍ ଆସୋସିଏଶନ ସଭାପତି ଦେବ ଦାଶ, ସମ୍ପାଦକ ରାଜା ପୁରୋହିତ, ବନ୍ଧବାହାଲ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା, ଛତିଶଗଡ଼ ରାୟଗନ ବିଧାୟକ ପ୍ରକାଶ ନାୟକ, ରାୟଗଡ଼ ଟ୍ରେଲର ଆସୋସିଏଶନ କର୍ମକର୍ତ୍ତା ଆଶିଷ ଯାଦବ, ଝୋଟ ମିଲ୍ ଥାନା ପୋଲିସ ସାମିଲ ହୋଇଥିଲେ। ଛତିଶଗଡ଼ ଟ୍ରେଲର ଆସୋସିଏଶନର ଅଭିଯୋଗ ରହିଥିଲା ଯେ ସମ୍ବଲପୁର ଜିଲା ଖିଣ୍ଡା ତଳାବିରା କୋଲ୍ ମାଇନ୍ସ ଓ ସୁନ୍ଦରଗଡ଼ କୋଇଲା ଖଣିରେ ଛତିଶଗଡ଼ ଟ୍ରକ୍, ଟ୍ରେଲରକୁ ଓଡ଼ିଶା ଟ୍ରେଲର ତୁଳନାରେ କମ୍ ମାଲ୍ ଲୋଡିଂ ଦିଆଯାଉଛି। ଏହାସହ ପ୍ରତି ଲୋଡିଂ ପିଛା ଭଡ଼ା ମଧ କମ୍ ଦିଆଯାଉଛି। ଏହାର ସମାଧାନ କରାଯିବ ବୋଲି ପ୍ରଶାସନର ପ୍ରତିଶ୍ରୁତି ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ପୁଣି ବିବାଦରେ ଦୁଲେ ରାପର

ଭବାନୀପାଟଣା,୧୫।୧୦(ସ୍ୱ.ପ୍ର.)



ୟୁଟ୍ୟୁବ୍ ସେନସେଶନ ତଥା ଖପର ଘରର ରାପର ଭାବେ ପରିଚିତ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ବୋର୍ଡାର ଦୁଲେଶ୍ୱର ତାଣ୍ଡି ଓରଫ ଦୁଲେ ରାପର ପୁଣି ବିବାଦରେ ଛନ୍ଦି ହୋଇ ପଡିଛନ୍ତି । ତୁର୍କୀର କଳାକାରମାନଙ୍କୁ ନେଇ କାମ କରୁଥିବା ମେଲିକ ମିଡିଆ ନାମକ ଏକ ମ୍ୟୁଜିକ କମ୍ପାନୀକୁ ଠକିଥିବା ଅଭିଯୋଗ ଆଣିଛନ୍ତି କମ୍ପାନୀ ମାଲିକ କେମଲ ବକିର ବାକେ। ଦୁଲେ ରାପରଙ୍କୁ ୩ଗୋଟି ରାପ୍ ଭିଡିଓ ଆଲବମ୍ ତିଆରି ପାଇଁ ଗତ ମାର୍ଚ୍ଚ ମାସରେ ଅନ୍‌ଲାଇନ ମାଧ୍ୟମରେ ଦୁଲେଙ୍କ ଆକାଉଣ୍ଟକୁ କମ୍ପାନୀ ଦେଇଥିଲା ୨୫ଶହ ୟୁଏସ୍ ଡଲାର। ତେବେ ଦୁଲେ କେବଳ ୩ ଗୋଟି ରାପ ଗୀତ ଗାଇ ତାଙ୍କୁ ପଠାଇ କାମ ସାରିଦେଇଥିବା ଅଭିଯୋଗ ଆଣିଛି ତୁର୍କୀ କମ୍ପାନୀ। ଏହାକୁ ନେଇ ଭୁବନେଶ୍ୱର ପୋଲିସ ହେଡ କ୍ୱାଟର ଓ କଳାହାଣ୍ଡି ପୋଲିସକୁ ମେଲ୍‌ରେ କମ୍ପାନୀ ଅଭିଯୋଗ କରିଥିବା ଜଣାପଡିଛି। ଏହି ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି କଳାହାଣ୍ଡି ଏସ୍‌ପି ଅଭିଲାଷ ଜି । ପ୍ରକାଶ ଯେ,୨୦୨୦ ମସିହାରେ କରୋନା ମହାମାରୀ ପାଇଁ ଲକ୍‌ଡାଉନ ସମୟରେ ଯେତେବେଳେ ଅନେକ ଲୋକଙ୍କର ରୋଜଗାର ବାଟ ବନ୍ଦ ହୋଇ ଯାଇଥିଲା ସେତେବେଳେ ଦାଦନ ଶ୍ରମିକ ଥିବା ଦୁଲେଶ୍ୱର ଆରମ୍ଭ କରିଥିଲେ ରାପ୍ ସଙ୍ଗୀତ। ଏହା ତାଙ୍କୁ ବେଶ ଖ୍ୟାତି ଆଣି ଦେଇଥିଲା। 'ଶୁନୋ ସରକାର' ରାପ୍ ଗାଇ ରାତାରାତି ସୋସିଆଲ ମିଡିଆରେ ଚର୍ଚ୍ଚିତ ହୋଇଥିଲେ। ଏଥିପାଇଁ ତାଙ୍କୁ ବଲିଉଡର ସଙ୍ଗୀତକାର ବିଶାଲ ଦଦଲାନି,ସ୍ୱରା ଭାସ୍କର,ସୋନା ମହାପାତ୍ର ପ୍ରମୁଖ ଟୁଇଟର ମାଧ୍ୟମରେ ବେଶ ପ୍ରଶଂସା କରିଥିଲେ। ସେହିପରି ତାଙ୍କୁ ଓଡିଆ ଚିତ୍ରରେ ଗାଇବାର ସୁଯୋଗ ଦେଇଥିଲେ ପରିଚିତ ସଙ୍ଗୀତକାର ପ୍ରେମ ଆନନ୍ଦ।

**ପ୍ରଥମ ପୃଷ୍ଠାରୁ...**

## ଜାଗା ଅଭାବ, ବିକାଶ ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁସାରେ ଜିଲାକୁ ଅଧିକ ଗୁରୁତ୍ୱ ଦିଆଯାଇ ଅନେକ ପ୍ରକଳ୍ପ ମଧ ଆସିଛି। ମାତ୍ର ଏସବୁ ପ୍ରକଳ୍ପ ପାଇଁ ଜିଲା ପ୍ରଶାସନ ସ୍ଥାନ ନିରୂପଣ କରିବାରେ ବିଫଳ ହେବାରୁ ତାହା କାର୍ଯ୍ୟକାରୀ ହୋଇପାରୁନି। ବାଲେଶ୍ୱର ସହର ସମେତ ଉପକଣ୍ଠ ଅଞ୍ଚଳରେ ବହୁ ସରକାରୀ ଜମି ଜବରଦଖଲ ଅବସ୍ଥାରେ ଅଛି। ଜବରଦଖଲ ଉଚ୍ଛେଦ କରି ସେଠାରେ ଏହି ପ୍ରକଳ୍ପର କାମ ଆରମ୍ଭ କରାଯାଇପାରନ୍ତା। ସେହିପରି ବହୁ ସରକାରୀ ଜମି ଅଛି, ଯାହା କାମରେ ଆସୁନି। ତାହାକୁ ମଧ ଏହିସବୁ ପ୍ରକଳ୍ପ ପାଇଁ ବ୍ୟବହାର କରାଯାଇପାରନ୍ତା। କିନ୍ତୁ ଜିଲା ପ୍ରଶାସନର ଆନ୍ତରିକତାର ଅଭାବ ଓ ଉଦାସୀନତା ପାଇଁ ପ୍ରକଳ୍ପ କାର୍ଯ୍ୟାରମ୍ଭ ହୋଇପାରୁନାହିଁ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦଖଲରେ ଥିବା ସରକାରୀ ଜାଗାଗୁଡ଼ିକୁ ମୁକ୍ତ କରିବା ପାଇଁ ଜିଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏନେଇ ରୋଟାରିଆନ ସୁବ୍ରତ କର କହିଛନ୍ତି, ସହରରେ ବହୁ ପରିମାଣର ବ୍ୟବହାର ଉପଯୋଗୀ ସରକାରୀ ଜମି ଥିବା ସତ୍ତ୍ୱେ କାମରେ ଲାଗିପାରୁନି। ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ପ୍ରାୟ ୩ ଏକର ସରକାରୀ ଜମିରେ ପୋଲିସ କଲୋନୀ ଅଛି। ସେଠାରେ ମାତ୍ର ୫ରୁ ୮ ପୋଲିସ ପରିବାର ରହୁଛନ୍ତି। ସେମାନଙ୍କୁ ପୋଲିସ ଲାଇନ୍‌ସ୍ଥିତ କଲୋନୀକୁ ସ୍ଥାନାନ୍ତର କରି ସେଠାରେ ମଧ ନୂତନ ପ୍ରକଳ୍ପ କରାଯାଇପାରିବ। ଏହାବ୍ୟତୀତ ୧୫ ଏକରରୁ ଉର୍ଦ୍ଧ୍ୱ ପରିମାଣର ଜମିରେ ବାଲେଶ୍ୱର ଜେଲ ହୋଇଛି। ସେଥିମଧ୍ୟରୁ ପ୍ରାୟ ୪ ଏକରରୁ ଅଧିକ ଜମି କୌଣସି କାମରେ ଆସୁନି। ପୂର୍ବଭଳି ଅନ୍ତେବାସୀଙ୍କୁ ନେଇ ଜେଲ ପରିସରରେ ଥିବା କ୍ଷେତରେ ମଧ ଚାଷ କରାଯାଉନି। ଫଳରେ ଏହି ଜମି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ସେଠାରେ ମଧ କିଛି ପ୍ରକଳ୍ପ କରାଯାଇପାରିବ। ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ମତରେ ରାଜନେତାଙ୍କ ଇଚ୍ଛାଶକ୍ତି ଓ ଜିଲା ପ୍ରଶାସନର ସ୍ଥାଣୁତା ଯୋଗୁ ଜବରଦଖଲକାରୀମାନେ ମନମାନି ଚଳାଇଛନ୍ତି। ମିଶନ ସ୍କୁଲ ପଡ଼ିଆରେ ଥିବା ବିସ୍ତୃତ ସରକାରୀ ଜମି କୌଣସି କାମରେ ଆସୁନି। ସେଠାରେ ମଧ ବିକାଶମୂଳକ କାର୍ଯ୍ୟ କରାଯାଇପାରିବ। ଫକୀରମୋହନ ଗୋଲେଇ ପୋଲ ତଳେ ଥିବା ତେଲ ଡିପୋ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଜବରଦଖଲ ଉଚ୍ଛେଦ କରି ସେଠାରେ ମଧ ନୂଆ ପ୍ରକଳ୍ପ ପ୍ରତିଷ୍ଠା କରାଯାଇପାରିବ। ସିଭିଲ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ କହନ୍ତି, ସହର ଭିତରେ ଯେତିକି ସରକାରୀ ଜମି ରହିଛି, ସେଥିରେ ଅନେକ ପ୍ରକଳ୍ପ ହୋଇପାରନ୍ତା। ଜବରଦଖଲକାରୀଙ୍କୁ ହଟାଇ ଜାଗାକୁ ମୁକ୍ତ କରିବା ପାଇଁ କାହାରି ଆନ୍ତରିକତା ନାହିଁ। ସେହିପରି କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଲାଇଟ୍ ହାଉସ୍ ପଡ଼ିଆସ୍ଥିତ ୧ ଏକରରୁ ଉର୍ଦ୍ଧ୍ୱ ଜମି କିଛି କାମରେ ଆସୁନି। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କଲେ ବଡ଼ ବଡ଼ ପ୍ରକଳ୍ପ ନିର୍ମାଣ କରାଯାଇପାରିବ। ହେଲେ ଏଦିଗରେ ଜିଲା ପ୍ରଶାସନ ଆଗ୍ରହ ପ୍ରକାଶ କରୁନି। ପୂର୍ବରୁ ୩୦ଏକରରୁ ଉର୍ଦ୍ଧ୍ୱ ଜମିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଥିଲା। ପରବର୍ତ୍ତୀ ସମୟରେ ଏହି ଜମିରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କରାଯାଇଥିବା ଉଦାହରଣ ରହିଛି। ଜିଲାର ଉନ୍ନତି ପାଇଁ ପ୍ରଶାସନିକ ଆନ୍ତରିକତା ଓ ତତ୍ପରତା ପ୍ରକାଶ ପାଇଲେ ଜମି ପାଇଁ କୌଣସି ପ୍ରକଳ୍ପ ଅଟକି ଯିବନାହିଁ ବୋଲି କୁହାଯାଉଛି।

### ପର୍ଯ୍ୟାୟକ୍ରମେ ଜମି ଯୋଗାଇବୁ: ଜିଲା ପ୍ରଶାସନ

ବାଲେଶ୍ୱର ଜିଲାରେ ଥିବା ମୋଟ ସରକାରୀ ଜମିର ପରିମାଣ ସମ୍ପର୍କିତ ସବିଶେଷ ତଥ୍ୟ ମିଳି ନ ଥିବାବେଳେ ୨୦୦୫ରୁ ୨୦୧୫ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକ ପାଇଁ ୭୦ ଏକରରୁ ଉର୍ଦ୍ଧ୍ୱ ଜମି ଆବଶ୍ୟକ ରହିଛି। ଏଥିମଧ୍ୟରୁ କେତୋଟି ପ୍ରକଳ୍ପ ପାଇଁ ଜିଲା ପ୍ରଶାସନ ଜମି ଯୋଗାଇ ଦେଇଥିବାରୁ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଜବରଦଖଲକାରୀ ଗଣ୍ଡଗୋଳ କରିବା ସହ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିବାରୁ ଅନ୍ୟ କେତେକ ଜାଗା ଦଖଲମୁକ୍ତ ହୋଇପାରି ନାହିଁ। ଲୋକଙ୍କ ବିରୋଧ ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିଛି। ଏପରି କି ପ୍ରକଳ୍ପ ପାଇଁ ନିର୍ଦ୍ଧାରିତ ଜମି ପରିବର୍ତ୍ତେ ଅନ୍ୟ ସ୍ଥାନରେ ପ୍ରକଳ୍ପ କାର୍ଯ୍ୟାରମ୍ଭ ଲାଗି ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ପ୍ରକଳ୍ପଗୁଡ଼ିକ ପାଇଁ ପର୍ଯ୍ୟାୟକ୍ରମେ ଜମି ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ପ୍ରକାଶ କରିଛନ୍ତି। ଜମି ଅଭାବରୁ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବନାହିଁ। ଜମିଗୁଡ଼ିକର କିସମ ପରିବର୍ତ୍ତନ କରି ନିର୍ଦ୍ଦିଷ୍ଟ ବିଭାଗକୁ ଯୋଗାଇଦେବାରେ ସମୟ ଲାଗୁଛି ବୋଲି ସେ କହିଛନ୍ତି।


ବାଲେଶ୍ୱର ସହର ଡାମ୍ପୁଲିଆ ଗେଟ୍ ନିକଟସ୍ଥ ସରକାରୀ ଜମି ଜବରଦଖଲରେ ରହିଛି।

## ୧୦୭ ସ୍ଥାନକୁ ଖସିଲା ...

ବାଂଲାଦେଶ ୮୪, ନେପାଳ ୮୧, ଶ୍ରୀଲଙ୍କା ୬୪ ସ୍ଥାନରେ ଥାଇ ଭାରତଠାରୁ ବେଶ୍ ଭଲ ସ୍ଥିତିରେ ଅଛନ୍ତି। ୨୦୨୧ରେ ୧୧୬ ଦେଶ ମଧ୍ୟରେ ଭାରତ ୧୦୧ତମ ସ୍ଥାନରେ ରହିଥିଲା। ଏହା ପୂର୍ବବର୍ଷ ଆମ ଦେଶ ୯୪ତମ ସ୍ଥାନରେ ଥିଲା। ଦକ୍ଷିଣ ଏସିଆ ବିଶ୍ୱରେ ସର୍ବାଧିକ କ୍ଷୁଧିତ ଅଞ୍ଚଳ ହୋଇଥିବାବେଳେ ଶିଶୁ ଅପପୁଷ୍ଟି ଓ ରଗ୍ଣତାରେ ମଧ ଶୀର୍ଷରେ ରହିଛି। ଭାରତରେ ଶିଶୁ ରଗ୍ଣତା ହାର ସର୍ବାଧିକ ୧୯.୩ ପ୍ରତିଶତ ରହିଥିବାବେଳେ ଶିଶୁ ଅପପୁଷ୍ଟିରେ ଭାରତ, ପାକିସ୍ତାନ ଏବଂ ଆଫଗାନିସ୍ତାନର ସ୍କୋର ୩୫ରୁ ୩୮ ମଧ୍ୟରେ ରହିଛି। ଶିଶୁ ଅପପୁଷ୍ଟି ହାରରେ ଭାରତ ସାମାନ୍ୟ ଉନ୍ନତି କରିଛି। ୨୦୧୨-୧୬ରେ ଭାରତର ଶିଶୁ ଅପପୁଷ୍ଟି ହାର ୩୮.୭ ପ୍ରତିଶତ ରହିଥିବାବେଳେ ୨୦୧୭-୨୧ ମଧ୍ୟରେ ଏହା ୩୫.୫ ପ୍ରତିଶତରେ ପହଞ୍ଚିଛି। ସେହିପରି ଶିଶୁ ମୃତ୍ୟୁ ହାର ୨୦୧୪ରେ ୪.୬% ଥିବାବେଳେ ୨୦୨୦ରେ ଏହା ୩.୩%କୁ ହ୍ରାସ ପାଇଛି। କ୍ଷୁଧା ସୂଚକାଙ୍କରେ ଭାରତର ନ୍ୟୂନ ପ୍ରଦର୍ଶନକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ୮ ବର୍ଷର ଶାସନରେ କ୍ଷୁଧା ସୂଚକାଙ୍କରେ ଭାରତ କ୍ରମାଗତ ଭାବେ ଖସିଚାଲିଥିବା କଂଗ୍ରେସ ଏମ୍‌ପି ପି. ଚିଦାମ୍ବରମ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଭାଷଣରେ କ୍ଷୁଧା, କୁପୋଷଣ, ଶିଶୁ ରଗ୍ଣତା କେବେ ସ୍ଥାନ ପାଇବ ବୋଲି ସେ ପ୍ରଶ୍ନ କରିଛନ୍ତି। ଭାଜପା ୫ ଟ୍ରିଲିୟନ ଡଲାର ଅର୍ଥନୀତି କଥା କହୁଥିବାବେଳେ କ୍ଷୁଧା ସୂଚକାଙ୍କରେ ଭାରତଠାରୁ ୧୦୬ଟି ଦେଶ ଉନ୍ନତ ସ୍ଥାନରେ ରହିଛନ୍ତି। ପ୍ରତି ପିଲାଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ବିନା ଭାରତ ନମ୍ବର ୱାନ ହୋଇପାରିବ ନାହିଁ ବୋଲି ଦିଲ୍ଲୀ ଶିକ୍ଷାମନ୍ତ୍ରୀ ତଥାଏଏପି ନେତା ମନୀଷ ସିସୋଡିଆ କହିଛନ୍ତି। କ୍ଷୁଧା ସୂଚକାଙ୍କରୁ ଭାରତ ଅନ୍ଧକାର ଯୁଗକୁ ଚାଲିଯାଇଛି। ଏଥିପାଇଁ ସରକାର ଦାୟୀ। ମୋଦି ସରକାର ଭାରତ ପାଇଁ ବିପଜ୍ଜନକ ବୋଲି ସିପିଆଇଏମ୍ ନେତା ସୀତାରାମ ୟେଚୁରୀ କହିଛନ୍ତି। ଭାଜପା ସରକାର ନୂଆ ଭାରତ ନାଁରେ ଡିଣ୍ଡିମ ପିଟୁଥିବାବେଳେ କ୍ଷୁଧା ତାଲିକାରେ ଆମେ ନେପାଳ, ବାଂଲାଦେଶ ଏପରିକି ଶ୍ରୀଲଙ୍କା ତଳକୁ ଖସିଯାଇଛୁ ବୋଲି ପିଡିପି ନେତ୍ରୀ ମେହବୁବା ମୁଫ୍‌ତି କହିଛନ୍ତି।

## ଜିଲାସ୍ତରୀୟ ସମୀକ୍ଷା ବୈଠକ


ସମୀକ୍ଷା ବୈଠକରେ ମନ୍ତ୍ରୀ ଓ ଅଧିକାରୀ।

ନୂଆପଡା ଅଫିସ, ୧୫ ।୧୦

**ଦିନିକିଆ ନୂଆପଡ଼ା ଗସ୍ତରେ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ**

ଜଳସମ୍ପଦ ତଥା ପରିବହନ ମନ୍ତ୍ରୀ ଓ ନୂତନ ଭାବରେ ନୂଆପଡା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ମନ୍ତ୍ରୀ ଟୁକୁନୀ ସାହୁ ନୂଆପଡା ଜିଲା ଦିନିକିଆ ଗସ୍ତରେ ଆସିଥିଲେ। ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲାପାଳ ହେମକାନ୍ତ ସାୟ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକାର, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ଗସ୍ତ ସରକାରୀ ଗସ୍ତ ଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇ ନ ଥିଲା। ଗଣମାଧ୍ୟମ ପ୍ରତିନିଧି ମାନେ ଖବର ପାଇ ପହଞ୍ଚିଲା ବେଳକୁ ଜିଲା ପ୍ରଶାସନ ପକ୍ଷରୁ କେବଳ ଫଟୋ ଉଠାଇ ଚାଲିଯିବା ପାଇଁ କୁହାଯାଇଥିଲା। ଜଣେ ଗଣମାଧ୍ୟମ ପ୍ରତିନିଧି ବୈଠକ ଭିତରେ ରହିବାରୁ ତାଙ୍କୁ ପୋଲିସ ସହାୟତାରେ ବାହାରକୁ ଚାଲିଯିବା ପାଇଁ କୁହାଯାଇଥିଲା। ଏହାକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ମନ୍ତ୍ରୀଙ୍କ ପ୍ରତିକ୍ରିୟା ନ ଦେଇ ସେଠାରୁ ଚାଲିଯାଇଥିଲେ ।

## ଖେସ୍ରା ଜଙ୍ଗଲରେ ଦନ୍ତାର ମୃତ୍ୟୁ

ମାଧପୁର,୧୫।୧୦

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳର ମୁଣ୍ଡାପଡ଼ା ଗ୍ରାମ ନିକଟ ଖେସ୍ରା ଜଙ୍ଗଲରୁ ଶନିବାର ଏକ ଦନ୍ତାହାତୀର ମୃତଦେହ ବନ ବିଭାଗ ଜବତ କରିଛି। ଜନ୍ତୁ ଶିକାର ପାଇଁ ଶିକାରୀମାନେ ବିଛାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀଟିର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମୃତ ହାତୀର ବୟସ ଆନୁମାନିକ ୩୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।ସକାଳୁ ହାତୀ ମୃତ୍ୟୁ ସମ୍ପର୍କରେ ଖବରପାଇ ମାଧପୁର ରେଞ୍ଜର ସନ୍ତୋଷ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଆଠମଲ୍ଲିକ ୱାଇଲ୍ଡଲାଇଫ ବିଶେଷଜ୍ଞ ଡାକ୍ତର କିଶୋର ସାହୁଙ୍କ ନେତୃତ୍ୱରେ ଆଠମଲ୍ଲିକ ଏସ୍‌ଡିଭିଓ ଡା. ନୀଳାଞ୍ଚଳ ସେନାପତି, ଭିଭିଓଏ ଡା. ପ୍ରିୟଦର୍ଶୀ ଦେବାଶିଷ ରାଉତ, ମାଧପୁର ଭିଏସ୍ ଡା. ସରିତା ବେହେରା ହାତୀର ବ୍ୟବଚ୍ଛେଦ କରିଥିଲେ।

**ବଢ଼ିଛି ଗଚ୍ଛିତ ବୈଦେଶିକ ମୁଦ୍ରାଭଣ୍ଡାର**

**ନୂଆଦିଲ୍ଲୀ:** ଦୀର୍ଘଦିନର ବ୍ୟବଧାନ ପରେ ପ୍ରଥମଥର ଲାଗି ଭାରତର ଗଚ୍ଛିତ ବୈଦେଶିକ ମୁଦ୍ରାଭଣ୍ଡାରରେ ବୃଦ୍ଧି ଘଟିଛି। ଫଳରେ ବିଦେଶୀ ମୁଦ୍ରା ପରିମାଣ ୫୩,୩୨୮ କୋଟି ଡଲାରକୁ ବୃଦ୍ଧି ପାଇଛି। ଚଳିତ ବର୍ଷ ଜାନୁୟାରୀରେ ଏହା ପ୍ରାୟ ୫୯,୦୦୦ କୋଟି ଡଲାରର ବିଦେଶୀ ମୁଦ୍ରା ରହିଥିଲା। ହେଲେ ଆମେରିକୀୟ ଡଲାର ତୁଳନାରେ ଟଙ୍କାକୁ ସୁଦୃଢ଼ କରିବା ଲାଗି ବାରମ୍ବାର ସେଥିରୁ ଡଲାର ବାହାର କରାଯିବା ଯୋଗୁ ତାହା ୫୩,୦୦୦ କୋଟି ଡଲାରକୁ ଖସିଆସିଥିଲା।

# ୱିଣ୍ଡଫଲ୍ ଟ୍ୟାକ୍ସ ବଢ଼ାଇଲା କେନ୍ଦ୍ର

ନୂଆଦିଲ୍ଲୀ,୧୫।୧୦



ଘରୋଇ ଉତ୍ପାଦିତ ଅଶୋଧିତ ତୈଳ ତଥା ଆଭିଏସନ ଟର୍ବାଇନ ଇନ୍ଧନ ଏବଂ ଡିଜେଲ ରପ୍ତାନି ଉପରେ କେନ୍ଦ୍ର ସରକାର ଅତିରିକ୍ତ ଏକ୍ସାଇଜ୍ ଡ୍ୟୁଟି ବୃଦ୍ଧି କରିଛନ୍ତି। ପେଟ୍ରୋଲିୟମ ରପ୍ତାନି କରୁଥିବା ଦେଶ ତଥା ସହଯୋଗୀ ତେଲ ଉତ୍ପାଦନ ସଙ୍ଗଠନ (ଓପେକ+) ର ନିଷ୍ପତ୍ତି ପରେ ଏଭଳି ହୋଇଛି ବୋଲି କୁହାଯାଇଛି। ଅକ୍ଟୋବର ୧୬ରୁ ନୂତନ ହାରର ଦର କାର୍ଯ୍ୟକାରୀ ହେବ। ଫଳରେ ଓପେକ+ର ପଦକ୍ଷେପ ବିଶ୍ୱର ମୂଲ୍ୟକୁ ପୁଣି ଥରେ ଉଚ୍ଚ କରିପାରେ ବୋଲି ଆକଳନ କରାଯାଇଛି। ଏପରିକି ବ୍ୟାରେଲ ପିଛା ହାରାହାରି ମୂଲ୍ୟ ୯୦ ଡଲାରରୁ ଅଧିକ ରହିଛି। ଶନିବାର ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ଏହା ଘରୋଇ ଉତ୍ପାଦିତ ଅଶୋଧିତ ତୈଳ ଉପରେ ଟନ୍ ପିଛା ୮,୦୦୦ ରୁ ୧୧,୦୦୦ ଟଙ୍କାକୁ ବୃଦ୍ଧି ହୋଇଛି। ଏହା ସହ ବିମାନ ଟର୍ବାଇନ ଇନ୍ଧନ (ଏଟିଏଫ୍) ରପ୍ତାନି ଉପରେ ମଧ୍ୟ ଟିକସ ଶୂନରୁ ବୃଦ୍ଧି କରି ଲିଟର ପିଛା ୩.୫୦ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିଭଳି ଡିଜେଲ ରପ୍ତାନି ଉପରେ ୱିଣ୍ଡଫଲ୍ ଟିକସ ଲିଟର ପିଛା ୫ରୁ ୧୦.୫୦ଟଙ୍କାକୁ ବୃଦ୍ଧି କରାଯାଇଛି। ଫଳରେ ଡିଜେଲ ରପ୍ତାନି ଉପରେ ମୋଟ ଏକ୍ସାଇଜ୍ ଶୁଳ୍କ ଲିଟର ପିଛା ୧୨ ଟଙ୍କାକୁ ବୃଦ୍ଧି ଘଟିଛି। ଏଥିରେ ପ୍ରତି ଲିଟର ପିଛା ୧.୫ ଟଙ୍କା ନିୟନ୍ତ୍ରିତ ବିନିଯୋଗ ପାଇଁ ଅନ୍ତର୍ଭୁକ୍ତ ହେବ।

ଚଳିତ ବର୍ଷ ସେପ୍ଟେମ୍ବର ୧୭ରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ହ୍ରାସ ପରେ ସରକାର ଘରୋଇ ଅଶୋଧିତ ଏବଂ ଡିଜେଲ ଉପରେ ମଧ୍ୟ ୱିଣ୍ଡଫଲ୍ ଟିକସର ଲାଭ ହ୍ରାସ କରିଥିଲେ ଏବଂ ଅକ୍ଟୋବର ୨ରୁ ଜେଟ୍ ଇନ୍ଧନ ରପ୍ତାନି ଉପରେ ମଧ୍ୟ ଶୁଳ୍କ ହ୍ରାସ କରିଥିଲେ। ୬ଷ୍ଠ ଚତୁର୍ଦ୍ଦଶ ସମୀକ୍ଷା ବୈଠକରେ ସରକାର ଘରୋଇ ଉତ୍ପାଦିତ ଅଶୋଧିତ ତୈଳ ଉପରେ ଟିକସକୁ ଟନ୍ ପିଛା ୧୦,୫୦୦ ରୁ ୮,୦୦୦ ଟଙ୍କାକୁ ହ୍ରାସ କରିଛନ୍ତି।

**ୱିଣ୍ଡଫଲ୍ ଟ୍ୟାକ୍ସ ହେଉଛି ଏକ କମ୍ପାନୀ କିମ୍ବା ଶିଳ୍ପ ଉପରେ ସରକାର ଲଗାଇଥିବା ଏକ ବିଶେଷ ଟିକସ, ଯେତେବେଳେ ଏହା କିଛି ଲାଭ କରେ କିନ୍ତୁ ଆର୍ଥିକ ଲାଭ ପାଇଁ ଦାୟୀ ନୁହେଁ। ଏହାକୁ ୱିଣ୍ଡଫଲ୍ ଟିକସର ଲାଭ କୁହାଯାଏ।**

## ୧୧ ବ୍ୟାଙ୍କ ସହ ଭାରତୀୟ ସେନାର ଏମ୍ଓୟୁ

ନୂଆଦିଲ୍ଲୀ:,୧୫।୧୦

କେନ୍ଦ୍ର ସରକାରଙ୍କ ନୂତନ ଘୋଷଣା ଅନୁଯାୟୀ ଖୁବ୍‌ଶୀଘ୍ର ଅଗ୍ନିବୀରମାନଙ୍କୁ ସେନାରେ ନିଯୁକ୍ତି ଦିଆଯିବ। ଏହା ପୂର୍ବରୁ ଭାରତୀୟ ସେନାରେ ନୂତନ ଭାବେ ନିଯୁକ୍ତି ପାଇବାକୁ ଥିବା ଅଗ୍ନିବୀରଙ୍କ ଦରମା ପ୍ୟାକେଜ ପାଇଁ ୧୧ଟି ବ୍ୟାଙ୍କ ସହ ଭାରତୀୟ ସେନାର ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଭାରତୀୟ ସେନାର ଡିଜି (ଏପି ଆଣ୍ଡ ପିଏସ୍) ଲ୍ୟୁଟ୍‌ନାଣ୍ଟ ଜେନେରାଲ ଭି. ଶ୍ରୀହରି ଏବଂ ସମସ୍ତ ୧୧ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଉକ୍ତ ଏମ୍ଓୟୁ ସ୍ୱାକ୍ଷର ହୋଇଛି। ଏହି ଏମ୍ଓୟୁ ମୁତାବକ ଅଗ୍ନିବୀର ବେତନ ପ୍ୟାକେଜ୍ ଅଧୀନରେ ଦିଆଯାଉଥିବା ସମସ୍ତ ସୁବିଧା ପ୍ରତିରକ୍ଷା ଦରମା ପ୍ୟାକେଜ୍ ସହ ସମାନ ରହିବ। ଏଥିସହ ଅଗ୍ନିବୀରରୁ ଅବସର ନେବା ପରେ ସେମାନଙ୍କର ଉଦ୍ୟୋଗୀ ଦକ୍ଷତାକୁ ବଢ଼ାଇବା ପାଇଁ ଉପରୋକ୍ତ ବ୍ୟାଙ୍କଗୁଡ଼ିକ ମଧ୍ୟ କମ୍ ସୁଧରେ ଋଣ ପ୍ରଦାନ କରିବେ।

## ୟୁବିଓଆଇର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର,୧୫।୧୦



ସତ୍ୟବାନ ବେହେରା

ୟୁନିୟନବ୍ୟାଙ୍କଅଫ୍‌ଇଣ୍ଡିଆ(ୟୁବିଓଆଇ)ର ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ବ୍ୟାଙ୍କର ଉପମହାପ୍ରବନ୍ଧକ ସତ୍ୟବାନ ବେହେରା ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବ୍ୟାଙ୍କର ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟରେ କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଏପରିକି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ୨୭ବର୍ଷର ଅଭିଜ୍ଞତା ରହିଛି। ସେ ପଶ୍ଚିମବଙ୍ଗ, ଓଡ଼ିଶା, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ନୂଆଦିଲ୍ଲୀ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହି କର୍ମନିଷ୍ଠା ଏବଂ କାର୍ଯ୍ୟଦକ୍ଷତା ପାଇଁ ୨୦୧୭ ରେ ବେହେରା ସହାୟକ ମହାପ୍ରବନ୍ଧକ ଏବଂ ୨୦୨୦ରେ ଉପମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇଛନ୍ତି । ଉଲ୍ଲେଖଯୋଗ୍ୟ, ପୁରୀ ଏବଂ ଖୋର୍ଦ୍ଧା ଜିଲା ଅଧୀନରେ ଭୁବନେଶ୍ୱର କ୍ଷେତ୍ରର ୬୨ଟି ଶାଖା ରହିଥିବା ବେଳେ ମୋଟ୍ ବ୍ୟବସାୟ ୧୮,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ବେହେରା ରିଟେଲ୍ ଓ ଏମ୍ଏସ୍ଏମ୍ଇ କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ମତପ୍ରକାଶ କରିଛନ୍ତି।

## ଗ୍ରାମୀଣ ମହିଳାଙ୍କୁ ସକ୍ଷମ କରାଉଛି ବେଦାନ୍ତ

ଭୁବନେଶ୍ୱର,୧୫।୧୦

ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ପ୍ରତିଷ୍ଠାନ ବେଦାନ୍ତ ଆଲୁମିନିୟମ ହଜାର ହଜାର ଗ୍ରାମୀଣ ମହିଳାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଇଛି। ବିଶେଷକରି ଦକ୍ଷତା, ଆର୍ଥିକ ସାକ୍ଷରତା, ସମ୍ବଳ, ପ୍ରଯୁକ୍ତିବିଦ୍ୟା ଏବଂ ବଜାର ସହାୟତା ଜରିଆରେ ସେମାନଙ୍କୁ ସକ୍ଷମ କରାଇ ଜାତୀୟ ସାମାଜିକ ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ସମାନ ଭାବେ ସାମିଲ କରାଇପାରିଛି। ଏପରିକି କମ୍ପାନୀର ମୌଳିକ ନୀତି ଓ ଦାରିଦ୍ର୍ୟ ଦୂରୀକରଣ ଉଦ୍ଦେଶ୍ୟରେ ଗ୍ରାମୀଣ ମହିଳାମାନଙ୍କ ପାଇଁ ଏଭଳି ଏକ ପଦକ୍ଷେପ ସେମାନଙ୍କୁ ନିରନ୍ତର ବିକାଶ ପଥରେ ଆଗେଇନେବ। ବିଶେଷକରି ଓଡ଼ିଶା ଓ ଛତିଶଗଡ଼ରେ ବେଦାନ୍ତ ଆଲୁମିନିୟମର କାର୍ଯ୍ୟ ପରିସର ହୋଇଥିବାରୁ କମ୍ପାନୀ ଉଭୟ ରାଜ୍ୟର କାର୍ଯ୍ୟ ପରିସର ଅଞ୍ଚଳର ମହିଳାମାନଙ୍କୁ ଆର୍ଥିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ସଶକ୍ତ କରିବାକୁ ବ୍ୟାପକ ପଦକ୍ଷେପ ମଧ୍ୟ ଗ୍ରହଣ କରିଛି। ଏହାଦ୍ୱାରା ୧୩,୦୦୦ରୁ ଅଧିକ ମହିଳା ଉପକୃତ ହେବା ସହ ଶୂନ୍ୟ ଦାରିଦ୍ର୍ୟ, ଶୂନ୍ୟ କ୍ଷୁଧା ଓ ଲିଙ୍ଗଗତ ସମାନତାର ବିଶ୍ୱସ୍ତରୀୟ ଲକ୍ଷ୍ୟ ପ୍ରତି କମ୍ପାନୀର ପ୍ରତିବଦ୍ଧତା ପୂରଣ ହୋଇପାରିଛି। ଆଜି ମହିଳାମାନେ ବିଭିନ୍ନ ପ୍ରକାର ସ୍ୱାବଲମ୍ବନମୂଳକ କାର୍ଯ୍ୟ ଜରିଆରେ ନିଜକୁ ପ୍ରତିଷ୍ଠା କରାଇପାରିଛନ୍ତି। ଉଲ୍ଲେଖଯୋଗ୍ୟ, କମ୍ପାନୀର ପ୍ରମୁଖ କାର୍ଯ୍ୟକ୍ରମ ଯଥା ଶୁଭଲକ୍ଷ୍ମୀ ସମବାୟ, ଉନ୍ନତି ଏବଂ ସଖୀ ପ୍ରକଳ୍ପ ଜରିଆରେ ବିଭିନ୍ନ ବର୍ଗର ମହିଳାମାନେ ବେଶ୍ ଉପକୃତ ହେଉଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ ରାହୁଲ ଶର୍ମା କହିଛନ୍ତି, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ବିଶେଷକରି ଭାରତର ଗ୍ରାମାଞ୍ଚଳରୁ ସାମିଲ ହେବା ଗୁରୁତ୍ୱପୂର୍ଣ୍ଣ। ସେହିପରି ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ଲିଙ୍ଗଗତ ସମାନତା କ୍ଷେତ୍ରରେ ମଧ୍ୟ ମହିଳାଙ୍କୁ ସମାନ ଅଧିକାର ପ୍ରଦାନ ଦିଗରେ ବେଦାନ୍ତ ପ୍ରୟାସ କରିଆସୁଛି।

## ଜିଓ ମାର୍ଟ, ସ୍ମାର୍ଟ ଷ୍ଟୋରରେ 'ବେଷ୍ଟିଭାଲ୍ ସେଲ୍'

ନୂଆଦିଲ୍ଲୀ,୧୫।୧୦




ରିଲାଏନ୍ସ ରିଟେଲ୍‌ର ଜିଓ ମାର୍ଟ ଏବଂ ସ୍ମାର୍ଟ ଷ୍ଟୋର ପକ୍ଷରୁ 'ବେଷ୍ଟିଭାଲ୍ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସ୍ୱତନ୍ତ୍ର ସେଲ୍ (ଅଫର) ଚଳିତ ବର୍ଷ ଅକ୍ଟୋବର ୨୪ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଏଥିରେ ଇ-ମାର୍କେଟ୍‌ପ୍ଲେସ୍‌ର ଦ୍ରୁତ ସମ୍ପ୍ରସାରଣ ହେଉଛି। ଏଥିରେ ଅନେକ ନୂଆ ବର୍ଗକୁ ମଧ୍ୟ ସାମିଲ କରାଯାଇଛି। ବିଶେଷ କରି ଫ୍ୟାଶନ ଓ ଲାଇଫଷ୍ଟାଇଲ୍ ସହ କଞ୍ଜୁମର ଇଲେକ୍‌ଟ୍ରୋନିକ୍ସ, ହୋମ୍ ଏବଂ କିଚେନ୍ ଉତ୍ପାଦ ଆଦି ସାମିଲ ରହିଛି। ଏହି ସେଲ୍ ଜିଓ ମାର୍ଟ, ଇ-ମାର୍କେଟ୍‌ପ୍ଲେସ୍ ପ୍ଲାଟ୍‌ଫର୍ମ ଏବଂ ୩୦୦୦ରୁ ଅଧିକ ସ୍ମାର୍ଟ ଷ୍ଟୋରରେ ଉପଲବ୍ଧ ହେବ। ସାରା ଦେଶର ସ୍ମାର୍ଟ ବଜାର, ସ୍ମାର୍ଟ ସୁପର ଷ୍ଟୋର ଓ ସ୍ମାର୍ଟ ପଏଣ୍ଟ ଆଦି ଅନ୍ତର୍ଭୁକ୍ତ ରହିଛି। ଗତ ୨ବର୍ଷ ଧରି ସ୍ମାର୍ଟ ଷ୍ଟୋର ଭାଲ୍ୟୁ ଶପିଂ, ଡେଷ୍ଟିନେସନ ଓ ସୁବିଧାଜନକ ଶପିଂ ଫର୍ମାଟକୁ ସମ୍ପ୍ରସାରିତ କରିଛି। ସେହିଭଳି ଚଳିତ 'ବେଷ୍ଟିଭାଲ୍ ସେଲ୍'ରେ ଏକ୍ସକ୍ଲୁସିଭ୍ ଅଫର ଓ ଡିଲ୍ ସାଙ୍ଗକୁ ବ୍ୟାଙ୍କ ଟାଏଅପ୍‌ସ ଓ ଦୀପାବଳି ସାମଗ୍ରୀ ଏବଂ ଜେନେରାଲ୍ ମର୍ଚ୍ଚାଣ୍ଡାଇଜ୍ ଉପରେ ସ୍ୱତନ୍ତ୍ର ରିହାତି ସୁବିଧା ଦିଆଯାଉଛି। ଏ ସମ୍ପର୍କରେ ରିଲାଏନ୍ସ ରିଟେଲ୍‌ର ସିଇଓ (ଗ୍ରୋସେରି) ଦାମୋଦର ମଲ୍ଲ କହିଛନ୍ତି, ଚଳିତ ବେଷ୍ଟିଭାଲ୍ ସେଲ୍‌ରେ ଗ୍ରାହକଙ୍କୁ ଅତୁଳନୀୟ ମୂଲ୍ୟ ସୁବିଧା ପ୍ରଦାନ କରୁଛୁ। ଆମର କ୍ରେତାମାନେ ବିଭିନ୍ନ ବର୍ଗରେ ୮୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଦିୱାଲି ସ୍ପେଶିଆଲ ଡିଲ୍‌ରୁ ମଧ୍ୟ ଦିୟା, କ୍ୟାଣ୍ଡେଲ, ଉପହାର, ମିଠା, ସ୍ନାକ୍ସ ଓ ରଙ୍ଗୋଲି ଆଦି ମଧ୍ୟ ବାଛିପାରିବେ। ଗ୍ରାହକମାନଙ୍କର ସମସ୍ତ ପାର୍ବଣ ଆବଶ୍ୟକତାକୁ ଏହା ପୂରଣ କରିବ। ଏହା ସହିତ ସେମାନେ ଭାରତୀୟ ମିଠାଇ ଓ ଡ୍ରାଏ ଫ୍ରୁଟ୍ ଗିଫ୍ଟ ପ୍ୟାକ୍‌ରେ ୫୦% ପର୍ଯ୍ୟନ୍ତ ରିହାତି ସୁବିଧା ମଧ୍ୟ ପାଇପାରିବେ। ସେହିଭଳି ଜିଓମାର୍ଟର ସିଇଓ ସନ୍ଦୀପ ଭରଗାଣ୍ଟି କହିଛନ୍ତି, ଆମେ ଆମର କ୍ରସ୍ କାଟେଗୋରି ସମ୍ପ୍ରସାରଣର ସଫଳତା ନେଇ ବହୁତ ଉତ୍ସାହୀ ଅଛୁ, ଯାହାକୁ ସାରା ଦେଶରେ ଗ୍ରହଣ କରାଯାଇଛି। ଆମେ ଅଣ ଗ୍ରୋସେରି ବର୍ଗରେ ଗତ ୧୫ଦିନ ମଧ୍ୟରେ ବିକ୍ରିରେ ୩ଗୁଣା ବୃଦ୍ଧି ପରିଲକ୍ଷିତ କରିଛୁ। ବିଶେଷକରି ସାମଗ୍ରିକ କ୍ଷେତ୍ରରେ ଆମେ ଆଶାଠାରୁ ଅଧିକ ସଫଳତା ହାସଲ କରିଛୁ।

## ୪ଜି ସ୍ପିଡ୍‌ରେ ଜିଓ ୧ ନମ୍ବର

ନୂଆଦିଲ୍ଲୀ,୧୫।୧୦

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓର ହାରାହାରି ୪ଜି ଡାଉନ୍‌ଲୋଡ୍ ସ୍ପିଡ୍ ସହ ଅପ୍‌ଲୋଡ୍ ସ୍ପିଡ୍‌ରେ ମଧ୍ୟ ୧ ନମ୍ବର ସ୍ଥାନ ହାସଲ କରିଛି। ବିଶେଷକରି ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ପକ୍ଷରୁ ଜାରି କରାଯାଇଥିବା ଗତ ସେପ୍ଟେମ୍ବରର ତଥ୍ୟ ଅନୁଯାୟୀ ଜିଓର ହାରାହାରି ୪ଜି ଡାଉନ୍‌ଲୋଡ୍ ସ୍ପିଡ୍ ୧୯.୧ଏମ୍‌ବିପିଏସ୍ ରହିଛି। ସେହିଭଳି ଚଳିତ ବର୍ଷ ଅଗଷ୍ଟରେ ଜିଓର ହାରାହାରି ୪ଜି ଡାଉନ୍‌ଲୋଡ୍ ସ୍ପିଡ୍ ୧୭.୪ଏମ୍‌ବିପିଏସ୍ ଥିଲା।

ଅନ୍ୟ ପକ୍ଷରେ ଟ୍ରାଇ ତଥ୍ୟ ଅନୁଯାୟୀ ଭୋଡାଫୋନ୍-ଆଇଡିଆର ହାରାହାରି ୪ଜି ଡାଉନ୍‌ଲୋଡ୍ ସ୍ପିଡ୍ ସେପ୍ଟେମ୍ବର ସୁଦ୍ଧା ୧୨.୭ ଏମ୍‌ବିପିଏସ୍‌କୁ ହ୍ରାସ ପାଇଛି। ସେହିପରି ସେପ୍ଟେମ୍ବରରେ ଏୟାରଟେଲ୍‌ର ହାରାହାରି ୪ଜି ଡାଉନ୍‌ଲୋଡ୍ ସ୍ପିଡ୍ ୧୪ ଏମ୍‌ବିପିଏସ୍ ରହିଛି। ଜିଓଠାରୁ ଉଭୟ ଏୟାରଟେଲ୍ ଓ ଭୋଡାଫୋନ୍ ଆଇଡିଆ ବହୁ ପଛରେ ରହିଛନ୍ତି। ଟ୍ରାଇର ୪ଜି ଡାଉନ୍‌ଲୋଡ୍ ସ୍ପିଡ୍ ପରୀକ୍ଷାରେ ଜିଓ ଆରମ୍ଭରୁ ଏକ ନମ୍ବର ସ୍ଥାନରେ ରହିଆସିଛି।

ଜିଓର ହାରାହାରି ୪ଜି ଅପ୍‌ଲୋଡ୍ ସ୍ପିଡ୍ ୬.୪ଏମ୍‌ବିପିଏସ୍ ରହିଥିବା ବେଳେ ଭୋଡାଫୋନ୍-ଆଇଡିଆର ୫.୯ ଏମ୍‌ବିପିଏସ୍ ଏବଂ ଏୟାରଟେଲ୍‌ର ହାରାହାରି ୪ଜି ଅପ୍‌ଲୋଡ୍ ସ୍ପିଡ୍ ହ୍ରାସ ପାଇ ବିଏସ୍‌ଏନ୍‌ଏଲ୍ ସହ ସମାନ ୩.୪ ଏମ୍‌ବିପିଏସ୍‌ରେ ରହିଛି।

ଟ୍ରାଇ ଦ୍ୱାରା ବାସ୍ତବ ସମୟ ଭିତ୍ତିରେ ଏହାର ମାଇଁ ସ୍ପିଡ୍ ଆପ୍ଲିକେସନ ସହାୟତାରେ ସଂଗୃହୀତ ତଥ୍ୟ ଆଧାରରେ ହାରାହାରି ସ୍ପିଡ୍ ଆକଳନ କରାଯାଇଥାଏ। ଟ୍ରାଇର ମାଇଁ ସ୍ପିଡ୍ ପୋର୍ଟାଲରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ଜିଓର ହାରାହାରି ୪ଜି ଡାଉନ୍‌ଲୋଡ୍ ସ୍ପିଡ୍ ୫୪.୯ ଏମ୍‌ବିପିଏସ୍ ରହିଥିବା ବେଳେ ଏୟାରଟେଲ୍ ଓ ଭୋଡାଫୋନ୍-ଆଇଡିଆର ହାରାହାରି ୪ଜି ଡାଉନ୍‌ଲୋଡ୍ ସ୍ପିଡ୍ ଯଥାକ୍ରମେ ୧୮.୮ ଏମ୍‌ବିପିଏସ୍ ଓ ୧୪ ଏମ୍‌ବିପିଏସ୍ ରହିଛି।

## ଫୁର୍‌ସତ୍



ମାଧୁରୀ ଦୀକ୍ଷିତ

## ନାଚିବାକୁ ବାରଣ

**ମୁମ୍ବାଇ:** ବାହାଘର ପରେ ନବେଦଶକର ବଲିଉଡ୍ ନାୟିକା ମାଧୁରୀ ଦୀକ୍ଷିତଙ୍କ ବଲିଉଡ୍ କ୍ୟାରିୟର୍‌ରେ ଏକ ପ୍ରକାର ବ୍ରେକ୍ ଲାଗିଯାଇଥିଲା। ନିକଟରେ ମାଧୁରୀ ଦେଇଥିବା ନିଜର ଏକ ଇଣ୍ଟରଭ୍ୟୁରେ ଏହାର ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ, ବାହାଘର ପରେ ସେ ବିଦେଶ ଚାଲିଯାଇଥିଲେ। ଘରକାମରେ ତାଙ୍କ ସମୟ କଟୁଥିଲା। କିନ୍ତୁ ଯେତେବେଳେ ସେ ଦୁଇଟି ସନ୍ତାନର ମା' ହେଲେ ସେ ସମୟରେ ଘରଲୋକେ ତାଙ୍କୁ ଅଭିନୟ ଓ ନୃତ୍ୟରୁ ଦୂରରେ ରହିବାକୁ କହିଥିଲେ। ଘର ଲୋକଙ୍କ କଟକଣା ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ନ ଥିବା ସେ କହିଛନ୍ତି। ୧୯୮୪ରେ ଫିଲ୍ମ 'ଅବୋଧ' ଜରିଆରେ ସେ ବଲିଉଡ୍ ଡେବ୍ୟୁ କରିଥିଲେ। କିଛି ବର୍ଷ ବଲିଉଡ୍‌ରେ ମାଧୁରୀଙ୍କ କ୍ରେଜ୍ ଦେଖିବାକୁ ମିଳିଥିଲା। କିନ୍ତୁ ୧୯୯୯ରେ ସେ ଡା. ଶ୍ରୀରାମ ନେନେଙ୍କୁ ବିବାହ କରିଥିଲେ। ୨୦୦୩ରେ ପ୍ରଥମ ସନ୍ତାନ ଆରିନ୍ ଓ ୨୦୦୫ରେ ସାନ ପୁଅ ର୍ୟାନ୍‌ଙ୍କୁ ଜନ୍ମ ଦେଇଥିଲେ ମାଧୁରୀ। ଏହାପରେ ୨୦୦୭ ରେ 'ଆଜା ନଚ୍‌ଲେ ନଚ୍‌ଲେ' ଜରିଆରେ ଏହି ନାୟିକା ବଲିଉଡ୍‌କୁ କମ୍‌ବ୍ୟାକ୍ କରିଥିଲେ।

## ୟୁପିଆଇ କମାଇଛି ଚକୋଲେଟ୍ ବ୍ୟବସାୟ

**ଅନ୍‌ଲାଇନ୍ ପେମେଣ୍ଟ ଯୋଗୁ ଖୁଚୁରା ଟଙ୍କା ବଦଳରେ ଗ୍ରାହକଙ୍କୁ ଚକୋଲେଟ୍ ଦେବା ଅଭ୍ୟାସ ବନ୍ଦ**



**ନୂଆଦିଲ୍ଲୀ:** ଦେଶରେ କ୍ୟାଶ୍‌ଲେସ୍ ପେମେଣ୍ଟର ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାଦ୍ୱାରା ଟଙ୍କା ଦେଣନେଣ ପଦ୍ଧତି ସହଜ ହୋଇଥିଲେ ହେଁ ଅନେକ ବ୍ୟବସାୟୀଙ୍କ ଉପରେ ଏହି ପ୍ରଣାଳୀର ନକାରାତ୍ମକ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ୟୁପିଆଇ ଓ କ୍ୟୁଆର୍ କୋଡ୍ ଜରିଆରେ କରାଯାଉଥିବା ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ ପାଇଁ ଏବେ ଚକୋଲେଟ୍ ବ୍ୟବସାୟ କ୍ଷତିଗ୍ରସ୍ତ ହୋଇଛି। ଗ୍ରୋଥ୍‌ଏକ୍ସ ୱେବ୍‌ସାଇଟ୍‌ର ସଂସ୍ଥାପକ ଅଭିଷେକ ପାଟିଲ ଲିଙ୍କ୍‌ଡ୍‌ଇନ୍ ପୋଷ୍ଟରେ ଅନ୍‌ଲାଇନ୍ ପେମେଣ୍ଟ ଓ ଚକୋଲେଟ ବ୍ୟବସାୟ ଉପରେ ଏହାର ପ୍ରଭାବକୁ ନେଇ ଏକ ରିପୋର୍ଟ ପ୍ରକାଶ କରିଛନ୍ତି। ୨୦୧୬ରେ ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା କରାଯାଇଥିବା ବିମୁଦ୍ରୀକରଣ ପରଠାରୁ ୟୁପିଆଇ ପେମେଣ୍ଟର ବ୍ୟବହାର ବୃଦ୍ଧିପାଇଥିଲା। କିନ୍ତୁ କୋଭିଡ୍ ମହାମାରୀ ପରଠାରୁ ଅନ୍‌ଲାଇନ୍ ମନି ଟ୍ରାଞ୍ଜାକ୍ସନର ମାତ୍ରା ଆଖିଦୃଶିଆ ଭାବେ ବଢ଼ିବାରେ ଲାଗିଛି। ଅନ୍‌ଲାଇନ୍ ପେମେଣ୍ଟ ଯୋଗୁ ଚକୋଲେଟ୍ ବ୍ୟବସାୟ ଏବେ ବନ୍ଦ ହେବାକୁ ବସିଥିବା ବିଶ୍ୱର ସର୍ବବୃହତ୍ ଚକୋଲେଟ ନିର୍ମାଣକାରୀ କମ୍ପାନୀ ହାର୍ସେସ୍ ପକ୍ଷରୁ କୁହାଯାଇଛି। ଭାରତରେ ୨୦୧୦ ସୁଦ୍ଧା ପାର୍ଲେ, ମାର୍ସ, ପରଫେଟି ଭାନ୍ ମେଲେ, ନେସ୍‌ଲେ ଭଳି ଟଫି କମ୍ପାନୀର ବ୍ୟବସାୟରେ ପ୍ରଚୁର ଲାଭ ହେଉଥିବା ଆଇଟିସି ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ଏହି କମ୍ପାନୀଗୁଡ଼ିକୁ ବଡ଼ କ୍ଷତି ସହିବାକୁ ପଡ଼ିଛି। ୟୁପିଆଇ, କ୍ୟୁଆର୍ କୋଡ୍ ଜରିଆରେ ଅନ୍‌ଲାଇନ୍ ପେମେଣ୍ଟର ପ୍ରଚଳନ ହେବା ପୂର୍ବରୁ ଦୋକାନୀମାନେ ଖୁଚୁରା ଟଙ୍କା ବଦଳରେ ଗ୍ରାହକଙ୍କୁ ଚକୋଲେଟ ଧରାଇ ଦେଉଥିଲେ, ଯାହାଫଳରେ ଦୋକାନୀ ଓ ଚକୋଲେଟ କମ୍ପାନୀସବୁ ଲାଭବାନ୍ ହେଉଥିଲେ। କିନ୍ତୁ ୟୁପିଆଇ ପେମେଣ୍ଟ ଦ୍ୱାରା ଦୋକାନୀଙ୍କ ଏହି ପ୍ରଥା ବନ୍ଦ ହୋଇଯାଇଛି। କାରଣ ଗ୍ରାହକମାନେ ଜିନିଷ କିଣିବା ପରେ ଆବଶ୍ୟକ ଟଙ୍କା ଅନ୍‌ଲାଇନ୍‌ରେ ଚୁକ୍ତି କରିଦେଉଛନ୍ତି। ଫଳରେ ଗ୍ରାହକମାନଙ୍କୁ ଟଙ୍କା ଦେବାକୁ ପଡୁନାହିଁ କି ଖୁଚୁରା ନାହିଁ ବୋଲି କହି ଦୋକାନୀମାନେ ଆଉ ଚକୋଲେଟ୍ ଦେଉ ନାହାନ୍ତି। କୋଭିଡ୍ ସମୟରେ ସାଧାରଣ ଦୂରତା ବଜାୟ ରଖିବା ସହିତ ବ୍ୟବହାର୍ଯ୍ୟ ଜିନିଷଠାରୁ ନିଜକୁ ଦୂରେଇ ରଖିବା ଦ୍ୱାରା କରୋନା ସଂକ୍ରମଣକୁ ରୋକାଯାଇ ପାରିବ ବୋଲି ଗାଇଡଲାଇନ୍‌ରେ କୁହାଯିବା ପରେ ଡିଜିଟାଲ ପେମେଣ୍ଟ ବହୁଳଭାବେ ବ୍ୟବହାର ହେବାରେ ଲାଗିଲା।

ପାଟିଲ୍‌ଙ୍କ ଏହି ବିଶ୍ଳେଷାତ୍ମକ ପୋଷ୍ଟକୁ ଅନେକ ଲିଙ୍କ୍‌ଡ୍‌ଇନ୍ ୟୁଜର ସହମତି ଦେଇଛନ୍ତି। ଚକୋଲେଟ ବ୍ୟବସାୟ କମିବା ଦ୍ୱାରା କ୍ଷୁଦ୍ର ଦୋକାନୀମାନେ ଏବେ ଚକୋଲେଟ ଡବା ଜାଗାରେ ମିଠେଇ ଯେମିତି ସୁନ୍ ପାପଡି, ଲଡୁ ଓ ଗୁଲାବଜାମୁନ ରଖିବା ଆରମ୍ଭ କରିଦେଇଛନ୍ତି ବୋଲି ଜଣେ ୟୁଜର କମେଣ୍ଟରେ ଲେଖିଛନ୍ତି। ସେହିପରି ଚକୋଲେଟରୁ ଦୁଇ ପଇସା ଲାଭ ପାଇବା ପାଇଁ ଦୋକାନୀମାନେ ବିଜ୍‌ନେସ୍ ଷ୍ଟ୍ରାଟେଜି ପକାଇ ଖୁଚୁରା ବଦଳରେ ଗ୍ରାହକମାନଙ୍କୁ କ୍ୟାଣ୍ଡି ଧରାଇ ଦେଉଥିବା ଅନ୍ୟ ଜଣେ ୟୁଜର କହିଛନ୍ତି।

## '୨୫ ରୁଟି, ଗୋଟେ ଥାଳି ଭାତ ଖାଇ ନିଦ ଲାଗିଲା'

**ଲକ୍ଷ୍ନୌ:** ଉତ୍ତର ପ୍ରଦେଶ ଲକ୍ଷ୍ନୌର ଜଣେ କନଷ୍ଟେବଲଙ୍କ ସ୍ପଷ୍ଟିକରଣ ଚିଠି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୁଲତାନପୁରରେ କନଷ୍ଟେବଲମାନଙ୍କ ଟ୍ରେନିଂ ଚାଲିଥିବାବେଳେ ରାମ ଶରିଫ ଯାଦବ ଶୋଇପଡ଼ିଥିଲେ। ପ୍ରଶିକ୍ଷଣ ବେଳେ ଶୋଇବା ନେଇ ଉଚ୍ଚାଧିକାରୀ ତାଙ୍କୁ ସ୍ପଷ୍ଟିକରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସ୍ପଷ୍ଟିକରଣ ଚିଠିରେ ଲେଖାଯାଇଛି, ଟ୍ରେନିଂ ପାଇଁ ଲକ୍ଷ୍ନୌରୁ ପିଟିସି ଦଦୁପୁର ଯାଇଥିଲି। ସେଠାରେ ରହିବା ସାଙ୍ଗକୁ ଖାଇବାରେ ବହୁ ଅସୁବିଧା ଭୋଗିବାକୁ ପଡ଼ିଥିଲା। ଖାଦ୍ୟ ନ ମିଳିବାରୁ ଗୋଟିଏ ଦିନ ଉପାସ ରହିବାକୁ ପଡ଼ିଥିଲା। କିନ୍ତୁ ପରଦିନ ସେ ଏକାସାଙ୍ଗରେ ୨୫ଟି ରୁଟି, ଗୋଟିଏ ଥାଳି ଭାତ ସହିତ ଦୁଇ ଗିନା ଡାଲି ଓ ତରକାରି ଖାଇଥିଲେ। ପ୍ରଚୁର ପରିମାଣ ଖାଦ୍ୟ ଏକାସାଙ୍ଗରେ ଖାଇବା କାରଣରୁ ତାଙ୍କୁ ନିଦ ଲାଗିଥିଲା ଓ ଟ୍ରେନିଂ ବେଳେ ସେ ଶୋଇ ପଡ଼ିଥିଲେ ବୋଲି ସ୍ପଷ୍ଟିକରଣ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ଆଉ ଏଭଳି ଭୁଲ୍ ହେବ ନାହିଁ ବୋଲି ମଧ୍ୟ ସେ କହିଛନ୍ତି। ବର୍ତ୍ତମାନ ଏହି ଚିଠି ସୋସିଆଲ ମିଡିଆରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

## ମେଶିନରୁ ବାହାରୁଛି ଗରମ ଇଡ୍‌ଲି




**ବେଙ୍ଗାଲୁରୁ:** ଇନୋଭେଶନ୍ ହବ୍ ଭାବେ ବେଶ୍ ଜଣାଶୁଣା ବେଙ୍ଗାଲୁରୁ ସହର। ଅନେକ ସମୟରେ ବିଭିନ୍ନ ପ୍ରକାର ଟେକ୍ନୋଲୋଜି ବ୍ୟବହାର କରି ନୂଆ ନୂଆ ଜିନିଷ ତିଆରି କରିବା କାରଣରୁ ବେଙ୍ଗାଲୁରୁର ଏପରି ନାମକରଣ କରାଯାଇଛି। ନିକଟରେ ସହରରେ ଫ୍ରେସ୍‌ହଟ୍ ଫୁଡ୍‌ବୋଟ୍ ନାମରେ ଏକ ଫୁଡ୍‌କୋର୍ଟ ଖୋଲିଛି, ଯେଉଁଠାରେ ଏକ ମେଶିନ୍‌ରୁ ଗରମ ଗରମ ଇଡ୍‌ଲି ଓ ଚଟଣି ବାହାରୁ ଥିବା ଦେଖିବାକୁ ମିଳିଛି। ଏଟିଏମ୍ ଭଳି ମେଶିନ୍‌ରୁ ଇଡ୍‌ଲି ବାହାରୁ ଥିବାରୁ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ପ୍ରଥମେ ଫ୍ରେସ୍‌ହଟ ଆପ୍‌ରେ ଅର୍ଡର ଦେବା ସହ ଅନ୍‌ଲାଇନ୍ ପେମେଣ୍ଟ କରିବାକୁ ପଡ଼ିଥାଏ। ଏହାପରେ ଇଡ୍‌ଲି ମେଶିନ୍‌ରେ ଥିବା କ୍ୟୁଆର୍ କୋଡ୍‌କୁ ଦେଖାଇବା ପରେ ମେଶିନ୍ ଭିତରୁ ଗରମ ଇଡ୍‌ଲି ଓ ଚଟନି ପ୍ୟାକ୍ ହୋଇ ବାହାରକୁ ଚାଲିଆସିଥାଏ। ପ୍ରଣାଳୀ ପାଇଁ ମାତ୍ର ୫୫ ସେକେଣ୍ଡ ସମୟ ଲାଗୁଥିବା କୁହାଯାଉଛି। ତେବେ ଏହି ମେଶିନ୍ ହିରେମାଥ ନାମକ ଜଣେ କମ୍ପ୍ୟୁଟର ଇଞ୍ଜିନିୟର ତିଆରି କରିଛନ୍ତି। ୨୦୧୬ରେ ହଠାତ୍ ତାଙ୍କ ଝିଅ ଦେହ ଖରାପ ହୋଇଯାଇଥିଲା ଏବଂ ସେ ଗରମ ଇଡ୍‌ଲି ଖାଇବାକୁ ମନ କରିଥିଲେ। ବିଳମ୍ବିତ ରାତି ହୋଇଯାଇଥିବା କାରଣରୁ ତାଙ୍କୁ ଇଡ୍‌ଲି ମିଳି ନ ଥିଲା। ଏ ପ୍ରକାର ଅସୁବିଧାର ସ୍ଥାୟୀ ସମାଧାନ ପାଇଁ ହିରେମାଥ ଏ ପ୍ରକାର ମେଶିନ୍ ତିଆରି କରିଥିବା କହିଛନ୍ତି।

## ଯନ୍ତ୍ରଣାମୁକ୍ତ ଚିକିତ୍ସା କ୍ଷେତ୍ରରେ ନିଶ୍ଚେତକ ଗୁରୁତ୍ୱପୂର୍ଣ୍ଣ

**ବିଶ୍ୱ ନିଶ୍ଚେତକ ଦିବସ**

ସମ୍ପ୍ରତି ଚିକିତ୍ସା କ୍ଷେତ୍ରରେ ନିଶ୍ଚେତକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏହା ବିନା ସାଧାରଣ ପରୀକ୍ଷାଠାରୁ ଆରମ୍ଭ କରି ଛୋଟ ଅବା ବଡ଼ ଅପରେଶନ ସମ୍ଭବ ହୋଇପାରି ନ ଥାଏ। ନିଶ୍ଚେତକ ବ୍ୟବହାର ଦ୍ୱାରା ରୋଗୀ କଷ୍ଟ ଅନୁଭବ କରିପାରି ନ ଥାନ୍ତି। ଫଳରେ ଚିକିତ୍ସା ବିନା କଷ୍ଟ ଅନୁଭବରେ ହେବା ଦ୍ୱାରା ରୋଗୀ ମାନସିକସ୍ତରରେ ସୁଦୃଢ଼ ହୋଇପାରିଥାନ୍ତି ଏବଂ ଚିକିତ୍ସା ସେବା ଗ୍ରହଣ କରିବାକୁ ଅମଙ୍ଗ ହୋଇ ନ ଥାନ୍ତି। ଚିକିତ୍ସା କ୍ଷେତ୍ରରେ ନିଶ୍ଚେତକର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୧୬ରେ ବିଶ୍ୱ ନିଶ୍ଚେତକ ଦିବସ ପାଳନ କରାଯାଇଥାଏ। ଏହାକୁ ଇଥର ଦିବସ ମଧ୍ୟ କୁହାଯାଇଥାଏ।

ପ୍ରଥମେ ଚିକିତ୍ସା କ୍ଷେତ୍ରରେ ୧୮୪୬ ଅକ୍ଟୋବର ୧୬ରେ ସଫଳତାର ସହିତ ଡାଇଇଥାଇଲ ଇଥର ନିଶ୍ଚେତକର ପ୍ରୟୋଗ କରାଯାଇଥିଲା। ଏହାକୁ ସ୍ମରଣ କରିବା ପାଇଁ ସାରା ବିଶ୍ୱରେ ବିଶ୍ୱ ନିଶ୍ଚେତକ ଦିବସ ପାଳନ କରାଯାଇଥାଏ। ଡବ୍ଲ୍ୟୁଟିଜି ମୋର୍ଟନ ଆନୁଷ୍ଠାନିକ ଭାବେ ଡାଇଇଥାଇଲ ଇଥରର ପ୍ରଥମ ସଫଳ ବ୍ୟବହାର ହାର୍ଭାର୍ଡ ସ୍କୁଲ ଅଫ ମେଡିସିନ୍‌ର ମାସାଚୁସେଟ୍ସ ଜେନେରାଲ ହସ୍ପିଟାଲରେ ଏକ ଅପରେଟିଂ ଥିଏଟରରେ କରିଥିଲେ।

# ଭାରତ ସପ୍ତମ ଥର ଚାମ୍ପିୟନ




ଟ୍ରଫି ସହ ଖୁସି ମୁହୂର୍ତ୍ତରେ ଏସିଆ କପ୍ ବିଜେତା ଭାରତୀୟ ମହିଳା କ୍ରିକେଟ ଦଳ।

**ମହିଳା ଟି୨୦ ଏସିଆ କପ୍**

ସିଲହଟ୍,୧୫।୧୦(ପି.ଟି.)

ମହିଳା ଏସିଆ କପ୍‌ରେ ଭାରତ ନିଜର ଆଧିପତ୍ୟ ବଜାୟ ରଖିଛି । ଶନିବାର ଖେଳା ଯାଇଥିବା ଫାଇନାଲ ମ୍ୟାଚରେ ଶ୍ରୀଲଙ୍କାକୁ ୮ ଉଇକେଟରେ ପରାସ୍ତ କରି ସପ୍ତମ ଥର ପାଇଁ ଟାଇଟଲ ହାତେଇଛି ହରମନପ୍ରୀତ କୌରଙ୍କ ଦଳ। ଏସିଆ କପ୍‌ର ଅଷ୍ଟମ ସଂସ୍କରଣରେ ଭାରତ ସପ୍ତମ ଥର ପାଇଁ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ମାତ୍ର ୬୫ ରନ କରିଥିବା ବେଳେ ଭାରତ ୮.୩ ଓଭରରେ ଦୁଇ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା। ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ୧୪ ବର୍ଷରେ ପ୍ରଥମ ଥର ଫାଇନାଲ ଖେଳୁଥିବା ଶ୍ରୀଲଙ୍କା ଖେଳାଳିଙ୍କ ଚାପ ସ୍ପଷ୍ଟ ବାରିହୋଇ ପଡୁଥିଲା। ମ୍ୟାଚର ତୃତୀୟ ଓଭରରେ ଅଧିନାୟିକା ଚମାରି ଆଟ୍ଟାପଟ୍ଟୁ ଓ ପରବର୍ତ୍ତୀ ଓଭରରେ ଅନୁଷ୍କା ସଞ୍ଜୀବନୀ ରନ୍ ଆଉଟ ହୋଇଥିଲେ। ଏହାପରେ ପେସ୍ ବୋଲର ରେଣୁକା ସିଂ ୩ ଉଇକେଟ ନେବା ସହିତ ଶ୍ରୀଲଙ୍କା ଟପ୍ ଅର୍ଡରକୁ ଧ୍ୱସ୍ତ କରି ଦେଇଥିଲେ। ମାତ୍ର ୧୬ ରନରେ ଶ୍ରୀଲଙ୍କା ୫ ଉଇକେଟ ହରାଇଥିଲା। ଏହାପରେ ରାଜେଶ୍ୱରୀ ଗାଏକ୍ୱାଡ ଓ ସ୍ନେହ ରାଣା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୦ ନମ୍ବର ବ୍ୟାଟର ଇନୋକା ରଣୱିରା ସର୍ବାଧିକ ୧୮* ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଶାଡି ରଣସିଂଘେ ୧୩ ରନ୍ ସଂଗ୍ରହ କରିଥିଲେ। ୧୦ମ ଉଇକେଟରେ ଇନୋକା ଓ ଅଚିନି କୁଲସୁରିୟା(୬)ଙ୍କ ମଧ୍ୟରେ ୨୨ ରନର ପାର୍ଟନରଶିପ୍ ହୋଇଥିଲା। ଭାରତ ପକ୍ଷରୁ ରେଣୁକା ସିଂ ୫ ରନରେ ୩ ଉଇକେଟ ନେଇଥିଲେ।

୬୬ ରନ ଜବାବରେ ଭାରତ ପକ୍ଷରୁ ସ୍ମୃତି ମନ୍ଧାନା ଅର୍ଦ୍ଧଶତକ ହାସଲ କରିଥିଲେ। ୨୫ ବଲରୁ ସେ ଅପରାଜିତ ୫୧ ରନ କରିବାରୁ ଭାରତ ୮.୩ ଓଭରରେ ୨ ଉଇକେଟ ହରାଇ ୭୧ ରନ କରିଥିଲା। ଶେଫାଳି ବର୍ମା (୫) ଓ ଟୁର୍ନାମେଣ୍ଟର ଟପ୍ ସ୍କୋରର ଜେମିମା ରୋଡ୍ରିଗ୍ସେଜ (୨) ସହଜରେ ଆଉଟ ହୋଇଥିଲେ। ମନ୍ଧାନାଙ୍କ ଇନିଂସରେ ୬ ଚୌକା ଓ ୩ ଛକା ସାମିଲ ଥିଲା। ଶ୍ରୀଲଙ୍କା ପକ୍ଷରୁ ଇନୋକା ରଣୱିରା ଓ କଭିଶା ଦିଲହାରି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଘାତକ ବୋଲିଂ ପାଇଁ ରେଣୁକା ସିଂଙ୍କ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ଦୀପ୍ତି ଶର୍ମା(୯୧ ରନ୍ ଓ ୧୩ ଉଇକେଟ)ଙ୍କୁ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା। ଜେମିମା ରୋଡ୍ରିଗ୍ସେଜ ୮ ମ୍ୟାଚରୁ ୨୧୭ ରନ ସହିତ ଟୁର୍ନାମେଣ୍ଟର ଟପ୍ ସ୍କୋରର ରହିଥିଲେ। ଦୀପ୍ତି ଶର୍ମା ଓ ଇନୋକା ରଣୱିରା ୧୩ଟି ଲେଖାଏ ଉଇକେଟ ଅକ୍ତିଆର କରିବା ସହିତ ହାଏଷ୍ଟ ଉଇକେଟ ଟେକର ରହିଛନ୍ତି।

## ଭାରତ-ଅଷ୍ଟ୍ରେଲିଆ ମୁକାବିଲା ଆଜି

**୨୦ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ**

କୁଏଟ୍ ସିଟି, ୧୫।୧୦(ପି.ଟି.)

୨୦ ବର୍ଷରୁ କମ୍ ଏଏଫ୍‌ସି ଫୁଟ୍‌ବଲ ଚାମ୍ପିୟନଶିପ୍‌ଗ୍ରୁପ୍-'ଏଚ୍' କ୍ୱାଲିଫାୟର୍ସରେ ଭାରତ ରବିବାର ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଭେଟିବ। ଭାରତ ପୂର୍ବରୁ ଏହାର ଓପନିଂ ମ୍ୟାଚ୍‌ରେ ଇରାକକୁ ଭେଟିଥିଲା। ଦଳ ପ୍ରଥମାର୍ଦ୍ଧ ସୁଦ୍ଧା ୨-୧ରେ ଅଗ୍ରଣୀ ରହିବା ପରେ ଶେଷରେ ୨-୪ରେ ପରାସ୍ତ ହୋଇଯାଇଥିଲା। ଭାରତୀୟ ଦଳର ମୁଖ୍ୟ କୋଚ୍ ଶନ୍ମୁଗମ୍ ଭେଙ୍କଟେଶ କହିଛନ୍ତି ଗ୍ରୁପ୍‌ର ଶୀର୍ଷ ସ୍ଥାନ ପାଇଁ ଅଷ୍ଟ୍ରେଲିଆ ହେଉଛି ଫେଭରାଇଟ୍। ଶୁକ୍ରବାର ରାତିରେ ସେ ଅଷ୍ଟ୍ରେଲିଆର କୁଏଟ ବିପକ୍ଷ ମ୍ୟାଚ ଦେଖିଛନ୍ତି। ଏହି ଦଳର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ତେଣୁ ଆମକୁ ଏହି ଦଳ ବିପକ୍ଷରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ଭାରତ ବିଶେଷ କରି ଫର୍ମରେ ଥିବା ଏହାର ଦୁଇ ଖେଳାଳି ଗୁର୍‌କିରଟ ସିଂ ଓ ଟାଇସନ ସିଂଙ୍କ ପ୍ରଦର୍ଶନ ଉପରେ ନିର୍ଭରଶୀଳ। ଇରାକ ବିପକ୍ଷ ପରାଜୟ ମ୍ୟାଚରେ ଗୁର୍‌କିରଟ ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ଅନ୍ୟଟିରେ ସହାୟତା କରିଥିଲେ। ଅଷ୍ଟ୍ରେଲିଆ ଏହାର ପ୍ରଥମ ମ୍ୟାଚରେ ଆୟୋଜକ କୁଏଟ୍ ବିପକ୍ଷରେ ୪-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଇରାକ ସହ ଏହି ଦଳ ବର୍ତ୍ତମାନ ଟେବୁଲରେ ଅଗ୍ରଣୀ ରହିଛି। ଭାରତ ଓ କୁଏଟ୍ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି।

## ବିଗ୍‌ବାଶ୍ ଲିଗ୍‌ରେ ଅଧିନାୟକ ପଦକୁ ଫେରିପାରନ୍ତି ୱାର୍ନର

ମେଲବୋର୍ନ, ୧୫।୧୦(ପି.ଟି.)

ଅଷ୍ଟ୍ରେଲିଆର ଷ୍ଟାର ଓପନର ଡେଭିଡ୍ ୱାର୍ନର ଯଥାଶୀଘ୍ର ଡିସେମ୍ବରରେ ବିଗ୍ ବାଶ୍ ଲିଗ୍ (ବିବିଏଲ୍)ରେ ଅଧିନାୟକ ପଦ ଫେରିପାରନ୍ତି। ଦେଶର କ୍ରିକେଟ ବୋର୍ଡ ଆଚରଣବିଧିରେ ସମୀକ୍ଷା କରିବା ଲାଗି ବିଚାର କରୁଥିବା ଜଣାପଡ଼ିବା ପରେ ଏହି ସମ୍ଭାବନା ଦେଖା ଦେଇଛି। ବର୍ତ୍ତମାନ ପ୍ରଚଳିତ ନିୟମାନୁସାରେ ଜଣେ ଖେଳାଳି ଦଣ୍ଡବିଧାନକୁ ଗ୍ରହଣ କରିନେବା ମାନେ ଏହାକୁ ସମ୍ପୂର୍ଣ୍ଣ ପାଳନ କରିବା ବାଧ୍ୟତାମୂଳକ। ୨୦୧୮ରେ ବଲ୍ ଟାମ୍ପରିଂ ସ୍କାଣ୍ଡାଲରେ ସମ୍ପୃକ୍ତି ଥିବା ଅଭିଯୋଗରେ ୱାର୍ନର ଅଧିନାୟକତ୍ୱରୁ ଆଜୀବନ ବାସନ୍ଦ ହୋଇଥିଲେ। ମାତ୍ର କ୍ରିକେଟ ଅଷ୍ଟ୍ରେଲିଆ ଏହାର ଆଚରଣ ବିଧିରେ ସଂଶୋଧନ ଆଣିବାକୁ ବିଚାର କରୁଛି। ଯାହାଫଳରେ ୱାର୍ନର ବିବିଏଲ୍‌ରେ ସିଡ୍‌ନୀ ଥଣ୍ଡର କିମ୍ବା ଭବିଷ୍ୟତରେ ଅଷ୍ଟ୍ରେଲିଆ ଦଳର ଅଧିନାୟକତ୍ୱ କରିପାରିବେ। କ୍ରିକେଟ ଅଷ୍ଟ୍ରେଲିଆର ବୋର୍ଡ ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୀର୍ଘମିଆଦୀ ଦଣ୍ଡ ବ୍ୟବସ୍ଥାରେ କିଛିଟା ପରିବର୍ତ୍ତନ କରିବା ସମ୍ପର୍କରେ ଆଲୋଚନା ହୋଇଛି। ଆଚରଣ ବିଧି ସଂଶୋଧନ କରାଗଲେ ସମ୍ପୃକ୍ତ ଖେଳାଳିଙ୍କୁ ଦଣ୍ଡ ହ୍ରାସ ପାଇଁ ନିବେଦନ କରିବାକୁ ହେବ। ତାହା ଗ୍ରହଣଯୋଗ୍ୟ ହେଲେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖେଳାଳିଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯିବ। ସନ୍ତୋଷଜନକ ମନେହେଲେ ଦଣ୍ଡ କୋହଳ କରାଯାଇପାରେ କିମ୍ବା ଉଠାଇଇ ଦିଆଯାଇପାରେ।

## ପ୍ରୋ କବାଡ଼ି ଲିଗ୍ | ପିଙ୍କ୍ ପାନ୍ଥର୍ସର ହ୍ୟାଟ୍ରିକ୍ ବିଜୟ

ବେଙ୍ଗାଲୁରୁ,୧୫।୧୦(ପି.ଟି.)

ପ୍ରୋ କବାଡ଼ି ଲିଗ୍‌ରେ ଶନିବାର ଜୟପୁର ପିଙ୍କ୍‌ପାନ୍ଥର୍ସବିଜୟୀ ହୋଇଛି।ବେଙ୍ଗାଲୁରୁର ଶ୍ରୀ କାନ୍ତିବୀରା ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଜୟପୁର ୨୫-୧୮ରେ ଗୁଜରାଟ ଜାଏଣ୍ଟ୍ସକୁ ପରାସ୍ତ କରିବା ସହିତ ହ୍ୟାଟ୍ରିକ ବିଜୟ ହାସଲ କରିଛି। ଉଭୟ ଦଳ ପକ୍ଷରୁ ରକ୍ଷଣାତ୍ମକ ଢଙ୍ଗରେ ମ୍ୟାଚ ଖେଳାଯାଇଥିଲା। ତେବେ ପାନ୍ଥର୍ସର ଦୁଇ ରେଡର ରାହୁଲ ଚୌଧୁରୀ ଓ ଭବାନୀ ରାଜପୁତଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ବଳରେ ବିଜୟୀ ହୋଇଥିଲା। ଉଭୟ ଭବାନୀ ଏବଂ ରାହୁଲ ୫ ପଏଣ୍ଟ ଲେଖାଏ ସଂଗ୍ରହ କରିଥିଲେ। ଅନ୍ୟତମ ରେଡର ଅର୍ଜୁନ୍ ଦେଶୱାଲ ୪ ପଏଣ୍ଟ ସ୍କୋର କରିଥିଲେ। ଗୁଜରାଟ ପକ୍ଷରୁ ଅଲରାଉଣ୍ଡର ପ୍ରତୀକ ଦାହିୟା ୬ ପଏଣ୍ଟ ସ୍କୋର କରିଥିଲେ ହେଁ ଅନ୍ୟ ଖେଳାଳିମାନେ ଆଖିଦୃଶିଆ ପ୍ରଦର୍ଶନରେ ବିଫଳ ହୋଇଥିଲେ। ପ୍ରଥମ ହାଫ୍‌ରେ ଜୟପୁର ୧୩-୯ ଓ ଦ୍ୱିତୀୟ ହାଫ୍‌ରେ ୧୨-୯ର ସ୍କୋର ସହିତ ଏହି ମ୍ୟାଚକୁ ଜିତିଥିଲା। ୪ମ୍ୟାଚ ଖେଳିଥିବା ଜୟପୁର ୩ ବିଜୟ ସହିତ ୧୬ ପଏଣ୍ଟ ହାସଲ କରିଛି।



ପ୍ରୋ-କବାଡ଼ି ଲିଗ୍‌ରେ ଶନିବାର ଜୟପୁର ପିଙ୍କ୍ ପାନ୍ଥର୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ସିଏବି ସଭାପତି ହେବେ ଗାଙ୍ଗୁଲି

ନୂଆଦିଲ୍ଲୀ, ୧୫।୧୦ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବିଦାୟୀ ମୁଖ୍ୟ ସୌରଭ ଗାଙ୍ଗୁଲି ତାଙ୍କ ରାଜ୍ୟ ୟୁନିଟ୍ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ସଭାପତି ପଦବୀକୁ ଫେରିବେ। ପୂର୍ବତନ ଭାରତୀୟ ଅଧିନାୟକ ଶନିବାର ପ୍ରକାଶ କରିଛନ୍ତି। ଗାଙ୍ଗୁଲି ବିସିସିଆଇ ସଭାପତି ପଦବୀ ହରାଇବାକୁ ପଡ଼ିଥିଲା। କାରଣ ଏହି ପଦବୀରେ କେହି ୩ ବର୍ଷରୁ ଅଧିକ ରହିପାରିବେ ନାହିଁ। କିନ୍ତୁ ସେ ବିସିସିଆଇକୁ ଆସିବା ପୂର୍ବରୁ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ୪ ବର୍ଷ ସିଏବିର ସଭାପତି ରହିଥିଲେ। ଗାଙ୍ଗୁଲି କହିଛନ୍ତି, ସେ ସିଏବି ନିର୍ବାଚନରେ ଲଢିବେ। ଅକ୍ଟୋବର ୨୨ରେ ସେ ପ୍ରାର୍ଥୀପତ୍ର ଦାଖଲ କରିବା ଲାଗି ସ୍ଥିର କରିଛନ୍ତି। ଲୋଧା ନିୟମ ଅନୁସାରେ ସେ ଆଉ ୪ ବର୍ଷ ସିଏବି ସଭାପତି ହୋଇ ପାରିବେ। ପୂର୍ବରୁ ସଭାପତି ପଦବୀ ପାଇଁ ଗାଙ୍ଗୁଲିଙ୍କ ଭାଇ ସ୍ନେହାଶିଷ ଅଭିଷେକଙ୍କ ସ୍ଥାନରେ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତେ। ମାତ୍ର ପୂର୍ବତନ ଖେଳାଳି ପ୍ରାର୍ଥୀ ହେବା ଦ୍ୱାରା ସବୁ ହିସାବ ଏପଟ ସେପଟ ହୋଇଯାଇଛି। ଅକ୍ଟୋବାର ୨୦ରେ ସେ ତାଙ୍କ ପ୍ୟାନେଲ ଚୂଡ଼ାନ୍ତ କରିବେ ବୋଲି ଗାଙ୍ଗୁଲି ପ୍ରକାଶ କରିଛନ୍ତି।

## ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଫେଭରିଟ




ଅଷ୍ଟ୍ରେଲିଆରେ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ୨୦୨୨ ଆରମ୍ଭ ହେବାର ଦିନକ ପୂର୍ବରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଅଧିନାୟକ ଆରୋନ୍ ଫିଞ୍ଚ୍ ଅଂଶଗ୍ରହଣକାରୀ ଅନ୍ୟ ଦଳଗୁଡ଼ିକର ଅଧିନାୟକଙ୍କ ସହ ସେଲ୍‌ଫି ନେଉଛନ୍ତି।

**ଆଜିଠୁ ଟି୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ**

ବ୍ରିସବେନ୍,୧୫।୧୦(ପି.ଟି.)

ୱେଷ୍ଟଇଣ୍ଡିଜ୍ ଦୁଇଥର ଟି୨୦ ବିଶ୍ୱକପ ଜିତି ସାରିଥିବା ବେଳେ ୨୦୧୪ ଚାମ୍ପିୟନ୍ ଶ୍ରୀଲଙ୍କା ୩ ଥର ଫାଇନାଲରେ ପ୍ରବେଶ କରିଛି। ତେବେ ବିଗତ ଦିନରେ ଦୁଇ ଦଳର ପ୍ରଦର୍ଶନ ସାମାନ୍ୟ ଖରାପ ରହିଥିବା କାରଣରୁ ଚଳିତ ବିଶ୍ୱକପ ପୂର୍ବରୁ ଉଭୟ ଦଳ ଯୋଗ୍ୟତା ପର୍ଯ୍ୟାୟ ଖେଳିବେ। ବିଶ୍ୱକପର ପ୍ରଥମ ରାଉଣ୍ଡ ମୁକାବିଲା ରବିବାର ଠାରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ମୁଖ୍ୟ ରାଉଣ୍ଡ(ସୁପର-୧୨)ରେ ସାମିଲ ହେବା ପାଇଁ ଏହି ଦୁଇ ଦଳ ଫେଭରିଟ୍ ରହିଛନ୍ତି। ଏସିଆ କପ ବିଜୟୀ ହୋଇ ଫେରିଥିବା ଶ୍ରୀଲଙ୍କା ରବିବାର ଏହାର ପ୍ରଥମ ମ୍ୟାଚ ନାମ୍ବିଆ ବିପକ୍ଷରେ ଖେଳିବ। ଗିଲଙ୍ଗର କାର୍ଡିନିଆ ପାର୍କରେ ରବିବାର ହେବାକୁ ଥିବା ମ୍ୟାଚରେ ଶ୍ରୀଲଙ୍କାର ପଲା ଭାରି ରହିବ। ଅନ୍ୟପକ୍ଷରେ ସମସ୍ୟା ମଧ୍ୟ ଦେଇ ଗତି କରୁଥିବା ୱେଷ୍ଟଇଣ୍ଡିଜ ଦଳର ନେତୃତ୍ୱ ନେବେ ନିକୋଲାସ୍ ପୁରନ୍। ବ୍ରିସବେନର ହୋବାର୍ଟରେ ଦଳ ସ୍କଟଲାଣ୍ଡ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଦଳ ବର୍ତ୍ତମାନ ଭଲ ସ୍ଥିତିରେ ରହିଛି। ସମସ୍ତ ଖେଳାଳି ସକାରାତ୍ମକ ମନୋଭାବରେ ରହିଛନ୍ତି ଓ ଟୁର୍ନାମେଣ୍ଟରେ ଦଳ ଭଲ ପ୍ରଦର୍ଶନକରିବବୋଲିଅଧିନାୟକକହିଛନ୍ତି।

## ଆତ୍ମଘାତୀ ଗୋଲରେ ହାରିଲା ଓଏଫ୍‌ସି

ଭୁବନେଶ୍ୱର,୧୫।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର ଲିଗ୍‌ରେ ପ୍ରଥମ ପରାଜୟ ବରଣ କରିଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ମୁମ୍ବାଇ ଫୁଟବଲ ଆରେନାରେ ଖେଳା ଯାଇଥିବା ମ୍ୟାଚରେ ୨-୦ରେ ହାରିଯାଇଛି । ଶନିବାର ମ୍ୟାଚରେ ଓଡ଼ିଶାର ଶୁଭମ ଷଡଙ୍ଗୀ ଆତ୍ମଘାତୀ ଗୋଲ ଦେଇଥିଲେ। ଏହି ମ୍ୟାଚଟି କଡା ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମ ହାଫ୍ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟ ହାଫ୍ ଆରମ୍ଭରୁ ଶୁଭମଙ୍କ ଆତ୍ମଘାତୀ ଗୋଲ ବଳରେ ଓଏଫ୍‌ସି ୧-୦ରେ ପଛୁଆ ରହିଥିଲା। ଓଏଫ୍‌ସି ପକ୍ଷରୁ ଗୋଲ ପରିଶୋଧ ପାଇଁ ପ୍ରୟାସ କରାଯାଇଥିଲେ ହେଁ ସମ୍ଭବ ହୋଇନଥିଲା। ଓଏଫ୍‌ସି ମ୍ୟାଚର ୫୧ ପ୍ରତିଶତ ସମୟ ବଲ ନିଜ ନିୟନ୍ତ୍ରଣରେ ରଖିଥିଲେ ହେଁ ବିଜୟ ପାଇଁ ଏହା ଯଥେଷ୍ଟ ନଥିଲା। ଶେଷରେ ଇଞ୍ଜୁରୀ ଟାଇମରେ ବିପିନ ସିଂ ଥୋଉନାଉଜାମ ୯୦+୫ ମିନିଟ ଗୋଲ ବଳରେ ୨-୦ରେ ବିଜୟୀ ହୋଇଥିଲା ମୁମ୍ବାଇ। ୨୩ ଅକ୍ଟୋବରରେ ଓଏଫ୍‌ସି କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ଏହାର ମ୍ୟାଚ ଖେଳିବ। ରବିବାର ଏଟିକେ ମୋହନ ବାଗାନ ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ମ୍ୟାଚ ଖେଳାଯିବ।

## ବିପର୍ଯ୍ୟୟ ଘଟାଇଲା ତାଞ୍ଜାନିଆ

**ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍**

ମାର୍ଗାଓ,୧୫।୧୦(ପି.ଟି.)

ଭାରତରେ ଖେଳା ଯାଉଥିବା ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ୍‌ରେ ଦେଖିବାକୁ ମିଳିଛି ବଡ ଧରଣର ବିପର୍ଯ୍ୟୟ। ଫ୍ରାନ୍ସକୁ ୨-୧ରେ ପରାସ୍ତ କରିଛି ତାଞ୍ଜାନିଆ। ମାର୍ଗାଓର ଫତୋର୍ଦ୍ଧା ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରୁପ୍ ବି ମୁକାବିଲାରେ ତାଞ୍ଜାନିଆ ବିଜୟୀ ହେବା ସହିତ ଫ୍ରାନ୍ସର ନକଆଉଟ ପ୍ରବେଶ ସମ୍ଭାବନା ସଙ୍କଟରେ ରହିଛି। ଶନିବାର ମୁକାବିଲାରେ ମ୍ୟାଚର ଅଧିକାଂଶ ସମୟ ଫ୍ରାନ୍ସ ନିୟନ୍ତ୍ରଣରେ ରହିଥିଲା। କିନ୍ତୁ ପ୍ରଥମଥର ଯୋଗ୍ୟତା ହାସଲକାରୀ ତାଞ୍ଜାନିଆକୁ ରୋକିବାରେ ଅସମର୍ଥ ହୋଇଥିଲା ୨୦୧୨ ସଂସ୍କରଣ ଚାମ୍ପିୟନ୍ ଫ୍ରାନ୍ସ।

ତାଞ୍ଜାନିଆ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଫ୍ରାନ୍ସ ମ୍ୟାଚର ୬୬ ପ୍ରତିଶତ ସମୟକୁ ନିଜ ନିୟନ୍ତ୍ରଣରେ ରଖିଥିଲା। ତେବେ ୧୭ତମ ମିନିଟରେ ତାଞ୍ଜାନିଆର ଡାଏନା ୱିଲିୟମ ମାନଲେ ପ୍ରଥମ ଗୋଲ ଦେଇଥିଲେ। ୬୦ ତମ ମିନିଟରେ ୭୭ତମ ମିନିଟରେ ଫ୍ରାନ୍ସକୁ ମିଳିଥିବା ପେନାଲ୍ଟିକୁ ଲୁସି କାଲବା ଗୋଲରେ ପରିଣତ କରିଥିଲେ। ୯୦ ତମ ମିନିଟରେ ତାଞ୍ଜାନିଆର ଜୟେସ ଫ୍ରେଡ୍ ଲିମାଙ୍କୁ ଫାଉଲ୍ ପ୍ଲେ ପାଇଁ ରେଡକାର୍ଡ ମିଳିଥିଲା। ୧୦ ଜଣିଆ ତାଞ୍ଜାନିଆ ଦଳ ବିପକ୍ଷରେ ସ୍କୋର କରିବାର ସୁଯୋଗ ରହିଥିଲେ ହେଁ ଫ୍ରାନ୍ସ ଏହାକୁ ହାତଛଡା କରିଥିଲା।



୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ରେ ବ୍ରାଜିଲ ବିପକ୍ଷ ମ୍ୟାଚ ପୂର୍ବରୁ ଭୁବନେଶ୍ୱରସ୍ଥିତ ପୋଲିସ ବାଟାଲିୟନ ଗ୍ରାଉଣ୍ଡରେ ଶନିବାର ଅଭ୍ୟାସ ଅବସରରେ ୱାର୍ମଅପ୍ ହେଉଛି ଭାରତୀୟ ଦଳ।

## ଲିଣ୍ଡାଙ୍କ ଡବଲରେ କଲମ୍ବିଆ ବିଜୟୀ

ନଭି ମୁମ୍ବାଇ,୧୫।୧୦

ଶନିବାର ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପରେ ଡବଲ ଗୋଲ ସ୍କୋର କରିଛନ୍ତି କଲମ୍ବିଆର ଲିଣ୍ଡା କେସେଡୋ। ନଭି ମୁମ୍ବାଇର ଡି ୱାଇ ପାଟିଲ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଲିଣ୍ଡାଙ୍କ ଡବଲ୍ ଗୋଲ ବଳରେ ଚାଇନାକୁ ୨-୦ରେ ପରାସ୍ତ କରିଛି କଲମ୍ବିଆ। ମ୍ୟାଚର ପ୍ରଥମାର୍ଦ୍ଧରେ ହିଁ କଲମ୍ବିଆ ଦୁଇଟି ଯାକ ଗୋଲ ସ୍କୋର କରିଥିଲା। ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ସହିତ ଗ୍ରୁପ୍ ସି'ରେ ପଏଣ୍ଟ ଖାତା ଖୋଲିଛି କଲମ୍ବିଆ। ମ୍ୟାଚର ୯ ଓ ୨୩ ତମ ମିନିଟରେ ଲିଣ୍ଡା କେସେଡୋ ଦୁଇଟି ଗୋଲ ସ୍କୋର କରିଥିଲେ। ଏହି ବିଜୟ ସହ ଦୁଇ ମ୍ୟାଚରୁ ଗୋଟିଏ ବିଜୟ ସହିତ ୩ ପଏଣ୍ଟ ପାଇ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନରେ ରହିଛି କଲମ୍ବିଆ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୧୬ ଅକ୍ଟୋବର, ୨୦୨୨ Sambalpur, Sunday, October 16/2022

# ମହିଳା ପୋଲ୍‌ଭଲ୍ଟରେ ଜାତୀୟ ରେକର୍ଡ



ନୂଆ ଜାତୀୟ ରେକର୍ଡ ଅବସରରେ ପୋଲ୍‌ଭଲ୍ଟର ରୋଜି ମୀନା ପଲ୍‌ରାଜ।

**ବେଙ୍ଗାଲୁରୁ, ୧୫।୧୦(ପି.ଟି.)**

**ନ୍ୟାଶନାଲ ଗେମ୍ସ**

ତାମିଲନାଡୁର ରୋଜି ମୀନା ପଲ୍‌ରାଜ ୧୫ ଦିନ ମଧ୍ୟରେ ମହିଳା ପୋଲ୍‌ଭଲ୍ଟରେ ଦ୍ୱିତୀୟ ଥର ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଏଠାରେ ଚାଲିଥିବା ନ୍ୟାଶନାଲ ଓପନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ୪.୨୧ ମିଟର କ୍ଲିୟର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରୋଜି ୧୫ ଦିନ ପୂର୍ବେ ଗାନ୍ଧୀନଗରରେ ଅନୁଷ୍ଠିତ ୩୬ତମ ନ୍ୟାଶନାଲ ଗେମ୍ସରେ ୪.୨୦ ମିଟର କ୍ଲିୟର କରି ଏକ ନୂଆ ଜାତୀୟ ରେକର୍ଡ କରିଥିଲେ। ପୂର୍ବରୁ ଏହି ରେକର୍ଡ ଭି.ଏସ୍. ସୁରେଖାଙ୍କ ନାମରେ ରହିଥିଲା। ସେ ୨୦୧୪ରେ ୪.୧୫ ମିଟରରେ ଏହି କୃତିତ୍ୱ ଅର୍ଜନ କରିଥିଲେ। ଅନ୍ୟପକ୍ଷରେ ରେଲଓ୍ୱେର ରବିନା ମହିଳା ୨୦କିଲୋମିଟର ରେସ୍ ୱାକ୍ ଜିତିଥିବା ବେଳେ ୧:୩୪:୫୫.୦୦ ଟାଇମିଂରେ ଏକ ନୂଆ ମିଟ୍ ରେକର୍ଡ କରିଛନ୍ତି। ଚଳିତବର୍ଷ ମସ୍କାଟଠାରେ ଅନୁଷ୍ଠିତ ୱାର୍ଲ୍ଡ ଆଥଲେଟିକ୍ସ ରେସ୍ ୱାକିଂ ଟିମ୍ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଏକ ପଦକ ଜିତିପାରିଥିବା ଭାରତୀୟ ଦଳର ସେ ଅଂଶବିଶେଷ ଥିଲେ। ଡିସ୍କସ୍ ଥ୍ରୋରେ ରେଲଓ୍ୱେର ପରମଜୋତ୍ କୌର ୫୦.୮୧ ମିଟର କ୍ଲିୟର କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

# ଫାଇନାଲରେ ଅମିୟ, ଶ୍ରାବଣୀ

**ଭୁବନେଶ୍ୱର, ୧୫।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

**ଜାତୀୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

ଶନିବାରଠାରୁ ବେଙ୍ଗାଲୁରୁର ଶ୍ରୀ କାନ୍ତିବୀରା ଷ୍ଟାଡିୟମରେ ଆରମ୍ଭ ହୋଇଛି ୬୧ ତମ ଜାତୀୟ ଆଥଲେଟିକ୍ସ ଚାମ୍ପିୟନଶିପ୍। ୧୫ରୁ ୧୯ ଯାଏ ଏହି ଟୁର୍ନାମେଣ୍ଟ ଖେଳାଯିବ। ପ୍ରଥମ ଦିନରେ ଉଭୟ ପୁରୁଷ ଓ ମହିଳା ୧୦୦ ମିଟର ଦୌଡ ବର୍ଗର ହିଟ୍ସ ଓ ସେମିଫାଇନାଲ ଅନୁଷ୍ଠିତ ହୋଇଛି। ଓଡ଼ିଶାର ଧାବକ ଅମିୟ ମଲିକ୍ ଓ ଧାବିକା ଶ୍ରାବଣୀ ନନ୍ଦ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଉଭୟ ଖେଳାଳିଙ୍କ ଫାଇନାଲ ରାଉଣ୍ଡ ଦୌଡ ଅନୁଷ୍ଠିତ ହେବ।






# ନିଜ ଜାତୀୟ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ସାବ୍‌ଲେ

**ନୂଆଦିଲ୍ଲୀ, ୧୫।୧୦ (ପି.ଟି.):** ଅଲିମ୍ପିଆନ ଷ୍ଟିପଲ ଚେଜର ଅଭିନାଶ ସାବ୍‌ଲେ ରବିବାର ହେବାକୁଥିବା ୧୭ତମ ବେଦାନ୍ତ ଦିଲ୍ଲୀ ହାଫ୍ ମାରାଥନ ପୁରୁଷ କାଟାଗୋରିରେ ୨୦୨୦ ସଂସ୍କରଣରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ରେକର୍ଡ ଭାଙ୍ଗିବାକୁ ଚେଷ୍ଟା କରିବେ। ୨୮ ବର୍ଷୀୟ ସାବ୍‌ଲେ ଅଗଷ୍ଟରେ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୩୦୦୦ମିଟର ଷ୍ଟିପଲଚେଜ୍‌ରେ ରୌପ୍ୟ ଜିତିଥିଲେ। ଦୁଇ ବର୍ଷ ପୂର୍ବେ ସେ ପ୍ରଥମ ଭାରତୀୟ ଭାବେ ୬୧ ମିନିଟ୍‌ରୁ କମ୍ (୬୦:୩୦) ସମୟ ମଧ୍ୟରେ ହାଫ୍ ମାରାଥନ ରେସ ଶେଷ କରିଥିଲେ। ଭାରତୀୟଙ୍କ ମଧ୍ୟରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଭରାଲ ୧୦ମ ସ୍ଥାନରେ ରହିଥିଲେ। ସୂଚନାଯୋଗ୍ୟ ୨୦୧୭ରେ ସେ ଭାରତୀୟଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ରହି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାବ୍‌ଲେ କହିଛନ୍ତି, ସେ ତାଙ୍କ ପୂର୍ବ ଶ୍ରେଷ୍ଠ ଟାଇମିଂ ୧ ଘଣ୍ଟା ୩୦ ସେକେଣ୍ଡରୁ କମ୍ ସମୟରେ ଫିନିଶ ଲାଇନ ଅତିକ୍ରମ କରିବାକୁ ଚେଷ୍ଟା କରିବେ।






# ଆଫ୍ରିଦି, ଫଖରଙ୍କ ପାଇଁ ଫିଜିଓଥେରାପିଷ୍ଟ

**କରାଚୀ, ୧୫।୧୦(ପି.ଟି.)**

ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏହାର ଫାଷ୍ଟ ବୋଲର ଶାହିନ ଶାହା ଆଫ୍ରିଦି ଓ ବ୍ୟାଟର ଫଖର ଜମାନଙ୍କ ଲାଗି ଜଣେ ସ୍ୱତନ୍ତ୍ର ଫିଜିଓଥେରାପିଷ୍ଟ ନିଯୁକ୍ତି ଦେଇଛି। ଆଫ୍ରିଦି ଓ ଫଖରଙ୍କ ଆଣ୍ଠୁରେ ଇଞ୍ଜୁରି ରହିଛି। ଏହି ଦୃଷ୍ଟିରୁ ଲଣ୍ଡନର ଜଣେ ଫିଜିଓଥେରାପିଷ୍ଟ ଡକ୍ଟର ଜାଭେଦ ଅଖତର ମୁଘଲଙ୍କୁ ଖେଳାଳିମାନଙ୍କ ସହ ଯୋଗ ଦେବା ଲାଗି ପିସିବି କହିଛି। ଡକ୍ଟର ମୁଘଲ ଲଣ୍ଡନରେ ଶାହିନ ଓ ଫଖରଙ୍କ ରିହାବିଲିଟେଶନ ପ୍ରକ୍ରିୟାରେ ଏକ ଅଂଶବିଶେଷ ଥିଲେ। ତେଣୁ ସେ ଏହି ଦୁଇ ଖେଳାଳିଙ୍କ ଇଞ୍ଜୁରି ସହିତ ଭଲରୂପେ ପରିଚିତ। ଶାହିନ ଓ ଫଖରଙ୍କୁ ପାକିସ୍ତାନ କ୍ରିକେଟ ଦଳର ପ୍ରମୁଖ ଖେଳାଳି ବିବେଚନା କରେ ପିସିବି। ଏହି ଦୁଇ ଖେଳାଳି ଶନିବାର ବ୍ରିସ୍‌ବେନ୍ ଯାଇ ସାଥୀ ଖେଳାଳିଙ୍କ ସହ ଯୋଗ ଦେଇଛନ୍ତି। ପାକିସ୍ତାନ ବିଶ୍ୱକପ୍ ପୂର୍ବରୁ ଇଂଲଣ୍ଡ ଓ ଆଫଗାନିସ୍ତାନ ବିପକ୍ଷରେ ଦୁଇଟି ୱାର୍ମଅପ୍ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇଟି ମ୍ୟାଚ ପରେ ଖେଳାଳି ଦ୍ୱୟ ବିଶ୍ୱକପ୍ ସିଲେକ୍ସନ ପାଇଁ ଉପଲବ୍ଧ ହେବେ କି ନା ତାହା ସ୍ପଷ୍ଟ ହେବ। ବିଶ୍ୱକପ୍‌ରେ ପାକିସ୍ତାନ ଏହାର ଉଦ୍‌ଘାଟନୀ ମ୍ୟାଚ ଅକ୍ଟୋବର ୨୩ରେ ମେଲବୋର୍ନଠାରେ ଭାରତକୁ ଭେଟିବ। ଆଫ୍ରିଦି ଜୁଲାଇ ମଧ୍ୟଭାଗରୁ କ୍ରିକେଟରୁ ଦୂରେଇ ରହିଛନ୍ତି। ଗାଲେଠାରେ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଅନ୍ୟପକ୍ଷରେ ଫଖର ଦୁବାଇରେ ଏସିଆ କପ୍ ଫାଇନାଲ ଖେଳୁଥିବା ବେଳେ ଆଘାତପ୍ରାପ୍ତ ହୋଇଥିଲେ। ଉଭୟେ ଗତ ମାସରେ ଲଣ୍ଡନରେ ରିହାବିଲିଟେଶନରେ ରହିଥିଲେ।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୬ ଅକ୍ଟୋବର, ୨୦୨୨



### ସୋଲାର ପ୍ଲେଟ ଚୋରି କରିବା ବେଳେ ତିନିଜଣଙ୍କୁ ଧରିଲେ ଗାଁ ଲୋକେ

ଲାଞ୍ଜିଗଡ,(ଡି.ଏନ.ଏ.): ଲାଞ୍ଜିଗଡ ବ୍ଲକ ବାଣୀପଙ୍ଗା ଗାଁରେ ପାନୀୟ ଜଳ ପ୍ରକଳ୍ପରେ ଲାଗିଥିବା ସୋଲାର ପ୍ଲେଟ ଚୋରି କରି ନେଉଥିବା ୩ ଚୋରଙ୍କୁ ଶୁକ୍ରବାର ରାତିରେ ଗ୍ରାମବାସୀ ଧରି ଲାଞ୍ଜିଗଡ ପୋଲିସ ଜିମା ଦେଇଛନ୍ତି। ଗାଁ ଲୋକେ ବାଟେଲିମାଠାରେ ହେଉଥିବା ଗଜଲକ୍ଷ୍ମୀ ପୂଜା ଦେଖି ଫେରୁଥିବା ବେଳେ ପାଞ୍ଚଜଣ ବ୍ୟକ୍ତି ବାଣୀପଙ୍ଗାଠାରେ ନିର୍ମିତ ସୋଲାର ଜଳ ପ୍ରକଳ୍ପ ପାଖରେ ଥିବା ଦେଖିଥିଲେ। ସେମାନଙ୍କୁ ଦେଖି ଦୁଇଜଣ ଫେରାର ହୋଇଯାଇଥିବା ବେଳେ ତିନିଜଣ ଚୋରଙ୍କୁ କାବୁ କରିଥିଲେ। ଲାଞ୍ଜିଗଡ ଥାନାରେ ନଂ ୭୯/୨୦୨୨ରେ ଏକ ମାମଲା ରୁଜୁ ହୋଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଜ୍ଞାନେନ୍ଦ୍ରୀୟ



@ ପ୍ରଦୀପ



@ ଅର୍ଦ୍ଧେନ୍ଦୁ



@ ସୁନନ୍ଦା



@ ସୀତାରାମ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ମିଳିଲା ୫୦ଏକର ଜମିର ପଟ୍ଟା

**ବଲାଙ୍ଗୀର ଅଫିସ,୧୫।୧୦**



ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ ଜମିପଟ୍ଟା ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ରାଜ୍ୟ ସରକାର ୫୦ ଏକର ୪୩୭ ଡିସମିଲ ଜମିର ପଟ୍ଟା ପ୍ରଦାନ କରିଛନ୍ତି। ଶନିବାର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ବିଶ୍ୱବିଦ୍ୟାଳୟରେ ପହଞ୍ଚି କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ ଏହି ଜମିପଟ୍ଟା ହସ୍ତାନ୍ତର କରିଥିଲେ। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଜିଲାପାଳ ଚଞ୍ଚଳ ରାଣା, ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଧାକର ନାୟକ, ଏଡିଏମ୍ ମହେନ୍ଦ୍ର ମହାପାତ୍ର, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଉପସ୍ଥିତ ଥିଲେ। ଦୀର୍ଘ ୭୮ବର୍ଷ ପରେ ଏହି ଶିକ୍ଷାନୁଷ୍ଠାନକୁ ୫୦.୪୩୭ ଏକର ଜମିର ପଟ୍ଟା ପ୍ରଦାନ କରାଯାଇଛି। ଏହାପୂର୍ବରୁ ପଶ୍ଚିମ ଓଡିଶାର ଏହି ସର୍ବପୁରାତନ ଶିକ୍ଷାନୁଷ୍ଠାନର ଜମିପଟ୍ଟା ନଥିଲା। ଜମି ନ ଥିବାରୁ ଏହି ଶିକ୍ଷାନୁଷ୍ଠାନ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲା। ଏନେଇ ଧରିତ୍ରୀରେ କ୍ରମାଗତ ଖବର ପ୍ରକାଶ ପରେ ରାଜ୍ୟ ସରକାର ଓ ପ୍ରଶାସନ ଚେତିଥିଲେ। ଏହାପରେ ବିଶ୍ୱବିଦ୍ୟାଳୟର ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି କ୍ରମରେ ଆଜି ଶିକ୍ଷାନୁଷ୍ଠାନକୁ ୫୦ ଏକର ୪୩୭ ଡିସମିଲ ଜମିର ପଟ୍ଟା ଲିଜ୍ ଭିତ୍ତିରେ ପ୍ରଦାନ କରାଯାଇଛି। ଏହି ଜମିପଟ୍ଟା ପ୍ରଦାନ କରାଯିବା ପରେ ଦୀର୍ଘ ୭୮ ବର୍ଷ ଧରି ଲାଗିରହିଥିବା ଜମି ସଂକ୍ରାନ୍ତୀୟ ସମସ୍ୟାର ପୂର୍ଣ୍ଣଚ୍ଛେଦ ପଡିଛି। ତେବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ମାତ୍ର ୫୦ଏକ ଜମିର ପଟ୍ଟା ଦିଆଯାଇଥିବାରୁ ଆଲୁମନି ଆସୋସିଏଶନ୍, ଛାତ୍ରୀଛାତ୍ର ଓ ଶିକ୍ଷାପ୍ରେମୀ ମହଲରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଅନ୍ତତଃପକ୍ଷେ ଏହି ଶିକ୍ଷାନୁଷ୍ଠାନକୁ ୧୦୦ ଏକର ଜମି ଯୋଗାଇ ଦେବାକୁ ଦାବି କରାଯାଇଥିଲା।

- **କୁଳପତିଙ୍କୁ ଜମିପଟ୍ଟା ପ୍ରଦାନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ**
- **ଅଧିକ ୫୦ଏକର ଜମି ମାଗିଲେ ଆଲୁମ୍ନି ଆସୋସିଏଶନ**

୧୯୪୪ ମସିହାରେ ରାଜେନ୍ଦ୍ର କଲେଜ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ତତ୍କାଳୀନ ପାଟଣା ମହାରାଜ ରାଜେନ୍ଦ୍ର ନାରାୟଣ ସିଂଦେଓ ପ୍ରାୟ ୨୪୮ ଏକର ଜମି ପ୍ରଦାନ କରିଥିବା କୁହାଯାଏ। ମାତ୍ର ଏହି ଜମିର କୌଣସି ତଥ୍ୟ ବା ପଟ୍ଟା ମିଳିନାହିଁ। ଏହି ଜମିରୁ ଏବେ ଯେଉଁ ସ୍ଥାନରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରହିଛି ସେହି ଜମିର ପଟ୍ଟା କରି କୁଳପତିଙ୍କୁ ଦିଆଯାଇଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ନୂତନ ଜମି ଦିଆଯାଇନାହିଁ। ଏଣୁ ଆହୁରି ୫୦ ଏକର ଜମି ଯୋଗାଇ ଦେବାକୁ ଆଲୁମ୍ନି ଆସୋସିଏଶନ୍ ଏବଂ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଆଲୁମ୍ନି ଆସୋସିଏଶନ୍ ପକ୍ଷରୁ ସଭାପତି ପ୍ରଭାସ ପାଣିଗ୍ରାହୀ, ସମ୍ପାଦକ ଭବାନୀ ଶଙ୍କର ଶତପଥୀ, ଡ. ଅଭିମନ୍ୟୁ ମିଶ୍ର, ସୁଧୀର ଚାନ୍ଦ, ପ୍ରିୟରଞ୍ଜନ ବହିଦାର ମନ୍ତ୍ରୀ ପୂଜାରୀଙ୍କ ସହ ଆଲୋଚନା କରିଥିଲେ। ୧୨୬ ଷ୍ଟାଫ୍‌ରୁ ମାତ୍ର ୨୬ ଜଣରେ କିଭଳି ବିଶ୍ୱବିଦ୍ୟାଳୟ ଚାଲିବ ବୋଲି କହିଥିଲେ। ଶୀଘ୍ର ଷ୍ଟାଫ୍ ଯୋଗାଇବା, ସାଇନ୍ସ ପାର୍କ ପାଇଁ ୫ କୋଟି ଟଙ୍କାର ଅନୁଦାନ ଦେବା ଏବଂ ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ୨୫ କୋଟିରୁ ବଳକା ରହିଥିବା ଅନୁଦାନ ରିଲିଜ କରିବାକୁ ଦାବି କରିଥିଲେ। ମନ୍ତ୍ରୀ ପୂଜାରୀ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।

## ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅମ୍ଳଜାନ ପ୍ଲାଣ୍ଟ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ,୧୫।୧୦**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ନିର୍ମିତ ତରଳୀକୃତ ଭେଷଜ ଅମ୍ଳଜାନ ପ୍ଲାଣ୍ଟକୁ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଶନିବାର ଉଦ୍‌ଘାଟନ କରିଛନ୍ତି। ୧୩ କେଏଲର ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ଦ୍ୱାରା ଏଠାରୁ ହସ୍ପିଟାଲରେ ଥିବା ବିଭିନ୍ନ ୱାର୍ଡର ରୋଗୀଙ୍କୁ ପାଇପ ଯୋଗେ ଅମ୍ଳଜାନ୍ ଯୋଗାଇ ଦିଆଯାଇପାରିବ। ଏହାଦ୍ୱାରା ରୋଗୀମାନେ ବିଶେଷ ଲଭବାନ ହେବେ। ଏହି କାର୍ଯ୍ୟକ୍ରମରେ ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା, ପୌରାଧକ୍ଷା ଲିକା ସାହୁ, ସଦର ବ୍ଲକ ଅଧକ୍ଷା ସରିତା ବାଗ, ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଧୀକ୍ଷକ ଡା ମହେନ୍ଦ୍ର କୁମାର ନାୟକ ଓ ଅନ୍ୟଷ୍ଟାଫ୍ ଉପସ୍ଥିତ ଥିଲେ।


**ଜନ୍ମଦିନ ଶୁଭେଚ୍ଛା**



(ସାଇନା)

**ସାଇସ୍ନେହା ଭୋଇ**

ସ୍ଥାନ: ଉହାଙ୍ଗ, ନିମାପଡ଼ା

ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା ଭଗବାନ କରନ୍ତୁ ତୋ ଜୀବନ ସବୁବେଳେ ହସ ଖୁସିରେ ଭରିଉଠୁ।

ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ଜେଜେମା, କୁନିଦିଦି, ପୂଜା ଦିଦି, ଚନ୍ଦନ ଦାଦା, ପିଣ୍ଟୁ ଦାଦା, ଲିଟୁ ଦାଦା, ସାନୁ ଦାଦା ।

ଧ-୧୭୩୪


# ସାମ୍ନାକୁ ଆସିଲା ମହିଳା ଆକାଉଣ୍ଟାଣ୍ଟଙ୍କ ସିସିଟିଭି ଫୁଟେଜ

**ଭବାନୀପାଟଣା,୧୫।୧୦(ସ୍ୱ.ପ୍ର)**

**୩୯ ଲକ୍ଷ ଟଙ୍କା ହଡ଼ପ କରି ଆକାଉଣ୍ଟାଣ୍ଟ ଫେରାର ହେବା ଘଟଣା**

- **ସନ୍ଦେହରେ ପୂର୍ବତନ ବିଇଓ ଓ ଏବିଇଓଙ୍କ ଭୂମିକା**

କଳାହାଣ୍ଡି ଜିଲା ଭବାନୀପାଟଣା ବିଇଓ ଅଫିସର ମହିଳା ଆକାଉଣ୍ଟାଣ୍ଟ ସୁଚିସ୍ମିତା ସୁଆର ସ୍ଥାନୀୟ ୧୭୧ ଜଣ ଏକ୍ସକ୍ୟାଡର ଶିକ୍ଷକଙ୍କ ଗୋଟିଏ ମାସର ଦରମା ୩୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜାଲିଆତି କରି ଫେରାର ହୋଇଛନ୍ତି। ଏପଟେ ଅଫିସ କ୍ୟାସବୁକ୍ ମିଳୁନାହିଁ। ସୁଚିସ୍ମିତା ଫେରାର ଘଟଣାରେ ପୂର୍ବତନ ବିଇଓ ଓ ଏବିଇଓଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ପୋଲିସ ଏହି ଘଟଣାର ତଦନ୍ତ ଦାୟିତ୍ୱ ଭିଜିଲାନ୍ସକୁ ଦେବା ପରେ ଗୁମର ଖୋଲିବା ଆଶା ସଞ୍ଚାର ହୋଇଛି। ହେରଫେର୍ ଘଟଣା ପଦାକୁ ଆସିବା ପରେ ଆକାଉଣ୍ଟାଣ୍ଟ ସୁଚିସ୍ମିତା ଫେରାର ଅଛନ୍ତି। ବିଭାଗୀୟ ଅଧିକାରୀ ଥାନାରେ ଏତଲା ଦେବା ପରେ ପୋଲିସ ମାମଲାର ଖୋଳତାଡ଼ ପାଇଁ ଭିଜିଲାନ୍ସର ସହଯୋଗ ନେଇଛି। ଭିଜିଲାନ୍ସ ଅଧିକାରୀ ଆକାଉଣ୍ଟାଣ୍ଟ ଅଫିସର ଦୁଇଟି ଆଲମୀରା ଯାଞ୍ଚ କରିବା ପରେ କ୍ୟାଶବୁକ୍ ନ ଥିବା ଏବଂ ଅଫିସରେ ଆର୍ଥିକ କାରବାରର ହିସାବ ଠିକ୍ ନ ଥିବା ଜଣାପଡ଼ିଛି। ଅପରପକ୍ଷରେ ଗଣମାଧ୍ୟମ ସୁଚିସ୍ମିତାଙ୍କ ଫେରାର ହେବା ବେଳର ସିସିଟିଭି ଫୁଟେଜ ପାଇଛି। ସେ ଗତ ଅକ୍ଟୋବର ୭ରୁ ଫେରାର୍ ଥିବା ନେଇ ବିଭାଗୀୟ ଅଧିକାରୀ ଥାନାରେ ଏତଲା ଦେଇଥିଲେ। କିନ୍ତୁ ଗଣମାଧ୍ୟମ ହାତରେ ରହିଥିବା ଫୁଟେଜ କହୁଛି ସେ ଶେଷ ଥର ପାଇଁ ଅକ୍ଟୋବର ୬ରେ ଅଫିସ ଆସିଥିଲେ। ସେ ମଧ୍ୟାହ୍ନ ୧୨ଟା୧୦ରୁ ୨୦ ମଧ୍ୟରେ ଅଫିସରୁ ଫେରିଛନ୍ତି। ନିଜର ସ୍କୁଟିକୁ ଅଫିସ ବାରଣ୍ଡାରେ ଛାଡ଼ି ସେ ଚାଲିଚାଲି ହାତରେ ଏକ ବ୍ୟାଗ ଓ ମୋବାଇଲ ଧରି ବାହାରିଛନ୍ତି। ଏହାସହ ତାଙ୍କ କଲ ଡିଟେଲ୍ସ ମଧ୍ୟ ଗଣମାଧ୍ୟମ ପାଇଛି। ସେହି କଲ ଡିଟେଲ୍ସର ତର୍ଜମା ପରେ ଜଣାପଡିଛି ଯେ, ଯେଉଁ ସମୟରେ ସୁଚିସ୍ମିତା ଅଫିସରରୁ ବାହାରିଛନ୍ତି ସେହି ୧୦ ମିନିଟ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ନମ୍ବରରେ ସେ ୮ ଥର କଥା ହୋଇଛନ୍ତି। ସେ ଅଫିସରୁ ଫେରାର ହେବା ବେଳେ ଚାଲିଚାଲି ଯାଉଥିବା ଫୁଟେଜରୁ ଜଣାପଡ଼ିଥିବା ବେଳେ ସେ କୌଣସି କ୍ୟାଶବୁକ ନେଇ ନ ଥିବା ଜଣାପଡ଼ିଛି। ଗଲାବେଳେ ସେ ଚାଲି ଚାଲି ଯିବା ଓ ତାଙ୍କ ହାତରେ ମୋବାଇଲ ଥିବା ବେଳେ ଅନ୍ୟ ହାତରେ ମନି ପର୍ସ ରହିଥିଲା। କ୍ୟାସବୁକର ଆକାର ବଡ଼ ହେଇଥିବାରୁ ତାକୁ ଏକ ଛୋଟ ପର୍ସରେ ପୁରାଇବା ସମ୍ଭବ ନୁହଁ। ଏଥିରୁ ସ୍ପଷ୍ଟ ଯେ, କ୍ୟାସବୁକକୁ ସେ ନେଇ ନାହାନ୍ତି। କ୍ୟାସବୁକକୁ କେହି ଲୁଚାଇ ଦେଇଥିବା ସନ୍ଦେହ କରାଯାଉଛି। ଏଥିରେ ପୂର୍ବତନ ବିଇଓ, ବର୍ତ୍ତମାନର ବିଇଓ ଓ ଏବିଇଓଙ୍କ ଭୂମିକା ସନ୍ଦେହ ଘେରରେ ରହିଛି।









# ହରିଶଙ୍କର ମନ୍ଦିର ଡକ୍ୟୁମେଣ୍ଟାରି ଲୋକାର୍ପିତ



ଡକ୍ୟୁମେଣ୍ଟାରି ଲୋକାର୍ପଣ ଅବସରରେ ଅତିଥିମାନେ।

**ଖପ୍ରାଖୋଲ,୧୫।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ତରଫରୁ ହରିଶଙ୍କର ମନ୍ଦିର ସମ୍ପର୍କିତ କ୍ଷୁଦ୍ର ଡକ୍ୟୁମେଣ୍ଟରି ଶନିବାର ଲୋକାର୍ପିତ ହୋଇଛି। ବିଡ଼ିଓ ରଶ୍ମି ରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ଉପଜିଲାପାଳ ଡ଼ା ବିଜୟାନନ୍ଦ ସେଠୀ, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ଏଇ ମହେଶ ଲାଲ ଅଗ୍ରୱାଲ, ବ୍ରଜବନ୍ଧୁ ଠାକୁରଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ଡକ୍ୟୁମେଣ୍ଟରି ମାଧ୍ୟମରେ ଜନସାଧାରଣ ହରିଶଙ୍କର ମନ୍ଦିରର ଐତିହାସିକ, ପୌରାଣିକ କଥାବସ୍ତୁ ସମ୍ପର୍କରେ ଜାଣି ପାରିବେ ବୋଲି ଅତିଥିମାନେ କହିଥିଲେ।

**ସଂକୀର୍ତ୍ତନ ମଣ୍ଡଳୀର ସହର ପରିକ୍ରମା**

ବିନିକା,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଶନିବାର ବୀରମହାରାଜପୁର ବରାହପଦର (ବଡଖମାର)ମଠ ଗିରିଗୋବର୍ଦ୍ଧନ ପୂଜା ଉପଲକ୍ଷେ ସଂକୀର୍ତ୍ତନ ମଣ୍ଡଳୀ ବିନିକା ସହର ପରିକ୍ରମା କରିଥିଲା। ସହରର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ମଣ୍ଡଳୀକୁ ସ୍ୱାଗତ କରିଥିଲେ। ଗତ ୧୦ ତାରିଖରୁ ମଠରୁ ବାହାରିଥିବା ସଂକୀର୍ତ୍ତନ ମଣ୍ଡଳୀ ଜିଲାବ୍ୟାପୀ ବିଭିନ୍ନ ସହର, ଗ୍ରାମ ଦେଇ ଆସନ୍ତା ୨୬ ତାରିଖରେ ବଡ଼ ଖମାର ମଠରେ ପହଞ୍ଚିବ।

# ଚାଷୀଙ୍କ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ବୌଦ୍ଧ,୧୫।୧୦(ସ୍ୱ.ପ୍ର.)**

ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଭାରତୀୟ କିଷାନ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଛି। କିଷାନ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟଠାରେ ଭେଟି ଚାଷୀମାନଙ୍କ ସମସ୍ୟା ନେଇ ଆଲୋଚନା କରିବା ସହିତ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଚାଷୀମାନଙ୍କୁ ଫସଲ କ୍ଷତି ପରେ ମଧ୍ୟ ବୀମା କମ୍ପାନୀ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବୀମା ଟଙ୍କା ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି ଜିଲାରେ ବହୁ ପରିମାଣରେ କପାଚାଷ କରାଯାଉଥିଲେ ହେଁ ଉପଯୁକ୍ତ ବଜାର ସୁବିଧା ନ ଥିବାରୁ କପାଚାଷୀମାନେ କ୍ଷତିର ଶିକାର ହେଉଛନ୍ତି। ତେଣୁ ତିନୋଟି ବ୍ଲକରେ ତିନିଗୋଟି କପାମଣ୍ଡି ଖୋଲାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘ ପକ୍ଷରୁ ବିଶିକେଶନ ପ୍ରଧାନ,ଆରତ ଧଳ,ରମାକାନ୍ତ ପ୍ରଧାନ, ସୁରେଶ ମହାଖୁଡ, ଲବକିଶୋର ପ୍ରଧାନ,ଶମ୍ଭୁ ପ୍ରସାଦ ପ୍ରଧାନଙ୍କ ସମେତ ପ୍ରାୟ ୨୦ ଜଣ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।


କିଷାନ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଡ଼କ ଦୁର୍ଘଟଣା, ଜଣେ ମୃତ

**ବରଗଡ଼ ଅଫିସ୍,୧୫।୧୦**

ବରଗଡ଼-ବରପାଲି ରାସ୍ତାର ରେଙ୍ଗାଲିପାଲି-ଏକାମ୍ର ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ଜଣେ ବାଇକ୍‌ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ବ୍ଲକ ଡୁଙ୍ଗୁରିକ୍ରୋର ଜିତେନ ପ୍ରଧାନ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସଦର ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଆଲୋଚନା କରିଥିଲା ଏବଂ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନା ପଠାଇଥିଲା। ଜିତେନ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ବେଦାନ୍ତ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ରାସ୍ତା କାମ ବନ୍ଦ ନିର୍ଦ୍ଦେଶ ପରେ ଚିନ୍ତାରେ ଅଞ୍ଚଳବାସୀ

**ଠିକାସଂସ୍ଥାର ଡମ୍ପର ଜବତ**

**କନ୍ଧମାଳ,୧୫।୧୦(ସ୍ୱ.ପ୍ର.):** ବୌଦ୍ଧ ଜିଲା ମନମୁଣ୍ଡା – ଶଗଡା ରାସ୍ତାର ବିଳାସପୁରଠାରେ ଶନିବାର ଦିନ କନ୍ଧମାଳ ତହସିଲର ଭାରପ୍ରାପ୍ତ ତହସିଲଦାର କୁଳଦୀପ ମହାନ୍ତି ଠିକା ସଂସ୍ଥାର ଏକ ମାଟି ବୋଝେଇ ଡମ୍ପର ଜବତ କରି ସ୍ଥାନୀୟ ଥାନାରେ ଜିମା ଦେଇଛନ୍ତି। ଏଥିସହିତ ନିର୍ମାଣାଧୀନ ରାସ୍ତା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ନାର୍ବାଡ ପାଣ୍ଠିରୁ ମନମୁଣ୍ଡା – ଶଗଡା ପୂର୍ତ୍ତ ବିଭାଗ ରାସ୍ତା କାମ ପାଇଁ ୨୧ କୋଟି ୩୯ ଲକ୍ଷ ୩୦ ହଜାର ଟଙ୍କା ମଞ୍ଜୁର ହୋଇ ରାସ୍ତା କାମ ଚାଲୁଛି। ଶଗଡା ଜିଲାର ଏକ ଆଭ୍ୟନ୍ତରୀଣ ଅଞ୍ଚଳ ହୋଇଥିବା ବେଳେ ଏହି ରାସ୍ତା କାମ ହେଉଥିବା ଯୋଗୁ ଅଞ୍ଚଳବାସୀ ଖୁସି ଥିଲେ। ଏବେ ରାସ୍ତା କାମ ବନ୍ଦ ନିର୍ଦ୍ଦେଶ ଦେବା ପରେ ଅଞ୍ଚଳବାସୀ ଚିନ୍ତାରେ ପଡିଯାଇଛନ୍ତି। ଏନେଇ ଭାରପ୍ରାପ୍ତ ତହସିଲଦାର ମହାନ୍ତିଙ୍କୁ ପଚାରିବାରେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଥିଲେ।

## ଚିତ୍ରଗୁପ୍ତ ପୂଜା ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ ଚିତ୍ରଗୁପ୍ତ କଲ୍ୟାଣ ସମିତିର କର୍ମକର୍ତ୍ତା।

**ସୋନପୁର,୧୫।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ଗୃହରେ ଆସନ୍ତା ୨୭ ତାରିଖରେ ଆୟୋଜିତ ଚିତ୍ରଗୁପ୍ତ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଗତ ଦୁଇ ବର୍ଷ କରୋନା ମହାମାରୀ ପାଇଁ କଟକଣା ଅନୁଯାୟୀ ପୂଜା କେବଳ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ଚଳିତ ବର୍ଷ ପୂଜା ଆଡମ୍ବର ସହକାରେ ପାଳନ ପାଇଁ ଆଲୋଚନା ହୋଇଥିଲା। ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ସଭାପତି ପ୍ରକାଶ ଚନ୍ଦ୍ର ବେବର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଦେବ କିଶୋର ଦାନୀ, କୋଷାଧ୍ୟକ୍ଷ ଜ୍ୟୋତି ପଟ୍ଟନାୟକ, ଉପଦେଷ୍ଟା ଜ୍ୟୋତି ରଞ୍ଜନ ବହିଦାର, ମଦନ ମୋହନ ଦାନୀ, ନିଶିକାନ୍ତ ପଟ୍ଟନାୟକ, ରଜେଶ ପଟ୍ଟନାୟକ, ରଜତ ପଟ୍ଟନାୟକ, ତାପସ ମହାନ୍ତି, ଆଶିଷ ମହାପାତ୍ର, ବଳରାମ ପଟ୍ଟନାୟକ, ଅବକାଶ ବିଦ୍ୟାଧର, ଦିବ୍ୟ ରଞ୍ଜନ ପଟ୍ଟନାୟକ ଓ ଚନ୍ଦନ ବହିଦାର ପ୍ରମୁଖ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ପୂଜା, ଛାତ୍ରୀଛାତ୍ର ଓ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକୁ ସୁରୁଖୁରୁରେ ପାଳନ କରିବା ପାଇଁ ଏହି ଅବସରରେ ବିଭିନ୍ନ କମିଟି ଗଠନ ହୋଇଥିଲା। ୨୬ ତାରିଖ ଅପରାହ୍ନରେ ମହିଳା ମାନଙ୍କ ଦ୍ୱାରା ମହାନଦୀରୁ ପାଣି ଆଣି କଳସ ଶୋଭାଯାତ୍ରାରେ ପୂଜା ମଣ୍ଡପରେ ସ୍ଥାପନ କରାଯିବ। ସେହିପରି ୨୮ତାରିଖରେ ଚିତ୍ରଗୁପ୍ତ ମହାପ୍ରଭୁଙ୍କୁ ଏକ ଶୋଭାଯାତ୍ରାରେ ନେଇ ମହାନଦୀରେ ବିସର୍ଜନ କରାଯିବାକୁ ସ୍ଥିର ହୋଇଛି।


**ଜନ୍ମଦିନ ଶୁଭେଚ୍ଛା**


(ସାଇନା)

**ସାଇସ୍ନେହା ଭୋଇ**
ସ୍ଥାନ: ଉହାଙ୍ଗ, ନିମାପଡ଼ା
ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା ଭଗବାନ କରନ୍ତୁ ତୋ ଜୀବନ ସବୁବେଳେ ହସ ଖୁସିରେ ଭରିଉଠୁ।
ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ଜେଜେମା, କୁନିଦିଦି, ପୂଜା ଦିଦି, ଚନ୍ଦନ ଦାଦା, ପିଣ୍ଟୁ ଦାଦା, ଲିଟୁ ଦାଦା, ସାନୁ ଦାଦା।
ଧ-୧୭୩୪







## ମୁରାସୁରଙ୍କ ନଗର ପରିକ୍ରମା

**ଅମରପାଲି,୧୫।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡିରେ ୪୦ତମ ଗଜଲକ୍ଷ୍ମୀ ପୂଜା ଅବସରରେ ଚାଲିଥିବା ମୁରାସୁର ଦରବାରର ଶନିବାର ଥିଲା ଷଷ୍ଠ ସନ୍ଧ୍ୟା। ମୁରାସୁର ମହାରାଜ ଏକ ଶୋଭାଯାତ୍ରାରେ ପାତ୍ର ମନ୍ତ୍ରୀଙ୍କ ସହିତ ନଗର ପରିଭ୍ରମଣ କରିଥିଲେ। ରାଜ ଦରବାରରେ ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାର ପ୍ରଥମ ପର୍ଯ୍ୟାୟରେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ବିଡିଓ ମୋତିଲାଲ ସୁଲିଆ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସାମାଜିକ କର୍ମୀ ରବୀନ୍ଦ୍ର ହୋତା ଓ ଶେଷଦେବ ବାରିକ ରାଜ ଅତିଥି ଭାବେ ଯୋଗଦେଇଥିଲେ। ପରେ ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟାଭିନୟରେ ବରୁଣ ରାଜାଙ୍କ କନ୍ୟା ଲକ୍ଷ୍ମୀଙ୍କ ସ୍ୱୟମ୍ବର ସଭାର ଆୟୋଜନ, ବିଷ୍ଣୁଙ୍କ ସହିତ ଲକ୍ଷ୍ମୀଙ୍କ ବାହାଘର ଆଦି ଦୃଶ୍ୟ ପରିବେଷଣ ହୋଇଥିଲା। ଦର୍ଶକମାନେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଏହାର ମଜା ନେଇଥିଲେ।

## ବାଲ୍ୟବିବାହ ନିରୋଧ କର୍ମଶାଳା

**କନ୍ଧମାଳ,୧୫।୧୦(ଡି.ଏନ.ଏ.):** ବୌଦ୍ଧ ଜିଲା କନ୍ଧମାଳ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଶୁକ୍ରବାର ଦିନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟ ମହନ୍ତଙ୍କ ଅଧ୍ୟକ୍ଷତାରେ ବାଲ୍ୟ ବିବାହ ନିରୋଧ ପାଇଁ ଜାତି ମୁଖିଆମାନଙ୍କ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପ୍ରାୟ ୧୦ ଗୋଟି ଜାତି ସମାଜର ମୁଖିଆ ଓ ସମନ୍ୱିତ ଶିଶୁ ବିକାଶ ବିଭାଗର ସୁପରଭାଇଜରମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ନିରୋଧ,ସମସ୍ତ କିଶୋର କିଶୋରୀମାନଙ୍କ ଶିକ୍ଷା ଓ ଦକ୍ଷତା ବୃଦ୍ଧି ତାଲିମ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସିଡିପିଓ ଜ୍ୟୋତ୍ସ୍ନାରାଣୀ ପାଢୀ ବାଲ୍ୟବିବାହ ଯୋଗୁ କିଶୋର କିଶୋରୀମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଜିଲା ବାଲ୍ୟ ବିବାହ ନିରୋଧ କାର୍ଯ୍ୟକ୍ରମର ପରାମର୍ଶଦାତ୍ରୀ ପ୍ରବିଙ୍କା ଦାଶ ଜିଲା ଓ କନ୍ଧମାଳ ବ୍ଲକରେ ବାଲ୍ୟବିବାହ ସ୍ଥିତି, ଏହାର କାରଣ ଓ ଆଇନଗତ ଦିନ ଉପରେ ଅବଗତ କରାଇଥିଲେ। ସୁପରଭାଇଜର ରଶ୍ମିରାଣୀ ଦିଗାଲ ଧନ୍ୟବାଦ ଦେଇଥିଲେ।

## ଆମ ପୋଲିସ ସମିତି ବୈଠକ

**ଡୁଙ୍ଗୁରିପାଲି ୧୫।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପରିସରରେ ଆମ ପୋଲିସ ସମିତିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସତ୍ୟ ନାରାୟଣ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂତନଭାବେ ଯୋଗ ଦେଇଥିବା ଏସଆଇ ଟଙ୍କଧର ଛତ୍ରିଆଙ୍କୁ ପ୍ରଥମେ ସ୍ୱାଗତ କରାଯାଇଥିଲା। ଅନୁଷ୍ଠିତ ସଭାରେ ଡୁଙ୍ଗୁରିପାଲି ସହର ର ଟ୍ରାଫିକ ସମସ୍ୟା ଦୂର କରିବା, ପାଟ୍ରୋଲିଂକୁ କଡାକଡି କରିବା, ରାସ୍ତା ଉପରେ ପାର୍କିଂ ସମସ୍ୟା, ସହରର ବିଭିନ୍ନ ରାସ୍ତାରେ ଆଲୋକ ବ୍ୟବସ୍ଥା, ଡୁଙ୍ଗୁରିପାଲି ଥାନା ଅଞ୍ଚଳରୁ ଆସୁଥିବା ବିଭିନ୍ନ ଅଭିଯୋଗର ଉଚିତ ସମାଧାନ, ପୋଲିସ ଜନସାଧାରଣ ସମନ୍ୱୟ ରଖିବା ପାଇଁ ପ୍ରସ୍ତାବ ରଖାଯାଇଥିଲା। ବୈଠକରେ ଏସଆଇ ଲକ୍ଷ୍ମୀଧର ପାତ୍ର, ଏଏସଆଇ ଏକାମ୍ର ନାହାକ, ଏସଆଇ ଟଙ୍କଧର ଛତ୍ରିଆ, ସାମାଜିକ କର୍ମୀ ପବିତ୍ର ମୋହନ ପାଣ୍ଡିଆ, ଦୀନବନ୍ଧୁ ସୁନା, ମହାଦେବ ଗଡତିଆ, ସାଗର ଜେନା,ବିପ୍ରଚରଣ ସାହୁ, ପ୍ରଶାନ୍ତ ପାଣ୍ଡେ, ଉମେଶ ବେହେରା, ବୀରେନ୍ଦ୍ର କୁମାର ଦଣ୍ଡସେନା, ଲକ୍ଷ୍ମଣ ଦଣ୍ଡସେନ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

smbselfie@gmail.com


@ ଜ୍ଞାନେନ୍ଦ୍ରୀୟ


@ ପ୍ରଦୀପ


@ ଅର୍ଦ୍ଧେନ୍ଦୁ


@ ସୁନନ୍ଦା


@ ସୀତାରାମ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବୌଦ୍ଧରେ ଆନ୍ତଃ ବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ



ଆନ୍ତଃ ବିଦ୍ୟାଳୟ ସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଖେଳାଳି ଓ ଅନ୍ୟମାନେ।

**ବୌଦ୍ଧ,୧୫।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବୌଦ୍ଧ କଚେରି ଖେଳପଡିଆଠାରେ ତିନିଦିନିଆ ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତାର ଶନିବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସରେ ପ୍ରଥମ ଖେଳ କନ୍ଧମାଳ ବ୍ଲକର ବି ଟିମ୍ ଓ ହରଭଙ୍ଗା ବ୍ଲକର ବି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ ଟ୍ରାଇବ୍ରେକର ଜରିଆରେ ହରଭଙ୍ଗା ବି ଟିମ ୨-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ପ୍ରତିଯୋଗିତାର ଦ୍ୱିତୀୟ ଖେଳ ବୌଦ୍ଧ ବ୍ଲକର ଏ ଟିମ ଓ କନ୍ଧମାଳ ବ୍ଲକର ଏ ଟିମ ମଧ୍ୟରେ ହୋଇଥିଲା। ଖେଳରେ କନ୍ଧମାଳ ଏ ଟିମ ୨-୦ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ରେଫରି ପ୍ରବୀଣ ବେହେରା, ପ୍ରହ୍ଲାଦ ଭୋକ୍ତା ଓ ଅମରେଶ ପ୍ରଧାନ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ରବିବାର ଦିନ ଶେଷ ହେବ। କ୍ରୀଡାର ବିକାଶ ତଥା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖେଳୁଆଡ ମନୋଭାବର ବିକାଶ ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି।




**ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର**

କର୍ଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବା ଭବନଠାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା ଉପଜିଲାପାଳ ବିଶ୍ୱଜିତ ଦାସ ଅଧକ୍ଷତା କରିଥିଲେ । ବ୍ଲକ ଅଧକ୍ଷା କୁନି ସାହୁ, ଉପାଧକ୍ଷ ସୁରେନ୍ଦର ଭୋଇ, ଭାରପ୍ରାପ୍ତ ବିଡିଓ ସିଦ୍ଧେଶ୍ୱର ମେହେର, ସନ୍ଦିପ ନାଏକ, ସୁରେଶ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଚାର ପ୍ରସାର ଅଭାବରୁ ଜବକାର୍ଡଧାରୀ ଶ୍ରମିକ ସଂଖ୍ୟା ହାତ ଗଣତି ରହିବା ନେଇ ଉପଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ।

# ଲାଠିଯାତ୍ରା, ଲାଖବିନ୍ଧା ସହ ଶେଷ ହେଲା ବୁଢ଼ାରଜାଙ୍କ ଦଶରା

**କୋକସରା,୧୫।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସୀମାନ୍ତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା ଆମପାଣି ବୁଢାରଜା ଦେବଙ୍କ ବାର୍ଷିକ ଦଶରା ଶନିବାର ରାତିରେ ଶେଷ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଦଶରା ପୂଜାରେ ବୁଢାରଜା ପୀଠରେ ଶୁକ୍ଲଭୋଗ ଓ ପାର୍ଶ୍ୱଦେବାଦେବୀଙ୍କୁ ଅନ୍ୟ ଭୋଗ ଦେଇ ସନ୍ତୁଷ୍ଟ କରିଥିଲେ ମାନସିକଧାରୀ। ପୂର୍ବରୁ ବୁଢ଼ାରଜା ଦଶରା କେବଳ ଶନିବାର ଦିନ ହୋଇ ଆସୁଥିବା ବେଳେ ବିଗତ କିଛିବର୍ଷ ହେବ ଶୁକ୍ରବାର ଓ ଶନିବାର ୨ଦିନ ଧରି ଦଶରା ପୂଜା ହେଉଛି ବୋଲି ପୂଜା କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଲାଠିପୂଜା ସହ ଆୟୋଜକ କମିଟି ତରଫରୁ ସ୍ଥାନୀୟ ବୁଢାରଜା ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶନିବାର ଦଶରା ପୂଜାର କାର୍ଯ୍ୟକ୍ରମ ସକାଳୁ ଆରମ୍ଭ ହୋଇଥିଲା। ସକାଳ ୭ ଟାରୁ ବୁଢ଼ାରଜାଙ୍କ ମନ୍ଦିରରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିବା ସହ ପୂର୍ବାହ୍ନ ୧୧ଟାରେ ଗ୍ରାମ ପୂଜକଙ୍କ ଘରୁ ବିରାଟ ପଟୁଆରରେ ଲାଠିଯାତ୍ରା ବାହାରିଥିଲା । ଏହି ଲାଠିଯାତ୍ରା ବିଭିନ୍ନ ସାଂସ୍କୃତିକ ଦଳର ଶୋଭାଯାତ୍ରାରେ ବାହାରି ମୁଖ୍ୟ ବୁଢାରଜା ମନ୍ଦିରରେ ପହଞ୍ଚିଥିଲା।





ବୁଢା ରଜା ମହାପ୍ରଭୁ ଓ ଲାଠିଯାତ୍ରା।

ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମରୁ ୨୦ରୁ ଊର୍ଦ୍ଧ୍ୱ ଦେବାଦେବୀଙ୍କ ଦେବୀ ଲାଠି,କାଳିଶି ଘୁମୁରା ଓ ଲୋକ କଳାକାରଙ୍କ ନୃତ୍ୟ ବାଦ୍ୟର ତାଳେ ତାଳେ ଯାଉଥିବା ଦୃଶ୍ୟ ଭକ୍ତ ଓ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଫଳରେ ପୂଜକଙ୍କ ଘରଠାରୁ ମନ୍ଦିର ଯାଏଁ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ମନ୍ଦିରରେ ପହଁଞ୍ଚିବା ପରେ ଲାଠି ଯାତ୍ରାକୁ ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ଲାଠିଯାତ୍ରା ପରିକ୍ରମା ସମୟରେ ବାଟରେ ବାଲିଗଜା ଅର୍ପଣ କରା ଯାଇଥିଲା। ଲାଠିଯାତ୍ରା ବୁଢାରଜା ପୀଠରେ ପହଁଞ୍ଚିବା ପରେ ଉକ୍ତ ବାଲିଗଜାକୁ ବୁଢାରଜାଙ୍କ ପୂଜା ସ୍ଥଳରେ ରଖାଯାଇ ପୂଜା କରାଯାଇଥିଲା। ପରେ ପୂଜକ ଫକୀର ମୋହନ ପୂଝାରିଙ୍କ ଦ୍ୱାରା ପୂଜାପାଠ ଆରମ୍ଭ ହୋଇଥିଲା। ଏହି ସମୟରେ ବୁଢାରଜା ଦେବଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ଆରମ୍ଭ ହୋଇଥିଲା। ବୁଢାରଜା ପୀଠରେ ଏକାଠି ହୋଇଥିବା ସମସ୍ତ ଦେବାଦେବୀ ଏହି ମଣ୍ଡେଇ ଯାତ୍ରାରେ ସାମିଲ ହୋଇ ବଜାର ପଡିଆ ପରିକ୍ରମା କରିଥିଲେ। ମଣ୍ଡେଇ ଯାତ୍ରା ସମାପନ ହେବା ପରେ ପୁଣି ଥରେ ବୁଢାରଜା ପୀଠକୁ ଦେବାଦେବୀମାନେ ଚାଲି ଯାଇଥିଲେ। ପରେ ମନ୍ଦିର ନିକଟରେ ଥିବା ଏକ ଗଛରେ ଜହ୍ନିକୁ ବାନ୍ଧି ଲାଖବିନ୍ଧା କାର୍ଯ୍ୟକ୍ରମ ହୋଇଥିଲା। ଶହ ଶହ ଯୁବକ ଏହି ଲାଖବିନ୍ଧା କାର୍ଯ୍ୟକ୍ରମରେ ଯୋଗ ଦେଇ ଭାଗ ନେଇଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ଧିରଜ କୁମାର ଚୋପଦାରଙ୍କ ନେତୃତ୍ୱରେ ପୋଲିସ ପଦାଧିକାରୀମାନେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ବାର୍ଷିକ ଦଶରା ପୂଜା ଓ ମହୋତ୍ସବ କାର୍ଯ୍ୟକ୍ରମକୁ ବୁଢାରଜା ପୂଜା କମିଟି ସଭାପତି କୁମୁଦ ଚନ୍ଦ୍ର ପୂଝାରି, ଉପ-ସଭାପତି ତିଳୋତ୍ତମା ନାଏକ, ସଂପାଦକ ନକୁଳ ବାଣୁଆ, ସହ ସଂପାଦକ ସନ୍ତୋଷ ମାଝୀ, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ । ବିଘ୍ନେଶ୍ୱର ନାଏକ, ଟିକିଚନ୍ଦ୍ର ଧଙ୍ଗଡାମାଝୀ,ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବାଣୁଆ,ମହେଶ୍ୱର ପୂଝାରି, ନିତ୍ୟାନନ୍ଦ ମାଝୀ, କେଶବ ବେନୁପାଣି ପ୍ରମୁଖ କମିଟିର ଶତାଧିକ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଦଶରା ପୂଜା ଦେଖିବାକୁ ୧୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ।

# ବିଜ୍ଞାନ ମେଳା: ୮୫ ପ୍ରକଳ୍ପ ପ୍ରଦର୍ଶିତ

**ଭବାନୀପାଟଣା,୧୫।୧୦(ସ୍ୱ.ପ୍ର.)**

ଡ.ଏପିଜେ ଅବଦୁଲ କଲାମଙ୍କ ଜନ୍ମ ଜୟନ୍ତୀ ଅବସରରେ ଭବାନୀପାଟଣାସ୍ଥିତ ବୃନ୍ଦାବନ ସ୍ମାର୍ଟ ସ୍କୁଲ ଆନୁକୂଲ୍ୟରେ ଏକ ବିଜ୍ଞାନ, ଗଣିତ ଓ କଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହି ମେଳାରେ ୮୫ଟି ବିଜ୍ଞାନ ଓ ଗଣିତ ପ୍ରକଳ୍ପ ତଥା ବିଭିନ୍ନ ଚିତ୍ରକଳା ପ୍ରଦର୍ଶନ କରାଯାଇଥିଲା। ଶିକ୍ଷାବିତ ଦାମୋଦର ବେହେରା ମେଳା ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପ୍ରକାଶ ଚନ୍ଦ୍ର ନିଶଙ୍କ, ସମ୍ମାନିତ ଅତିଥି ଭାବେ ଏବିଇଓ ହୃଷୀକେଶ ନାଏକ, ସିଆରସିସି ବୈକୁଣ୍ଠ ବେମାଲ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଅରୁଣ କୁମାର ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ।

# ୧୧୦ ୟୁନିଟ୍ ରକ୍ତ ସଂଗ୍ରହ



ରକ୍ତ ଦାନ ଶିବିରରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି ।

**ଭବାନୀପାଟଣା,୧୫।୧୦(ସ୍ୱ.ପ୍ର.)**

**ବିଜେଡିର ମେଗା ରକ୍ତଦାନ ଶିବିର**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମ ଦିନକୁ ସ୍ମରଣୀୟ କରିବା ପାଇଁ ଶନିବାର କଳାହାଣ୍ଡି ଜିଲା ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଭବାନୀପାଟଣା ନିର୍ବାଚନମଣ୍ଡଳୀ ସ୍ତରୀୟ ମେଗା ରକ୍ତଦାନ ଶିବିର ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରଠାରେ ଆୟୋଜିତ ହୋଇଯାଇଛି । ଓଡ଼ିଶା ମୋ ପରିବାର ଓ ଯୁବ ଛାତ୍ର ବିଜେଡ଼ି ଆନୁକୂଲ୍ୟରେ ହୋଇଥିବା ଏହି ରକ୍ତଦାନ ଶିବିରରେ ସର୍ବମୋଟ ୧୧୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ବିସିସିବି ବ୍ୟାଙ୍କ ସଭାପତି ଜିତେନ୍ଦ୍ର ନାରାୟଣ ସିଂହ ଦେଓ, ମ୍ୟୁନିସିପାଲଟି ଅଧକ୍ଷା ସଂଯୁକ୍ତା ବେହେରା, ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ବରିଷ୍ଠ ଯୁବ ଉପ ସଭାପତି ମଣ୍ଟୁ ନାଏକ, ରାଜ୍ୟ ଛାତ୍ର ବିଜେଡ଼ି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ବଲାଙ୍ଗୀର ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ଜିଲା ସଭାନେତ୍ରୀ ଲଳିତା ନାଏକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ସ୍ଥିତି ଅନୁଧ୍ୟାନ ପାଇଁ ଗାଁରେ ପହଞ୍ଚିଲେ ଏଓଏସ୍‌ସିଏଫ୍‌ର ୯ ଜଣିଆ ଟିମ୍

**ନର୍ଲା,୧୫।୧୦(ଡି.ଏନ.ଏ.)**

**ଡମପଦର ଗାଁରେ ଦଳିତଙ୍କୁ ଆକ୍ରମଣ ଘଟଣା**

ଶନିବାର ନର୍ଲା ବ୍ଲକ ଡମପଦର ଗାଁକୁ ରାଜ୍ୟର ଅଗ୍ରଣୀ ସାମାଜିକ ସଂଗଠନ ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ(ଏଓଏସସିଏଫ)ର ଏକ ୯ ଜଣିଆ ଟିମ୍ ଗସ୍ତ କରିଥିଲେ। ନର୍ଲା ବ୍ଲକ ସଭାପତି ରଘୁନାଥ ଦୀପ, ମହିଳା ବିଭାଗ ସଂଯୋଜିକା କବିତା ବାଗଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍ ଡମପଦର ଗାଁରେ ଦଳିତଙ୍କୁ ଆକ୍ରମଣ କରାଯିବା ଘଟଣାର ସ୍ଥିତି ଅନୁଧ୍ୟାନ କରିବା ସହ ପୀଡ଼ିତ ପରିବାର ସହିତ ଆଲୋଚନା କରିଥିବା ଜଣାଯାଇଛି। ନିକଟରେ ନର୍ଲା ବ୍ଲକ ଡମପଦର ଗାଁରେ ସାମାଜିକ ସଭା ନାଁରେ ସଶସ୍ତ୍ର ଆଦିବାସୀମାନେ ଦଳିତ ବସ୍ତିରେ ପଶି ଭଙ୍ଗାରୁଜା ସାଙ୍ଗକୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ପୋଲିସର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାମାଜିକ ସଭା ନାଁରେ ଜାଣିଶୁଣି ଲୋକଙ୍କୁ ଉସୁକାଇବା ଓ ପୋଲିସ ଉପସ୍ଥିତିରେ ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି କରିବା ଘଟଣାକୁ ସାରା ରାଜ୍ୟରେ ନିନ୍ଦା କରାଯାଉଛି । ସେହିପରି ନିଜକୁ ଆଗଧାଡ଼ିର ସମାଜ ସଂସ୍କାରକ ଓ ଆଦିବାସୀ ନେତା ବୋଲି କହି ବୁଲୁଥିବା କେତେଜଣ ବ୍ୟକ୍ତି ନିଜ ଜାତିର ନିରୀହ ଲୋକଙ୍କୁ ଦଳିତମାନଙ୍କ ବିରୋଧରେ ମତାଇ ଗଣ୍ଡଗୋଳ ଘଟାଇବାକୁ ମଧ୍ୟ ବିଭିନ୍ନ ମହଲରେ କଡ଼ା ନିନ୍ଦା କରାଯାଇଛି। ଦଳିକବସ୍ତିରେ ଭଙ୍ଗାରୁଜା ସମୟରେ ପୋଲିସ ଉପସ୍ଥିତ ଥିଲେ ହେଁ ଆଦିବାସୀମାନେ ଆଇନକୁ ହାତକୁ ନେବାକୁ ପଛାଇ ନ ଥିଲେ। ଏହି ଘଟଣା ପରେ ଡମପଦର ଦଳିତ ବସ୍ତିରେ ଭୟ ଓ ଆଶଙ୍କା ଲାଗି ରହିଛି। ଅପରପକ୍ଷରେ କେସିଙ୍ଗା ପୋଲିସ ଦଙ୍ଗାକାରୀମାନଙ୍କୁ ଗିରଫ କରିବା ବଦଳରେ କେବଳ ୪ଜଣ ନିରୀହ ଆଦିବାସୀଙ୍କୁ ଗିରଫ କରି ବାହାବା ନେଉଛି। ବର୍ତ୍ତମାନ ମଧ୍ୟ ଗାଁରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଅଭିଯୋଗ ପତ୍ରରେ ଲିଖିତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଡମପଦରବାସୀ ଅଡ଼ି ବସିଛନ୍ତି।

# ୨୮ରେ ଜିଲାସ୍ତରୀୟ ଯୁବ ମହୋତ୍ସବ



ବୈଠକରେ ପୋଷ୍ଟ ର ଉନ୍ମୋଚନ କରାଯାଉଛି।

**ଭବାନୀପାଟଣା,୧୫।୧୦(ସ୍ୱ.ପ୍ର.)**

କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଶନିବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ଯୁବ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ ଅଧକ୍ଷତା କରିଥିଲେ। ବୈଠକରେ ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ଯୁବ ମହୋତ୍ସବର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋକପାତ କରିଥିଲେ। ସେହିପରି ଯୁବ ମହୋତ୍ସବର ୬ଟି ବିଭାଗର ନିୟମାବଳୀ ବିଷୟରେ ମଧ୍ୟ ଆଲୋକପାତ କରିଥିଲେ। ଯୁବ ମହୋତ୍ସବରେ ମୋବାଇଲ ଫଟୋଗ୍ରାଫି, ଯୁବ ଲେଖକ ସମାବେଶ, ଚିତ୍ରାଙ୍କନ, ଡିକଲାମେଶନ ପ୍ରତିଯୋଗିତା, ଯୁବ ସମାବେଶ, ଦଳଗତ ସାଂସ୍କୃତିକ ପ୍ରତିଯୋଗିତା ଭଳି ୬ ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଯୁବ ଅଧିକାରୀ ସମସ୍ତଙ୍କୁ ଜଣାଇଥିଲେ। ପ୍ରତ୍ୟେକ ବିଭାଗର ବିଜେତା ମାନଙ୍କୁ ଅର୍ଥ ରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ସେମାନେ ରାଜ୍ୟସ୍ତରୀୟ ଓ ଜାତୀୟ ସ୍ତର ଯୁବ ମହୋତ୍ସବରେ ଅଂଶଗ୍ରହଣ କରିବେ। ଜିଲାର ୧୫ ବର୍ଷରୁ ୨୯ ବର୍ଷ ମଧ୍ୟରେ ଥିବା ସମସ୍ତ ଯୁବତୀ ଯୁବକ ଏହି ପ୍ରତିଯୋଗିତା ରେ ଅଂଶଗ୍ରହଣ କରିପାରିବେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଆବେଦନ କରିବାର ଶେଷ ତାରିଖ ଅକ୍ଟୋବର ୨୪ ରହିଛି। ପରେ ସମସ୍ତ ଙ୍କ ଉପସ୍ଥିତିରେ ପୋଷ୍ଟର ଉନ୍ମୋଚନ କରାଗଲା। ଏହାରି ମାଧ୍ୟମରେ ଯୁବକ ଯୁବତୀମାନେ ସିଧାସଳଖ କ୍ୟୁଆର କୋଡ଼ ସ୍କାନ କରି ମଧ୍ୟ ଆବେଦନ କରିପାରିବେ ବୋଲି ଜିଲା ଯୁବ ଅଧିକାରୀ କହିଥିଲେ। ଚିତ୍ରଶିଳ୍ପୀ କ୍ଷୀରସିନ୍ଧୁ ଭୋଇ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଶମ୍ଭୁ ବିଶି, ମହେଶ୍ୱର ସୁନାନୀ, ଅଭିଷେକ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଲେଖାପାଳ ଦୁତୀୟା ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।


**P.G. CENTRAL OFFICE**
**UTKAL UNIVERSITY**
**VANI VIHAR, BHUBANESWAR-751004**
**Admission Notice for Ph.D - 2022-23**

No. CPG/Aca-11/874/2022 Dated: 15.10.2022

Applications for admission to the **Ph. D Programmes** in different Departments and Nodal Centres of Utkal University are invited from the intending candidates through online mode latest by **31.10.2022**. Facility for such online application/ registration shall be made available from **18.10.2022** in the University website **www.utkaluniversity.ac.in.** For detailed information about eligibility (Page No.47 of Information Bulletin 2022-23), vacancy (subject wise), fees, reservation, programme of entrance test etc. refer to the University website indicated above.

Sd/-
Chairman, P.G. Council

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR 7, CDA, CUTTACK, ODISHA.**
**O.A. No. 475 OF 2022**

Branch Manager, Punjab National Bank, Nuapada Branch ...Applicant
Versus
Sri Basudev Bisi & others ...Defendant(s)

To,
1) **Sri Basudev Bisi,** S/o: Sri Padmalochan Bisi, At: Sirtol, P.O./ P.S.: Nuapada, Dist.: Nuapada-766105
2) **Smt. Kusuma Manjari Bisi,** W/o: Basudev Bisi, At: Sirtol, P.O./ P.S.: Nuapada, Dist.: Nuapada

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 475 of 2022** in the court of the Debts of Recovery Tribunal, Cuttack for recovery of **Rs.22,83,278.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **15.11.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **30th day of Sept. 2022.**

Sd/- M.K. Patnaik,
REGISTRAR

**Government of Odisha**
**e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.Dkl.(R&B) 13/2022-23**
**Email Id-sedklpwd@gmail.com**
Letter No. / Dt.

No.B-694:- The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road & Building work as detailed below:

| | | | |
|---|---|---|---|
| 1 | Name of the work | : | Road & Building works |
| 2 | No. of works | : | 04 (Four) Nos. |
| 3 | Estimated cost | : | Rs.2,13,52,464/- to Rs.8,12,63,120/- (as given in column No.03 of table) |
| 4 | Cost of tender paper | : | Rs.10,000.00 |
| 5 | Class of contractor | : | 'B', 'A' & 'Special' Class (as given in column No. 06 of table) |
| 6 | Period of completion of work | : | 05 (Five) to 11 (Eleven) calendar months (as given in column No. 07 of table) |
| 7 | Date and time of availability of bid document in the website | : | From Dt.18.10.2022 to 5.30 P.M. of Dt.01.11.2022 |
| 8 | Date of opening of bid | : | Dt.02.11.2022 at 11.30 hours |

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./-Chief Construction Engineer, Dhenkanal (R&B) Circle, Dhenkanal**
OIPR-34132/11/0021/2223

**GOVERNMENT OF ODISHA** No. O-1123
**OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR**
Ph. No. 0674-2301787, Fax No. 0674-2300965, E-Mail ID: eerw_bbsr@yahoo.co.in
No. Tender-Online-BBSR Divn. - 25 Date: 14.10.2022
**e-Procurement NOTICE**

1. Name of the work : Repair/Maintenance of Building work
2. Total No. of Building : 03 Nos. of Building
3. Class of Contractor :
   a) Above Rs.20 lakh and upto 3 Crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs.40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of individual projects : Rs.4.44 lakh to 27.48 lakh
5. Time for completion : 3 (Three) Calendar months
6. Other details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online - BBSR Divn. - 25 | 21.10.2022 at 11.00 A.M. | 27.10.2022 upto 5.00 P.M. | 28.10.2022 at 11.00 A.M. |

Further details can be seen from the website **www.tendersorissa.gov.in.**
**OIPR-25066/11/0030/2223** **Sd./- Superintending Engineer, Rural Works Divn., BBSR**

**ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME**
**ST & SC DEVELOPMENT DEPARTMENT**
**2nd Floor, TDCCOL Building, Rupali Square, Bhubaneswar-751022**
**Notice No. 3315/ Date:11.10.22**
**ENGAGEMENT OF PROJECT MANAGER AND NUTRITION COORDINATOR FOR MICRO PROJECT AGENCY (MPA) UNDER OPELIP**

No. CAD-2110:- Programme Director, OPELIP invites applications from eligible candidates for engagement of Project Manager and Nutrition Coordinator to be positioned at MPAs to be on engaged on purely contractual basis. Application form along with the detailed ToR can be downloaded from our websites i.e. www.opelip.org & www.otelp.org. Last date of receipt of applications by Regd. Post / Speed Post/ Courier only by 31.10.2022 at 05.00 P.M.

Only shortlisted candidates will be called for interview for engagement. Programme Director, OPELIP reserves the right of accepting or rejecting the applications without assigning any reason thereof.

OIPR-26024/11/0006/2223 **Sd./- Programme Director**

**idco** | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, BHUBANESWAR-751022**
No. CAD-2182
**Tender Call Notice No. H.O./P&C/EST-E-1967/01/2022/26340** **Dated: 14.10.2022**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1 | Proposed pipeline laying work for Water Supply from IDCO main supply line to ITC water storage tank at Khurdha IE. | Rs.18.19 lakh | 04 (Four) Calendar Months |

1. Other details

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | Bid Id No. PC-EST-E-81/2022-23 | 17.00 hours of 27.10.2022 | 17.00 hours of 14.11.2022 |

Further details can be seen from the e-Procurement Portal: **www.tendersodisha.gov.in.** Corrigendum or addendum if any will not be published in Newspapers and can only be seen in the e-Procurement portal **www.tenderodisha.gov.in** as well as IDCO website: **www.idco.in.**
**OIPR-14003/11/0166/2223** **Sd./- Chief General Manager (P&C), IDCO, Bhubaneswar**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RWSS DIVISION, KORAPUT**
**e-mail: eerwss_kpt@rediffmail.com, Ph. No.: 06852-250281 (Off)**
**Ph. No. 06852-250680 (Res.) Fax No.: 06852-251098**
**National Competitive Bidding Through E-Procurement**
**Tender Identification No. 09/SE/RWSS/KPT/2022-23/13.10.2022**

No. O-1120: The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Double Cover (P1 Contract) from the eligible Class of experienced registered contractors through e-Tendering system for the Piped Water Supply works as detailed in DTCN. The bid should be submitted Online in the website **www.tenderorissa.gov.in** separately for the works.

| | | | |
|---|---|---|---|
| 1 | Nature of Work | : | Rural piped water supply to Champi GP Champi under Laxmipur Block of Koraput District under Jal Jeevan Mission (JJM) Programme |
| 2 | Time Period for Completion | : | Six Months |
| 3 | Estimated Cost | : | 53.86 lakhs |
| 4 | Total No. of works | : | 1 No. |
| 5 | Tender Cost | : | Rs.10,000.00 |
| 6 | Class of Contractor | : | "B" |
| 7 | Availability of Bid document in the website | : | Dt.27.10.2022 at 17.00 hours to 10.11.2022 upto 17.00 hours |
| 8 | Date of Seeking Clarification | : | During the office hours of 27.10.2022 to 09.11.2022 |
| 9 | Date of Opening of Bid | : | Dt.11.11.2022 at 11.00 hours |

Further details can be seen in the bidding documents which is available in the e-procurement portal **https/www.tendersorissa.gov.in**. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

**OIPR-25034/11/0015/2223** **Sd./- Superintending Engineer RWS&S Division, Koraput**

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**E-auction Notice (19.10.2022 – 123th & 124th E-auction)**
**IRON ORE CLO & FINES**

No.CAD-2185:-
The Odisha Mining Corporation Ltd. intends to sell various grades of Iron ore CLO & Fines produced at Daitari and Gandhamardan Regions (Block – A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat) & Roida 'C' Mines of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M on 19.10.2022.
For details, please visit the website of MSTC i.e. **www.mstcecommerce.com**

**ADDL. GENERAL MANAGER (S&M)**
OIPR-30005/11/0139/2223

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
**At: Ambapua, P.O.- Engineering School, Near Income Tax Office, Berhampur - 760011**
**(E-mail: serwbpr2004@yahoo.com, Tel/Fax: 0680-2404287)**
**NATIONAL COMPETITIVE BIDDING THROUGH e-Procurement**
**No. O-1122** **Bid Identification No. Online Tender / 48-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 48-2022-23/ BPR | Road Works including 05 years Post Construction maintenance under MMSY | 01 No. | Rs.999.35 lakhs | "A" Class & "Special" Class as applicable | 12 (Twelve) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 48-2022-23/BPR | 18.10.2022 at 10.00 A.M. | 01.11.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: **www.tendersodisha.gov.in.**
**OIPR-25071/11/0083/2223** **Sd./- Chief Construction Engineer, R.W. Circle, Berhampur**

## ବିଶ୍ୱ ହାତଧୁଆ ଦିବସ ପାଳିତ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ଛେଲିଆପାଟ ହାଇସ୍କୁଲରେ ବିଶ୍ୱ ହାତଧୁଆ ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ରେଡକ୍ରସ ଭାରପ୍ରାପ୍ତ ଶିକ୍ଷକ ଆନନ୍ଦ ସାହୁ ସଂଯୋଜନ କରିଥିଲେ। ହାତଧୁଆ ଦ୍ରବଣ ସହାୟ୍ୟରେ ଆଦର୍ଶ ହାତଧୁଆର ୫ଟି ସୋପାନ ଓ ତାର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ଶିକ୍ଷକ ଦିଲୀପ ଡାଙ୍ଗ, ମୁକେଶ ଚୌହାନ, ଧନଞ୍ଜୟ ଭୋଇ, ସୁରେଶ ତାଣ୍ଡି, ବିଦ୍ୟାପତି ମିଶ୍ର, ଦିଗାମ୍ବର ସାହୁ ଛାତ୍ରୀଛାତ୍ରଙ୍କୁ ଖାଇବା ପୂର୍ବରୁ ଏବଂ ଶୌଚ ପରେ ଏପରି ଭାବେ ହାତ ଧୋଇବାକୁ ପରାମର୍ଶ ଦେଇଥିଲେ ।

## ସଂକ୍ଷେପରେ

### ୭ ଦାଦନ ଶ୍ରମିକ ଉଦ୍ଧାର

ଖପ୍ରାଖୋଲ,୧୫।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ପାଟ୍ରୋଲିଂ ପୋଲିସ ଶନିବାର ଚାଲାଣ ବେଳେ ଖପ୍ରାଖୋଲ-ପାଟଣାଗଡ ରାସ୍ତାର ଗମ୍ଭାରୀ ଛକରୁ ୭ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ହରିଶଙ୍କର ରୋଡ ରେଲଷ୍ଟେଶନରୁ ସେମାନଙ୍କୁ ବାହାର ରାଜ୍ୟକୁ ପଠାଯାଇଥାନ୍ତା। ଖପ୍ରାଖୋଲ ଥାନାକୁ ନେଇ ଉଦ୍ଧାର ଶ୍ରମିକଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ଉଦ୍ଧାର ଶ୍ରମିକମାନେ ଲାରମ୍ବା ଥାନା ଦମକିପାଲି ଗାଁର। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଦଲାଲଙ୍କୁ ଅଟକ ରଖି ପଚରାଉଚରା ଚାଲିଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ ପ୍ରଥମ ବର୍ଷ ଛାତ୍ରୀଙ୍କୁ ସ୍ୱାଗତ

କଣ୍ଟାବାଞ୍ଜି,୧୫।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ମୁକୁନ୍ଦିଲାଲ ଅଗ୍ରୱାଲ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲରେ ଶନିବାର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅଧକ୍ଷା ରଞ୍ଜିତା ଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧାପକ ବଳରାଜ ସିଂଦେଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ରମେଶ ପୂଝାରି, ଭାସ୍କର ମେହେର, ଦେବେନ୍ଦ୍ର ପଣ୍ଡା, ଦେବରଥ ସୁନାନି, ମନୋଜ ସାହୁ ପ୍ରମୁଖ ଛାତ୍ରୀମାନଙ୍କୁ ଭଲ ପାଠପଢି ସୁନାମ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ।

### ଅମାମୁଣ୍ଡା-ସୁଜିଆ ଫାଇନାଲ ମୁକାବିଲା

ଲୋଇସିଂହା,୧୫।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲିଆମୁଣ୍ଡା ୧୪ତମ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ସାପ୍ତାହିକ ବଜାର ଖେଳ ପଡିଆରେ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି । ଶନିବାର ଟୁର୍ନାମେଣ୍ଟର ୨ଟି ସେମିଫାଇନାଲ ଖେଳାଯାଇଥିଲା । ଅମାମୁଣ୍ଡା ଏବଂ ସୁଜିଆ ଦଳ ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ରବିବାର ଅପରାହ୍ନରେ ଉଭୟ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ। ପ୍ରଥମ ସେମିଫାଇନାଲ ଅମାମୁଣ୍ଡା ଓ ବାଦିପୁରିଆ ଏକଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ୪-୨ ଗୋଲରେ ଅମାମୁଣ୍ଡା ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ସୁଜିଆ ଓ ଖାଇରମାଲ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ୨-୧ ଗୋଲରେ ସୁଜିଆ ବିଜୟୀ ହୋଇ ଫାଇନାଲରେ ଅମାମୁଣ୍ଡା ଦଳକୁ ଭେଟିବ। ଜ୍ୟୋତିର୍ମୟ ରାଉତ ଓ ସାଥୀ ଖେଳ ପରିଚାଳନା କରିଥିଲେ । ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ ।

# ଖୁବ୍‌ଶୀଘ୍ର ପ୍ରକଳ୍ପ ଶେଷ ହେବ: ମନ୍ତ୍ରୀ

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ସ୍ତରୀୟ ଥଇଥାନ ଓ ପୁର୍ନବାସ କମିଟି ବୈଠକ**

- ପ୍ରକଳ୍ପ ସମୀକ୍ଷା କଲେ ମନ୍ତ୍ରୀ ରୋହିତ ପୂଜାରୀ
- ପ୍ରଭାବିତଙ୍କୁ ସମ୍ମାନର ସହ ବିସ୍ଥାପିତ କରାଯାଉ: ଲୋଇସିଂହା ବିଧାୟକ

ବଲାଙ୍ଗୀର ଅଫିସ,୧୫।୧୦

ବଲାଙ୍ଗୀର ଜିଲାର ବହୁ ପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଖୁବ୍‌ଶୀଘ୍ର ଶେଷ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପ୍ରଶାସନ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି ଲୋୟର ସୁକ୍‌ତେଲ ପ୍ରକଳ୍ପ ବଲାଙ୍ଗୀର ଜିଲା ପାଇଁ ଏକ ଐତିହାସିକ ପ୍ରକଳ୍ପ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଜିଲା ଯୋଜନା କମିଟି ଅଧକ୍ଷ ରୋହିତ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସମ୍ମିଳନୀ କକ୍ଷରେ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ପ୍ରକଳ୍ପ ସ୍ତରୀୟ ଥଇଥାନ ଓ ପୁର୍ନବାସ କମିଟି ବୈଠକ ବସିଥିଲା। ଏହି ବୈଠକରେ ମନ୍ତ୍ରୀ ପୂଜାରୀ ଯୋଗଦାନ କରି ପ୍ରକଳ୍ପର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ବୈଠକରେ ପ୍ରକଳ୍ପ ପ୍ରଭାବିତ ଭାଟପାଲି, ବୁଡାବାହାଲ, କୁମିଆପାଲି ଏବଂ କପିଳବାହାଲ ଗ୍ରାମର କମିଟି ସଦସ୍ୟ ଓ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ଯୋଗଦେଇ ମତ ରଖିଥିଲେ। ବୈଠକରେ ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପିତ କରିଥିଲେ। ଯେଉଁ ଲୋକମାନେ ଜିଲାବାସୀଙ୍କ ସ୍ୱାର୍ଥ ପାଇଁ ନିଜର ଭିଟାମାଟି ଦାନ କରି ବିସ୍ଥାପିତ ହେଉଛନ୍ତି ସେମାନଙ୍କୁ ସମ୍ମାନର ସହ ଗାଁରୁ ବିଦାୟ ଦିଆଯାଉ ବୋଲି କହିଥିଲେ। ମହୁଲ ଗଛ ଓ ନିମ୍ବ ଭଳି ଫଳବତୀ ଗଛର ସମ୍ପତ୍ତି ପୁନଃ ଆକଳନ କରାଯାଉ ବୋଲି କହିଥିଲେ। ଏହା ସହିତ ପ୍ରକଳ୍ପ ପ୍ରଭାବିତ ଆଦିବାସୀଙ୍କୁ ଅନ୍ତତଃପକ୍ଷେ ଜମି ବଦଳରେ ଜମି, ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କଲାପରେ ଯାଇ ବିସ୍ଥାପିତ କରାଯାଉ ବୋଲି କହିଥିଲେ। ବିସ୍ଥାପିତ ହେବାକୁ ଥିବା ଲୋକେ ବଲାଙ୍ଗୀର ସହର ନିକଟରେ ଘରଡିହ ମାଗୁଥିବାରୁ ସେମାନଙ୍କୁ ସେଠାରେ ଜମି ଉପଲବ୍ଧ କରାଇବାକୁ ପ୍ରସ୍ତାବ ଦେଇଥିଲେ। ପ୍ରକଳ୍ପରୁ ପାଇପ୍ ଯୋଗେ ଜଳସେଚନ ହେଉଥିବାରୁ ଆଗଲପୁର ବ୍ଲକ୍ ଅଞ୍ଚଳର ଜମିକୁ ପାଣି ଜଳସେଚନ ବ୍ୟବସ୍ଥା କରାଯିବା ଦିଗରେ ପ୍ରଶାସନ ପଦକ୍ଷେପ ନେଉ ବୋଲି କହିଥିଲେ। ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ପ୍ରକଳ୍ପ ପ୍ରଭାବିତ କିଭଳି ଅଧିକରୁ ଅଧିକ ସରକାରୀ ସହାୟତା ପାଇବେ ସେଦିଗରେ ପ୍ରଶାସନ ସଚେତନ ରହିଛି। ଏହି ପ୍ରକଳ୍ପରେ ବିସ୍ଥାବିତ ହେବାକୁ ଥିବା ଲୋକଙ୍କ ଜୀବନ ଜୀବିକା ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସୂଚନା ଦେଇଥିଲେ। ଏହା ରାଜ୍ୟରେ ପ୍ରଥମ ବୋଲି ସେ କହିଥିଲେ। ଏହି ଅବସରରେ ଥଇଥାନ ଓ ପୁନର୍ବାସ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଏଡିଏମ୍ ମହାପାତ୍ର ପାୱାର ପଏଣ୍ଟରେ ପ୍ରକଳ୍ପ ସ୍ତରୀୟ ଉନ୍ନୟନ ଓ ସରକାରୀ ବ୍ୟବସ୍ଥା ସମ୍ପର୍କରେ କମିଟି ସଦସ୍ୟଙ୍କୁ ଅବଗତ କରିଥିଲେ। କମିଟି ସଦସ୍ୟ ତଥା ପ୍ରକଳ୍ପ ପ୍ରଭାବିତ ପ୍ରତିନଧିମାନେ ବିଶେଷକରି ଏହି ୪ ଖଣ୍ଡ ଗାଁର ଲୋକଙ୍କୁ ବଲାଙ୍ଗୀର ସହରରେ ଜମି ଯୋଗାଇ ଦେବାକୁ ଦାବି କରିଥିଲେ। ଶେଷରେ ମୁଖ୍ୟନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତ୍ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଧାକର ନାୟକ, ଉପଜିଲାପାଳ ତଥା ପ୍ରକଳ୍ପ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣ, ବଲାଙ୍ଗୀର ନାଗରିକ କମିଟି ସଭାପତି ଇଂ ବେଲାର ସିଂଭୋଇ, ରେଙ୍ଗାଲି ସରପଞ୍ଚ ଉପସ୍ଥିତ ଥିଲେ।


ପ୍ରକଳ୍ପ ସ୍ତରୀୟ ଥଇଥାନ ଓ ପୁନର୍ବାସ କମିଟି ବୈଠକରେ ମନ୍ତ୍ରୀ ରୋହିତ ପୂଜାରୀ, ବିଧାୟକ ମୁକେଶ ମହାଲିଙ୍ଗ ଓ ଜିଲାପାଳ ଚଞ୍ଚଳ ରାଣାଙ୍କ ସହ ଅନ୍ୟମାନେ।

## ବାମପାର୍ଶ୍ୱ ଭୂତଳ ପାଇପ ଜଳସେଚନ ନେଟ୍‌ୱାର୍କ ଚୁକ୍ତିନାମା ସ୍ୱାକ୍ଷରିତ

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଶନିବାର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ବାମପାର୍ଶ୍ୱ କମାଣ୍ଡ ନିମନ୍ତେ ଭୂତଳ ପାଇପ ଜଳସେଚନ ନେଟୱାର୍କ ପ୍ରଣାଳୀ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ପ୍ରକଳ୍ପ ପାଇଁ ୬୩୪.୧୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଚୁକ୍ତିନାମା ଲୋୟର ସୁକତେଲ କେନାଲ ବିଭାଜନ ନମ୍ବର-୨ର ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ସେଠ ଏବଂ ମେଘା ଇଞ୍ଜିନିୟରିଂ ଏଣ୍ଡ ଇନଫ୍ରାଷ୍ଟ୍ରକଚର ଲିମିଟେଡ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିନାମା ସ୍ୱାକ୍ଷରିତ ସମୟରେ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ପ୍ରକଳ୍ପ ଥଇଥାନ ଓ ପୁନର୍ବାସ ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର ମହାପାତ୍ର, ପ୍ରକଳ୍ପର ମୁଖ୍ୟ ହିସାବ ଅଧିକାରୀ, ପ୍ରକଳ୍ପ ସମସ୍ତ ଅଧିକ୍ଷଣ ଯନ୍ତ୍ରୀ, ମେଘା ଇଞ୍ଜିନିୟରିଂ ଏଣ୍ଡ ଇନଫ୍ରାଷ୍ଟ୍ରକଚର ଲିମିଟେଡର ଅଧିକାରୀମାନେ ଉପସ୍ଥିତ ଥିଲେ। ଚୁକ୍ତିନାମା ପରେ ଏହି କାର୍ଯ୍ୟର ନିର୍ମାଣ ନିମନ୍ତେ ୬୩୪.୧୪ କୋଟି ଟଙ୍କା ଏବଂ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ୩ କୋଟି ଟଙ୍କାର କାର୍ଯ୍ୟାଦେଶ ମେଘା ଇଞ୍ଜିନିୟରିଂ ଏଣ୍ଡ ଇନଫ୍ରାଷ୍ଟ୍ରକଚର ଲିମିଟେଡଙ୍କୁ ପ୍ରଦାନ କରାଯାଇଥିଲା। ଏହାର ପ୍ରକଳ୍ପର ନିର୍ମାଣ କାମ ୧୪ ଏପ୍ରିଲ ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ଦିଆଯାଇଛି। ୧୫ ଏପ୍ରିଲ ୨୦୨୫ରୁ ୧୪ ଏପ୍ରିଲ ୨୦୩୦ ସୁଦ୍ଧା ପରିଚାଳନା ଓ ରକ୍ଷଣାବେକ୍ଷଣ ଅବଧି ଧାର୍ଯ୍ୟ କରାଯାଇଛି। ଏହି ବାମପାର୍ଶ୍ୱ ଭୂତଳ ପାଇପ ନେଟୱାର୍କ ଦ୍ୱାରା ପ୍ରକଳ୍ପ ବାମପାର୍ଶ୍ୱରେ ୧୩ ହଜାର ହେକ୍ଟର କ୍ଷେତ୍ରରେ ଜଳସେଚନ ହୋଇପାରିବ ବୋଲି ସୂଚନା ଦିଆଯାଇଥିଲା।

## ଆନ୍ଦୋଳନ ପରେ ଶିକ୍ଷକ ନିଯୁକ୍ତ

**ଯୋଗୀସର୍ଡା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ**

ଲୋଇସିଂହା,୧୫।୧୦(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ପଞ୍ଚାୟତ ସଦର ଗ୍ରାମରେ ରହିଛି ସର୍ବପୁରାତନ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ। ବିଦ୍ୟାଳୟରେ ଭିତ୍ତିଭୂମି ଅଭାବ ସାଙ୍ଗକୁ ଶିକ୍ଷକ ସମସ୍ୟା ଲାଗି ରହିଛି। ଏହାର ପ୍ରତିବାଦରେ ଗତ ସେପ୍ଟେମ୍ବର ୨୭ରେ ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଦଶହରା ଛୁଟି ପରେ ବୁରୋମୁଣ୍ଡା ସ୍କୁଲର ଜଣେ ଶିକ୍ଷକଙ୍କୁ ଉକ୍ତ ସ୍କୁଲକୁ ଡେପୁଟେସନରେ ଦିଆଯାଇଛି। ବର୍ତ୍ତମାନ ବିଦ୍ୟାଳୟରେ ୩ ଜଣ ଶିକ୍ଷକ ଅବସ୍ଥାପିତ ହେବା ପରେ ଶିକ୍ଷାରେ କିଛିଟା ସୁଧାର ଆସିବ ବୋଲି ଅଭିଭାବକ ଆଶାବ୍ୟକ୍ତ କରିଛନ୍ତି। ଅପରପକ୍ଷେ ଦାବି ମୁତାବକ ଆଉ ୨ ଜଣ ଶିକ୍ଷକ ନମିଳିଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି କମିଟିର ସଦସ୍ୟ ବୀରବର ପଧାନ କହିଛନ୍ତି। ୧୮୯୯ରେ ପ୍ରତିଷ୍ଠିତ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ପ୍ରଧାନଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ଡେପୁଟେସନରେ ଆସିଛନ୍ତି। ପ୍ରଧାନଶିକ୍ଷକ ମଧ୍ୟାହ୍ନ ଭୋଜନଠାରୁ ଅନ୍ୟାନ୍ୟ ରୁଟିନ କାମରେ ବ୍ୟସ୍ତ ରହୁଥିବାରୁ ସହକାରୀ ପାଞ୍ଚ ଶ୍ରେଣୀର ପିଲାଙ୍କୁ ପଢାଇବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ବିଦ୍ୟାଳୟ ସ୍ଥାନାନ୍ତରକୁ ନେଇ ଜିଲାପାଳଙ୍କୁ ଦାବିପତ୍ର

ନୂଆପଡ଼ା ଅଫିସ୍-୧୫।୧୦

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡ଼ା ପଞ୍ଚାୟତ ସିଲେଟପାଣି ଗାଁ ମଝିରେ ଥିବା ବିଦ୍ୟାଳୟକୁ ବନ୍ଦ କରି ଦୁଇ କିଲୋମିଟର ଦୂର ବିଜୁ ଏକ୍ସପ୍ରେସ ଫୋର ୱେ ପାଖରେ ନୂତନ ବିଦ୍ୟାଳୟ ନିର୍ମାଣ କରି ପାଠପଢା ଚାଲିଛି। ଛୋଟ ଛୋଟ ପିଲା ଦୁଇ କିଲୋମିଟର ଦୂର ବିଦ୍ୟାଳୟକୁ ଚାଲିଯିବା କଷ୍ଟକର। ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପୂର୍ବ ସ୍ଥାନରେ ରହି ପାଠପଢା ଯାଇ ଚତୁର୍ଥ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ବିଦ୍ୟାଳୟରେ ପାଠପଢା ଯାଉ ବୋଲି ଗ୍ରାମବାସୀ ନୂଆପଡା ଜିଲାପାଳ ହେମକାନ୍ତ ସାୟଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ପ୍ରାପ୍ତ ସୂଚନା ମୁତାବକ ସିଲେଟପାଣି ଗାଁ ରେ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବସ୍ତି ମଧ୍ୟ ଭାଗରେ ପ୍ରାଥମିକ ବିଦ୍ୟାଳୟ ରହିଛି। ସେହି ପୁରୁଣା ବିଦ୍ୟାଳୟ ମଧ୍ୟ ଭଲ ଅଛି। ହେଲେ ଶିକ୍ଷା ବିଭାଗ ଡେମେଜ ଦେଖାଇ ନୂତନ ବିଦ୍ୟାଳୟ ନିର୍ମାଣ କରିଛନ୍ତି। ସେହି ବିଦ୍ୟାଳୟରେ ପାଠପଢା ଚାଲିଥିଲାବେଳେ ବସ୍ତି ସମେତ ଟାଙ୍ଗରିପଡା, ମାକରଚୂଆଁ ପଡା, କାଦୋପଡା, କେନ୍ଦୁପଡା, କୋଦୋଭଟାପଡା, ଶଗରିଆପଡା, ମାଝିପଡା, ମଧୁପୁର ପଡା, ଅଁଳାପଡା ଆଦି ପଡାର ଛୋଟ ପିଲାଙ୍କୁ ବିଦ୍ୟାଳୟ ଯିବା ପାଇଁ ସୁବିଧା ହେଉଥିଲା। ବର୍ତ୍ତମାନ ବିଜୁ ଏକ୍ସପ୍ରେସ ଫୋର ୱେ କଡ଼ରେ ବିଦ୍ୟାଳୟ ନିର୍ମାଣ ହୋଇ ପାଠପଢା ଚାଲିଛି। ଫୋର ୱେକୁ ଲାଗି କରି ବିଦ୍ୟାଳୟ ରହିଥିବାରୁ ସ୍କୁଲ ଭିତରକୁ ଡଷ୍ଟ ପଶିବା ସହ ଭାରିଯାନ ଗାଡି ଯାଉଛି। ଛୋଟ ପିଲାମାନଙ୍କ ପ୍ରତି ବିପଦ ମଧ୍ୟ ରହିଛି। ଗାଡି ମୋଟର ଶବ୍ଦରେ ପିଲାମାନେ ଠିକ ଭାବରେ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ବସ୍ତି ଠାରୁ ଦୁଇ କିମି ଓ ଅନ୍ୟ ପଡାମାନଙ୍କ ଠାରୁ ୫ କିମିରୁ ଉର୍ଦ୍ଧ୍ୱ ରାସ୍ତା ପଡୁଛି। ସ୍କୁଲ ଯିବା ବାଟରେ ବାଦିମୁଣ୍ଡା ନାଳା ମଧ୍ୟ ରହିଛି। ବର୍ଷା ଦିନେ ପାରି ହେବା ବହୁତ କଷ୍ଟକର। କୁନି ପିଲାମାନେ କେମିତି ପାର ହୋଇ ସ୍କୁଲ ଯିବେ। ଏ ସବୁକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ବା ଶିକ୍ଷା ବିଭାଗ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପୁରୁଣା ସ୍କୁଲରେ ଓ ଚତୁର୍ଥ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ସ୍କୁଲରେ ପାଠପଢା ଯାଉ ବୋଲି ସରପଞ୍ଚ ରଞ୍ଜିତ ସୁନାନୀ, ସମିତି ସଭ୍ୟ ନବସିନି ଧରୁଆ, ମାୟା ମାଝି, ସୁକାନ୍ତି ମାଝି, ଜେମାମଣୀ ମାଝି, କୈକୟୀ ନାଏକ, ହାମ ମାଝି, ବେଲମତି ପ୍ରଧାନ, କୁମାରୀ ଗଡତିଆ, ହାରାବତୀ ଶବର ପ୍ରମୁଖ ଗ୍ରାମବାସୀ ଦାବିକରି ସ୍ମାରକପତ୍ର ପ୍ରଦାନ କରିଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ସିଲେଟପାଣିବାସୀ।

## ଦନ୍ତେଶ୍ୱରୀ ଦଶହରା ଉପଲକ୍ଷେ ଘୁମୁରା ପ୍ରତିଯୋଗିତା

ବେହେରା,୧୫।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲାର ପ୍ରସିଦ୍ଧ ଅଷ୍ଟଦେବୀ ପୀଠ ମଧ୍ୟରୁ ଦେବୀ ଦନ୍ତେଶ୍ୱରୀଙ୍କ ପୀଠ ଅନ୍ୟତମ। ଧର୍ମଗଡ ବ୍ଲକ ବେହେରା ବାଙ୍କିମୁଣ୍ଡାସ୍ଥ ଦେବୀ ଦନ୍ତେଶ୍ୱରୀଙ୍କ ପୀଠରେ ପ୍ରତି ଆଶ୍ୱିନ ଶୁକ୍ଳ ଦ୍ୱାଦଶୀ ତିଥିରେ ମା'ଙ୍କ ଦଶହରା ପର୍ବ ପାଳିତ ହୁଏ। ଚଳିତବର୍ଷ ଅକ୍ଟୋବର ୭ ଦ୍ୱାଦଶୀ ତିଥିରେ ଦଶହରା ପୂଜା ହୋଇ ସାରିଥିବା ବେଳେ ଗତ ଶୁକ୍ରବାର ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଦନ୍ତେଶ୍ୱରୀ ଜୟରାମ ଯୁବକ ସଂଘ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ବିଶିଷ୍ଟ ଅତିଥି ଭାବରେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ ପଣ୍ଡିତ ରିକ୍ଷୀରାମ ରଙ୍ଗମଞ୍ଚକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବରେ ବେହେରା ସମିତି ସଭ୍ୟ କିଶୋରଚନ୍ଦ୍ର ନାଗ, ସମ୍ମାନିତ ଅତିଥି ଭାବେ ତେଣ୍ଡାପାଳି ସରପଞ୍ଚ ଗୌଲଚନ ଗୋପାଳ, ଇଶ୍ୱରଲାଲ ଅଗ୍ରୱାଲ, ମୁଖ୍ୟବକ୍ତା ପ୍ରଶାନ୍ତ ତିୱାରୀ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୧୬ଟି ଘୁମୁରାଦଳ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ପ୍ରଥମ ପୁରସ୍କାର ଅତର୍ଲା, ଦ୍ୱିତୀୟ ପୁରସ୍କାର କଦଳିମୁଣ୍ଡା, ତୃତୀୟ ପୁରସ୍କାର କାଶିବାହାଲ ଘୁମୁରା ଦଳ ପାଇଥିଲେ। କାର୍ଯ୍ୟକ୍ରମର ସଭାପତି ଚିତ୍ତରଞ୍ଜନ ପୂଝାରୀ, ସମ୍ପାଦକ ଭୂପେଶ ତିୱାରୀ ତୁଲାଇ ଥିଲେ। ଦୁର୍ବଳ କାଣ୍ତ,ପବିତ୍ର ସୁନାନୀ, ବଶିଷ୍ଠ ପାଣ୍ଡେ, ପ୍ରେମକାଣ୍ତ ବିଚାରପତି ଦାୟିତ୍ୱ ତୁଲାଇଥିଲେ। ପ୍ରଭାତ ତିୱାରୀ,ଅଖଣ୍ଡମଣି ଭରତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଘନଶ୍ୟାମ ମଶ୍ରା, ଉଜ୍ଜ୍ୱଲସିଂ ପୂଝାରୀ, ନନ୍ଦକିଶୋର ସୋନୀ, ଯୁଗେଶ୍ୱର ପୂଝାରୀ, ମାନସିଂହ ଭରତିଆଙ୍କ ସମେତ ଦଳସର୍ଗୀ ଓ ବାଙ୍କିମୁଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ।

## ଆମ୍ ଆଦ୍‌ମୀ ପାର୍ଟିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଲୋଇସିଂହା, ୧୫।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରେସନ ଭବନରେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଆମ୍ ଆଦମୀ ପାର୍ଟି(ଏଏପି)ର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଶଙ୍କର ପ୍ରସାଦ ନାଗ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ଆବାହକ ଆଶିଷ ପାଣ୍ଡେ, ସୁରଥ ବେହେରା, ପ୍ରଫୁଲ୍ଲ ପଣ୍ଡା, ପିଣ୍ଟୁ ଭୋଇ, ଶ୍ୟାମଘନ ନନ୍ଦ, ସଦାଶିବ ମେହେର ଓ ବନୀ ପଧାନ ଅତିଥିଭାବେ ମଞ୍ଚାସୀନ ହୋଇଥିଲେ। ବଲାଙ୍ଗୀର ଜିଲାରେ ଦିନକୁ ଦିନ ଉଦ୍‌ବେଗକଜନକ ଭାବେ ଦାଦନ ସମସ୍ୟା, ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ବେରୋଜଗାର ବଢି ଚାଲିଛି। ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମକୁ ନେଇ ଲୋକେ ଅତିଷ୍ଠ ହୋଇଗଲେଣି। ଏସବୁକୁ କେନ୍ଦ୍ର ଓ ରାଜ୍ୟ ସରକାର ରୋକିବାରେ ବିଫଳ ହୋଇଛନ୍ତି। ଏହାକୁ ହଟାଇବା ଲାଗି ଏଏପି ୨୦୨୪ ସାଧାରଣ ନିର୍ବାଚନ ଲାଗି ପ୍ରସ୍ତୁତି ଆରମ୍ଭ କରିଥିବା ଦଳର ଜିଲା ଆବାହକ ପାଣ୍ଡେ କହିଛନ୍ତି।

## ଖଡ଼ିଆଳଠାରେ ହନୁମାନ ପୂଜା ବିସର୍ଜନ

ଖଡ଼ିଆଳ,୧୫।୧୦(ଡି.ଏନ.ଏ)

ନୂଆପଡା ଜିଲା ଖଡ଼ିଆଳ ଜଗନ୍ନାଥ ମନ୍ଦିର ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ହନୁମାନ ପୂଜା ଅନୁଷ୍ଠିତ ହେଉଛି। କର୍ତ୍ତା ଭାବେ ପାର୍ଥ ସାରଥୀ ଖମାରୀ ଏବଂ ତାଙ୍କ ସହଧର୍ମୀଣୀ ସୁସ୍ମିତା ଖମାରୀ ଦାୟିତ୍ୱ ତୁଲାଉଛନ୍ତି। ଖଡ଼ିଆଳରେ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ହେବ ହନୁମାନ ପୂଜା ହୋଇ ଆସୁଥିବା ଅନୁମାନ କରାଯାଏ। ବିମ୍ବରାଜ ମହାନ୍ତି, ସୂର୍ଯ୍ୟ ନାରାୟଣ ସାହୁ, ସନ୍ତୋଷ ବାରିକ ଓ ହୃଷିକେଶ ସାହୁ ଥିବାବେଳେ ଅଶୋକ ବାରିକ, ମିଳିନ୍ଦର ଖମାରି, ପୃଥ୍ୱୀରାଜ ମହାନ୍ତି, ଦେବେଶ ହୋତା, ଲିଙ୍ଗରାଜ ମହାନ୍ତି, ବିଜୟ ବାରିକ, ବିକାଶ ଅଗ୍ରୱାଲ, ଆଲୋକ ଅଗ୍ରୱାଲ, ଅଜୟ ବାରିକ ଓ ରୋହିତ ବାରିକ ପ୍ରମୁଖ ସହଯୋଗ କରିଥିଲେ। ହନୁମାନ ବିସର୍ଜନରେ ପାରମ୍ପାରିକ ଝଲକ, ହିନ୍ଦୁ ସଂସ୍କୃତିରେ ଦୀପ ଶହ ହନୁମାନ ପୂଜା ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିବାବେଳେ ରୁଦ୍ର ଅବତାର ହନୁମାନଙ୍କୁ ବିସର୍ଜନରେ ମଧ ପ୍ରାଚୀନ ପରମ୍ପରା ଏବଂ ହିନ୍ଦୁ ସଂସ୍କୃତିରେ ଦୀପ ଶୋଭାଯାତ୍ରା ଅନୁଷ୍ଠିତ ହୋଇଅଛି। ଖଡ଼ିଆଳର ମହିଳାମାନେ ହାତରେ ଦୀପ ଜାଳି ହନୁମାନ ମହାପ୍ରଭୁଙ୍କୁ ଏକ ସୁସଜ୍ଜିତ ଯାନରେ ଖଡ଼ିଆଳ ନଗର ପରିକ୍ରମା କରିଥିଲେ। ବର୍ତ୍ତମାନ ଯେକୌଣସି ପୂଜାର ବିସର୍ଜନ ପାଇଁ ଅପସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ହେଉଥିବାବେଳେ ଖଡ଼ିଆଳ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଦୀପ ଜାଳି ବହୁ ସଂଖ୍ୟାରେ ମହିଳା ଶୋଭାଯାତ୍ରା ବାହାରିଥିଲେ। ଏହା ଦ୍ୱାରା ପ୍ରାକୃତିକ ପରିବେଶର ସୁରକ୍ଷା ସହିତ ଅପସଂସ୍କୃତି ରୋକାଯାଇପାରିବ।

# ନୂତନ ପେନ୍‌ସନ ଯୋଜନା ଉଚ୍ଛେଦ ଦାବି

**ଶିକ୍ଷକଙ୍କ ବିକ୍ଷୋଭ, ଦାବିପତ୍ର ପ୍ରଦାନ**

ଦେଓଗାଁ/ ଲୋଇସିଂହା/ ଖପ୍ରାଖୋଲ/ ଟିଟିଲାଗଡ଼/ ସଇଁତଳା/ବେଲପଡ଼ା,୧୫।୧୦(ଡି.ଏନ.ଏ)

ନୂତନ ପେନସନ ବ୍ୟବସ୍ଥାର ବିରୋଦ କରି ଶନିବାର ବଲାଙ୍ଗୀର ଜିଲାର ବିଭିନ୍ନ ବ୍ଲକର ଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟ ସରକରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ଦେଓଗାଁ ବ୍ଲକ ଶିକ୍ଷକ ସଂଘ ସଭାପତି ମୋହନ ଦଲାଇଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜନ କରାଯାଇଥିଲା। ସୁଶାନ୍ତ କୁମାର ଷଡଙ୍ଗୀ, ସଞ୍ଜୀବ କୁମାର ଷଡଙ୍ଗୀ, ତାରାଚନ୍ଦ୍ର ସାମଲ, ଏକ୍ସକ୍ୟାଡର ଶିକ୍ଷକ ସଙ୍ଘ ତରଫରୁ ଜ୍ୟୋତିଲାଲ ସାହୁ, ମହେନ୍ଦ୍ର ଦାସ, ପ୍ରଫୁଲ୍ଲ ପୋଢ ଏବଂ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ ତରଫରୁ ଅମିତାଭ ବାରିକ, ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ନୂତନ ପେନସନ ଯୋଜନାକୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଦାବି କରିଥିଲେ ।

ଲୋଇସିଂହା ବ୍ଲକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଏକ ରାଲି, ପ୍ରତିବାଦ ସଭା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ମିଳିତ ଶିକ୍ଷକ ସଂଘ ସଭାପତି କରୁଣାକର ପଟେଲଙ୍କ ନେତୃତ୍ୱରେ କାର୍ଯ୍ୟରତ ୩ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଅଗ୍ରସେନ ଭବନରୁ ବ୍ଲକ ପରିସର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଅନୁଷ୍ଠିତ ପ୍ରତିବାଦ ସଭାରେ ସଭାପତି ପଟେଲ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ନରେନ୍ଦ୍ର ରଣା ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାର ୨୦୦୫ ପରେ ଚାକିରୀରେ ଯୋଗଦାନ କରିଥିବା ସରକାରୀ କର୍ମଚାରୀଙ୍କ ପାଇଁ ଲାଗୁ କରିଥିବା ନୂତନ ପେନସନ ବ୍ୟବସ୍ଥାକୁ ନିନ୍ଦା କରିଥିଲେ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଅବସର ପରେ ଶିକ୍ଷକମାନେ ସମସ୍ୟାର ସମ୍ମୁଖୀନ ହେବେ। ଏଣୁ ନୂତନ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପଦ୍ଧତି ପୁନଃ ଲାଗୁ କରିବାକୁ ସରକାରଙ୍କୁ ଆହ୍ୱାନ ଦିଆଯାଇଥିଲା। ସମ୍ପାଦକ ପର୍ଶୁ ସୁନା, ବିଷ୍ଣୁପ୍ରିୟା ଦାସ, କରୁଣାକର ବିଶ୍ୱାଳ, ସତ୍ୟନାରାୟଣ ପଧାନ, ଜଳନ୍ଧର ତରିଆ, ଅରୁନ୍ଧତୀ ରଣାଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ବକ୍ତବ୍ୟ ଦେଇଥିଲେ।

ଖପ୍ରାଖୋଲ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ସ୍ଥାନୀୟ ପାର୍କଠାରୁ ଏକ ଶୋଭାଯାତ୍ରାରେ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ୨୦୦୫ରୁ ସରକାର ଲାଗୁ କରିଥିବା ନୂତନ ପେନସନ ନୀତିର ସୁଫଳ ଶିକ୍ଷକମାନେ ପାଉ ନ ଥିବା ଅଭିଯୋଗ କରିଥିଲେ। ଏପରିକି ନିଜ ଦରମାକୁ ବ୍ୟାଙ୍କରେ ନିବେଶ କରି ପେନସନ ହିସାବରେ ମାତ୍ର ୨ହଜାର ଟଙ୍କା ମିଳୁଥିବା ଅଭିଯୋଗ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ସଂଘ ସଭାପତି ସୁଶୀଲ କୁମାର ପୋଢ଼, ସମ୍ପାଦକ ଗୋଲାପ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

ଟିଟିଲାଗଡ ବ୍ଲକ ଏନପିଏସ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକ ଏନପିଏସ ସଂଘ ସଭାପତି ଗୋପାଳ ସିଂ ସୁନା, ସମ୍ପାଦକ ପ୍ରଦୀପ୍ତ କୁମାର ତ୍ରିପାଠୀ, ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ସେବକ ଚରଣ ବେହେରା, ସମ୍ପାଦକ ଥରିନ୍ଦ ବାଗ, କନିଷ୍ଠ ଶିକ୍ଷକ ସଂଘ ସଭାପତି ରଜତ ଛତର, ପ୍ରାଥମିକ ଶିକ୍ଷକ ସଂଘ ଉପଦେଷ୍ଟା ସୁଶାନ୍ତ କୁମାର ପଣ୍ଡା ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ସଇଁତଳା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଆଶିଷ କୁମାର ସିଂ ଭୋଇଙ୍କ ନେତୃତ୍ୱରେ ଏନପିଏସ, ଏକ୍ସ କ୍ୟାଡ଼ର, ଏସଏସ ଓ ଜେଟି ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କର ଏକ ଶୋଭାଯାତ୍ରା ସ୍ଥାନୀୟ ଗଜଲକ୍ଷ୍ମୀ ପୂଜାମଣ୍ଡପ ନିକଟରୁ ବାହାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଧାରଣାରେ ବସିଥିଲେ। ସଭାରେ ତପନ କୁମାର ଦାଶ, ଆଶିଷ ସିଂ ଭୋଇ, ସନ୍ତୋଷ କୁମାର ଗୁପ୍ତା, ବିନୋଦ ନାଗ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପରେ ଏକ ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଦିଲୀପ ବର୍ଗର୍ତ୍ତି, ଆଦିତ୍ୟ ରଣା, କ୍ଷେତ୍ରପତି ଜାଲ, ସରୋଜ କୁମାର ବୈଠାରୁ, ମନୋଜ ସାହୁଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।

ବେଲପଡା ଏନପିଏସ ଶିକ୍ଷକ ସଂଘ ସଭାପତି ନରେଶ ସେଠ, ସମ୍ପାଦକ ଯୁବରାଜ ବିଭାରମ୍‌ଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ସେଠାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧୀକାରୀ ଜଗବନ୍ଧୁ ମାଝିଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ଶିକ୍ଷକ ମାନେ ବେଲପଡା ବ୍ଲକ ଅଫିସକୁ ଯାଇ ଅନୁରୂପ ଭାବେ ବିକ୍ଷୋଭ ପ୍ରଦର୍ଶନ କରଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶିକ୍ଷକ ଦୁର୍ଯ୍ୟୋଧନ ଚିରାଙ୍ଗୁଲ, ନରେଶ ସେଠ, ଯୁବରାଜ ବିଭାର, ଗୋବିନ୍ଦ ମେହେର, ଛନ୍ଦାଚରଣ ପଣ୍ଡା, ଦିଲୀପ ପାଢୀ ପ୍ରମୁଖ ସରକାରଙ୍କ ଶିକ୍ଷକ ମାରଣ ନୀତିକୁ ସମାଲୋଚନା କରିଥିଲେ।



ଖପ୍ରାଖୋଲରେ ଶିକ୍ଷକମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ୫-ଟି ହାଇସ୍କୁଲ ପରିଦର୍ଶନ କଲେ ଛାତ୍ରୀଛାତ୍ର

ଅମରପାଲି (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲ ଛାତ୍ରୀଛାତ୍ର ମୁର୍ଷୁଣି ୫ଟି ହାଇସ୍କୁଲ ପରିଦର୍ଶନ କରିଛନ୍ତି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ସ୍କୁଲର ୫୨ ଜଣ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ ୫ଟି ସ୍କୁଲ ପାଠାଗାର, ବିଜ୍ଞାନଗାର, ସ୍ମାର୍ଟ କ୍ଲାସରୁମ, କମ୍ପ୍ୟୁଟର ଶିକ୍ଷା, ସ୍କୁଲ ର ସାଜସଜ୍ଜା ବୁଲି ଦେଖିଥିଲେ। ମୁର୍ଷୁଣି ୫ଟି ହାଇସ୍କୁଲ ପ୍ରଧାନଶିକ୍ଷକ କାଳିଆ କର୍ମୀ ଓ ଅନ୍ୟ ଶିକ୍ଷକ ପିଲାଙ୍କୁ ସ୍ମାର୍ଟ କ୍ଲାସରୁମରେ ପାଠପଢ଼ା କିଭଳି ହେଉଛି ଦେଖାଇଥିଲେ। ଅମରପାଲି ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପଦ୍ମନାଭ ପ୍ରଧାନ, ସଂସ୍କୃତ ଶିକ୍ଷକ ବ୍ରହ୍ମାନନ୍ଦ ପ୍ରଧାନ ଓ ନଟିଆ ଚରଣ ସାହୁ ଥିଲେ।

## ସଂକ୍ଷେପରେ

### ତହସିଲ ଅଫିସ ଘେରାଉ ପାଇଁ ପ୍ରସ୍ତୁତି

**ପାଇକମାଲ,୧୫।୧୦(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ବ୍ଲକ ରାଜବୋଡାସମ୍ବର କୃଷକ ସଙ୍ଗଠନର ଏକ ବୈଠକ ପାଇକମାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବହୁ ଚାଷୀ ଯୋଗଦେଇ ୨୦୨୧ ଫସଲ ବୀମାରାଶି ଏଯାଏ ମିଳି ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଆସନ୍ତା ୨୫ ତାରିଖ ସୁଦ୍ଧା ବୀମାରାଶି ଚାଷୀମାନଙ୍କ ଖାତାକୁ ନ ଆସିଲେ, ୨୮ତାରିଖରେ ପାଇକମାଲ ତହସିଲ ଅଫିସ୍ ଘେରାଉ କରାଯିବ ବୋଲି ସଭାପତି ବିଶ୍ୱନାଥ ରଣା ଜଣାଇଛନ୍ତି। ବୈଠକରେ ରାହାସ ବିହାରୀ ସାହୁ, ବାଳକୃଷ୍ଣ ବନଛୋର ଭଗବାନ ପ୍ରଧାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ଯୁଧିଷ୍ଠିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବରଗଡ଼ ଆଞ୍ଚଳିକ ଥନାପତି ସଭା ପୁନର୍ଗଠିତ

**ବରଗଡ଼ ଅଫିସ/ସରଣ୍ଡା,୧୫।୧୦:** ଥନାପତି ଜାତି ସମାଜର ପଶ୍ଚିମ ଓଡ଼ିଶାରେ ଥିବା ୧୩ ସଭାକୁ ଏବେ ସକ୍ରିୟ କରାଯାଉଛି। ଏହି ଅବସରରେ ଶନିବାର ବରଗଡ଼ ଥନାପତି ଆଞ୍ଚଳିକ ସଭାକୁ ସର୍ଲା ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ପୁନର୍ଗଠନ କରାଯାଇଛି। ଏହି ସଭାରେ ସର୍ଲା, କୁର୍ଲା, ବନ୍ଧା, ଖଲିଆପାଲି, ବରଗାଁ, କଟାପାଲି, ଉପରଝର ଗ୍ରାମର ସଦସ୍ୟମାନେ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ ଖଗେଶ୍ୱର ମହାପାତ୍ର ସଭାପତି, ଭକ୍ତବନ୍ଧୁ ମହାପାତ୍ର ଉପସଭାପତି, ବିଦ୍ୟାଧର ମହାପାତ୍ର ସମ୍ପାଦକ, ସୌରୀନାରାୟଣ ମହାପାତ୍ର ସହ ସମ୍ପାଦକ, ଘନଶ୍ୟାମ ମହାପାତ୍ର କୋଷାଧ୍ୟକ୍ଷ ଏବଂ ସଂସାର ମହାପାତ୍ର ଓ ଟିକେଲାଲ ମହାପାତ୍ର ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ। ସମାଜର ଜାତି ଭାବେ ପଞ୍ଚମ ମହାପାତ୍ର ଓ ସୁବାଷ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି।

### କମଗାଁ କଲେଜରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ, ୧୫।୧୦:** ବରଗଡ଼ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଶନିବାର କମଗାଁ ଯୁକ୍ତ ୨ କଲେଜରେ ସ୍ୱଚ୍ଛତା ହିଁ ସେବା ସଚେତନତା କାର୍ଯ୍ୟକ୍ରମ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରେମାନନ୍ଦ ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଯୁବକେନ୍ଦ୍ରର ମୁଖ୍ୟ ରୋଶନ ଟଣ୍ଡନ, ତ୍ରିଲୋଚନ ଶତପଥି, ପରିବେଶବିତ୍ ସଞ୍ଜୟ ଖମାରି, ବରଗଡ ଜିଲା କ୍ରୀଡା ଅଧିକାରୀ ତୁଷାରକାନ୍ତି ମିଶ୍ର, କଲେଜର ପୂର୍ବତନ ସଭାପତି ପ୍ରବୋଧ କୁମାର ପ୍ରଧାନ ପ୍ରମୁଖ ଯୋଗଦାନ କରି ଛାତ୍ରୀଛାତ୍ରଙ୍କ ସ୍ୱଚ୍ଛତା ଏବଂ ସମାଜସେବାରେ ଯୋଗଦାନ ବିଷୟରେ ଆଲୋକପାତ କରିଥିଲେ। ନିଜକୁ ସୁସ୍ଥ ରଖିବା ପାଇଁ କ୍ରୀଡା ଏକ ଉପଯୁକ୍ତ ମାଧମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିବେଶ ସନ୍ତୁଳନ ସହିତ ସ୍ୱଚ୍ଛତା ପ୍ରତି ଅଧିକ ଯତ୍ନଶୀଳ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ବକ୍ତାମାନେ ପରାମର୍ଶ ଦେଇଥିଲେ। କଲେଜର ଜାତୀୟ ସେବା ଯୋଜନା ପୁରୁଷ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଅମୀୟ ପଟେଲ, ମହିଳା ବିଭାଗ ଅଧିକାରୀ ଦୀପିକା କୁମାରୀ, ରେଡ୍‌କ୍ରସ ଅଧିକାରୀ ଅଧାପିକା ଟୁନି ବେହେରାଙ୍କ ତତ୍ତ୍ୱାବଧାନରେ କଲେଜ ପରିସରରେ ଅଦରକାରୀ ପ୍ଲାଷ୍ଟିକ ନଷ୍ଟ କରାଯାଇଥିଲା। ଶିବିରରେ ପ୍ରାଧାପକ ହରେକୃଷ୍ଣ ଦେବତା, ରବି ନାରାୟଣ ସାହୁ, ଅରବିନ୍ଦ ଦାଶ, ଶ୍ୟାମ ସୁନ୍ଦର ସାହୁ, ଅନୁପମା ପଣ୍ଡା, ସମସ୍ତ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

# ଯୁବପିଢ଼ି ଚାହିଁଲେ ଦେଶରେ ପରିବର୍ତ୍ତନ ଆସିବ

**ସୋନପୁର,୧୫।୧୦(ନି.ପ୍ର.)**



ରାମପୁର ମହିଳା କଲେଜର ଛାତ୍ରୀ ମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ।

ସୁବର୍ଣ୍ଣପୁର ମାଟିର କଳା, ସଂସ୍କୃତି ଓ ପରମ୍ପରା ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି। ଏଠାକାର ଯୁବପିଢ଼ୀଙ୍କ ଭିତରେ ସ୍ୱତନ୍ତ୍ରତା ରହିଛି। ସେମାନଙ୍କୁ ସଠିକ୍ ମାର୍ଗଦର୍ଶନ ମିଳିବା ଉଚିତ। କାରଣ ଯୁବପିଢ଼ୀ ଚାହିଁଲେ ହିଁ ଦେଶର ପରିବର୍ତ୍ତନ ଆସି ପାରିବ ବୋଲି ସ୍ଥାନୀୟ ସଂସ୍କୃତି ଭବନ ସଭାଗୃହରେ ଆୟୋଜିତ ଜିଲାସ୍ତରୀୟ ଯୁବ ଉତ୍ସବ ଓ ଯୁବ ସମ୍ବାଦ କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ ମତପ୍ରକାଶ କରିଛନ୍ତି। ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଅବୋଲି ସୁନିଲ ନରୱଣେ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ. ଜ୍ୟୋତି ରଞ୍ଜନ ବହିଦାର, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ଜିଲା ଯୁବ ଅଧିକାରୀ ଏ.ଭି ନରସିଂହା କୁମାର ଓ ଶରତ କୁମାର ଶତପଥୀ ଯୋଗଦେଇଥିଲେ। ସଭାକୁ ପ୍ରଦ୍ୟୁମ୍ନ କୁମାର ସାହୁ ପରିଚାଳନା କରିଥିଲେ। ଉତ୍ସବରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବତୀ ଯୁବକ ମାନଙ୍କ

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଯୁବ ଉତ୍ସବ**

ମଧ୍ୟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବକ୍ତୃତାରେ ସ୍ୱାଗତ କୁମାର ମିଶ୍ର ପ୍ରଥମ, ଜ୍ୟୋତିର୍ମୟୀ ନାଗ ଦ୍ୱିତୀୟ ଓ ମୌସୁମୀ ରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଯୁବ ସମ୍ମିଳନୀରେ ସୋନିଆ ମହାକୁଡ, ଅଭିଶେକ ନାଏକ, ଶୁଭମ ପ୍ରଧାନ ଓ ପରମିତା ପଣ୍ଡା କୃତିତ୍ୱ ଅର୍ଜନ କରିଥିଲେ। କବିତା ପାଠରେ ଲକ୍ଷ୍ମୀପ୍ରିୟା ବାଘ, ଚିତ୍ରାଙ୍କନରେ ରୋହନ ମେହେର, ଦଳଗତ ନୃତ୍ୟ ପ୍ରତିଯୋଗିତାରେ ବଡକର୍ଲେର ବୀଣାପାଣି ସାହିତ୍ୟ ଓ କଳା ସଂସଦ ପ୍ରଥମ ହୋଇଥିବା ବେଳେ ରାମପୁର ମହିଳା ମହାବିଦ୍ୟାଳୟ ଏବଂ ନ୍ୟୁଷ୍ଟାର କ୍ଲବ ଝୁପୁଡି ପଡା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ରର ବିପିନ ବିହାରୀ ଜେନା ସଂଯୋଜନା କରିଥିଲେ। କୃତି ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାଗୁଡିକରେ ବିଚାରକଭାବେ ପ୍ରଦ୍ୟୁମ୍ନ ସାହୁ, ଡକ୍ଟର ଜ୍ୟୋତିରଞ୍ଜନ ବହିଦାର, ଚୌଧୁରୀ ବିଭାର, ଶ୍ରୀଧର ବାଗ, ଗତିକୃଷ୍ଣ ମିଶ୍ର, ଦୀନେଶ ରଞ୍ଜନ ମିଶ୍ର, ଜ୍ୟୋତିରାଦିତ୍ୟ ପିନାକି ପଣ୍ଡା, ସୌରଭ ରଞ୍ଜନ ଖମାରୀ, ଶ୍ୟାମ ସୁନ୍ଦର ମେହେର, ରଞ୍ଜିତା ପଣ୍ଡା ଓ ଦିଲ୍ଲିପ କୁମାର ସିଂହଦେଓ ଯୋଗ ଦେଇଥିଲେ। ଶମ୍ଭୁ କର୍ଣ୍ଣ, ବିଶ୍ୱଜିତ ସାହୁ, ହୃଷିକେଶ ଦେହୁରୀ, ଧବଳେଶ୍ୱର ଭୁକ୍ତା, କୃପାସିନ୍ଧୁ ସା, ଅଜିତ ନାଏକ, ଜଗତ ଖମାରୀଙ୍କ ସମେତ ଜିଲାର ସମସ୍ତ ବ୍ଲକର ଜାତୀୟ ସ୍ୱେଚ୍ଛାସେବୀ ମାନେ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

# ଅତାବିରାରେ ଚାଷୀ ସମାବେଶ

**ଜାମଟିକ୍ରା, ୧୫।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ମାର୍କେଟରେ ଶନିବାର ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କୃଷକ ସଙ୍ଗଠନ ସଭାପତି ବିରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ବରଗଡ଼ ଉପଜିଲାପାଳ ଲାଲଟ କୁମାର ଲୁହା ଯୋଗଦାନ କରିଥିଲେ। ଚାଷୀମାନେ ସେମାନଙ୍କ ବିଭିନ୍ନ ଚାଷ ସମ୍ପର୍କୀୟ ସମସ୍ୟା ସହ ଅତାବିରା ମାର୍କେଟରେ ଧାନ ଚୋରି ହେଉଥିବାରୁ ମାର୍କେଟର ସମସ୍ତ ରାସ୍ତାକୁ ବନ୍ଦ କରି ପାଚେରି ନିର୍ମାଣ କରିବା ପାଇଁ ଉପଜିଲାପାଳଙ୍କୁ ଦାବି ଜଣାଇଥିଲେ। ସମାବେଶରେ ଅତାବିରା ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ଦାସ, ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ପ୍ରଦୀପ କୁମାର ବେସନ ଓ ବ୍ଲକର ଶତାଧିକ ଚାଷୀ ଯୋଗ ଦେଇଥିଲେ। ଚାଷୀ ସଙ୍ଗଠନର ସୁବାସ ବିଶ୍ୱାଳ, ଟିକେଲାଲ ମିଶ୍ର, ରବିନ୍ଦ୍ର ବିଶି, ଚୈତନ୍ୟ କର୍ଣ୍ଣ, ଚିତ୍ତରଞ୍ଜନ ଭୋଇ, ସୁରେନ୍ଦ୍ର ସ୍ୱାଇଁ, ଦଶରଥ ଭୋଇ, ରାମବାବୁ, ପାପାରାଓ, ବୁଦ୍ଧଦେବ ନନ୍ଦ, ଭୁବନ ପଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ମଧ୍ୟାହ୍ନଭୋଜନର ମାନ ଯାଞ୍ଚ କଲେ ଏଡିଇଓ

**ବରଗଡ଼ ଅଫିସ,୧୫।୧୦**


ବରଗଡ଼ ଏଡିଇଓ ମଧ୍ୟାହ୍ନଭୋଜନ ଖାଇ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି।

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଛାତ୍ରୀଙ୍କ ଗହଣରେ ମଧ୍ୟାହ୍ନଭୋଜନ ଖାଇ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିଥିଲେ। ସ୍ଥାନୀୟ କାଉନସିଲର ସାରଳା ବଗର୍ତ୍ତି, ପ୍ରଧାନ ଶିକ୍ଷୟିତ୍ରୀ ରେଣୁଦାସ ଶର୍ମା ଉପସ୍ଥିତ ଥିଲେ। ଏହି ଅବସରରେ ଏଡିଇଓ ସାହୁ ତଥା କାଉନସିଲର ବଗର୍ତ୍ତି ବିଦ୍ୟାଳୟରେ ଚାଲିଥିବା ମଧ୍ୟାହ୍ନ ଭୋଜନର ସୁପରିଚାଳନା ସମ୍ବନ୍ଧରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରି ବୁଝିବା ସହିତ ଛାତ୍ରୀମାନେ ଭୋଜନ କରୁଥିବା ଭୋଜନସ୍ଥଳ ଓ ରୋଷେଇଘର ପରିଦର୍ଶନ କରିଥିଲେ। ଖାଇବା ପୂର୍ବରୁ ଛାତ୍ରୀମାନେ ଯେପରି ନିୟମିତ ହାତ ଧୋଇବେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମଧ୍ୟାହ୍ନ ଭୋଜନ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ଏଡିଇଓ ପରାମର୍ଶ ଦେଇଥିଲେ।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅଣ୍ଡା ଉତ୍ପାଦନକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୫।୧୦**

**ବରଗଡ଼ରେ ବିଶ୍ୱ ଅଣ୍ଡା ଦିବସ**

ବରଗଡ଼ ଜିଲା ପ୍ରାଣୀ ସମ୍ପଦ ବିକାଶ ପକ୍ଷରୁ ଶୁକ୍ରବାର ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଛି। ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅଣ୍ଡାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମାଜରେ ପୁଷ୍ଟିହୀନତା ଏବଂ ଅପପୁଷ୍ଟି ଦୂର କରିବାରେ ଅଣ୍ଡା ଉତ୍ପାଦନ ଓ ଖାଦ୍ୟରେ ଏହାର ବହୁଳ ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟିକୁ ସେ ଗୁରୁତ୍ୱ ଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ନୀଳମଣି ଦୀପ ଅଧ୍ୟକ୍ଷତା କରି ବିଶ୍ୱ ଅଣ୍ଡା ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ମହିଳା ଓ ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଅଣ୍ଡା ଏକ ସମ୍ପୂର୍ଣ୍ଣ ପୁଷ୍ଟିକର ଖାଦ୍ୟ ବୋଲି ସେ କହିଥିଲେ। ରାଜ୍ୟରେ ଅଣ୍ଡା ଉତ୍ପାଦନ ବୃଦ୍ଧି ପାଇଁ ବିଗତ ବର୍ଷରେ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ। ଏହାଦ୍ୱାରା ପୁଷ୍ଟିହୀନତା ସମସ୍ୟାର ସମାଧାନ ସହିତ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଦୀପ ମତବ୍ୟକ୍ତ କରିଥିଲେ। ଲିଡ୍ ବ୍ୟାଙ୍କ ମ୍ୟାନେଜର ମହେଶ୍ୱର ସାହୁ, ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରତାପ କିଶୋର ଖମାରୀ, ପୂର୍ବତନ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ପଣ୍ଡା ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅଣ୍ଡା ଉପରେ ବୈଜ୍ଞାନିକ ତଥ୍ୟ ଦେବା ସହିତ ଅଣ୍ଡାର ଉପାଦେୟତା ଏବଂ ସାମ୍ପ୍ରତିକ ପରିସ୍ଥିତିରେ ସରକାରୀ ସ୍ତରରେ ହେଉଥିବା ଉଦ୍ୟମ ଉପରେ ଆଲୋକପାତ କରିଥିଲେ। କୁକୁଡ଼ା ଚାଷୀ ବି. ବି. ଚୌଧୁରୀ ଏବଂ ଭି. ରାଜୁ ବ୍ୟବସାୟିକ ଅଣ୍ଡା ଉତ୍ପାଦନ ଉପରେ ଆଲୋଚନା କରିଥିଲେ ।

ପାଇକମାଳ କସ୍ତୁରବା ଗାନ୍ଧୀ ମାତୃ ନିକେତନ, ଗାଇସିଲେଟର ଗୋପବନ୍ଧୁ ସେବାଶ୍ରମ ଅନ୍ତେବାସୀଙ୍କୁ ଅଣ୍ଡା ବଣ୍ଟନ କରାଯାଇଥିଲା। ଏହାସହିତ ତୋରା ସରକାରୀ ଉଚ୍ଚ ବିଦ୍ୟାଳୟ, ସିମେଣ୍ଟନଗର ହାଇସ୍କୁଲଠାରେ ଅଣ୍ଡା ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ନାୟକ, କୁଚିପାଲି ପ୍ରାଣୀ ଚିକିତ୍ସାଧିକାରୀ ଡା. ମିଲି ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ବିରୁପାକ୍ଷ ନାୟକ, ଡା. ଦେବାଶିଷ ଦାଶ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ରବୀନ୍ଦ୍ର ହୋତା ସହଯୋଗ କରିଥିଲେ। ପଦ୍ମପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ପର୍ଶୁରାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଙ୍କୁ ଆତ୍ମସୁରକ୍ଷା କୌଶଳ ଶିକ୍ଷା

**ବରଗଡ଼ ଅଫିସ, ୧୫।୧୦**

ବରଗଡ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ସ୍କୁଲର ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଇଛି। ଏହି ଅବସରରେ ଓଡିଶା ପୋଲିସ ଆନୁକୂଲ୍ୟରେ ବୀରାଙ୍ଗନା କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଶନିବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ଉଦ୍‌ଘାଟନ କରିଥିବାବେଳେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଛାତ୍ରୀମାନେ ନିଜକୁ ଦୁର୍ବଳା ବୋଲି ବିବେଚନା ନ କରି ଆତ୍ମବିଶ୍ୱାସର ସହ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେହି କୌଶଳକୁ ଆପଣେଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓଡିଶା ପୋଲିସ ତରଫରୁ ବିଭିନ୍ନ ଆତ୍ମ ସୁରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ବିକାଶରେ କ୍ୟାମ୍ପସ ପ୍ଲେସ୍‌ମେଣ୍ଟ ଡ୍ରାଇଭ


ବିକାଶରେ ଅନୁଷ୍ଠିତ କ୍ୟାମ୍ପସ ପ୍ଲେସମେଣ୍ଟ ଡ୍ରାଇଭ୍ ।

**ବରଗଡ଼ ଅଫିସ,୧୫।୧୦**

ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜରେ ବେଦାନ୍ତ ଗ୍ରୁପ୍ ପକ୍ଷରୁ ଅନ୍ କ୍ୟାମ୍ପସ୍ ପ୍ଲେସମେଣ୍ଟ ଡ୍ରାଇଭ୍ ଅନୁଷ୍ଠିତ ହୋଇଛି। ଉକ୍ତ ଚୟନ ପ୍ରକ୍ରିୟାରେ ବିକାଶ ଡିଗ୍ରୀ କଲେଜ, ବରଗଡ଼ ଓ ଭବାନୀପାଟଣା କ୍ୟାମ୍ପସର ୩୭ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅନ୍ତିମ ପର୍ଯ୍ୟାୟରେ ୨୮ଜଣ ତାଲିକାଭୁକ୍ତ ହୋଇଛନ୍ତି। ଅନ୍ତିମ ପର୍ଯ୍ୟାୟ ସଫଳତାର ସହିତ ସମ୍ପୂର୍ଣ୍ଣ ହୋଇଥିବାବେଳେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ବେଦାନ୍ତର ଲାଞ୍ଜିଗଡ଼ ଶାଖାରେ ଯୋଗଦେବାର ସୁଯୋଗ ପାଇବେ ବୋଲି ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସମାରୋହରେ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉନ୍ନତ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥିଲେ ଏବଂ ବେଦାନ୍ତର ମାନବ ସମ୍ବଳ ବିଭାଗ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଅଣ୍ଡର ଗ୍ରାଜୁଏଟ୍ କ୍ୟାମ୍ପସ୍ ପ୍ଲେସମେଣ୍ଟର ସଫଳତା ଉପରେ ଆଲୋକପାତ କରି ପ୍ଲେସମେଣ୍ଟ ସେଲ୍‌ର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ୩ ପର୍ଯ୍ୟାୟରେ ଅନୁଷ୍ଠିତ ଏହି ପ୍ଲେସମେଣ୍ଟ ଡ୍ରାଇଭକୁ ଉପାଧ୍ୟକ୍ଷ ଆର୍. ଏସ. ଭି କ୍ରୀଷ୍ଣା ସଂଯୋଜନା କରିଥିଲେ। ଅଧ୍ୟାପକ ଅଂଶୁମାନ ବେହେରା ଏବଂ ଆଶିଷ ନାଏକ ସହଯୋଗ କରିଥିଲେ।

# ଜ୍ଞାନବିଜ୍ଞାନ ମେଳାରେ ୧୨୦ ପ୍ରକଳ୍ପ

**ବିନିକା, ୧୫।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ସିଲାଟିରେ ଥିବା ଲୀଳା ସାହାଜୀ ବିଦ୍ୟା ମନ୍ଦିରରେ ଶନିବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ସୌମିତ୍ରି ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମେଳାକୁ ଅବସରପ୍ରାପ୍ତ ଏବିଇଓ ଗୋପାଳଜି ହୋତା ଓ ଅବସରପ୍ରାପ୍ତ ବିଇଓ ସନ୍ତୋଷ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବଲାଙ୍ଗୀର ଯୋଗ ବେଦାନ୍ତ ସେବା ସମିତିର ଧର୍ମେନ୍ଦ୍ର ଭାଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗୁରୁକୁଳ ଶିକ୍ଷକ ଅରୁନେଶ ସାହୁ କାର୍ଯ୍ୟକ୍ରମ ଉପସ୍ଥାପନ, ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୧୨୦ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କଳା ପ୍ରଦର୍ଶନୀରେ ୨୦୦, ହସ୍ତକଳାରେ ୮୦, ରଙ୍ଗୋଲିରେ ୫୦ଜଣ ଭାଗ ନେଇଥିଲେ । ବିଚାରକ ଭାବେ ଶିକ୍ଷକ ଗୋପାଳ ଜାଲ, ସୂର୍ଯ୍ୟ ମେହେର, ବିଜୟ ସାହୁ, ଦେବଦତ୍ତ ପଣ୍ଡା, ଆଶୁତୋଷ ଗୌଡ, ଲିଙ୍ଗରାଜ ସେଠ, ଶିକ୍ଷୟିତ୍ରୀ ରିକି ମେହେର, ବନ୍ଦନା ଥନାପତି ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ ।

# ପାଇକମାଳରେ ଆୟୁର୍ବେଦ କର୍ମଶାଳା


ବରିଷ୍ଠ ନାଗରିମାନଙ୍କୁ ଜୀବନଚର୍ଯ୍ୟା ଉପରେ ତାଲିମ ପ୍ରଦାନ କରାଯାଉଛି।

**ପାଇକମାଳ,୧୫।୧୦(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ଧର୍ମଶାଳା ପରିସରରେ ଶନିବାର ନୃସିଂହନାଥ ଆୟୁର୍ବେଦ କଲେଜ ତରଫରୁ ହର୍ ଦିନ୍ ହର୍ ଘର୍ ଆୟୁର୍ବେଦ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ କଲେଜର ସମ୍ପାଦକ ତଥା ପ୍ରଶାସକ ମନୋଜ ତ୍ରିବେଦୀ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ୪୮ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ପ୍ରଫେସର ଡାକ୍ତର ଅରୁଣ ଠାକୁର, ଡାକ୍ତର ସୁଶାନ୍ତ ସାହୁ ଯୋଗଦେଇ ବୃଦ୍ଧାବସ୍ଥାରେ ଜୀବନଚର୍ଯ୍ୟା, ଖାଦ୍ୟପେୟ ଓ ଯୋଗ ଅଭ୍ୟାସ କରି ଶରୀରକୁ କିପରି ସୁସ୍ଥ ରଖିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତର ସୋନାଲିକା ସାହୁ, ସୋନାଲି ପ୍ରଧାନ, ଜସ୍ମିନ ସାହୁ, ମଧୁସ୍ମିତା ସାମନ୍ତରାୟ, ଅନିଶା ଶତପଥି, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଭାଗ୍ୟଶ୍ରୀ ଶବର, ଓ ରଶ୍ମିତା ପାଢୀ ପ୍ରମୁଖ ଯୋଗ, ପ୍ରାଣାୟାମ କରି ଦେଖାଇଥିଲେ। ଡାକ୍ତର ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅମ୍ବାପାଲିରେ ଗୋପପୁର କମିଟି ବୈଠକ

**ବରଗଡ଼ ଧନୁଯାତ୍ରା**

**ବରଗଡ଼ ଅଫିସ୍,୧୫।୧୦**

ବରଗଡ଼ ଧନୁଯାତ୍ରା ଆସନ୍ତା ଡିସେମ୍ବର ୨୭ତାରିଖରେ ଆରମ୍ଭ ହେବ। ଏହି କ୍ରମରେ ଶନିବାର ଅମ୍ବାପାଲିରେ ଗୋପପୁର କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧନୁଯାତ୍ରା ମହୋତ୍ସବ ସମିତି ଏବଂ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ଏହି ବୈଠକରେ ଉପଜିଲାପାଳ ଲଲାଟ ଲୁହା, ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥି ପ୍ରମୁଖ ଯୋଗଦାନ କରିଥିଲେ। ଚଳିତବର୍ଷ ବରଗଡ଼ ଧନୁଯାତ୍ରା ୭୫ବର୍ଷରେ ପଦାର୍ପଣ କରୁଥିବାରୁ ଏଥର ମହୋତ୍ସବକୁ କିଭଳି ଅଧିକ ଆକର୍ଷଣୀୟ କରାଯାଇପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ କୃଷ୍ଣ ମହାପାତ୍ର, ସୁରେଶ ମହାପାତ୍ର, ମହେନ୍ଦ୍ର ପୂଜାରୀ, ମହାଦେବ ବିର୍ତ୍ତିଆ, ଦୟାନିଧି ପ୍ରଧାନ, ଈଶ୍ୱର ବାଗ, ପଦ୍ମଲୋଚନ ମଲ୍ଲିକ, ସୁରେନ୍ଦ୍ର ମହାପାତ୍ର, ଜଗଦୀଶ ବିର୍ତ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଭେଡେନ, ଅତାବିରା, ବରପାଲି, ଝାରବନ୍ଧ ବିଜୟୀ


ମୁଖ୍ୟ ଅତିଥି ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି।

**ବରଗଡ଼ ଅଫିସ, ୧୫।୧୦**

**ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ**

ବରଗଡ଼ ସିମେଣ୍ଟ ନଗର ଉଚ୍ଚବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ୧୭ବର୍ଷରୁ କମ୍ ବାଳିକା ବାଳକ ବିଦ୍ୟାଳୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଶନିବାର ପଞ୍ଚମ ଦିବସରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍ ଭେଡେନ ଓ ବିଜେପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଭେଡେନ ବାଳକ ଦଳ ୩-୦ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ବରପାଲି ବାଳିକା ଓ ଅତାବିରା ବାଳିକା ଦଳ ମଧ୍ୟରେ ଅନୁଷ୍ଠିତ ହୋଇ ବରପାଲି ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ଭେଡେନ ଓ ଝାରବନ୍ଧ ବାଳିକା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଝାରବନ୍ଧ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍‌ରେ ଅତାବିରା ବ୍ଲକ ଦଳ ପ୍ରତିପକ୍ଷ ବରପାଲି ଦଳକୁ ୫-୨ ଗୋଲରେ ପରାସ୍ତ କରି ବିଜୟୀ ଘୋଷିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପୂର୍ବତନ କ୍ରୀଡା ଶିକ୍ଷକ ବୃନ୍ଦାବନ ଶତପଥୀ, ପୂର୍ବତନ ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚତୁର୍ଥ ମ୍ୟାଚ୍‌ରେ ସୋହେଲା ବିଇଓ ଅମୃତା ସାହୁ, ଭଟଲି ବିଇଓ ସରୋଜ ଭୁଏ, ପାଇକମାଳ ବିଇଓ ଚୂଡାମଣି ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ନିର୍ବାହୀ ଯନ୍ତ୍ରୀଙ୍କୁ ଘେରିଲା ଓକିଲ ସଂଘ

**ବିଦ୍ୟୁତ କାଟ୍‌ର ପ୍ରତିବାଦ**

**ବରଗଡ଼ ଅଫିସ୍,୧୫।୧୦**


ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଜିଲା ଓକିଲ ସଂଘ ପ୍ରତିନିଧି ଦଳଙ୍କ ଆଲୋଚନା ।

ବରଗଡ଼ ସହର ସମେତ ଜିଲାର ସବୁଆଡ଼େ ବିଦ୍ୟୁତ ସମସ୍ୟା ଲାଗି ରହିଛି। ଅଘୋଷିତ ବିଦ୍ୟୁତ କାଟ୍ ସାଧାରଣରେ ପରିଣତ ହୋଇଯାଇଛି। ଅନ୍ୟପଟେ ବକେୟା ବିଦ୍ୟୁତ ଦେୟ ଅସୁଲି ଜୋର୍ ଜବରଦସ୍ତ କରାଯିବା ସହିତ କେତେକ ସ୍ଥଳେ ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଛି। ଏଭଳି ଅଭିଯୋଗ ନେଇ ଶନିବାର ବରଗଡ଼ ଜିଲା ଓକିଲ ସଂଘ ଟିପିଡବ୍ଲ୍ୟୁଓଡିଏଲ ବରଗଡ଼ର ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡାଙ୍କୁ ଭେଟି ଦୃଢ଼ ପ୍ରତିବାଦ କରିଥିଲା। ଆସନ୍ତା ୧୦ଦିନ ମଧ୍ୟରେ ଉକ୍ତ ପ୍ରସଙ୍ଗ ଉପରେ ବିହିତ ପଦକ୍ଷେପ ନିଆ ନ ଗଲେ କଡ଼ା ବିରୋଧ କରାଯିବ ବୋଲି ସଂଘ ଚେତାବନୀ ଦେଇଛି ।

ଅପରାହ୍ନ ପ୍ରାୟ ୪ଟାରେ ଜିଲା ଓକିଲ ସଂଘ ସଭାପତି ଚନ୍ଦ୍ରଧ୍ୱଜ ଜାଲ ଏବଂ ସମ୍ପାଦକ ହରିହର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ଜିଲାବ୍ୟାପୀ ଦେଖାଯାଇଥିବା ବିଦ୍ୟୁତ୍ ସମସ୍ୟା ଉପରେ ନାନା ପ୍ରଶ୍ନ କରିଥିଲେ। ଅଘୋଷିତ ବିଦ୍ୟୁତ କାଟ୍‌ର ତୁରନ୍ତ ସମାଧାନ, ଉପଭୋକ୍ତାଙ୍କ ବିଦ୍ୟୁତ ଦେୟ ସମ୍ପୂର୍ଣ୍ଣ ଛାଡ଼ କରିବା, ବିଦ୍ୟୁତ ଦେୟ ଅସୁଲି ସମୟରେ ଉପଭୋକ୍ତାଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରିବାକୁ ସେମାନେ ଦାବି କରିଥିଲେ। ବିଭିନ୍ନ ସ୍ଥାନରେ ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ଟ୍ରାନ୍ସଫର୍ମର, ତାର ଅପସାରଣ କରିବାକୁ ମଧ୍ୟ ଦାବି ହୋଇଥିଲା। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଯନ୍ତ୍ରୀ ପଣ୍ଡା କହିଥିଲେ।